DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୧/୨୦୨୨ (୧୮ ପୃଷ୍ଠା) | Bhubaneswar, Wednesday, August 31/2022 | Page 18 | ₹ 7.00 | ★★★★★★
୪୮ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 276 | ମୂଲ୍ୟ ₹୭/-



# ୧.୨ ଲକ୍ଷ ହେକ୍ଟର ଜମିର ଫସଲ ନଷ୍ଟ

## ଅଗଷ୍ଟ ବର୍ଷା, ବନ୍ୟା

- ୨୪ ଜିଲା ପ୍ରଭାବିତ
- ଜଗତ୍‌ସିଂହପୁର, ପୁରୀ, କେନ୍ଦ୍ରାପଡ଼ାରେ ବ୍ୟାପକ କ୍ଷତି

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଚଳିତ ଅଗଷ୍ଟ ମାସ ବନ୍ୟାରେ ୧ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଲଘୁଚାପଜନିତ ବର୍ଷା ଓ ବନ୍ୟାରେ ୨୪ ଜିଲା କ୍ଷତିଗ୍ରସ୍ତ ହୋଇଛି। ସେଥିରୁ ୧୦ ଜିଲାରେ ଚାଷୀଙ୍କର ଫସଲ ଉଜୁଡ଼ିଯାଇଛି। ଜିଲା କୃଷି ଅଧିକାରୀଙ୍କ ଦ୍ୱାରା କୃଷି ବିଭାଗକୁ ଦିଆଯାଇଥିବା ପ୍ରାଥମିକ ବନ୍ୟା କ୍ଷୟକ୍ଷତି ରିପୋର୍ଟରେ ଏହା ଦର୍ଶାଯାଇଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲାର ଅଧିକ ଚାଷଜମିରେ ଫସଲ ଉଜୁଡ଼ିଯାଇଥିବା ରିପୋର୍ଟରେ କୁହାଯାଇଛି। ଜଗତ୍‌ସିଂହପୁରରେ ସର୍ବାଧିକ ୨ ହଜାର ୪୨୦ ହେକ୍ଟର ଚାଷ ଜମିରେ ଫସଲ କ୍ଷତି ହୋଇଛି। ସେହିପରି ପୁରୀ, କଟକ, କେନ୍ଦ୍ରାପଡା, ସୋନପୁର ଓ ବୌଦ୍ଧ ଜିଲାରେ ମଧ୍ୟ ଫସଲହାନି ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୁବର୍ଣ୍ଣରେଖା, ବୈତରଣୀ ଓ ବୁଢାବଳଙ୍ଗ ନଦୀରେ ବନ୍ୟା ଯୋଗୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଧନୁଆ ଓ କୁଶଭଦ୍ରା ନଦୀରେ ବନ୍ୟା ଯୋଗୁ ପୁରୀ ଜିଲାର ନିମାପଡ଼ା ବ୍ଲକ ଅଧୀନ ୧୮ ପଞ୍ଚାୟତର ୭ ହଜାର ହେକ୍ଟର ଧାନ ଓ ଅଣଧାନ ଫସଲ ନଷ୍ଟ ହୋଇଛି। ସେହିପରି ବନ୍ୟା ଯୋଗୁ ଆଠଗଡ଼ ଓ ଟିଗିରିଆ ଅଞ୍ଚଳରେ ପନିପରିବା ଚାଷ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଋଣ ନେଇ ଧାନ ଓ ପନିପରିବା ଚାଷ କରିଥିବା ବହୁ ଚାଷୀଙ୍କର ଫସଲ ଉଜୁଡ଼ିଯାଇଛି। ବ୍ୟାଙ୍କ ଓ ସମବାୟ ସମିତିରୁ ଋଣ ନେଇ ଅନେକ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ସେ ସବୁ ଚଳିତ ମାସ ବର୍ଷା ଓ ବନ୍ୟା ଯୋଗୁ ଧୋଇଯାଇଛି। ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ଅନ୍ୟପକ୍ଷରେ ପନିପରିବା ଚାଷ ନଷ୍ଟ ହେବା ଯୋଗୁ ଦର ଆକାଶଛୁଆଁ ହୋଇଛି। କେବଳ ବାଙ୍କୀ କିମ୍ବା ଆଠଗଡ଼ ନୁହେଁ, ସମଗ୍ର ରାଜ୍ୟରେ ପରିବା ଦର ବହୁ ପରିମାଣରେ ବଢ଼ିଯାଇଛି। ବାହାର ରାଜ୍ୟରୁ ଆସୁଥିବା ଟମାଟୋ ଓ ଅମୃତଭଣ୍ଡାକୁ ବାଦ ଦେଲେ ଅନ୍ୟ ସବୁ ପନିପରିବା ଦର ୫୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

**ମୋଦିଙ୍କ ଆଜାଦ**

# ୨୦୫୦ ସୁଦ୍ଧା ୫.୬ ଟ୍ରିଲିୟନ୍ ଡଲାର କ୍ଷତି

## ଜଳବାୟୁ ପରିବର୍ତ୍ତନର ଦୁଷ୍ପରିଣାମ

- ବନ୍ୟା, ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ଆମେରିକା
- ବିଗତ ୫୦ ବର୍ଷରେ ୪୦୦% ବଢ଼ିଛି ପ୍ରାକୃତିକ ବିପର୍ଯ୍ୟୟ

ୱାଶିଂଟନ,୩୦।୮

ଚଳିତ ବର୍ଷ ବିଶ୍ୱ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି ପ୍ରାକୃତିକ ବିପର୍ଯ୍ୟୟ। ପାକିସ୍ତାନରେ ବନ୍ୟା ଅନେକ ଲକ୍ଷ ଲୋକଙ୍କୁ ବାସଚ୍ୟୁତ କରି ୧,୦୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ଜୀବନ ନେଇସାରିଲାଣି। ଚାଇନାରେ ଗ୍ରୀଷ୍ମପ୍ରବାହ ଦେଶର ଅର୍ଥନୀତି ଓ ଯୋଗାଣ ଶୃଙ୍ଖଳକୁ ବହୁଳ ଭାବେ ପ୍ରଭାବିତ କରିଛି। ଆମେରିକାର ୱେଷ୍ଟ କୋଷ୍ଟରେ ୧,୨୦୦ ବର୍ଷର ରେକର୍ଡ ଭାଙ୍ଗିଛି ମହାମରୁଡ଼ି। ୟୁରୋପରେ କୋଇଲାଠୁ ନେଇ ଆଣବିକ ଶକ୍ତି କେନ୍ଦ୍ରଗୁଡ଼ିକରେ କଞ୍ଚାମାଲ ଅଭାବ ଯୋଗୁ ଅଚଳାବସ୍ଥା ଦେଖାଦେଲାଣି। ଆଗକୁ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବର୍ଷା ଓ ବନ୍ୟାବିପ୍ଳାତର ଭୟାବହତାକୁ ବୃଦ୍ଧି କରିବ। ଏଥିଯୋଗୁ ସରକାର, ବ୍ୟବସାୟିକ ସଂସ୍ଥା ଓ ଉପଭୋକ୍ତାମାନଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଏକ ନୂଆ ଅଧ୍ୟୟନରୁ ଜଣାପଡ଼ିଛି।

ବନ୍ୟାରୁ ନେଇ ମରୁଡ଼ି ପର୍ଯ୍ୟନ୍ତ ଜଳ ସମ୍ପର୍କିତ ପ୍ରାକୃତିକ ବିପର୍ଯ୍ୟୟ ୨୦୨୨ରୁ ୨୦୫୦ ମସିହା ମଧ୍ୟରେ ବିଶ୍ୱ ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫.୬ ଟ୍ରିଲିୟନ୍ ଡଲାର କ୍ଷତି ସାଧନ କରିପାରେ ବୋଲି ପ୍ରଫେସନାଲ ସର୍ଭିସେସ୍ ଫାର୍ମ ଜିଏଚ୍‌ଡି ପକ୍ଷରୁ ଆକଳନ ☞ପୃଷ୍ଠା-୪



ଗଣେଶ ପୂଜା ପାଇଁ କଟକ ରାଣୀହାଟଠାରେ ଏକ ଦୋକାନରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଲଡୁକୁ ଲୋକେ କିଣୁଛନ୍ତି।

# ଆଦାନୀ ବିଶ୍ୱର ତୃତୀୟ ଧନୀ

ନୂଆଦିଲ୍ଲୀ, ୩୦।୮

ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ତାଲିକାରେ ଭାରତର ଆଦାନୀ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠାତା ଗୌତମ ଆଦାନୀ ତୃତୀୟ ସ୍ଥାନରେ ରହିଛନ୍ତି। ଏଥିସହ ଏସିଆର ଧନୀ ତାଲିକାରେ ଶୀର୍ଷ ସ୍ଥାନରେ ରହିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନାରି ଇଣ୍ଡେକ୍ସର ଶୀର୍ଷରେ ଏଲନ୍ ମସ୍କ ରହିଛନ୍ତି। ତାଙ୍କର ନେଟ୍ ସମ୍ପତ୍ତି ମୂଲ୍ୟ ୨୫୧.୪ ବିଲିୟନ ଡଲାର ରହିଛି। ତାଙ୍କ ପଛକୁ ଜେଫ୍ ବେଜସ୍ ଦ୍ୱିତୀୟ ସ୍ଥାନରେ ରହିବା ସହ ୧୫୩.୪ ବିଲିୟନ ଡଲାରର ମାଲିକ ଅଟନ୍ତି। ତୃତୀୟରେ ଥିବା ଆଦାନୀ ୧୩୭.୪ ବିଲିୟନ ଡଲାରର ମାଲିକ। ପ୍ରଥମ ଥର ପାଇଁ ଏସିଆର ଜଣେ ବ୍ୟକ୍ତି ଭାବେ ଆଦାନୀ ଫ୍ରାନ୍ସର ବର୍ନାଡ ☞ପୃଷ୍ଠା-୪



## ବିଶ୍ୱର ଶ୍ରେଷ୍ଠ ୧୦ ଧନୀ ତାଲିକା

| | |
|---|---|
| ଏଲନ୍ ମସ୍କ | ୨୫୧ ବିଲିୟନ ଡଲାର |
| ଜେଫ୍ ବେଜସ୍ | ୧୫୩ ବିଲିୟନ ଡଲାର |
| ଗୌତମ ଆଦାନୀ | ୧୩୭ ବିଲିୟନ ଡଲାର |
| ବର୍ନାଡ ଆର୍ନଲ୍ଟ | ୧୩୬ ବିଲିୟନ ଡଲାର |
| ବିଲ୍ ଗେଟ୍‌ସ | ୧୧୭ ବିଲିୟନ ଡଲାର |
| ୱାରେନ୍ ବଫେଟ୍ | ୧୦୦ ବିଲିୟନ ଡଲାର |
| ଲାରି ପେଜ୍ | ୧୦୦ ବିଲିୟନ ଡଲାର |
| ସର୍ଗେ ବ୍ରିନ୍ | ୯୫.୮ ବିଲିୟନ ଡଲାର |
| ଷ୍ଟିଭ୍ ବଲ୍‌ମାର | ୯୩.୭ ବିଲିୟନ ଡଲାର |
| ଲାରୀ ଏଲ୍‌ସନ୍ | ୯୩.୩ ବିଲିୟନ ଡଲାର |

# ଓଡ଼ିଶାରେ ସର୍ବାଧିକ ମାନବ ଚାଲାଣ

- ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ଅନୁସାରେ ଗତ ବର୍ଷ ଦେଶରେ ୬,୫୩୩ ଜଣଙ୍କୁ ଚାଲାଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏଥିରୁ ୧,୪୭୫ ଜଣ ହେଉଛନ୍ତି କେବଳ ଓଡ଼ିଶାର, ଯାହାଙ୍କ ମଧ୍ୟରେ ୪୪୪ ମହିଳା ଓ ୪୯୭ ଜଣ ଶିଶୁ ରହିଥିବା ଜଣାପଡ଼ିଛି।
- ୨୦୨୧ରେ ଓଡ଼ିଶାରେ ୧୩୬ ମାନବ ଚାଲାଣ ମାମଲା ରୁଜୁ ହୋଇଥିଲା, ଯାହାକି ପୂର୍ବ ବର୍ଷ ୧୦୩ ରହିଥିଲା। ଗତବର୍ଷ ଦଳିତଙ୍କ ବିରୋଧରେ ଅପରାଧ ୧୩.୭୩% ବୃଦ୍ଧି ପାଇଥିବାବେଳେ ଆଦିବାସୀଙ୍କ ପ୍ରତି ଅପରାଧ ହାର ମଧ୍ୟ ୮.୩୩% ବଢ଼ିଥିଲା। ସେହିପରି ଓଡ଼ିଶାରେ ବାଲ୍ୟ ବିବାହ ସଂଖ୍ୟା ୬୪ ରହିଥିଲା, ଯାହାକି ଦେଶରେ ପଞ୍ଚମ ସର୍ବାଧିକ।

ନୂଆଦିଲ୍ଲୀ,୩୦।୮

୨୦୨୧ରେ ମାନବ ଚାଲାଣରେ ଓଡ଼ିଶା ସାରା ଦେଶରେ ଆଗୁଆ ରହିଥିବା ସଦ୍ୟ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଗତ ବର୍ଷ ଦେଶରେ ୬,୫୩୩ ମାନବ ଚାଲାଣ ମାମଲା ରୁଜୁ ହୋଇଥିବାବେଳେ ସେଥିରୁ ଓଡ଼ିଶାର ପୀଡ଼ିତଙ୍କ ସଂଖ୍ୟା ୧,୪୭୫। ରାଜ୍ୟର ୪୪୪ ମହିଳା ଓ ୪୯୭ ଶିଶୁଙ୍କୁ ଚାଲାଣ କରି ଅନ୍ୟ ରାଜ୍ୟକୁ ନିଆଯାଇଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ଗତବର୍ଷ ଦେଶରେ ୬,୨୧୩ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୨୯୦ ଜଣ ଓଡ଼ିଶାର। ୧,୨୯୦ ଜଣଙ୍କ ମଧ୍ୟରୁ ୧,୦୧୮ ଜଣଙ୍କୁ ଶ୍ରମିକ ଭାବେ ଖଟାଇବା ପାଇଁ ଚାଲାଣ କରାଯାଇଥିବା 'କ୍ରାଇମ୍ ଇନ୍ ଇଣ୍ଡିଆ ୨୦୨୧' ରିପୋର୍ଟରେ ଦର୍ଶାଯାଇଛି। ୨୦୨୦ରେ ରାଜ୍ୟର ୭୪୧ ଜଣଙ୍କୁ ଚାଲାଣ କରାଯାଇଥିବାବେଳେ ମାମଲା ସଂଖ୍ୟା ୧୦୩ ରହିଥିଲା। ସେହିପରି ୨୦୨୧ରେ ୧୩୬ ମାନବ ଚାଲାଣ ଅଭିଯୋଗ ହୋଇଥିଲା। ଅନେକ ମାମଲାରେ ଏକାଧିକ ଜଣଙ୍କୁ ଚାଲାଣ କରାଯାଇଥିବା ଏଥିରୁ ଜଣାପଡ଼ିଛି।

ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି), ସ୍ୱତନ୍ତ୍ର ଓ ସ୍ଥାନୀୟ ଆଇନ ବଳରେ ମାମଲା ସଂଖ୍ୟା ୧୫.୧୯% ବୃଦ୍ଧି ପାଇଛି। ଦଳିତଙ୍କ ବିରୋଧରେ ଅପରାଧକୁ ନେଇ ମାମଲା ସଂଖ୍ୟାରେ ୧୩.୭୩% ବୃଦ୍ଧି ଘଟିଛି। ସେହିପରି ଆଦିବାସୀଙ୍କ ବିରୋଧରେ ୮.୩୩% ମାମଲା ବଢ଼ିଥିବା ☞ପୃଷ୍ଠା-୪



**ସୋସିଆଲ ମିଡିଆ ପୋଷ୍ଟ ପାଇଁ ୪୫ ବର୍ଷ ଜେଲ**

ସୋସିଆଲ ମିଡିଆ ପୋଷ୍ଟ ପାଇଁ ସାଉଦି ଆରବର ଜଣେ ମହିଳାଙ୍କୁ ୪୫ ବର୍ଷର ଜେଲ ଦଣ୍ଡାଦେଶ ଦିଆଯାଇଛି। କିଛି ସପ୍ତାହ ମଧ୍ୟରେ ଏଭଳି ମାମଲାରେ ଏହା ହେଉଛି ଦ୍ୱିତୀୟ ଦଣ୍ଡବିଧାନ। ସାମାଜିକ ଗଣମାଧ୍ୟମ ଜରିଆରେ ଦେଶର ସାମାଜିକ ସଦ୍‌ଭାବ ନଷ୍ଟ ଓ ଆଇନ ଶୃଙ୍ଖଳା ଉଲ୍ଲଂଘନ କରିବା ଅଭିଯୋଗରେ ନୌରା ଅଲ୍-କାହତାନିଙ୍କୁ ଦଣ୍ଡିତ କରାଯାଇଛି। ଦେଶର ଆତଙ୍କବାଦ ନିରୋଧୀ ଆଇନ ବଳରେ ତାଙ୍କୁ ୪୫ ବର୍ଷ ପାଇଁ ଜେଲକୁ ପଠାଯାଇଛି।

# ୧୪୦ ଯୁଦ୍ଧବିମାନ, ୬୦ ଜାହାଜ

## ୧ରୁ ରୁଷିଆ ସମରାଭ୍ୟାସ



**ମସ୍କୋ, ୩୦।୮**

ୟୁକ୍ରେନ୍ ଉପରେ ଆକ୍ରମଣ ମଧ୍ୟରେ ରୁଷିଆ ସେପ୍ଟେମ୍ବର ୧ରୁ ଭୋଷ୍ଟୋକ-୨୦୨୨ ସମରାଭ୍ୟାସ ଆୟୋଜନ କରିବାକୁ ଯାଉଛି। ପୂର୍ବ ରୁଷିଆ, ଜାପାନ ସାଗର ସମେତ ବିଭିନ୍ନ ସ୍ଥାନରେ ହେବାକୁ ଥିବା ଏହି ମିଲିଟାରୀ ଡ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୫୦ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟ, ୫ ହଜାର ଯୁଦ୍ଧାସ୍ତ୍ର ୟୁନିଟ୍, ୧୪୦ ଯୁଦ୍ଧବିମାନ, ୬୦ ୱାର୍‌ଶିପ୍ ଆଦି ସାମିଲ ହେବ ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ସୋଭିଏତ୍ ସଂଘ ଅମଳର କେତେକ ଦେଶ ସମେତ ଚାଇନା, ଭାରତ, ଲାଓସ୍, ମଙ୍ଗୋଲିଆ, ନିକାରାଗୁଆ, ସିରିଆ ମଧ୍ୟ ସାମିଲ ହେବେ।

ମିଳିତ ସମରାଭ୍ୟାସ ପାଇଁ ଚାଇନା ସୈନ୍ୟ ରୁଷିଆରେ ପହଞ୍ଚିଥିବା ନେଇ ମସ୍କୋ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି। ଡ୍ରିଲ୍‌ରେ ରୁଷୀୟ ବାୟୁସେନା ସୈନ୍ୟ, ଦୀର୍ଘ ଦୂରତାକୁ ଟାର୍ଗେଟ କରିପାରୁଥିବା ବୋମା, ମିଲିଟାରି କାର୍ଗୋ ପ୍ଲେନ୍ ସାମିଲ ହେବ। ତେବେ

### ସାମିଲ ହେବେ ୫୦ ହଜାରରୁ ଊର୍ଦ୍ଧ୍ୱ ସୈନ୍ୟ

ଏହି ସମରାଭ୍ୟାସ କୌଣସି ଦେଶକୁ କିମ୍ବା ସାମରିକ ମେଣ୍ଟକୁ ଟାର୍ଗେଟ କରିବା ପାଇଁ ନୁହେଁ ବୋଲି ରୁଷିଆ ଉପବହିର୍ବ୍ୟାପାର ମନ୍ତ୍ରୀ ଆଲେକ୍‌ଜାଣ୍ଡର ଫୋମିନ୍ କହିଛନ୍ତି। ମସ୍କୋ ଏବଂ ସହଯୋଗୀମାନଙ୍କ ସାମରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହା ଉଦ୍ଦିଷ୍ଟ। ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆକୁ ନିନ୍ଦା କରିବାରୁ ଚାଇନା ଦୂରେଇ ରହିବା ସହ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରି ମସ୍କୋକୁ ସମର୍ଥନ ଦେଇଆସିଛି। ବେଜିଂ ଓ ମସ୍କୋ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ବୃଦ୍ଧିର ଏହି ସମରାଭ୍ୟାସ ଏକ ପ୍ରତିଫଳନ ବୋଲି ପୂର୍ବରୁ କ୍ରେମ୍‌ଲିନ କହିଛି। ଗତ ୩ରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ରୁଷିଆ ନିନ୍ଦା କରି ବଡ଼ଭାଇପଣିଆ ଦେଖାଇଛି।

## ଚାଇନା ଡ୍ରୋନ୍‌କୁ ଘଉଡ଼ାଇଲା ତାଇୱାନ

**ତାଇପେଇ, ୩୦।୮**

ପ୍ରାୟ ମାସେ ଧରି ମୁହାଁମୁହିଁ ଅବସ୍ଥାରେ ଥିବା ଚାଇନା ଓ ତାଇୱାନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତପରଠୁ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ତାଇୱାନ ପ୍ରଣାଳୀରେ ସମରାଭ୍ୟାସ କରିବା ସହ ଆତ୍ମଘୋଷିତ ସ୍ୱାଧୀନ ଦ୍ୱୀପରାଷ୍ଟ୍ର ତାଇୱାନକୁ ନାଲିଆଖି ଦେଖାଉଛି। ପିଏଲ୍ଏ ପକ୍ଷରୁ ସାମରିକ କୌଶଳ ଜାରି ରହିଥିବାବେଳେ ବେଜିଂ ଏହାର ଭୟଙ୍କର ପରିଣତି ଭୋଗିବ ବୋଲି ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ତାଇୱାନ ସେନା ଚାଇନାର ଡ୍ରୋନ୍‌କୁ ଟାର୍ଗେଟ କରି ଘଉଡ଼ାଇ ଦେଇଛି।

କିନ୍‌ମେନ୍ ଆଇଲାଣ୍ଡ୍‌ରେ ଚାଇନାର ଦୁଇଟି ଡ୍ରୋନ୍ ଉଡ଼ାଣ କରୁଥିବା ତାଇୱାନ ସୈନ୍ୟମାନେ ଦେଖିବାକୁ ପାଇଥିଲେ। ଚାଇନା ଉପକୂଳ ନିକଟବର୍ତ୍ତୀ ତଥା ତାଇୱାନ ଦଖଲରେ ଥିବା ଦ୍ୱୀପପୁଞ୍ଜ ଆକାଶରେ ପିଏଲ୍ଏ ପକ୍ଷରୁ ଲଗାତର ଏଭଳି ଉତ୍ତେଜନା ସୃଷ୍ଟିକାରୀ କାର୍ଯ୍ୟ କରାଯାଉଥିବାରୁ ସେମାନେ ଦୁଇ ଡ୍ରୋନ୍‌କୁ ଲକ୍ଷ୍ୟ କରି ଗୁଳି କରିଥିଲେ। ଫଳରେ ଡ୍ରୋନ୍ ଦ୍ୱୟ ଚାଇନା ଭୂଖଣ୍ଡ ଆଡ଼କୁ ଫେରି ଯାଇଥିଲା।

## ବିଶିଷ୍ଟ ଅର୍ଥନୀତିଜ୍ଞ ଅଭିଜିତ ସେନ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ, ୩୦।୮**



**ଜନସେବା ପାଇଁ ୨୦୧୦ରେ ପାଇଥିଲେ ପଦ୍ମଭୂଷଣ ଉପାଧି**

ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା କମିଶନର ପୂର୍ବତନ ସଦସ୍ୟ ଅଭିଜିତ ସେନ୍‌ଙ୍କ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ଅଭିଜିତ ଅକ୍ସଫୋର୍ଡ, କେମ୍ବ୍ରିଜ୍ ଏବଂ ଜବାହରଲାଲ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ)ରେ ଅର୍ଥନୀତିରେ ଶିକ୍ଷାଲାଭ କରିଥିଲେ। ୪ ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ତୁଲାଇଛନ୍ତି। ୨୦୦୪ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ଅଭିଜିତ ପ୍ଲାନିଂ କମିଶନ ସଦସ୍ୟ ରହିଥିଲେ। ୧୯୯୭ରେ ୟୁନାଇଟେଡ୍ ଫ୍ରଣ୍ଟ ସରକାରରେ ସେ କୃଷି ମନ୍ତ୍ରଣାଳୟର ଏଗ୍ରିକଲ୍‌ଚରାଲ କଷ୍ଟ୍ ଆଣ୍ଡ୍ ପ୍ରାଇସେସ୍ (ସିଏସିପି) କମିଶନର ଅଧ୍ୟକ୍ଷ ରହିଥଲେ। ପବ୍ଲିକ୍ ସର୍ଭିସ୍ ପାଇଁ ୨୦୧୦ରେ ଅଭିଜିତଙ୍କୁ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୪ରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଶସ୍ୟନୀତି ପ୍ରଣୟନ ପାଇଁ ଉଦ୍ଦିଷ୍ଟ ଉଚ୍ଚସ୍ତରୀୟ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ସେନ୍‌ଙ୍କୁ ନିଯୁକ୍ତ କରାଯାଇଥିଲା। ସାର୍ବଜନୀନ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ଚାଉଳ ଓ ଗହମ ପ୍ରଦାନ ପାଇଁ ଅଭିଜିତ ଖୋଲାଖୋଲି ଭାବେ ଓକିଲାତି କରୁଥିଲେ। ଅଭିଜିତ ବିଶ୍ୱବ୍ୟାଙ୍କ ଅର୍ଥନୀତିଜ୍ଞ ସମର ସେନ୍‌ଙ୍କ ପୁଅ। ତାଙ୍କ ପରିବାରରେ ସ୍ତ୍ରୀ ଜୟତି ଘୋଷ ଏବଂ ଜଣାଶୁଣା ଇକୋନୋମିଷ୍ଟ ଝିଅ ଜାହ୍ନବୀ ରହିଛନ୍ତି।

## ଗୁଜରାଟ ଦଙ୍ଗା: ୧୧ ମାମଲା ବନ୍ଦ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୮**

ସୁପ୍ରିମକୋର୍ଟ ମଙ୍ଗଳବାର ଗୁଜରାଟ ଦଙ୍ଗା ସମ୍ପର୍କିତ ୧୧ ମାମଲାକୁ ବନ୍ଦ କରିଦେଇଛନ୍ତି। ୨୦୦୨ ଗୁଜରାଟ ଦଙ୍ଗାର ନିରପେକ୍ଷ ତଦନ୍ତ ଦାବିରେ ଦାଏର ପିଟିଶନଗୁଡ଼ିକର ପ୍ରାୟ ୨୦ ବର୍ଷ ପରେ ସିଜେଆଇ ୟୁ.ୟୁ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସେଗୁଡ଼ିକୁ ନିଷ୍ଫଳ ଦର୍ଶାଇଛନ୍ତି। ଏସମ୍ପର୍କିତ ସବୁ ପ୍ରସଙ୍ଗ ନିଷ୍ଫଳ ହୋଇଥିବାରୁ ଉକ୍ତ ପିଟିଶନଗୁଡ଼ିକର ଶୁଣାଣି ଅନାବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ତନ୍ମଧ୍ୟରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଦାଏର ଏକ ପିଟିଶନ ରହିଛି। ସେହିପରି ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ ପିସ୍ (ସିଜେପି) ଆକ୍ଟିଭିଷ୍ଟ ତୀସ୍ତା ସିତଲୱାଡ୍ ମଧ୍ୟ କୋର୍ଟଙ୍କ ତତ୍ତ୍ୱାବଧାନରେ ଦଙ୍ଗାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ଦାବି କରିଥିଲେ।

## ଇଦ୍‌ଗା ମୈଦାନରେ ହେବନି ଗଣେଶ ପୂଜା

**ନୂଆଦିଲ୍ଲୀ/ ବେଙ୍ଗାଲୁରୁ,୩୦।୮**

ବେଙ୍ଗାଲୁରୁ ଇଦ୍‌ଗା ମୈଦାନରେ ଚଳିତ ବର୍ଷ ଗଣେଶ ଉତ୍ସବ ପାଳନ ନ କରିବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ, ଜଷ୍ଟିସ୍ ଅଭୟ ଏସ୍.ଓକା ଏବଂ ଏମ୍. ଏମ୍. ସୁନ୍ଦ୍ରେସଙ୍କ ଦ୍ୱାରା ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ପାଖାପାଖି ୨୦୦ ବର୍ଷ ଧରି ଇଦ୍‌ଗା ମୈଦାନରେ କୌଣସି ଧାର୍ମିକ ଉତ୍ସବ ପାଳନ ହେଉ ନ ଥିବାବେଳେ ଏହି ପ୍ରଥାକୁ ଚାଲିବାକୁ ଦିଆଯାଉ ବୋଲି ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ କହିଥିଲେ। ପୂଜା ପାଇଁ ଅନୁମତି ଦେବା ଲାଗି ଖଣ୍ଡପୀଠଙ୍କୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅନୁରୋଧ କରିଥିଲେ। ଗଣେଶ ଚତୁର୍ଥୀ ପାଳନ ଲାଗି ପ୍ରଥମେ କର୍ଣାଟକ ହାଇକୋର୍ଟ ଓ ଇଦ୍‌ଗା ନଗର ନିଗମ ଅଗଷ୍ଟ ୨୬ରେ ଅନୁମତି ଦେଇଥିଲେ। ନଗର ନିଗମ ପକ୍ଷରୁ ଦୁଇଦିନ ଲାଗି ପୂଜା କରିବାର ଅନୁମତି ପ୍ରଦାନ କରାଯାଇଥିଲାବେଳେ କର୍ଣାଟକ ହାଇକୋର୍ଟ ଏଥିରେ ହଁ ଭରିଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ୱାକଫ୍ ସଂଗଠନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସାମ୍ପ୍ରଦାୟିକ ହିଂସାକୁ ଦୃଷ୍ଟିରେ ରଖି ଇଦ୍‌ଗା ମୈଦାନରେ ସରକାରଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାର ଆୟୋଜନ କରାଯାଇଛି।



## ସଂକ୍ଷେପରେ

### ଅଭିନେତା କମଲ ଗିରଫ

**ମୁମ୍ବାଇ,୩୦।୮:** ହିନ୍ଦୀ ଫିଲ୍ମ ଅଭିନେତା କମଲ ଆର୍. ଖାନ୍ (କେ.ଆର୍.କେ)ମଙ୍ଗଳବାର ଦୁବାଇରୁ ଫେରୁଥିବାବେଳେ ମୁମ୍ବାଇ ବିମାନ ବନ୍ଦରରୁ ପୋଲିସ ତାଙ୍କୁ ଗିରଫ କରିଛି। ୨୦୨୦ ଏପ୍ରିଲ ୩୦ରେ ସେ ବଲିଉଡ ଅଭିନେତା ସ୍ୱର୍ଗତ ଋଷି କପୁର ଓ ଇରଫାନ ଖାନ୍‌ଙ୍କ ପ୍ରତିଛବିକୁ ଆଘାତ କଲାଭଳି ଟ୍ୱିଟ୍ କରିଥିଲେ। ଏ ନେଇ କମଲଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଗିରଫ ପରେ କମଲଙ୍କୁ ମୁମ୍ବାଇ ବୋରିଭାଲି କୋର୍ଟରେ ହାଜର କରାଯାଇଥିଲା। କୋର୍ଟ କମଲଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବାବେଳେ ମାମଲାର ଆସନ୍ତା ଶୁଣାଣି ସେପ୍ଟେମ୍ବର ୨ରେ କରାଯିବ।



### ସୀମାଙ୍କୁ ନିଲମ୍ବନ କଲା ଭାଜପା

**ରାଞ୍ଚି, ୩୦।୮:** ଝାଡ଼ଖଣ୍ଡ ଭାଜପା ନେତ୍ରୀ ସୀମା ପାତ୍ରଙ୍କୁ ମଙ୍ଗଳବାର ଦଳରୁ ନିଲମ୍ବନ କରାଯାଇଛି। ଘରେ କାମ କରୁଥିବା ସହାୟିକାଙ୍କୁ ନିର୍ଯାତନା ଅଭିଯୋଗ ପରେ ଭାଜପା ପକ୍ଷରୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୀମାଙ୍କ ଘରେ କାମ କରୁଥିବା ଆଦିବାସୀ ଯୁବତୀ ସୁନୀତାଙ୍କୁ ସେ ଜିଭରେ ପାଇଖାନା ସଫା କରିବାକୁ କହୁଥିବା ଅଭିଯୋଗ ହୋଇଥିଲା। ସୀମା ଓ ତାଙ୍କ ସ୍ୱାମୀ ପୂର୍ବତନ ଆଇପିଏସ୍ ଅଫିସର ମହେଶ୍ୱର ପାତ୍ର ସୁନୀତାଙ୍କୁ ୮ ବର୍ଷ ଧରି ନିର୍ଯାତନା ଦେଇଆସୁଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ଘଟଣା ସମ୍ପର୍କରେ ସୁନୀତା ବନ୍ଧୁ ବିବେକଙ୍କୁ ଜଣାଇଥିଲେ। ଅଭିଯୋଗ ପରେ ପୋଲିସ ସହାୟତାରେ ସୀମାଙ୍କ ଘରୁ ସୁନୀତାଙ୍କୁ ଉଦ୍ଧାର କରାଯାଇଥିଲା।

### ସାନିଟାରି ନାପ୍‌କିନ୍ ପାଇଁ ମୁଖ୍ୟ ବିଚାରପତିଙ୍କୁ ଚିଠି

**ନୂଆଦିଲ୍ଲୀ,୩୦।୮:** ଦିଲ୍ଲୀ ହାଇକୋର୍ଟ ପରିସରରେ ସାନିଟାରି ନାପ୍‌କିନ୍ ସୁବିଧା ଉପଲବ୍ଧ କରିବା ପାଇଁ କୋର୍ଟରେ ଇନ୍‌ଟର୍ନ କରୁଥିବା ଜଣେ ମହିଳା ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଛନ୍ତି। ମହିଳା ଜଣକ ଅଗଷ୍ଟ ୧ରୁ ହାଇକୋର୍ଟର ଜଣେ ଆଇନଜୀବୀଙ୍କ ଅଧୀନରେ ପ୍ରାକ୍ଟିସ୍ କରୁଥିବାବେଳେ ତାଙ୍କୁ ସାନିଟାରି ନାପ୍‌କିନ୍‌ର ଆବଶ୍ୟକତା ପଡ଼ିଥିଲା। ପ୍ରଥମେ ସେ କୋର୍ଟ ପରିସରରେ ଥିବା ମେଡିସିନ୍ ବିଭାଗକୁ ଯାଇଥିଲେ ସେଠାରେ ନାପ୍‌କିନ୍ ନ ମିଳିବା ପରେ ସେ ପ୍ରଶାସନିକ ବ୍ଲକ୍‌କୁ ଯାଇଥିଲେ। କୌଣସିଠାରେ ତାଙ୍କୁ ନାପ୍‌କିନ୍ ନ ମିଳିବା ପରେ କୋର୍ଟ ପରିସରରେ ଏନେଇ ସୁବିଧା ଉପଲବ୍ଧ କରାଇବା ଲାଗି ସେ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଛନ୍ତି।

## ଡିଜିପିଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

**ରାଞ୍ଚି, ୩୦।୮**

**ଅଙ୍କିତା ସିଂ ହତ୍ୟା ମାମଲା**

**ତଦନ୍ତ କରିବ ଏସ୍‌ଆଇଟି**



ଝାଡ଼ଖଣ୍ଡ ଦୁମ୍‌କା ଜିଲାର ଯୁକ୍ତ ୨ ଛାତ୍ରୀ ଅଙ୍କିତା ସିଂଙ୍କୁ ପେଟ୍ରୋଲ ଢାଳି ହତ୍ୟା ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଜିଲା ଏସ୍‌ପି ଏହି ଟିମ୍‌ର ନେତୃତ୍ୱ ନେବେ। ଘଟଣାରେ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ଶାହାରୁଖ ହୁସେନ୍‌ଙ୍କ ସମେତ ମୋଟ ୨ ଜଣଙ୍କୁ ଗିରଫ କରାଯାଇଛି। ସବୁ ଦିଗରୁ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଝାଡ଼ଖଣ୍ଡ ପୋଲିସ ଏଡିଜି ଏମ୍‌ଏଲ୍ ମୀନା କହିଛନ୍ତି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ହାଇକୋର୍ଟ ମଙ୍ଗଳବାର ନିଜ ଆଡୁ ଏହି ମାମଲା ଗ୍ରହଣ କରିବା ସହ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନୀରଜ ସିହ୍ନାଙ୍କୁ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍କିତାଙ୍କୁ ନିକଟରେ ଥିବା ଏମ୍ସ ମେଡିକାଲକୁ ନିଆ ନ ଯାଇ କାହିଁକି ରାଞ୍ଚିର ରାଜେନ୍ଦ୍ର ଡାକ୍ତରଖାନାକୁ ପଠାଯାଇଥିଲା ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ରବି ରଞ୍ଜନ ଏବଂ ଜଷ୍ଟିସ୍ ସୁଜିତ୍ ନାରାୟଣଙ୍କ ଡିଭିଜନ୍ ବେଞ୍ଚ୍ ଡିଜିପିଙ୍କୁ ପ୍ରଶ୍ନ କରିଥିଲେ। ଦେଓଘରସ୍ଥିତ ଏମ୍ସରେ ବର୍ନ ୟୁନିଟ୍‌ରେ ଆବଶ୍ୟକ ମେଡିକାଲ ଉପକରଣ ନ ଥିବାରୁ ତାଙ୍କୁ ରାଞ୍ଚି ନିଆଯାଇଥିଲା ବୋଲି ଡିଜିପି କହିଛନ୍ତି।

ପ୍ରକାଶ ଯେ, ଏକତରଫା ପ୍ରେମରେ ବିଫଳ ହୋଇ ଅଭିଯୁକ୍ତ ଶାହାରୁଖ ଗତ ୨୩ ତାରିଖ ରାତିରେ ଅଙ୍କିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ସପ୍ତାହେ ଧରି ମୃତ୍ୟୁ ସହ ସଂଗ୍ରାମ ପରେ ୧୯ ବର୍ଷୀୟା ଅଙ୍କିତା ଆଖି ବୁଜିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଉତ୍ତେଜନା ଦେଖାଦେଇଛି। ଦୋଷୀଙ୍କୁ ସୁରକ୍ଷା ଯୋଗାଇଥିବା ଅଭିଯୋଗରେ ଦୁମ୍‌କା ଏସ୍‌ଡିପିଓ ନୂର୍ ମୁସ୍ତାଫାଙ୍କୁ ନିଲମ୍ବନ କରାଯାଇଛି।



ଲଣ୍ଡନର କେନ୍‌ସିଙ୍ଗ୍‌ଟନ୍ ଅଞ୍ଚଳରେ ଆୟୋଜିତ ନୋଟିଙ୍ଗ ହିଲ୍ କାର୍ନିଭାଲରେ ଭାଗ ନେଇଥିବା କଳାକାର। ୧୯୬୬ରୁ ପ୍ରତିବର୍ଷ ଅଗଷ୍ଟମାସରେ ଦୁଇଦିନ ଧରି ଏହି ଉତ୍ସବ ପାଳନ କରାଯାଇଥାଏ। କରୋନା ମହାମାରୀ ଯୋଗୁ ୨୦୨୦-୨୧ରେ ଏହାକୁ ବନ୍ଦ କରାଯାଇଥିଲା।

## ଲକର୍‌ରୁ କିଛି ପାଇଲାନି ସିବିଆଇ: ସିସୋଡିଆ



**ନୂଆଦିଲ୍ଲୀ, ୩୦।୮**

ଅବକାରୀ ନୀତିରେ ଅନିୟମିତତା ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆଙ୍କ ଘର ଏବଂ ବ୍ୟାଙ୍କ ଲକର୍ ଯାଞ୍ଚ କରିଛି। ତେବେ ସିବିଆଇ ଅଧିକାରୀମାନେ ସେଠାରୁ କିଛି ପାଇ ନ ଥିବା ଓ ତାଙ୍କୁ ଏଥିପାଇଁ କ୍ଲିନ୍ ଚିଟ୍ ଦେଇଥିବା ସିସୋଡିଆ କହିଛନ୍ତି। ସକାଳେ ସିବିଆଇ ଟିମ୍ ଗାଜିଆବାଦ୍‌ର ଏକ ବ୍ୟାଙ୍କରେ ପହଞ୍ଚିଥିଲା। ସିସୋଡିଆ ଏବଂ ତାଙ୍କ ସ୍ତ୍ରୀ ସୀମା ମଧ୍ୟ ସେଠାରେ ପହଞ୍ଚିଥିଲେ। ଲକର୍‌ରେ ୭୦ ହଜାର ଟଙ୍କା ମୂଲ୍ୟର ଅଳଙ୍କାର ଥିଲା। ଏ ସବୁ ତାଙ୍କ ସ୍ତ୍ରୀ ଏବଂ ପିଲାଙ୍କର ବୋଲି ସିସୋଡିଆ କହିଥିଲେ। ଯାଞ୍ଚରେ ସେ ଓ ପରିବାର ସବୁପ୍ରକାର ସହଯୋଗ କରିଥିବା ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୧୯ ତାରିଖରେ ସିବିଆଇ ତାଙ୍କ ଘରେ ଚଢ଼ାଉ କରିଥିବାବେଳେ ସେଦିନ ମଧ୍ୟ ମିଳି ନ ଥିଲା ବୋଲି ସିସୋଡିଆ ଦାବି କରିଛନ୍ତି।

## ମାଇକେଲ ଜ୍ୟାକ୍‌ସନଙ୍କ ଆଇଡି ଜାଲିଆତି

### ନକଲି ପରିଚୟପତ୍ରରେ ଡ୍ରଗ୍ସ ଆଣୁଥିଲେ

**ଲସ୍ ଏଞ୍ଜେଲ୍ସ, ୩୦।୮ (ଆଇଏଏନ୍‌ଏସ୍)**

ପପ୍‌ଷ୍ଟାର୍‌ର ମାଇକେଲ ଜ୍ୟାକ୍‌ସନଙ୍କ ମୃତ୍ୟୁ ଉପରେ ପ୍ରକାଶିତ ନୂଆ ଡକ୍ୟୁମେଣ୍ଟାରିରେ ଚକିତ କଲାଭଳି ତଥ୍ୟ ପ୍ରଘଟ ହୋଇଛି। ଅତ୍ୟଧିକ ଡ୍ରଗ୍ସ ସେବନ ଯୋଗୁ ୨୦୦୯ରେ ୫୦ ବର୍ଷୀୟ ମାଇକେଲଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ସେ ଏହି ନିଶାଦ୍ରବ୍ୟ ପାଇବା ପାଇଁ ନକଲି ପରିଚୟ ପ୍ରସ୍ତୁତ କରିଥିବା ସଦ୍ୟ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଗୋଟିଏ କି ଦୁଇଟି ନୁହେଁ ଡ୍ରଗ୍ସ କିଣିବା ନିମନ୍ତେ ସେ ୧୯ଟି ଜାଲ୍ ଆଇଡି ରଖିଥିଲେ। ତାଙ୍କ ଡାକ୍ତର କନ୍‌ରାଡ ମୁରେ ନିୟମିତ ଭାବେ ମାଇକେଲଙ୍କୁ ପ୍ରୋପୋଫୋଲ୍ (ଏକ ପ୍ରକାର ଡ୍ରଗ୍ସ) ଦେଉଥିଲେ। ମାଇକେଲ୍‌ଙ୍କ ମୃତ୍ୟୁ ପରେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି କୁହାଯାଇଥିଲା। ଡା. ମୁରେଙ୍କୁ ଏଥିପାଇଁ ଦାୟୀ କରାଯିବା ସହ ୪ ବର୍ଷ ଜେଲଦଣ୍ଡ ହୋଇଥିଲା।

'ଟିଏମ୍‌ଜେଡ୍ ଇନ୍‌ଭେଷ୍ଟିଗେଟ୍ସ: ହୁ ରିଅଲି କିଲ୍‌ଡ ମାଇକେଲ୍ ଜ୍ୟାକ୍‌ସନ' ଡକ୍ୟୁମେଣ୍ଟାରି ଅନୁସାରେ, ମାଇକେଲ୍‌ଙ୍କ ମୃତ୍ୟୁ ପାଇଁ କେବଳ ମୁରେଙ୍କୁ ଦାୟୀ କରାଯାଇଥିଲା। କିନ୍ତୁ ବାସ୍ତବରେ ମାଇକେଲ୍ ତାଙ୍କ ଜୀବନ ସାରା ଅତ୍ୟଧିକ ମାତ୍ରାରେ ଡ୍ରଗ୍ସ ନେଉଥିଲେ, କାରଣ ଏହା ପଛରେ ଅନେକ ଡାକ୍ତରଙ୍କ ସମର୍ଥନ ଥିଲା। କେବଳ ମୁରେଙ୍କୁ ଜେଲଦଣ୍ଡ ହୋଇଥିଲେ ମଧ୍ୟ ଏଯାବତ୍ ଅନ୍ୟ କୌଣସି ଡାକ୍ତର ଦିନେ ହେଲେ କାରାଦଣ୍ଡ ଭୋଗିନାହାନ୍ତି। ମାଇକେଲ୍‌ଙ୍କ ମୃତ୍ୟୁ ସମୟରେ ସେଠାରେ ମୁରେ ଉପସ୍ଥିତ ଥିବାରୁ ତାଙ୍କ ଉପରେ ହିଁ ଅଙ୍ଗୁଳି ଉଠିଥିଲା ବୋଲି ଏହି ପପ୍ କିଙ୍ଗଙ୍କ ମାମଲାର ତଦନ୍ତ କରୁଥିବା ଡିଟେକ୍ଟିଭ୍ ଓର୍‌ଲାଣ୍ଡୋ ମାର୍ଟିନେଜ୍ ଉକ୍ତ ଡକ୍ୟୁମେଣ୍ଟାରିରେ କହିଛନ୍ତି। ଦୀର୍ଘ ବର୍ଷ ଧରି ମାଇକେଲ ନିଜ ସର୍ତ୍ତ ଅନୁସାରେ ଜୀବନ ବଞ୍ଚୁଥିଲେ। ଏଥିପାଇଁ ସେ ବିଭିନ୍ନ ବିଭାଗର ମେଡିକାଲ ପ୍ରଫେସନାଲଙ୍କୁ ରଖିଥିଲେ। ମାଇକେଲ ଯେତେବେଳେ ଯେଉଁ ମେଡିସିନ୍ ଚାହୁଁଥିଲେ ତାହା ତାଙ୍କୁ ଦିଆଯାଉଥିଲା। ଏହା ହିଁ ତାଙ୍କୁ ମୃତ୍ୟୁ ଆଡ଼କୁ ଟାଣିନେଇଥିଲା। ମୃତ୍ୟୁଦିନ ମଧ୍ୟ ମାଇକେଲ ଏକ ବୋତଲ ଭର୍ତ୍ତି ପରିମାଣର ପ୍ରୋପୋଫୋଲ ନେଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ, ମାଇକେଲ୍ ପ୍ରୋପୋଫୋଲ୍ ନେବା ପରେ ହିଁ ତାଙ୍କୁ ନିଦ ହେଉଥିଲା। ଡାକ୍ତରମାନେ ବିଶ୍ୱର ବିଭିନ୍ନ ସ୍ଥାନରୁ ତାଙ୍କ ପାଇଁ ଡ୍ରଗ୍ସ ଯୋଗାଡ଼ କରି ଇଞ୍ଜେକ୍ସନ କିମ୍ବା ଔଷଧ ଆକାରରେ ଦେଉଥିଲେ। ଏହା କ୍ଷତିକାରକ ନୁହେଁ ବୋଲି ମଧ୍ୟ ତାଙ୍କ ଡାକ୍ତରମାନେ ମାଇକେଲ୍‌ଙ୍କୁ କହି ଡ୍ରଗ୍ସ ବ୍ୟବହାରର ଅନୁମତି ଦେଉଥିଲେ। ମାଇକେଲ୍ ଏକସଙ୍ଗରେ ୩୦୦ ମିଲିଗ୍ରାମ୍‌ର ଡେମିରୋଲ ନେଉଥିଲେ। ବିଭିନ୍ନ ପ୍ରକାର ଡ୍ରଗ୍ସ ପାଇଁ ମାଇକେଲ୍ ୧୯ ନକଲି ପରିଚୟପତ୍ର ପ୍ରସ୍ତୁତ କରିଥିଲେ। ଜଣାଶୁଣା ଚର୍ମବିଭାଗ ଡାକ୍ତର ଆର୍‌ନୋଲ୍ଡ କ୍ଲେନ୍ ଏସବୁର ତଦାରଖ କରୁଥିଲେ। ଡା. କ୍ଲେନ୍ ଏକ ନୋଟ୍ ବୁକ୍ ରଖି ସେଥିରେ କେଉଁ ଆଇଡିରେ କେଉଁ ପ୍ରକାର ଡ୍ରଗ୍ସ ମଗାଯାଇଛି ତାହା ଲେଖି ରଖୁଥିଲେ ବୋଲି ରିପୋର୍ଟରୁ ଜଣାପଡ଼ିଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୬୮,୫୧,୨୬୯ | ୬୪,୯୦,୭୪୦ | ୫୮,୨୭,୦୭,୫୫୩ |
| ଭାରତ | ୪,୪୪,୧୯,୭୬୧ | ୫,୨୭,୮୨୯ | ୪,୩୮,୨୫,୦୨୪ |
| ଓଡ଼ିଶା | ୧୩,୨୭,୩୮୨ | ୯୧୭୫(+୫୩) | ୧୩,୧୬,୧୭୨ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଉଡ଼ାଣ ପାଇଁ ପ୍ରସ୍ତୁତ ଫ୍ଲାଇଂ କାର୍

## ଘଣ୍ଟାପ୍ରତି ୩୦୦ କି.ମି. ବେଗରେ ଉଡ଼ିପାରିବ





ୱାଶିଂଟନ୍, ୩୦।୮

୧,୪୫,୦୦୦ ପାଉଣ୍ଡ (ପ୍ରାୟ ୧,୩୪,୪୬,୮୯୪ ଟଙ୍କା) ମୂଲ୍ୟର ଏକ ଫ୍ଲାଇଂ କାର୍ ଆମେରିକା ଆକାଶରେ ଉଡ଼ାଣ ପାଇଁ ପ୍ରସ୍ତୁତ ହୋଇଛି। ଜୋ ବାଇଡେନ୍ ପ୍ରଶାସନର ଫେଡେରାଲ ଆଭିଏଶନ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଏଏ) ଏହି ସାମ୍‌ସନ୍ ସୁଇଚ୍‌ବ୍ଲେଡ୍‌କୁ ଫ୍ଲାଇଟ୍ ଟେଷ୍ଟିଂ(ଉଡ଼ାଣ ପରୀକ୍ଷଣ) ପାଇଁ ଅନୁମତି ଦେଇଛି। କାଲିଫର୍ନିଆ ସ୍ଥିତ ସାମ୍‌ସନ୍ ମୋଟର ୱାର୍କ୍‌ସ ପକ୍ଷରୁ ୧୪ ବର୍ଷ ଧରି ଏହାକୁ ବିକଶିତ କରାଯାଇଥିଲା। ଫ୍ଲାଇଟ୍ ଟେଷ୍ଟିଂ ପୂର୍ବରୁ ବର୍ତ୍ତମାନ ଏହାର ଚୂଡ଼ାନ୍ତ ହାଇସ୍ପିଡ୍ ଟାକ୍ସି ଟେଷ୍ଟିଂ କରାଯାଉଛି। ଏହି ଉଡ଼ନ୍ତା କାର୍‌କୁ ଗ୍ୟାରେଜରେ ପାର୍କିଂ କରିହେବ। ଏହାର ଗତି ଘଣ୍ଟାପ୍ରତି ୩୦୬ କିଲୋମିଟର ପର୍ଯ୍ୟନ୍ତ ରହିପାରିବ ବୋଲି ଇଞ୍ଜିନିୟରମାନେ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୨,୧୦୦ ଗ୍ରାହକ ଏହାକୁ କିଣିବା ପାଇଁ ରିଜର୍ଭେସନ ବୁକିଂ କରିସାରିଲେଣି। ୩ ଚକ ବିଶିଷ୍ଟ ଏରିଅଲ୍ ମୋଟରର ଚାଳକ ନିଜ ଗ୍ୟାରେଜ୍‌ରୁ ନିକଟସ୍ଥ ଏୟାରପୋର୍ଟକୁ ଏହାକୁ ଉଡ଼ାଣ କରି ନେଇପାରିବେ। ବିମାନବନ୍ଦରରେ ପହଞ୍ଚିବା ପରେ ସୁଇଚ୍ ଦବାଇଲେ ୩ ମିନିଟ୍ ମଧ୍ୟରେ ଫ୍ଲାଇଂ କାର୍‌ର ୱିଙ୍ଗ୍‌ସ ଖୋଲିଯିବ ଓ ଟେଲ୍ ଲମ୍ବିଯିବ। ଏୟାରଷ୍ଟ୍ରିପ୍‌ରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ୍ କରିବା ପରେ ଉକ୍ତ ଯାନକୁ ପୁନର୍ବାର ଡ୍ରାଇଭିଂ ମୋଡ୍‌କୁ ପରିବର୍ତ୍ତିତ କରାଯାଇପାରିବ। ଏହା ୧୬,୦୦୦ ଫୁଟ ଉଚ୍ଚତାରେ ଉଡ଼ିପାରିବ।

# ମାସକ ମଧ୍ୟରେ ଶାଶୁଘର ଛାଡ଼ିବେ ବର୍ଷା

କଟକ ଅଫିସ,୩୦।୮

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ମାସକ ମଧ୍ୟରେ ଶାଶୁଘର ଛାଡ଼ିବେ। ଏନେଇ ବର୍ଷାଙ୍କ ପକ୍ଷରୁ ଅଦାଲତଙ୍କୁ ଜଣାଯିବା ପରେ ଜିଲାଜଜ୍ କୋର୍ଟରେ ଚାଲିଥିବା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ପତ୍ନୀ ବର୍ଷାଙ୍କ ପାରିବାରିକ ମାମଲାର ଅନ୍ତ ଘଟିଛି। ସେ ଅନ୍ୟତ୍ର ରହିବା ନିମନ୍ତେ ଅନୁଭବ ମାସକୁ ୩୦ ହଜାର ଟଙ୍କା ପ୍ରଦାନ କରିବେ। ଫଳରେ ଏହି ପ୍ରସଙ୍ଗରେ ଏସ୍‌ଡିଜେଏମ୍ କୋର୍ଟ ଦେଇଥିବା ନିଷ୍ପତ୍ତି ଜିଲା ଜଜ୍ କୋର୍ଟରେ କାଏମ ରହିଲା।

ପ୍ରକାଶ ଯେ, ଅନୁଭବ ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ହୋଇଥିବା ପାରିବାରିକ ବିବାଦ ପରେ ବର୍ଷା ଶାଶୁଘର ଛାଡ଼ିବା ଲାଗି ସ୍ୱାମୀ ଅନୁଭବ କଟକ ଏସ୍‌ଡିଜେଏମ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ଏସ୍‌ଡିଜେଏମ୍ କୋର୍ଟ ଗତ ଜୁନ୍ ୨ରେ ବର୍ଷାଙ୍କୁ ନନ୍ଦିସାହିସ୍ଥିତ ଅନୁଭବଙ୍କ ପୈତୃକ ଘର ଛାଡ଼ି ଅନ୍ୟତ୍ର ଘର ଭଡ଼ା ନେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଅନୁଭବ ମାସକୁ ୩୦ହଜାର ଟଙ୍କା ଦେବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଦାଲତଙ୍କ ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ବର୍ଷା ଜିଲା ଜଜ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପ୍ରାରମ୍ଭିକ ଶୁଣାଣି କରି ଜିଲାଜଜ୍ ସ୍ଥଗିତାଦେଶ ଦେଇଥିଲେ। ମଙ୍ଗଳବାର ବର୍ଷା ଏକ ମେମୋ ଦାଖଲ କରି ମାସେ ମଧ୍ୟରେ ଅନୁଭବଙ୍କ ଘର ଛାଡ଼ିବାକୁ କୋର୍ଟରେ ଦର୍ଶାଇବା ପରେ ଜିଲାଜଜ୍ ଉକ୍ତ ମାମଲାକୁ ବନ୍ଦ କରିଦେଇଛନ୍ତି।



## ହାଇକୋର୍ଟରେ ଶୁଣାଣି ୭କୁ ଘୁଞ୍ଚିଲା

କଟକ ଅଫିସ,୩୦।୮

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପାରିବାରିକ ମାମଲାରେ ଏମ୍‌ପି ଅନୁଭବ ମହାନ୍ତିଙ୍କୁ ଅଧିକ ଜେରା ପାଇଁ ହାଇକୋର୍ଟରେ ଆଗତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୭ତାରିଖକୁ ଧାର୍ଯ୍ୟ ହୋଇଛି। କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦକୁ ନେଇ କଟକ ପରିବାର ଅଦାଲତରେ ଚାଲିଥିବା ମାମଲାରେ ଅନୁଭବଙ୍କୁ ଅଧିକ ଜେରା କରିବା ପାଇଁ ବର୍ଷା ପରିବାର ଅଦାଲତରେ ଆବେଦନ କରିଥିଲେ। ମାତ୍ର ଅଦାଲତ ଏହାକୁ ଖାରଜ କରିଦେବା ପରେ ବର୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଉକ୍ତ ମାମଲାର ଶୁଣାଣି ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏହା ପରବର୍ତ୍ତୀ ତାରିଖକୁ ଘୁଞ୍ଚିଛି।

# କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା





କୃତୀ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।



ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ, ଦ୍ୱାଦଶ ଓ ଜେଇଇ ମେନ୍ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରଠାରେ ମଙ୍ଗଳବାର ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶାର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ରାଜ୍ୟର ପ୍ରତି ବ୍ଲକ ତଥା ଭୁବନେଶ୍ୱରରେ ଗୋଟିଏ ଆଇକନିକ ଆଦର୍ଶ ସ୍କୁଲ ରହିଛି । ସିବିଏସ୍‌ଇ ଢାଞ୍ଚାରେ ଏହି ସ୍କୁଲଗୁଡ଼ିକରେ ହଷ୍ଟେଲ ସୁବିଧା ସହିତ ପାଠ ପଢ଼ାଯାଉଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ ହେଲେ ମୟୂରଭଞ୍ଜ ଜିଲାର ଝରଗାଁ ଆଦର୍ଶ ବିଦ୍ୟାଳୟର ଆଦର୍ଶ ସାହୁ, କୋରାପୁଟ ଜିଲାର କୋଟପାଡ଼ ଆଦର୍ଶ ବିଦ୍ୟାଳୟର ଓମ୍ ଆର୍ଯ୍ୟାନ ବିଶ୍ୱାଳ, ଗଞ୍ଜାମ ଜିଲାର ପିତାପଲ୍ଲୀ ଆଦର୍ଶ ବିଦ୍ୟାଳୟର ଉତ୍କଳ ପଟ୍ଟନାୟକ, କଳାହାଣ୍ଡି ଜିଲାର ମଶାଣିମୁଣ୍ଡା ଆଦର୍ଶ ବିଦ୍ୟାଳୟର ଦିବେନ୍ଦୁ ସାହାନାଇ, କେନ୍ଦୁଝର ଜିଲାର ଶାଳପଡ଼ା ଆଦର୍ଶ ବିଦ୍ୟାଳୟର ହେମନ୍ତ ବେହେରା, ଗଞ୍ଜାମ ଜିଲାର ସୋରଡ଼ା ଆଦର୍ଶ ବିଦ୍ୟାଳୟର ଶୁଭମ୍ ପ୍ରସାଦ ଗୌଡ଼, ଗଞ୍ଜାମ ଜିଲାର ଶାସନ ଆମ୍ବଗାଁ ଆଦର୍ଶ ବିଦ୍ୟାଳୟର ସୁମନ କୁମାରୀ ମହାରଣା, ମୟୂରଭଞ୍ଜ ଜିଲାର ଝରଗାଁ ଆଦର୍ଶ ବିଦ୍ୟାଳୟର ସରିତା ମାର୍ଡି, ମୟୂରଭଞ୍ଜ ଜିଲାର ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ମାନସ ମହୋଦଧି ପୂର୍ତ୍ତି, କୋରାପୁଟ ଜିଲାର ମାଛରା ଆଦର୍ଶ ବିଦ୍ୟାଳୟର ସ୍ୱସ୍ତିକ ଆଦିତ୍ୟ ରଞ୍ଜନ । ଏମାନେ ସମସ୍ତେ ଜେଇଇ ମେନ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ।

ସେହିପରି ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ କେନ୍ଦୁଝର ଜିଲାର ଶାଳପଡ଼ା ଆଦର୍ଶ ବିଦ୍ୟାଳୟର ଇଶାନୀ ବିଶୋଇ, ଗଞ୍ଜାମ ଜିଲାର ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟର ଏସ୍. ଅନୁଭବ ଦୋରା, ଗଞ୍ଜାମ ଜିଲାର କରାପଲ୍ଲୀ ଆଦର୍ଶ ବିଦ୍ୟାଳୟର ଏମ୍. ମୋହିତ ରେଡ୍ଡୀ, କୋରାପୁଟ ଜିଲାର କୋଟପାଡ଼ ଆଦର୍ଶ ବିଦ୍ୟାଳୟର ଓମ୍ ଆର୍ଯ୍ୟାନ ବିଶ୍ୱାଳ, ଗଞ୍ଜାମ ଜିଲାର ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟର ସିପଦ ଯଜ୍ଞ ପ୍ରସାଦ ଆଚାରୀ।

ସେହିପରି ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ସମ୍ବର୍ଦ୍ଧିତ ହୋଇଥିବା ପିଲାମାନେ ହେଲେ କଳାହାଣ୍ଡି ଜିଲାର ମୁଖିଗୁଡ଼ା ଆଦର୍ଶ ବିଦ୍ୟାଳୟର ସୁଧନ୍ୟା ପତି, ମୟୂରଭଞ୍ଜ ଜିଲାର ଗରୁଡବସା ଆଦର୍ଶ ବିଦ୍ୟାଳୟର ବୈବଶ୍ୱେତା ଆଚାର୍ଯ୍ୟ। ମୁଖ୍ୟମନ୍ତ୍ରୀ ଆଦର୍ଶ ବିଦ୍ୟାଳୟରେ ସେମାନଙ୍କ ଅନୁଭୂତି ସମ୍ପର୍କରେ ପିଲାମାନଙ୍କୁ ପଚାରି ବୁଝିଥିଲେ ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ପିଲାମାନଙ୍କ ସହ ମତ ବିନିମୟ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଦର୍ଶ ବିଦ୍ୟାଳୟରେ କିପରି ଆହୁରି ପ୍ରଭାବଶାଳୀ ଶିକ୍ଷାଦାନ କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କ ମତାମତ ଲୋଡ଼ିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ଆଦର୍ଶ ବିଦ୍ୟାଳୟ ସଂଗଠନର ଅଧ୍ୟକ୍ଷ ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଭାଗୀୟ ସଚିବ ଅଶ୍ୱଥି ଏସ୍. ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ବରିଷ୍ଠ ଅଧିକାରୀ ଏବଂ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

# କପି କରି ଧରା ପଡିଥିବା ୯ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ଆରମ୍ଭ

ମାଲକାନଗିରି, ୩୦।୮ (ଡି.ଏନ୍.ଏ)

ମାଲକାନଗିରି ଜିଲା ସଦର ମହକୁମାରେ ସୋମବାର ହୋଇଥିବା ଓଟିଇଟି ପରୀକ୍ଷା ସମୟରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବା ପୂର୍ବରୁ ପରୀକ୍ଷାର ପ୍ରଶ୍ନ ଓ ଉତ୍ତର ପତ୍ର ମୋବାଇଲରୁ ମୋବାଇଲକୁ ଘୂରି ବୁଲିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ମାନସ ଜେନା ଓ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏହାର ତଦନ୍ତ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଜେନା କହିଛନ୍ତି, ଯେଉଁ ପ୍ରଶ୍ନ ପତ୍ର ଓ ଉତ୍ତର ପତ୍ର ଭାଇରାଲ ହୋଇଛି ତାହା ମାଲକାନଗିରିରେ ହୋଇନାହିଁ। ତେବେ ଏ ସମ୍ପର୍କରେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ମାଲକାନଗିରି ବିଜ୍ଞାନ ମହାବିଦ୍ୟାଳୟରେ ୫ ଜଣ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷାରେ କପିକରି ଧରା ପଡିଛନ୍ତି। ଏହି ୯ ଜଣଙ୍କ ପ୍ରଶ୍ନ ଓ ଉତ୍ତର ପତ୍ରକୁ ଜବତ କରାଯାଇ ଭୁବନେଶ୍ୱର ବୋର୍ଡ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପଠାଯାଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ସୁପାରସ କରାଯାଇଛି।







# ୨୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇବେ ଗଜାନନ

ଜଟଣୀ,୩୦।୮(ଡି.ଏନ୍.ଏ.)

ଆଜି ଗଣେଶ ପୂଜା। ଏଥିପାଇଁ ଉତ୍ସବ ମୁଖର ଗାଁ ଠୁ ସହର। କରୋନା କଟକଣା ହଟିବା ପରେ ଏଥର ବିଘ୍ନ ବିନାଶକଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧାର ଜଟଣୀ ସହର। ଛକ, ବଜାର, ଗଳିକନ୍ଦିରେ ଭିଭିନ୍ନ ବେଶ, ଭିନ୍ନ ଆକୃତିର ଗଜାନନଙ୍କୁ ପୂଜା କରିବାକୁ ପ୍ରସ୍ତୁତ ରହିଛନ୍ତି ଶ୍ରଦ୍ଧାଳୁ। ପୂଜାମଣ୍ଡପ ଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ସୁଉଚ୍ଚ ମୂର୍ତ୍ତି ଏବଂ ତୋରଣ ଏଥର ମୁଖ୍ୟ ଆକର୍ଷଣ ସାଜିବ। କେତେକ ସ୍ଥାନରେ ଭଜନ ସମାରୋହ ସାଙ୍ଗକୁ ମେଲୋଡ଼ି ସନ୍ଧ୍ୟା ପୂଜାର ମାହୋଲକୁ ଆହୁରି ଦ୍ୱିଗୁଣିତ କରିବ। ଜଟଣୀ ଓ ଏହାର ଆଖପାଖ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଗଜାନନ ପୂଜା ପାଇବେ। ଅନ୍ୟପକ୍ଷରେ ପୂଜା ଠାରୁ ଭସାଣି ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।



ଥାନାଛକ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରସ୍ତୁତ ଗଣେଶ ମୂର୍ତ୍ତି।

ଏହି ପରିପ୍ରେକ୍ଷୀରେ ଗୋଲେଇ ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ମଣ୍ଡପରେ ପୂଜା ପାଉଥିବା ଠାକୁରଙ୍କୁ ଥାନପତି କୁହାଯାଇଥାଏ। ଦୀର୍ଘ ୮୨ବର୍ଷ ଧରି ଏହି ମଣ୍ଡପରେ ପୂଜା ପାଇଁ ଆସୁଛନ୍ତି। ଜଣେ ଜୋତା ଦୋକାନୀ ସ୍ୱର୍ଗତ ପୂର୍ଣ୍ଣ ଖମ୍ବ, ମୁକୁନ୍ଦ ସାହୁ, ପାନ୍ନା ଲାଲ, ମଦନ ବାବୁଙ୍କ ସମେତ ବହୁ ବ୍ୟବସାୟୀ ତ୍ରିମୂର୍ତ୍ତିଙ୍କୁ ବସାଇ ପୂଜା ଆରମ୍ଭ କରିଥିବା ଲୋକେ କୁହନ୍ତି। ଚଳିତ ଥର ପୂଜାକୁ ଆକର୍ଷଣୀୟ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ରାଜସ୍ଥାନ ପାଲେସ ଏବଂ ୭ଟି ବିଭିନ୍ନ ଡିଜାଇନର ଫ୍ଲେକ୍ସିବିଲ ଲାଇଟ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବ ବୋଲି ବ୍ୟବସାୟୀ ସଂଘ ସମ୍ପାଦକ ତ୍ରିଲୋଚନ ପଟ୍ଟନାୟକ କହିଛନ୍ତି। ଗଣେଶ ଚତୁର୍ଥୀ ଠାରୁ ଭସାଣି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଭୋଗ ଠାକୁରଙ୍କ ନିକଟରେ ଲାଗି ହୋଇଥାଏ। ପ୍ରଥମ ଏବଂ ଶେଷ ଦିବସରେ ହଜାରେ କୁଇଣ୍ଟାଲର ବେସନ ଲଡୁ ବ୍ୟବସାୟୀ ଏବଂ ଶ୍ରଦ୍ଧାଳୁଙ୍କୁ କମିଟି ପକ୍ଷରୁ ବଣ୍ଟା ଯାଇଥାଏ। ଏକାଦଶୀ ତିଥିରେ ଗଜା ମୁଗ, ପାତି ନଡ଼ିଆ ଏବଂ ବୁଟ ଭୋଗ ହୋଇଥାଏ। ଭିଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ସମ୍ପାଦକ ପଟ୍ଟନାୟକ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................


ଆଦୀ
ପରିବାରବର୍ଗ


ଜ୍ୟୋତି ରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଅଡୁଆ ଚାନ୍ଦିନୀ ରାତି**
**ଦାରୀକି ଅଡୁଆ ପୁଅ**
**ମାଳୀକି ଅଡୁଆ ଛେଳି ବଳଦ**
**ଦୁଃଖୀକି ଅଡୁଆ ଝିଅ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତି ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡ଼ିଯିବାର ଭୟ ରହିଥାଏ। ଦାରୀ ବା ବିଟପୀ ନାରୀର ବୃତ୍ତି ପକ୍ଷେ ପୁଅ ପ୍ରତିବନ୍ଧକ ସାଜିଥାଏ। ଛେଳି ବଳଦ ଗଛଡାଳ ଖାଇଯାଉଥିବାରୁ ତାଙ୍କୁ ପାଳିବା ମାଳୀ ପକ୍ଷେ ଅସୁବିଧାଜନକ ହୋଇଥାଏ। ସେହିପରି ଦୁଃଖୀରଙ୍କୀ ବ୍ୟକ୍ତି ବଡ଼ ଦୁଃଖ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ଝିଅ ହେଲେ ତା'ର ବିବାହ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚୁଡାକୁ ସୁନ୍ଦର ଗୁଡ଼ ଦହି**
**ଦୁଧକୁ ସୁନ୍ଦର ନବାତ ଖଇ।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଚୁଡାକୁ ଗୁଡ଼ ଓ ଦହି ସାଙ୍ଗରେ ମିଶେଇ ଖାଇଲେ ସୁଆଦ ଲାଗେ। ଠିକ୍ ସେମିତି ଦୁଧକୁ ଖଇ କନ୍ଦ ସଙ୍ଗେ ମିଶେଇ ଖାଇଲେ ଭାରି ଭଲ ଲାଗେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପିହୁ ନିଖୋଜ ଘଟଣା: ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା

## ସିବିଆଇ ତଦନ୍ତ ନ ହେଲେ ଧାରଣା ଦେବେ ମୋନାଲିସା

**ବିଞ୍ଝାରପୁର,୩୦।୮ (ଡି.ଏନ.ଏ.)**

ବହୁଚର୍ଚ୍ଚିତ ପିହୁ ନିଖୋଜ ଘଟଣାରେ ବିଞ୍ଝାରପୁର ପୋଲିସ ପକ୍ଷରୁ ମଙ୍ଗଳବାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। କୌଣସି ବ୍ୟକ୍ତି ଯଦି ବିଞ୍ଝାରପୁର ପୋଲିସକୁ ପିହୁଙ୍କ ସମ୍ପର୍କରେ ଖବର ଦିଅନ୍ତି ତେବେ ସେ ବ୍ୟକ୍ତିଙ୍କୁ ପୁରସ୍କାର ରାଶି ଦିଆଯିବ ବୋଲି ଆଇଆଇସି ରଞ୍ଜିତ ମହାନ୍ତିଙ୍କ ପକ୍ଷରୁ ଘୋଷଣା କରାଯିବା ସହ ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି।

ଯାଜପୁର ଜିଲା ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର ଲକ୍ଷ୍ମଣ ନାୟକ ଓ ମୋନାଲିସା ନାୟକଙ୍କ ୨ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ୍ ପିହୁ ଗାଁ ଦାଣ୍ଡରେ ଖେଳୁଥିବା ବେଳେ ୨୦୨୦ ଅଗଷ୍ଟ ୯ ତାରିଖ ପୂର୍ବାହ୍ନରେ ନିଖୋଜ ହୋଇ ଯାଇଥିଲେ। ଏ ସମ୍ପର୍କରେ ତାଙ୍କ ମା'ମୋନାଲିସା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଘଟଣାକୁ ହାଲୁକା ଭାବେ ଗ୍ରହଣ କରିବାସହ ନଂ.୨୨୮/୨୦ରେ ଏକ ଅପହରଣ ମାମଲା ରୁଜୁକରି ଚୁପ ବସିଯାଇଥିଲା। ପରେ ଘଟଣାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ପୋଲିସ ଉପରେ ଚାପ ସୃଷ୍ଟି କରାଯିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଝିଅକୁ ପାଇବା ପାଇଁ ମୋନାଲିସା ଏସ୍‌ପିଙ୍କଠାରୁ ଆରମ୍ଭ କରି ଜିଲାପାଳ, ରାଜ୍ୟ ପୋଲିସ ମୁଖ୍ୟାଳୟ, ରାଜ୍ୟ ମହିଳା କମିସନଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଥିଲେ। ହେଲେ କେବଳ ପ୍ରତିଶ୍ରୁତି ଛଡା କିଛି ପାଇ ନ ଥିଲେ। ଘଟଣାକୁ ଇତି ମଧ୍ୟରେ ୨ ବର୍ଷ ବିତିଥିଲେ ବି ଅଦ୍ୟାବଧି ପିହୁଙ୍କ ସନ୍ଧାନ ମିଳିନି। ଚଳିତ ମାସ ୮ ତାରିଖରେ ମୋନାଲିସା ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ପିହୁ ନିଖୋଜ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ସେହିପରି ସୋମବାର ମୋନାଲିସା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ଦ୍ୱାରସ୍ଥ ହେବାସହ ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ଅନ୍ୟପକ୍ଷରେ ପୁରସ୍କାର ରାଶି ଘୋଷଣାକୁ ନେଇ ମୁହଁ ଖୋଲିଛନ୍ତି ମୋନାଲିସା। ସେ କହିଛନ୍ତି, ପୂର୍ବରୁ ମଧ୍ୟ ପୋଲିସ ପକ୍ଷରୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏବେ ପୁରସ୍କାର ରାଶିକୁ ବଢ଼ାଇ ୫ ଲକ୍ଷ କରାଯାଇଛି। ମୋର ଦାବି ସିବିଆଇ ତଦନ୍ତ ନିର୍ଦ୍ଦେଶ। ଯଦି ୧୫ ଦିନ ମଧ୍ୟରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ନ ଦିଆଯାଏ ତେବେ ସେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବି ବୋଲି କହିଛନ୍ତି।

# ରାଇବଣିଆ କିଲ୍ଲାର ସଂରକ୍ଷଣ ଲାଗି ନିର୍ଦ୍ଦେଶ

## ମନ୍ମଥ-ମନୋଜ ମେମୋରିଆଲ ମ୍ୟୁଜିୟମ୍ କାର୍ଯ୍ୟର ସମୀକ୍ଷା କଲେ ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର,୩୦।୮ (ବ୍ୟୁରୋ)**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମଙ୍ଗଳବାର ବାଲେଶ୍ୱର ଜିଲାର ଜଳେଶ୍ୱର ରାଇବଣିଆ ଫୋର୍ଟ (କିଲ୍ଲା) ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପୁରାତନ କିଲ୍ଲାର ସଂରକ୍ଷଣ ଲାଗି ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରସିଦ୍ଧ ଲେଖକ ସ୍ୱର୍ଗତ ପଦ୍ମଭୂଷଣ ମନୋଜ ଦାସ ଏବଂ ପ୍ରଖ୍ୟାତ ଐତିହାସିକ ଡ. ମନ୍ମଥନାଥ ଦାସଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସେମାନଙ୍କ ପୈତୃକ ଗ୍ରାମ ଭୋଗରାଇ ବ୍ଲକର ଶଙ୍ଖାରୀ ଗ୍ରାମକୁ ଯାଇ ନିର୍ମାଣ ହେବାକୁ ଥିବା ମନ୍ମଥ-ମନୋଜ ମେମୋରିଆଲ ମ୍ୟୁଜିୟମ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ତୁରନ୍ତ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ଭୋଗରାଇ ବିଧାୟକ ତଥା ବାଲେଶ୍ୱର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅନନ୍ତ ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଅନ୍ୟ ଅଧିକାରୀ, ମନ୍ମଥନାଥ ଦାସଙ୍କ ପୁତ୍ରବଧୂ ରଞ୍ଜିତା ଦାସ, ମନ୍ମଥ-ମନୋଜ ଫାଉଣ୍ଡେଶନର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟୁଜିୟମ ନିର୍ମାଣ ନେଇ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ମନ୍ତ୍ରୀ ପାତ୍ର ଉଦୟପୁର ବେଳାଭୂମି ପରିଦର୍ଶନ ଓ ୱାଟର ସ୍ପୋର୍ଟସ୍ ଉଦ୍‌ଘାଟନ କରିଥିଲେ। ତାଳସାରୀସ୍ଥିତ ପାନ୍ଥଶାଳା ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ପାତ୍ର ଯୋଗଦେଇ ତାଳସାରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ପ୍ରାଚୀର ନିର୍ମାଣ ଓ ବିଦ୍ୟୁତ୍‌କରଣ ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢୀ, ବିଧାୟକ ଦାସ, ଜିଲାପାଳ, ଭୋଗରାଇ ତହସିଲଦାର ଓ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧.୨ ଲକ୍ଷ ହେକ୍ଟର...

ପ୍ରଥମ ପୃଷ୍ଠାରୁ...

ଗରିବ, ନିମ୍ନମଧ୍ୟବିତ୍ତ ବର୍ଗ ପରିବାରଙ୍କ ପକ୍ଷେ ପନିପରିବା କିଣିବା କାଠିକର ପାଠ ହୋଇଛି। ସ୍ଥାନୀୟ ଅଞ୍ଚଳରୁ ସହରାଞ୍ଚଳକୁ ଆସୁଥିବା ପନିପରିବା ବନ୍ଦ ହୋଇଯିବା ଯୋଗୁ ଦର ଅହେତୁକ ବୃଦ୍ଧି ହୋଇଛି।

ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି)ଙ୍କ ଦ୍ୱାରା ଜାରି କରାଯାଇଥିବା ଏନ୍‌ଡିଆର୍‌ଏଫ୍/ ଏସ୍‌ଡିଆର୍‌ଏଫ୍‌ର ମାର୍ଗଦର୍ଶିକା ଅନୁସାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସଲ କ୍ଷୟକ୍ଷତିର ଆକଳନ କରି ଅଗଷ୍ଟ ୨୭ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ କୃଷି ବିଭାଗ କ୍ଷେତ୍ର ଅଧିକାରୀମାନଙ୍କୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗତ ୨୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠାରେ ବନ୍ୟାଜଳ ଛାଡ଼ି ନ ଥିବ ଏବଂ କ୍ଷୟକ୍ଷତିର ଆକଳନ ସମ୍ଭବ ହେଉ ନ ଥିବ ସେ କ୍ଷେତ୍ରରେ ଅଗଷ୍ଟ ୩୦ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ଏଥିସହିତ ବନ୍ୟାପ୍ରଭାବିତ ଅଞ୍ଚଳରେ ସଅଳ କିସମର ଧାନ ବିହନର ଆବଶ୍ୟକତା ଏବଂ ଅଣଧାନ ଫସଲ ଯଥା ଡାଲି, ତୈଳବୀଜ, ପନିପରିବା ବିହନର ଆବଶ୍ୟକତା ଆକଳନ କରି ସମ୍ପୃକ୍ତ ନିର୍ଦ୍ଦେଶାଳୟଗୁଡ଼ିକୁ ଜଣାଇବା ପାଇଁ କୁହାଯାଇଛି। ବନ୍ୟା ଯୋଗୁ କୃଷି ସାମଗ୍ରୀ ଯଥା ବିହନ, ସାର ଏବଂ କୀଟନାଶକ ଗଚ୍ଛିତ ରଖିବାରେ କୌଣସି ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପରେ ଫସଲରେ ରୋଗପୋକ ଲାଗିଲାଣି। ତେଣୁ ରୋଗପୋକ ନିରୀକ୍ଷଣ ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ପୁରୀ ଜିଲାର ଉଭୟ ସରକାରୀ ଓ ବେସରକାରୀ ମତ୍ସ୍ୟ ଫାର୍ମଗୁଡ଼ିକର କ୍ଷୟକ୍ଷତି ଆକଳନ ପାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ୨୦୫୦ ସୁଦ୍ଧା...

କରାଯାଇଛି। ବିଗତ ୫୦ ବର୍ଷରେ ହୋଇଥିବା ବିପର୍ଯ୍ୟୟଜନିତ କ୍ଷୟକ୍ଷତିଠାରୁ ଏହି ପରିମାଣ ଢେର ଅଧିକ। ୧୯୭୦ରୁ ୨୦୨୧ ମଧ୍ୟରେ ଘଟିଥିବା ସମସ୍ତ ପ୍ରାକୃତିକ ବିପର୍ଯ୍ୟୟରେ ବିଶ୍ୱକୁ ୩.୬୪ ଟ୍ରିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଥିବା ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ତଥ୍ୟରୁ ସ୍ପଷ୍ଟ ହୋଇଛି। ଆଗାମୀ ୩୦ ବର୍ଷରେ କେବଳ ଆମେରିକା ୩.୭ ଟ୍ରିଲିୟନ୍ ଡଲାର କ୍ଷତି ସହିବ ବୋଲି ଜିଏଚ୍‌ଡିର ପାଣିପାଗ ବିଜ୍ଞାନୀମାନେ ଭବିଷ୍ୟବାଣୀ କରିଛନ୍ତି। ଗତ ଏପ୍ରିଲରେ ଆମେରିକାର ଅଫିସ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ବଜେଟ ପକ୍ଷରୁ କରାଯାଇଥିବା ଏକ ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ୨୧୦୦ ମସିହା ସୁଦ୍ଧା ଆମେରିକୀୟ ବଜେଟର ବାର୍ଷିକ ୨ ଟ୍ରିଲିୟନ୍ ଡଲାର କ୍ଷତି ହେବ। ଜଳବାୟୁ ବିଜ୍ଞାନୀଙ୍କ ଏହି ନକାରାତ୍ମକ ଦୃଷ୍ଟିକୋଣ ଏଭଳି ସମୟରେ ଦେଖିବାକୁ ମିଳିଛି, ଯେତେବେଳେ କି ଆମେରିକା ଆଧୁନିକ ଇତିହାସରେ ଜଳବାୟୁ ପରିବର୍ତ୍ତନର ସବୁଠୁ ଭୟଙ୍କର ଦୁଷ୍ପରିଣାମ ଭୋଗୁଛି। କେବଳ ୨୦୨୧ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବିଶ୍ୱର ୨୫୨ ବିଲିୟନ୍ ଡଲାର ଆର୍ଥିକ କ୍ଷତି ହୋଇଛି। ଏହି କ୍ଷତିର ପରିମାଣ ୨୦୨୦ ତୁଳନାରେ ୪୭% ଏବଂ ବିଗତ ଦୁଇ ଦଶନ୍ଧି ତୁଳନାରେ ହାରାହାରି ୬୬% ଅଧିକ ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏପିଡେମିଓଲୋଜି ଅଫ୍ ଡିଜିଜେସ୍ ଦ୍ୱାରା ପରିଚାଳିତ ଏମର୍ଜେନ୍ସି ଇଭେଣ୍ଟ୍ସ ଡାଟାବେସ୍ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ମୋଟ ୪୩୨ଟି ବିପର୍ଯ୍ୟୟ ସୃଷ୍ଟିକାରୀ ପ୍ରାକୃତିକ ଘଟଣା ଦେଖିବାକୁ ମିଳିଥିଲା, ଯାହାକି ପ୍ରତିବର୍ଷର ହାରାହାରି ବିପର୍ଯ୍ୟୟ ତୁଳନାରେ ବହୁଗୁଣ ବୋଲି ଗତ ମାର୍ଚ୍ଚରେ ଗବେଷକମାନେ ମତ ଦେଇଥିଲେ। ଉଦାହରଣ ସ୍ୱରୂପ ୨୦୨୧ରେ ୨୨୩ ବନ୍ୟାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ବର୍ଗୀକୃତ କରାଯାଇଥିଲା। ୨୦୦୧ରୁ ୨୦୨୦ ମଧ୍ୟରେ ଏହି ଶ୍ରେଣୀର ବାର୍ଷିକ ବିପର୍ଯ୍ୟୟ ସଂଖ୍ୟା ୧୬୩ ଥିଲା। ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା ଓ ଅବଧିରେ ବୃଦ୍ଧି ହେତୁ ଏହାର ପ୍ରଭାବ ବଢ଼ିବା ଏକ ଟ୍ରେଣ୍ଡ୍ ପାଲଟିଗଲାଣି। ବିଗତ ୫୦ ବର୍ଷରେ ଜଳବାୟୁ ଓ ପାଣିପାଗ ସମ୍ପର୍କିତ ବିପର୍ଯ୍ୟୟ ୪୦୦% ବୃଦ୍ଧି ପାଇଥିବା ଗତ ସେପ୍ଟେମ୍ବରରେ ଡବ୍ଲ୍ୟୁଏମ୍‌ଓ ସୂଚନା ଦେଇଥିଲା। ଏହି ଧାରା ଜାରି ରହିଲେ ଆଗକୁ ସ୍ଥିତି ଆହୁରି ଭୟାବହ ହେବ ବୋଲି ପୂର୍ବରୁ ବୈଜ୍ଞାନିକମାନେ ସତର୍କ କରାଇଥିଲେ, ଯାହାକି ଏବେ ୟୁରୋପ ଓ ଉତ୍ତର ଆମେରିକାରେ ଗ୍ରୀଷ୍ମପ୍ରବାହ, ମରୁଡ଼ି ଓ ବନାଗ୍ନି ରୂପରେ ଦେଖିବାକୁ ମିଳୁଛି। ପାଣିପାଗ ସମ୍ପର୍କିତ ବିପର୍ଯ୍ୟୟରୁ ଆର୍ଥିକ କ୍ଷତି ୧୯୭୦ ଦଶକରୁ ୨୦୧୯ ମଧ୍ୟରେ ୭ ଗୁଣ ବଢ଼ିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ୧୯୭୦ରେ ବିଶ୍ୱର ଦୈନିକ କ୍ଷତି ୪୯ ନିୟୁତ ଡଲାର ଥିବାବେଳେ ୨୦୧୯ ବେଳକୁ ଏହାର ପରିମାଣ ୩୮୩ ନିୟୁତ ଡଲାରରେ ପହଞ୍ଚିଥିଲା।

## ଆଦାନୀ ବିଶ୍ୱର...

ଆର୍ନଲ୍ଟଙ୍କ ସ୍ଥାନ ନେଇ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୨୨ରେ ଆଦାନୀ ତାଙ୍କ ସମ୍ପତ୍ତିରେ ୬୦ ବିଲିୟନ ଡଲାର ଯୋଡ଼ିଛନ୍ତି, ଯାହାକି ଅନ୍ୟମାନଙ୍କ ଅପେକ୍ଷା ୫ଗୁଣ ଅଧିକ। ଫେବୃୟାରୀରେ ସେ ପ୍ରଥମେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏସିଆର ସର୍ବଶ୍ରେଷ୍ଠ ଧନୀ ଭାବେ ଘୋଷିତ ହୋଇଥିଲେ। ପରେ ବିଶ୍ୱର ଚତୁର୍ଥ ଧନୀ ତାଲିକାରେ ଥିବା ମାଇକ୍ରୋସଫ୍ଟ କର୍ପୋରେଶନର ବିଲ୍ ଗେଟ୍‌ସଙ୍କୁ ଗତମାସରେ ଟପି ଥିଲେ। ୬୦ ବର୍ଷୀୟ ଆଦାନୀ କୋଇଲା ବନ୍ଦର, ଡାଟା ସେଣ୍ଟର, ସିମେଣ୍ଟ, ମିଡିଆ ଏବଂ ଆଲୁମିନା କାରବାରରେ ଗତ କିଛି ବର୍ଷ ମଧ୍ୟରେ ବିଶେଷଭାବେ ଉନ୍ନତି କରିଥିବା ବ୍ଲୁମ୍‌ବର୍ଗ ରିପୋର୍ଟରେ ପ୍ରକାଶ ପାଇଛି। ଏବେ ଆଦାନୀ ଗ୍ରୁପ୍ ଭାରତର ସର୍ବବୃହତ ଘରୋଇ ବନ୍ଦର ଏବଂ ବିମାନ ସେବା, ଗ୍ୟାସ ବିତରଣ ଏବଂ କୋଇଲା ଖଣିର ମାଲିକ ଅଛନ୍ତି। ଏହାବ୍ୟତୀତ ଆସନ୍ତା ନଭେମ୍ବରରେ ସବୁଜ ଶକ୍ତି(ଗ୍ରୀନ୍ ଏନର୍ଜି) କ୍ଷେତ୍ରରେ ୭୦ବିଲିୟନ ଡଲାରର ପୁଞ୍ଜି ନିବେଶ କରି ବିଶ୍ୱର ସର୍ବବୃହତ ଅକ୍ଷୟଶକ୍ତି ଉତ୍ପାଦନକାରୀ ହେବାର ଲକ୍ଷ୍ୟ ରଖିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଗତ ଜୁନ୍‌ରେ ଆଦାନୀ ତାଙ୍କ ଜନ୍ମ ଦିବସକୁ ସ୍ମରଣୀୟ କରିବା ପାଇଁ ୭.୭ ବିଲିୟନ ଡଲାର ସାମାଜିକ କ୍ଷେତ୍ରରେ ଖର୍ଚ୍ଚ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ମନକୁ ବିଷାକ୍ତ କରିବ। ପ୍ରତ୍ୟେକ ଘଟଣାକୁ ସନ୍ଦେହ କରିବା କାରଣରୁ ମନ ଭଲ ରହି ନ ପାରେ। ଅବଶ୍ୟ ସାମାଜିକ ସ୍ତରରେ ମଉଜିଆ କଥା କହି ବନ୍ଧୁ ଗହଣରେ ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ବ୍ୟବସାୟକୁ ନେଇ ଚିନ୍ତିତ ରହିବେ ସତ, କିନ୍ତୁ ବିଶେଷ କିଛି ଅସୁବିଧା ହେବ ନାହିଁ।

**ବୃଷ**
ପୂର୍ବରୁ ପରିଶୋଧ କରିବାକୁ ଥିବା ଋଣ, ଦୂରଯାତ୍ରା ଓ ବନ୍ଧୁବର୍ଗଙ୍କ ବିଷୟରେ ଚିନ୍ତା କରିବେ। କର୍ମକ୍ଷେତ୍ରରେ ସ୍ନେହ, ସହାନୁଭୂତି ଯୋଗୁ ଦୁଃଖ କିଛି କ୍ଷଣ ପାଇଁ ଭୁଲିଯିବେ। ମନରେ ଘାରି ହେଉଥିବା ଘଟଣାଗୁଡ଼ିକ ସମାଧାନ ସକାଶେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ପୁରାତନ ରୋଗର ପ୍ରାଦୁର୍ଭାବ କ୍ରମଶଃ ବୃଦ୍ଧି ପାଇବ।

**ମିଥୁନ**
ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଧୈର୍ଯ୍ୟ ଓ ସହନଶୀଳତା ଗୁଣରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ବନ୍ଧୁଙ୍କୁ ସାହାଯ୍ୟ କରିବାରେ ସମର୍ଥ ହେବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସମସ୍ୟା ଦେଖା ଦେବ, କିନ୍ତୁ ଅସୁବିଧା ହେବନି। ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେତୁ କୌଣସି ନିଷ୍ପତ୍ତି ନେବାରେ ବିଳମ୍ବ ହେବ।

**କର୍କଟ**
ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ ଓ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି। ସାହିତ୍ୟ, କ୍ରୀଡ଼ା, ଶିଳ୍ପ, ବାଣିଜ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ଦୈନନ୍ଦିନ ଜୀବନଚର୍ଯ୍ୟା ଆଶା ଓ ନିରାଶା ମଧ୍ୟରେ ଦିନଟି ବିତେଇବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିବା କାରଣରୁ ଘରୁ ଗାଳି ଖାଇପାରନ୍ତି। କାହାଠାରୁ କିଛି ନିଜ ଘର ବିଷୟରେ ଶୁଣି ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ପ୍ରଶଂସାଯୋଗ ରହିଛି।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ ହେବ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ସହକର୍ମୀଙ୍କ ଖାମଖିଆଲ ନୀତି ଫଳରେ କାମଗୁଡ଼ିକ ବିଶୃଙ୍ଖଳିତ ହେବ। ଆଜି ସକାଳୁ ସକାଳୁ ବୁଲିବା ସାଙ୍ଗକୁ କିଛି ନୂତନ ଖବର ପାଇବାର ସୁଯୋଗ ଜୁଟିବ। ଦୂରରେ ଥିବା ସନ୍ତାନଙ୍କଠାରୁ ସୁଖବର ପାଇବେ।

**ତୁଳା**
ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଗତକାଲିର ଯୋଜନା ଠିକ୍ ଭାବରେ ସମ୍ପନ୍ନ କରିବା ପାଇଁ ବହୁତ ପ୍ରକାରର ଚେଷ୍ଟା କରିପାରନ୍ତି।

**ବିଛା**
ଆଜି ଦିନଟିରେ ଏକ ମଧୁର ଅନୁଭୂତିକୁ ନେଇ ଦିନଟି କଟିବ। ଆଶା କରିଥିବା ଅର୍ଥ ସାମାନ୍ୟ ବିଳମ୍ବରେ ପାଇବେ। ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। ଘରେ ବନ୍ଧୁମିଳନ ଓ ଖୁସିର ଆସର ଜମିପାରେ। ବିଦେଶରେ ଥିବା ବନ୍ଧୁ ଆସିପାରନ୍ତି।

**ଧନୁ**
ଆଜି ଆକସ୍ମିକ କଳହ, ଅନ୍ୟମନସ୍କ କାରଣରୁ କିମ୍ବା ଚୋରିଜନିତ ଧନହାନିର ସୂଚନା ରହିଛି। ଆଦୌ ପଟୁନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ କାମଗୁଡ଼ିକ ଆଶାନୁରୂପ ହେବା କାରଣରୁ ମନ ଖୁସି ହୋଇଯିବ। ଆପଣଙ୍କ ସୁଖ ସୌଭାଗ୍ୟ ଅନ୍ୟର ମନରେ ଈର୍ଷା ସୃଷ୍ଟି କରିପାରେ। ଅତିଥି କିମ୍ବା ବନ୍ଧୁଙ୍କ ମତିଗତି ଓ କାର୍ଯ୍ୟ କଳାପରେ ଆନନ୍ଦିତ ହେବା ବଦଳରେ ଅସନ୍ତୁଷ୍ଟ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**
ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ପରିସ୍ଥିତିରେ ପଡ଼ି କରଜ କରିବାକୁ ବାଧ୍ୟ ହେବେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ନଥିବା ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ। ଅଫିସରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିପାରନ୍ତି।

**ମୀନ**
ନିଜର ପ୍ରିୟଜନ ଓ ପ୍ରତ୍ୟେକ ଦିଗରୁ ସାହାଯ୍ୟ, ସହଯୋଗର ସୁଅ ବହି ଆସିବ। ବ୍ୟବସାୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ଓ କଚେରି ମାମଲା କ୍ଷେତ୍ରରୁ ଶୁଭ ଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

## ଓଡ଼ିଶାରେ ସର୍ବାଧିକ...

କୁହାଯାଇଛି। ବାଲ୍ୟ ବିବାହ କ୍ଷେତ୍ରରେ ଓଡ଼ିଶା ୬୪ ମାମଲା ସହ ଦେଶର ପଞ୍ଚମ ସ୍ଥାନ ଅଧିକାର କରିଛି। ୫,୦୬୨ ହତ୍ୟା ଉଦ୍ୟମ ଓ ୨,୮୧୪ଟି ଡକାୟତି ମାମଲା ରୁଜୁ ହୋଇଛି। ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ଏହି ଦୁଇ ଅପରାଧର ହାର ଓଡ଼ିଶାରେ ଦ୍ୱିତୀୟ ସର୍ବାଧିକ। ରାଜ୍ୟରେ ୧,୪୧୧ ଜଣ ହତ୍ୟାର ଶିକାର ହୋଇଥିବାବେଳେ ୫,୬୩୦ ଅପହରଣ ମାମଲା ରୁଜୁ ହୋଇଛି। ଗତବର୍ଷ ହିଟ୍ ଆଣ୍ଡ ରନ୍ ଭଳି ସଡ଼କ ଦୁର୍ଘଟଣା ସମେତ ଅବହେଳା କାରଣରୁ ୫,୦୮୧ ଜଣଙ୍କ ମୃତ୍ୟୁ ଘଟିଥିବା ଏନ୍‌ସିଆର୍‌ବି ରିପୋର୍ଟରେ ଉଲ୍ଲେଖ କରାଯାଇଛି।


# classifieds Everyday
0674-2580101, 2549302




**GROOM WANTED**

48 ବୟସ୍କା ଅନାଥ Divorce Government ଚାକିରିଆ ବଣିଆ ଝିଅଙ୍କୁ ସନ୍ତାନ/ ନିଃସନ୍ତାନ ପୁଅ ଦରକାର। 7749076723. D-1386

39 ବୟସ୍କା Government Officer ଏକାକୀ ରହୁଥିବା ଖଣ୍ଡାୟତ Divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 8327715036. D-1385




**SALE**

**Infocity-II, Madanpur** ପାଖରେ **2000sqft.**କୁ **24,00,000/-** ଟଙ୍କାରେ ପାଚେରି ସହ **plot** ବିକ୍ରିହେବ। **7978617023.** D-1270

**Duplex for sale:- Place near Baba Bhairabananda Mahavidyalaya, Chandikhol, Jajpur land area- 7.5 dec. construction area- 3000sqft. including compound wall @80lakh negotiable. Contact No.- 9938218526.** D-1384

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**Bhubaneswar Sum Hospital ପାଖ ଘଙ୍ଗାପାଟନାରେ ସ୍ଥିତିବାନ ଗୃହୋପଯୋଗୀ ପ୍ଲଟ୍ 30' road, ଇଲେକ୍ଟ୍ରିସିଟି, ବାଉଣ୍ଡରୀ, ପୋଜେସନ ସହ ସମ୍ପୂର୍ଣ୍ଣ develop ହୋଇ ମିଳୁଛି। 9090963952.** D-73300

Bhubaneswar କାଟେଣୀ-ପିତାପଲ୍ଲୀ ଏରିୟାରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open full body massage 1099 free massage one. Mo: 9583808247. D-1164

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Full body massage in homely atmosphere all therapy. Mob: 8114881641. D-73410

**One hour any therapy by expert therapist @999 only. 9078484455.** D-73637

Newly open full body massage ladies and gents. 8327740003, 8093860513. D-73958

**AFFIDAVIT**

By virtue of an affidavit sworn before the Notary Public, Cuttack on dt. 19.08.2021 I, Kangali Charan Malik, S/o- Sadhu Malik Pandiri, Juidaspur, Mahakalapada, Dist.- Kendrapara have changed my name from Kangali Charan Malik to Nakula Charan Malik. Henceforth I shall be known as Nakula Charan Malik for all purposes.
Nakula Charan Malik
D-1388

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆନ୍ନାଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛି ଭାଜପା: କେଜ୍‌ରିୱାଲ



ଅରବିନ୍ଦ କେଜ୍‌ରିୱାଲ — ଆନ୍ନା ହାଜାରେ

**ନୂଆଦିଲ୍ଲୀ, ୩୦।୮**

ଦିଲ୍ଲୀରେ ଚାଲିଥିବା ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଭାଜପାକୁ ଟାର୍ଗେଟ କରିଛନ୍ତି। କେଜ୍‌ରିୱାଲ କହିଛନ୍ତି ଭାଜପା କହୁଛି ମଦ ନୀତିରେ ଦୁର୍ନୀତି ହୋଇଛି। କିନ୍ତୁ ସିବିଆଇ କହିଛି କୌଣସି ଦୁର୍ନୀତି ନାହିଁ। ଲୋକମାନେ ଭାଜପାର ମିଥ୍ୟା ଅଭିଯୋଗ ଶୁଣୁ ନାହାଁନ୍ତି। ବର୍ତ୍ତମାନ ଭାଜପା ଆନ୍ନା ହାଜାରେଙ୍କ କାନ୍ଧରେ ବନ୍ଧୁକ ଧରି ଗୁଳି ଫୁଟାଇବାର ଉଦ୍ୟମ କରୁଛି। ରାଜନୀତିରେ ଏହା ସାଧାରଣ କଥା। ଆମେ ଯେ କୌଣସି ତଦନ୍ତ ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ। ସିବିଆଇ ଏହାର ସମସ୍ତ ଯାଞ୍ଚ ସମାପ୍ତ କରିଛି। ମନୀଷ ସିସୋଡିଆଙ୍କୁ ୧୪ ଘଣ୍ଟା ଧରି ଜେରା କରାଯାଇଛି। ସିସୋଡିଆ ସିବିଆଇ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇଥିଲେ। ତାଙ୍କ ଲକରରୁ କିଛି ମିଳିଲା ନାହିଁ। ତାଙ୍କୁ ଅନୌପଚାରିକ ଭାବେ କ୍ଲିନ୍ ଚିଟ୍ ଦିଆଯାଇଛି। ଅପରପକ୍ଷେ ଭାଜପା ଦିଲ୍ଲୀରେ ବିଧାୟକଙ୍କୁ କୋଟି କୋଟି ଟଙ୍କାରେ କିଣିବାକୁ ଚାହୁଁଛି। ସେନେଇ ତଦନ୍ତ ହେବା ଜରୁରୀ। ଯଦି ଆମେ ଏଥିରୁ ପଳାୟନ କଲୁ ନାହିଁ ତେବେ ସେମାନେ କାହିଁକି ପଛଘୁଞ୍ଚା ଦେଉଛନ୍ତି ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି।

# ‘ଗୁଲାମ ନବୀଙ୍କ ଜ୍ଞାନ ଉଦୟ ହୋଇଛି’

**କଂଗ୍ରେସର କଟାକ୍ଷ**

**ନୂଆଦିଲ୍ଲୀ, ୩୦।୮**

କଂଗ୍ରେସ ଦଳ ତଥା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବା ପରେ ଗୁଲାମ ନବୀ ଆଜାଦଙ୍କୁ ମଙ୍ଗଳବାର କଂଗ୍ରେସ ପକ୍ଷରୁ କଡ଼ା ଜବାବ ଦିଆଯାଇଛି। ଦଳ ପକ୍ଷରୁ କୁହାଯାଇଛି ରାଜ୍ୟ ସଭା ଆସନ ଉପରେ ସଙ୍କଟ ପରେ ହିଁ ଆଜାଦ୍‌ଙ୍କୁ ଦିବ୍ୟଜ୍ଞାନ ପ୍ରାପ୍ତ ହୋଇଛି। ଜମ୍ମୁ-କଶ୍ମୀରରେ ଆଜାଦଙ୍କ ସମର୍ଥନରେ ଦଳ ଛାଡିଥିବା ଅନେକ ନେତାଙ୍କୁ ଗୁରୁତ୍ୱ ନଦେଇ ଦଳର ମୁଖପାତ୍ର ଗୌରବ ବଲ୍ଲଭ ଏହା ମଧ୍ୟ କହିଛନ୍ତି ଯେ କଂଗ୍ରେସ ଏହି ଅଞ୍ଚଳରେ ସୁଦୃଢ଼ ରହିଛି ଏବଂ ଲୋକଙ୍କ ସମସ୍ୟା ସମ୍ପର୍କିତ ପ୍ରସଙ୍ଗ ନେଇ ଲଢ଼େଇ ଜାରି ରଖିଛି। କଂଗ୍ରେସ ମୁଖପାତ୍ର ଆଜାଦଙ୍କୁ ଟାର୍ଗେଟ କରି କହିଛନ୍ତି ଯେଉଁମାନେ ଦଳରୁ ଇସ୍ତଫା ଦିଅନ୍ତି, ପାଞ୍ଚ ପୃଷ୍ଠାର ଚିଠି ଲେଖନ୍ତି, ଇଂରାଜୀରେ ଲେଖନ୍ତି, ସେମାନଙ୍କୁ ପ୍ରଶ୍ନ ହେଉଛି ଆପଣଙ୍କୁ ଏଭଳି ଜ୍ଞାନ ୨୦୨୧ ପୂର୍ବରୁ ମିଳିବା ଉଚିତ ଥିଲା। ୨୦୨୧ ପୂର୍ବରୁ ଆପଣଙ୍କ ଆସନ ସୁରକ୍ଷିତ ଥିଲା ଏବଂ ଆପଣଙ୍କ ବଙ୍ଗଳା ସୁରକ୍ଷିତ ଥିଲା। ଯେତେବେଳେ ଆସନରେ ସଙ୍କଟ ଦେଖାଗଲା ମୁଣ୍ଡରେ ଏଭଳି ଜ୍ଞାନର ଉଦୟ ହେଲା। ସେ କହିଛନ୍ତି ଯେତେ ବାଧା ଆସୁ ନା କାହିଁକି ସେପ୍ଟେମ୍ବର ୪ ରେ ରାମଲୀଳା ମଇଦାନରେ ଦରଦାମ ବୃଦ୍ଧି ବିରୋଧରେ ଏକ ଐତିହାସିକ ରାଲି ହେବ ଏବଂ ସେପ୍ଟେମ୍ବର ୭ରୁ କନ୍ୟାକୁମାରୀରୁ ଭାରତ ଯୋଡୋ ଯାତ୍ରା ଅନୁଷ୍ଠିତ ହେବ। ୧୫୦ ଦିନ ଧରି ରାହୁଲ ଗାନ୍ଧୀ ଦେଶର ବିଭିନ୍ନ ପ୍ରସଙ୍ଗ ଉଠାଇବା ସହ ଦେଶକୁ ଏକଜୁଟ କରିବା ପାଇଁ କାର୍ଯ୍ୟ କରିବେ। ଏଥିସହ ସେ ଅଭିଯୋଗ କରିଛନ୍ତି ସାଧାରଣ ଜନତାଙ୍କ ପ୍ରସଙ୍ଗରେ ଆଜାଦ କଂଗ୍ରେସ ପକ୍ଷରୁ ନରେନ୍ଦ୍ର ମୋଦି ସରକାରଙ୍କୁ ରାଜ୍ୟ ସଭାରେ ପ୍ରଶ୍ନ କରିପାରି ନାହାନ୍ତି। ତେଣୁ ଏବେ ଏଭଳି ଆରୋପ କଂଗ୍ରେସ ବିରୋଧରେ ଆଣୁଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟସଭାରେ ପୂର୍ବତନ ବିରୋଧୀ ଦଳର ନେତା ଗୁଲାମ ନବୀ ଆଜାଦଙ୍କ କାର୍ଯ୍ୟକାଳ ଫେବୃଆରୀ ୨୦୨୧ ରେ ଶେଷ ହୋଇଥିଲା। ଯାହା ପରେ ଦଳ ତାଙ୍କୁ ରାଜ୍ୟ ସଭାକୁ ପଠାଇ ନ ଥିଲା।


**PARADIP PORT AUTHORITY**
PARADIP- 754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No.AD/RSC-II-25/407/2021 Dated, the 24th August, 2022
**NOTICE**
The list of selected candidates for engagement of Traffic Officer on contractual basis is available at Paradip Port Authority website. Candidates appeared in the online written test may visit our website www.paradipport.gov.in. under "Career" to know the result.
PPA/PR/191/22-23 Dt.29.08.2022 — Dy. Secretary, Paradip Port Authority


# ଆଜାଦଙ୍କ ସମର୍ଥନରେ କଂଗ୍ରେସ ଛାଡ଼ିଲେ ୬୪ କଶ୍ମୀରୀ ନେତା

**ଜମ୍ମୁ, ୩୦।୮**

ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାବନବୀ ଆଜାଦ କଂଗ୍ରେସ ଛାଡ଼ିବା ପରେ ଦଳରୁ ଇସ୍ତଫାର ସୁଅ ଛୁଟିବାରେ ଲାଗିଛି। ତାଙ୍କୁ ସମର୍ଥନ ଜଣାଇ କେନ୍ଦ୍ରଶାସିତ ଅଞ୍ଚଳର ୬୪ରୁ ଅଧିକ ନେତା କଂଗ୍ରେସରୁ ଇସ୍ତଫା ଦେଇସାରିଲେଣି। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚନ୍ଦ୍ରଙ୍କ ନେତୃତ୍ୱରେ ଏହି କଶ୍ମୀରୀ ନେତାମାନେ ଆଜାଦ୍‌ଙ୍କ ଶିବିରରେ ସାମିଲ ହୋଇଛନ୍ତି।

ଇସ୍ତଫା ଦେଇଥିବା ଜମ୍ମୁ-କଶ୍ମୀରର ଏହି ନେତାମାନେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ସେମାନଙ୍କ ମିଳିତ ଇସ୍ତଫା ପତ୍ର ପଠାଇଦେଇଛନ୍ତି। ଅନେକ ଦଶନ୍ଧି ଧରି ଆମେ କଂଗ୍ରେସ ସହିତ ଜଡ଼ିତ ଥିଲୁ। କିନ୍ତୁ ଦୁର୍ଭାଗ୍ୟର କଥା ଆମକୁ ଦଳ ଅପମାନିତ କରିଛି ବୋଲି ସେମାନେ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ କମିଟି ସଭାପତି ବିକାର ରସୁଲ ୱାନି ଦଳ ତ୍ୟାଗ କରିଥିବା ନେତାମାନଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସର ଖରାପ ସମୟରେ ଭୀରୁମାନେ ଦଳବଦଳ କରିଛନ୍ତି। ସେମାନଙ୍କ ଦଳତ୍ୟାଗ ଯୋଗୁ କଂଗ୍ରେସକୁ କିଛି ଫରକ ପଡ଼ିବ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ରାଜ୍ୟ ସଭା ସଦସ୍ୟ ୭୩ ବର୍ଷୀୟ ଆଜାଦ ଶୁକ୍ରବାର କଂଗ୍ରେସ ସହ ଅର୍ଦ୍ଧଶତାବ୍ଦୀର ସମ୍ପର୍କ ଛିନ୍ନ କରି ଅଲଗା ହୋଇଥିଲେ। କଂଗ୍ରେସର ବିପର୍ଯ୍ୟୟ ପାଇଁ ସେ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଥିଲେ। ଆଜାଦ ନୂଆ ଦଳ ଗଢ଼ି ଭାଜପାର ଆହୁରି ନିକଟତର ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ସେପ୍ଟେମ୍ବର ୪ରେ ଏକ ବିଶାଳ ଜନସଭାକୁ ସେ ସମ୍ବୋଧନ କରିବେ, ଯାହା ଉପରେ ସମସ୍ତଙ୍କ ନଜର ରହିଛି।


**MCL ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
**ବିଜ୍ଞପ୍ତି**
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5115


# ଉପରାଷ୍ଟ୍ରପତିଙ୍କୁ ଭେଟିଲେ ସସ୍ମିତ

**ଭୁବନେଶ୍ୱର,୩୦।୮(ବ୍ୟୁରୋ)**

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନକରଙ୍କୁ ଭେଟିଛନ୍ତି। ରାଜ୍ୟ ସଭାରେ ବିଜେଡିର ଆଭିମୁଖ୍ୟ ନେଇ ସେ ଉପରାଷ୍ଟ୍ରପତିଙ୍କୁ ଅବଗତ କରିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ସବୁ ସମୟରେ ସଂସଦରେ ଏକ ଶୃଙ୍ଖଳିତ ଦଳ ଭାବେ କାର୍ଯ୍ୟ କରୁଛି।

ଉପରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳର ଆଚରଣକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ସସ୍ମିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉପରାଷ୍ଟ୍ରପତିଙ୍କୁ ଆଶ୍ୱାସନା ଦେଇଥିଲେ ଯେ ରାଜ୍ୟ ସଭାରେ ବିଜେଡି ଶୃଙ୍ଖଳିତ ଗୃହ ପରିଚାଳନାରେ ସହଯୋଗ କରିବ।

ସଂସଦରେ ଓଡ଼ିଶା ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଦଳ ଆଲୋଚନା ଓ ବିତର୍କକୁ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି। ସସ୍ମିତ ସାଢ଼େ ଚାରି କୋଟି ଓଡ଼ିଆଙ୍କ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଏବଂ କାର୍ଯ୍ୟ ଉପରେ ଆଧାରିତ ପୁସ୍ତକ 'ଦି ଟଲ୍ ମ୍ୟାନ୍' ଉପରାଷ୍ଟ୍ରପତିଙ୍କୁ ଉପହାର ଦେଇଛନ୍ତି।




ଉପରାଷ୍ଟ୍ରପତି ଜଗଦୀପ୍ ଧନକରଙ୍କୁ 'ଦି ଟଲ୍ ମ୍ୟାନ୍' ପୁସ୍ତକ ପ୍ରଦାନ କରୁଛନ୍ତି ସସ୍ମିତ ପାତ୍ର।


**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-42(09)/SERIFED/2022-23/1218 DT.29.08.2022
**INVITATION FOR BIDS (e-Procurement)**
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the 01 (One) no of works at EKAMRA HAAT, Bhubaneswar. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in during the period dt. 02.09.2022 to 17.00 hours up to dt. 08.09.2022. Online bids shall be received till 17.00 hours dt. 08.09.2022 & shall be opened at 11.30 AM on Dt. 09.09.2022. Any addendum / corrigendum / cancellation of tender can also be seen in the said website.
Sd/- MANAGING DIRECTOR



**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜୁନାଗଡ଼, କଳାହାଣ୍ଡି**
**OFFICE OF THE PRINCIPAL, ODISHA ADARSHA VIDYALAYA**
AT/PO-JUNAGARH, DIST.-KALAHANDI-766014
E-mail:oavjunagarh2016@gmail.com,Affiliation No.1520102, Udise No.21261500183
School Code: 17147, Estd:2016, Mobile No.7000012846, (Under S&ME Dept., Govt. of Odisha)

A Walk in interview will be held on dated 15.09.2022 at 10.00 AM in the premises of OAV Junagarh, Kalahandi for engagement of following posts on purely temporary basis for the academic session 2022-23 or till the vacancies are fill up whichever is earlier. The interested candidate below 65 years of age can attend the interview with their complete Bio-Data and all the original cerificates of qualification along with the photocopies of the same.

| Sl. No. | Name of the Post | Total No. of Post | Essential Qualification | Maximum Salary |
|---|---|---|---|---|
| 1 | TGT Mathematics | 01 | Graduate in the concerned subject/ combination of subjects & aggregate with B.Ed. | Rs.25,000/- per Month |
| 2 | TGT Hindi | 01 | | |

For details visit district website www.kalahandi.nic.in.
**N.B.- No TA, DA will be allowed for attending the interview Sd/- Principal, Odisha Adarsha Vidyalaya, Junagarh, Kalahandi.**
This is for your kind information and necessary action.
Sd./- Principal
Odisha Adarsha Vidyalaya, Junagarh, Kalahandi


# ସରଗରମ ଏତଲା ରାଜନୀତି



ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଦାବିପତ୍ର ଦେଉଛନ୍ତି।

- **ବିଧାୟକଙ୍କ ବିରୋଧରେ ଥାନାରେ ଅଭିଯୋଗ**
- **ଭାଜପା ଜିଲା ପରିଷଦ ସଦସ୍ୟାଙ୍କ ନାଁରେ ଜାତିଆଣ ଆକ୍ଷେପ ଅଭିଯୋଗ**

**ଆନନ୍ଦପୁର,୩୦।୮(ସ୍ୱ.ପ୍ର.)**

ବିଜେଡି ଓ ଭାଜପା ମଧ୍ୟରେ ପରସ୍ପର ବିରୋଧୀ ଏତଲାକୁ ନେଇ କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ବିଜେଡି ବିଧାୟକଙ୍କ ବିରୋଧରେ ଭାଜପା ଜିଲା ପରିଷଦ ସଦସ୍ୟା ଗାଳିଗୁଲଜ ଓ ଦୁର୍ବ୍ୟବହାର ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଜିଲା ପରିଷଦ ସଦସ୍ୟାଙ୍କ ନାଁରେ ବିଧାୟକଙ୍କ ସମର୍ଥକ ତଥା ଧକୋଠା ପଞ୍ଚାୟତର ସମିତିସଭ୍ୟା ଯଶୋମତୀ ଖଟୁଆ ଜାତିଆଣ ଆକ୍ଷେପ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଆନନ୍ଦପୁର ପଞ୍ଚାୟତ ସମିତିର ବୈଠକ ବସିଥିଲା। ବିଡିଓ ପଞ୍ଚାନନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ ପ୍ରମୁଖଙ୍କ ସହିତ ପଞ୍ଚାୟତସ୍ତରର ଲୋକପ୍ରତିନିଧି ଓ ଜିଲା ପରିଷଦ ସଦସ୍ୟା ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ୩ ନଂ. ଜୋନ ଭାଜପା ଜିଲା ପରିଷଦ ସସଦ୍ୟା ଅସୀମା ମିଶ୍ର ଓ ବିଧାୟକ ସେଠୀଙ୍କ ମଧ୍ୟରେ କଥା କଟାକଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜିଲା ପରିଷଦ ସଦସ୍ୟା ମିଶ୍ର ସଭାସ୍ଥଳରୁ ପଳାଇଯାଇଥିଲେ। ବୈଠକ ଚାଲିଥିବା ବେଳେ ବିଧାୟକ ସେଠୀ ତାଙ୍କୁ ଗାଳିଗୁଲଜ କରିବା ସହ ସଭାସ୍ଥଳରୁ ବାହାରିଯିବାକୁ କହିଥିବା ନେଇ ଜିଲା ପରିଷଦ ସଦସ୍ୟା ମିଶ୍ର ଆନନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, ବରିଷ୍ଠ ଭାଜପା ନେତା ଡ.ଶମ୍ଭୁନାଥ ରାଉତ, ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ, ଆନନ୍ଦପୁର ନଗରମଣ୍ଡଳ ଭାଜପା ସଭାପତି ପ୍ରଶାନ୍ତ ମହାପାତ୍ର ଥାନାରେ ଉପସ୍ଥିତ ରହି ବିଧାୟକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ପରିଷଦ ସଦସ୍ୟା ମିଶ୍ର ଏସ୍‌ପି ମିତ୍ରଭାନୁ ମହାପାତ୍ର ଏବଂ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କୁ ଭେଟି ଲିଖିତ ଦାବିପତ୍ର ଦେବାସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଧାୟକ ସେଠୀ ଗାଳିଗୁଲଜ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କୌଣସି ପ୍ରକାର ଦୁର୍ବ୍ୟବହାର କରି ନ ଥିବା କହିଛନ୍ତି। ଜିଲା ପରିଷଦ ସଭ୍ୟା ବୈଠକକୁ ପ୍ରହସନ ବୋଲି କହିବାରୁ ତାଙ୍କ ସହ ସାମାନ୍ୟ କଥା କଟାକଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ବିଧାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ ମିଳିଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମନୋରଞ୍ଜନ ପ୍ରଧାନ କହିଛନ୍ତି।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ଜନନ ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା
**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତାଙ୍କ ନାମ | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ପୁରୁଷୋତ୍ତମପୁର ଶାଖା - ୨ / ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁକେଶ କୁମାର ପଣ୍ଡା | ଟ.୮,୪୯,୦୨୭.୪୮ + ସେବାବଦ ସୁଧ | ୩୦.୦୪.୨୦୨୧ / ୨୬.୦୮.୨୦୨୨ | ଶ୍ରୀମତୀ ସୁଶୀଳା ପଣ୍ଡା, ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ୍ଡ ଷ୍ଟ୍ରିଟ୍‌ର ସାଉଦର୍ଶ ରୋରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୂଲ୍ୟା ନଦୀ |
| ଶିକୁଲା ଶାଖା/ ଋଣଗ୍ରହୀତା: ମେସର୍ସ ତାରିଣୀ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଦିପ କୁମାର ଚର୍ଚ୍ଚି | ଟ.୩,୫୪,୦୦୭.୩୬ + ସେବାବଦ ସୁଧ | ୩୦.୦୪.୨୦୨୧ / ୨୬.୦୮.୨୦୨୨ | ଶ୍ରୀ ପ୍ରଦିପ କୁମାର ଚର୍ଚ୍ଚି, ପିତା: ରାଜୁ ଚର୍ଚ୍ଚି, ସା/ପୋ.: ଚିଙ୍ଗୁଡ଼ିଘାଇ, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୩୦ ଡିସିମିଲି, ପ୍ଲଟ୍ ନଂ.: ୩୭୬୫, ଖାତା ନଂ.: ୧୫୦୫, ଗ୍ରାମ/ମୌଜା: ଚିଙ୍ଗୁଡ଼ିଘାଇ, ପୁରୁଷୋତ୍ତମପୁର ବ୍ଲକ୍, ଥାନା/ତହସିଲ/ଏସ୍‌ଆରଓ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗଳି ରାସ୍ତା, ପଶ୍ଚିମ: ଟ୍ୟାଙ୍କ, ଉତ୍ତର: ଦୁର୍ଯ୍ୟୋଧନ ଚର୍ଚ୍ଚିଙ୍କ ଗୃହ, ଦକ୍ଷିଣ: ହରିହର ପ୍ରଧାନଙ୍କ ଗୃହ |

ସ୍ଥାନ: ବ୍ରହ୍ମପୁର
ତାରିଖ: ୩୦.୦୮.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**WANTED**
PVC Conduit Pipe Factory, BBSR requires experience / skilled staff for all categories in similar Industry.
Please Whatsapp biodata: 8280749003

**JOBVACANCY**

| Designation | Salary |
|---|---|
| Restaurant Manager/ Asst. Restaurant Manager | 20000/17000 |
| Captain/Steward | 12000/9000 |
| Driver | 10000/12000 |
| Indian Commis-I/II/III | 15000/12000/9000 |
| Conti Commis-I/II/III | 15000/12000/9000 |
| Chinese Commis-I/II/III | 15000/12000/9000 |

Food and Accommodation provided by the Company
**Adda, Biriyani Box & Oopre**
email: hr@yellowloop.in and Call or Whatsapp 7440025004

**Required for Garment Business**
Salary - Negotiable
1. Manager (Sales & Marketing):
Experience: 5 years in Online, Offline, Export Garment Business with computer.
Contact Immediately: 8594915183

**LEPRA REQUIRES**
Counsellor and male ORW for Target Intervention (IDU) Project, Bhubaneswar. Qualification & experience: Master in Social Science for Counsellor & 8th standard for ORW having 2 yrs. of experience in social sector. Salary Rs.12,000/- for Counsellor and Rs.7,500/- for ORW.
Apply to hrd@leprahealthinaction.in by 02 Sept. 2022. For detail visit www.leprasociety.in.

**WANTED**
Required for Bhubaneswar Office, Civil Engineer, Architect, Front Office (F), Off. Asst., Manager, Site Supervisor (M/F), Marketing Office Boy, Car Driver,
Contact:9238482524, 8895182524

See Career Appointment on every Wednesday & Saturday

**WANTED**
A Reputed NGO GITA Needs the following staffs for Koraput & Kendrapara District : **Counselor/Superintendent : MSW / Sociology / Psychology (F), Multipurpose Staff : HSC (F) & Security Guard : HSC Pharmacist, ANM / GNM, Accountant : B.Com, Teacher : D.Ed / B.Ed in HI, Project Coordinator : Post Graduate.** Candidates may send their C.V within 7 days by E-Mail: **gitapmishra@rediffmail.com** Or Post, Chief Executive, GITA, Plot No-84/4067, Saswat Vihar, Sailashree Vihar, Bhubaneswar-751021, **Contact : 9439539915**

**REQUIRED URGENTLY**
**GENERAL MANAGER (SALES):** If you think you are an outstanding sales executive who is ready to drive and guide our sales team we invite you to join us in our unique and exemplary venture of agri-project. **EXECUTIVE ASSISTANT:** Required for a manufacturing company. A graduate with professional demeanor, competency with Microsoft office, previous PA/EA experience working at C-level is invited to join us. **AGM (FINANCE):** Graduate in accounting, experienced enough to be able to handle independently with excellent communication is preferred.
Salary no bar for deserving candidate. Interested candidates send CV to:
**E-mail: reach2jdpsgroup@gmail.com**
**Contact No.: 7381095402 & 7381095422**
**(Call time: 10 A.M. to 6 P.M.)**

**PARADIP PORT AUTHORITY**
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/2156 Dated, the 17th August, 2022
**Advertisement**
Applications are invited from Indian Nationals for engagement of **01 (one) Chief Manager (Information, Communication and Trade Facilitation) (on contractual)** basis in Paradip Port Authority.
For further details, visit our website **www.paradipport.gov.in.**
Dy. Secretary, Paradip Port Authority
PPA/PR/188/22-23, dtd.25.08.2022

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India

ENGAGEMENT OF APPRENTICES UNDER THE APPRENTICES ACT, 1961
Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
TRADE APPRENTICES: 172
TECHNICIAN APPRENTICES: 164
GRADUATE APPRENTICES: 64
AGE CRITERIA: Minimum 18 years and maximum 24 years as on date 30.09.2022.
STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
RESERVATION: As per the guidelines of Govt. of Odisha, shall be followed with applicable age relaxation.
SELECTION: Selection for engagement of Apprentices for training would be on merit basis, considering their percentage (%) of marks obtained in the basic prescribed qualifications as applicable to respective branch/ trade.
Last date for applying in the portal: 30.09.2022
REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India:
(a) For Trade Apprentices: In the link https://apprenticeshipindia.org/
(b) For Graduate/Technician Apprentices: National Apprenticeship Training Scheme (NATS) in the link https://portal.mhrdnats.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
HOW TO APPLY
A) For ITI: Candidates are first required to register in the web portal http://apprenticeshipindia.org for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by Establishments Name (SAIL ROURKELA STEEL PLANT) to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal.
B) For Degree/Diploma: Candidates are advised to register as a student online on https://portal.mhrdnats.gov.in. After registering oneself, one can login into the home page of NATS portal as candidate then go to Establishments Requests than click Find Establishments. Candidate should select STEEL AUTHORITY OF INDIA LIMITED, Rourkela Steel Plant, Rourkela apply in passed out branch of engineering appearing on the portal.
Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
Management reserves the sole right to cancel the advertisement and / or the selection process there under. Decision of Management regarding the selection will be final. Further Management reserves the full right to fill up or otherwise any or all the notified posts depending on the availability of the candidates in any trade/discipline and also to fill up the vacancies if any. The vacancies in each trade are indicative and may be vary during selection process.
RSP shall have no obligation to offer regular employment to Apprentices during and/or after the completion of the apprenticeship training. After successful completion of Apprenticeship, candidates shall be relieved from the establishment.
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର। –ଶ୍ରୀମା

# ମୋଦିଙ୍କ ଆଜାଦ

କଂଗ୍ରେସ ଦଳ ଛାଡ଼ିବାର ୩ ଦିନ ପରେ ଅଗଷ୍ଟ ୨୯ରେ ଗୁଲାମ ନବୀ ଆଜାଦ ଅନ୍ୟତମ ବରିଷ୍ଠ ନେତା ଜୟରାମ ରମେଶଙ୍କୁ ଗାଳି କରିଥିବା ବେଳେ ଭାଜପା ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ଯେହେତୁ ରମେଶ କହିଥିଲେ, ଗୁଲାମ ନବୀ ଆଜାଦ(ଜିଏନ୍‌ଏ)ଙ୍କ ଡିଏନ୍‌ଏ ମୋଦିଫାଏଡ୍ ହୋଇଯାଇଛି, ତାଙ୍କୁ ଉପଲକ୍ଷ୍ୟ କରି ନିଜ ଡିଏନ୍‌ଏ ଦେଖିବାକୁ ରମେଶଙ୍କୁ ଆଜାଦ କହିଛନ୍ତି। ଏଥିସହିତ ମୋଦି ଦେଖାଉଥିବା ମାନବିକତାକୁ ସେ ପ୍ରଶଂସା କରିଛନ୍ତି। ଆଜାଦ ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଥିବା ବେଳେ ଯେତେବେଳେ କଶ୍ମୀରରେ ଗୁଜରାଟୀ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ସେତେବେଳେ ସେ ମୋଦିଙ୍କୁ ଫୋନ୍ କରି ଏ ବିଷୟ ଜଣାଇଥିଲେ। ଏହି ଘଟଣାକୁ ମନେପକାଇ ତାଙ୍କ ବିଦାୟକାଳୀନ ଭାଷଣ ବେଳେ ମୋଦି ପାର୍ଲାମେଣ୍ଟରେ ଉକ୍ତ ବିଷୟ ଉପସ୍ଥାପନ କରିଥିଲେ। ଆଜାଦ ଆହୁରି କହିଛନ୍ତି ଯେ, ମୋଦିଙ୍କ ସ୍ତ୍ରୀ କି ପିଲା ନାହାନ୍ତି। କିନ୍ତୁ ସେ ନିଜର ମାନବିକତା ପ୍ରଦର୍ଶନ କରିଥାନ୍ତି। ଅବଶ୍ୟ ଆଜାଦ ଜାଣିନାହାନ୍ତି ଯେ, ମୋଦି ବିବାହିତ ଓ ତାଙ୍କ ପତ୍ନୀଙ୍କୁ ତ୍ୟାଗ କରିଛନ୍ତି। ତେବେ ଏଠାରେ ମୋଦିଙ୍କ କେଉଁଭଳି ମାନବିକତା ଗୁଣକୁ ଆଜାଦ ଦେଖିପାରିଥିଲେ ତାହା ତାଙ୍କୁ ଜଣା। କାରଣ ବିମୁଦ୍ରୀକରଣଠାରୁ ଆଜି ପର୍ଯ୍ୟନ୍ତ ମୋଦିଙ୍କ ପ୍ରତିଟି ପଦକ୍ଷେପ ଗରିବ ଓ ଅସହାୟଙ୍କୁ ମାଡ଼ କରିଚାଲିଛି। ଅପରପକ୍ଷରେ କଂଗ୍ରେସ ନେତାଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖି ଆଜାଦ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିଥିବା କୁହାଯାଇପାରେ।

ଯଦି ଆଜାଦଙ୍କ ରାଜନୈତିକ କ୍ୟାରିୟର ଦେଖାଯାଏ, ତେବେ ସେ ବହୁବାର କେନ୍ଦ୍ରମନ୍ତ୍ରୀ, ୫ ଥର ରାଜ୍ୟ ସଭା ସଦସ୍ୟ ଏବଂ ଥରେ ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ। ଏହାବ୍ୟତୀତ ଜଣେ ବ୍ୟକ୍ତି କେତେ ଅଧିକ ରାଜନୈତିକ ପଦପଦବୀ ହାତେଇପାରନ୍ତେ! ଏହା କେବଳ କଂଗ୍ରେସ ଦଳର ନେତା ଭାବେ ସମ୍ଭବ ହୋଇଥିଲା। ସେ ଯେତେବେଳେ କ୍ଷମତା ଉପଭୋଗ କରୁଥିଲେ ସେତେବେଳେ ଗାନ୍ଧୀ ପରିବାରର ଗୋଡ଼ ଚାଟିବାକୁ ପଛାଇ ନ ଥିଲେ। ସଚେତନ ଦେଶବାସୀ ତାଙ୍କ ଇତିହାସକୁ ଭଲ ଭାବେ ଜାଣନ୍ତି। ଏବେ କଂଗ୍ରେସ ଦୁର୍ବଳ ହୋଇପଡ଼ିଥିବାରୁ ତାହା କୋଟେରି ବା ସ୍ୱତନ୍ତ୍ର ପରିଚିତ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଛି ବୋଲି ଆଜାଦ ଅଭିଯୋଗ ଆଣିଛନ୍ତି। ବାରମ୍ବାର କ୍ଷମତା ଚାଖୁଥିବା ଆଜାଦ ଯୁବବର୍ଗ କେବେ କଂଗ୍ରେସର ଉଚ୍ଚସ୍ଥାନକୁ ଉଠୁ ବୋଲି ଚାହିଁ ନ ଥିଲେ। ଏଭଳି ମାନସିକତା ପୋଷଣ କରୁଥିବା ବ୍ୟକ୍ତିମାନେ ସାଧାରଣ ଲୋକଙ୍କ ପାଇଁ କିଭଳି ଚିନ୍ତା କରୁଥିବେ ବୁଝାପଡ଼ିଯାଉଛି। ଦୀର୍ଘଦିନ କ୍ଷମତାରୁ ଅପସରିଯିବା ପରେ ଓ କଂଗ୍ରେସ ଦିନକୁ ଦିନ ଭାଙ୍ଗି ପଡୁଥିବାରୁ ସେଥିରେ ଆଉ ଭବିଷ୍ୟତ ନ ଦେଖି ଆଜାଦ ତାଙ୍କର 'ଅପ୍ରାପ୍ତ' ୭୩ ବର୍ଷ ବୟସରେ ମଧ୍ୟ କ୍ଷମତା ଲୋଭକୁ ଛାଡ଼ିପାରୁନାହାନ୍ତି। କ୍ଷମତା ରାଜନୀତିରେ ମତ୍ତ ଥିବା ଏଭଳି ନେତାମାନେ 'ବର୍ଷା ଯୁଆଡ଼େ ଛତା ସିଆଡ଼େ' ନ୍ୟାୟରେ ବଞ୍ଚିବାକୁ ଚାହାନ୍ତି। ଆଜିର ସ୍ଥିତି ଦେଖିଲେ ଯୁବପିଢ଼ିଙ୍କୁ ଆଗକୁ ଯିବାକୁ ବାଟ ଛାଡୁ ନ ଥିବା ବୟସ୍କ ଆଜାଦମାନେ କଦାପି ଭାରତୀୟ ରାଜନୀତିରେ ବିସ୍ମୟ ସୃଷ୍ଟି କରିପାରିବେ ବୋଲି ବିଶ୍ୱାସ ହେଉନାହିଁ।

# ହିଲିୟମ୍–୩

୧୯ ଡିସେମ୍ବର ୧୯୭୨ରେ ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ(ନାସା)ର ଆପୋଲୋ କାର୍ଯ୍ୟକ୍ରମରେ ଶେଷ ରକେଟ ଚନ୍ଦ୍ରକୁ ଯାଇଥିଲା। ପିଲାଦିନେ ଶୁଣିଥିଲୁ ନିଲ୍ ଆର୍ମଷ୍ଟ୍ରଙ୍ଗ, ଏଡ୍‌ୱଇନ ଆଲଡ୍ରିନ ଚନ୍ଦ୍ରରେ ଓହ୍ଲାଇବା ପରେ ମାଇକେଲ କଲିନ୍ସ ଉପର ଯାନରେ ରହି ସେମାନଙ୍କ ସହ ଯୋଗସୂତ୍ର ରକ୍ଷା କରିଥିଲେ। ଆପୋଲୋ ମିଶନର ୫୦ ବର୍ଷ ପରେ ଆମେରିକା ଚନ୍ଦ୍ରକୁ ମଣିଷ ପଠାଇବା ଲାଗି ପୁନର୍ବାର ପ୍ରୟାସ କରୁଛି। ଅଗଷ୍ଟ ୨୯ରେ ନାସା ସବୁଠୁ ଶକ୍ତିଶାଳୀ ରକେଟ ଉତ୍‌କ୍ଷେପଣ ଯୋଜନା କରିଥିଲା। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାହା ବାତିଲ କରାଯାଇଛି। ଏହା ନାସାର 'ଆର୍ଟେମିସ' ମିଶନର ଅଂଶ। ଏଠାରେ ଆର୍ଟେମିସର କାହାଣୀ ଅବତାରଣା କରାଯାଇପାରେ। ହିନ୍ଦୁ ଧର୍ମରେ ବ୍ରହ୍ମାଙ୍କ ଭଳି ଜିୟୁସ ଥିଲେ ଗ୍ରୀକ୍ ପୁରାଣଶାସ୍ତ୍ରର ମୁଖ୍ୟ ଦେବତା। ତାଙ୍କର ଯାଆଁଳା ସନ୍ତାନ ହେଲେ ପୁଅ ଆପୋଲୋ ଏବଂ ଝିଅ ଆର୍ଟେମିସ। ଯେହେତୁ ଆମେରିକାର ପୂର୍ବ କାର୍ଯ୍ୟକ୍ରମର ନାମ ଥିଲା ଆପୋଲୋ, ସେଥିପାଇଁ ନୂତନ ଭାବେ ଆରମ୍ଭ ହୋଇଥିବା ମହାକାଶ କାର୍ଯ୍ୟକ୍ରମର ନାମ ଆର୍ଟେମିସ ଦିଆଯାଇଛି।

ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ସଫଳତା ମିଳିଲେ ମହାକାଶଚାରୀମାନେ ସେଥିରେ ଚନ୍ଦ୍ରପୃଷ୍ଠକୁ ଯିବେ। ମହାକାଶ ବିଜ୍ଞାନର ଇତିହାସକୁ ଦେଖିଲେ ୧୯୫୦ରୁ ୧୯୬୦ ଦଶନ୍ଧି ପ୍ରାରମ୍ଭ ଯାଏ ସେଥିରେ ସୋଭିଏଟ୍ ସଂଘ ସଫଳତା ପାଇବା ପରେ ଆମେରିକା ଆସିଲା। ୨୦ ଜୁଲାଇ ୧୯୬୯ରେ ଆମେରିକାର ଅପୋଲୋ–୧୧ ମହାକାଶ ଯାନରେ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ସାଥୀମାନେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ଓହ୍ଲାଇବାରେ ସକ୍ଷମ ହେଲେ। ଏହି ଐତିହାସିକ ଅଭିଯାନ ପରେ ଚନ୍ଦ୍ର ଅଭିଯାନ ଶିଥିଳ ପଡ଼ିଗଲା। ଆମେରିକୀୟମାନଙ୍କ ପାଇଁ ମହାକାଶ ଅଭିଯାନ ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବା ସତ୍ତ୍ୱେ ଯେହେତୁ କୌଣସି ସ୍ପଷ୍ଟ ଲାଭ ମିଳିଲା ନାହିଁ, ସେଥିପାଇଁ ତାହା ମାନ୍ଦା ପଡ଼ିଗଲା। ତେବେ ଦୀର୍ଘ ୫୦ ବର୍ଷ ମଧ୍ୟରେ ଆମେରିକା ହେଉ କି ରୁଷିଆ ଆଉ ଚନ୍ଦ୍ରରେ ମଣିଷ ପହଞ୍ଚାଇବାକୁ ସକ୍ଷମ ହୋଇନାହାନ୍ତି। କିନ୍ତୁ ଏବେ ଆମେରିକା ପୁଣି ତାହା ହାସଲ କରିବାକୁ ଯୋଜନା କରୁଛି ଓ ଚନ୍ଦ୍ରରେ ଏକ ବେସ୍ ଚାହୁଁଛି। ରୁଷିଆ ସହ ପ୍ରତିଯୋଗିତା କରିବା ଆମେରିକାର ଯେତିକି ଲକ୍ଷ୍ୟ ନାହିଁ, ଚାଇନାର ମହାକାଶ କାର୍ଯ୍ୟକ୍ରମ ତା' ନିଦ ହଜାଇ ଦେଇଛି। ବୃହତ୍ ଅର୍ଥ ବ୍ୟବସ୍ଥା ସହ ଚାଇନା ମହାକାଶ ଗବେଷଣାରେ ବହୁ ପାଦ ଆଗକୁ ଚାଲିଗଲାଣି। ଦକ୍ଷିଣ ଚାଇନା ସାଗରକୁ ଦାବି କଲା ଭଳି ବେଜିଂ ଚନ୍ଦ୍ରକୁ ଦଖଲ କରିବା ଲକ୍ଷ୍ୟରେ ଥିବା ଭଳି ମନେହେଉଛି। ଏହାକୁ ଲକ୍ଷ୍ୟକରି ଅଷ୍ଟ୍ରେଲିଆର ମହାକାଶ ନୀତି ବିଷାରଦ ମାଲକମ୍ ଡେଭିସ କହିଛନ୍ତି ଯେ, ସମ୍ପୂର୍ଣ୍ଣ ଭାବେ ଦକ୍ଷିଣ ଚାଇନା ସାଗରକୁ ଚାଇନା ଦାବି କରିବା ଭଳି ୨୦୩୦ସୁଦ୍ଧା ଚନ୍ଦ୍ରରେ ଚାଇନାର ଏକ କମ୍ପାନୀ ରହିଥିବ ଓ ସେ ଅଞ୍ଚଳକୁ ତା'ର ବୋଲି ଦାବି କରିବ। ଏବକାର ଅନ୍ତର୍ଜାତୀୟ ଦୃଶ୍ୟପଟକୁ ଦେଖିଲେ ଗୋଟିଏ ତରଫରେ ଚାଇନା ଓ ରୁଷିଆର ଅବୁଝା ମେଣ୍ଟ ଏବଂ ଅନ୍ୟପଟେ ଚାଇନାର ମହାକାଶ କାର୍ଯ୍ୟକ୍ରମ ସମ୍ଭବତଃ ଆମେରିକାକୁ ବିବ୍ରତ କରାଇଛି। ପୃଥିବୀବ୍ୟାପୀ ଶକ୍ତି ସଙ୍କଟ ଯୋଗୁ ସବୁ ବୃହତ୍ ଦେଶ ନୂତନ ଉତ୍ସ ଖୋଜିବାରେ ବ୍ୟସ୍ତ। ଚନ୍ଦ୍ରରେ ହିଲିୟମ–୩ ଭଳି ଖଣିଜ ଦ୍ରବ୍ୟ ବହୁଳ ପରିମାଣରେ ଥିବାରୁ ତାହା ଆଣିବା ପାଇଁ ଚାଇନା ଓ ଆମେରିକା ମଧ୍ୟରେ ପ୍ରତିଯୋଗିତା ଚାଲିଛି। ହିଲିୟମ–୩କୁ ଆଣବିକ ଶକ୍ତିର ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ। ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ୫,୦୦୦ ଟନ୍ କୋଇଲାରୁ ଯେତିକି ଶକ୍ତି ମିଳିବ ପ୍ରାୟ ୩ ଚାମଚ ହିଲିୟମ–୩ ସେତିକି ଦେଇପାରିବ। ଏହା ବ୍ୟତୀତ ମନେହେଉଛି ଯେ, ଗତ ୫୦ ବର୍ଷ ଧରି ଉଭୟ ଆମେରିକାର ଆପୋଲୋ ଓ ସୋଭିଏଟ୍ ସଂଘର ସ୍ପୁଟ୍‌ନିକ କାର୍ଯ୍ୟକ୍ରମ ଶୋଇପଡ଼ିଥିବାବେଳେ, ଚାଇନା ନିଶ୍ଚିତ ଭାବେ ଲୁକ୍କାୟିତ ମହାକାଶ ଅଭିଯାନ ପାଇଁ ପ୍ରସ୍ତୁତି ଚଳାଇଆସିଛି। ତାହାର ପରିଣାମ ଏବେ ଦେଖିବାକୁ ମିଳୁଛି। ପୂର୍ବରୁ ମହାକାଶ ଯାତ୍ରା ମଣିଷ ଜାତି ପାଇଁ ରୋମାଞ୍ଚକର ବିଷୟ ଥିଲା ; ଯେଉଁଥିପାଇଁ ହୁଏତ ଉଭୟ ସ୍ପୁଟ୍‌ନିକ ଓ ଆପୋଲୋ କାର୍ଯ୍ୟକ୍ରମର ଅତ୍ୟଧିକ ଖର୍ଚ୍ଚ ସେଗୁଡ଼ିକୁ ବନ୍ଦ କରାଇ ଦେଇଥିଲା। ଏବେ ପରିସ୍ଥିତି ବଦଳିଛି। ଶକ୍ତି ଆହରଣ ପାଇଁ ବ୍ୟବସାୟିକ ଦିଗ ଏବଂ ସେଥିରୁ ଲାଭକୁ ଦେଖି ପୁନର୍ବାର ଯେଉଁ ମହାକାଶ ଦୌଡ଼ ଆରମ୍ଭ ହେଲାଣି ତାହା ଭବିଷ୍ୟତରେ ଶାନ୍ତିପୂର୍ଣ୍ଣ ରହୁ ଏବଂ ହିଂସାତ୍ମକ ନ ହେଉ ବୋଲି ସମସ୍ତେ ଆଶା କରିବା କଥା।

# ଅଫିସ୍ ଅଫ୍ ପ୍ରଫିଟ୍



ସହଦେବ ସାହୁ

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳ ମୁଖ୍ୟ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ୨୦୨୧ରେ ଖଣି ମନ୍ତ୍ରୀ ଥିବା ବେଳେ ନିଜେ ଏକ ଖଣି ଲିଜ୍ ନେଇଥିଲେ, ଅର୍ଥାତ୍ ସରକାର ଅଧୀନରେ ଖଣି କାରବାର କରୁଥିବା ଠିକାଦାର ହୋଇଗଲେ, ତେଣୁ ଲାଭପ୍ରଦ କାମ ବା ଅଫିସ୍ ଅଫ୍ ପ୍ରଫିଟ୍ ପାଇଲେ। ଆମ ସମ୍ବିଧାନର ଧାରା ୧୯୧(୧) କହେ– ସରକାରଙ୍କ ଅଧୀନରେ କୌଣସି ପ୍ରକାରର ବୃତ୍ତି ବା ପଦବୀ ଗ୍ରହଣ କରିଥିବା ଲୋକ ଏମ୍‌ଏଲ୍‌ଏ ପଦ ପାଇଁ ଅଯୋଗ୍ୟ। ଏମ୍‌ପିମାନଙ୍କ ପାଇଁ ସମପ୍ରକାରର ବାରଣ ଧାରା ୨୦୧ରେ ଅଛି। ଏବେ ଖବରରେ ପ୍ରକାଶ ଯେ, ନିର୍ବାଚନ କମିଶନ ଝାଡ଼ଖଣ୍ଡ ରାଜ୍ୟପାଳଙ୍କୁ ସୋରେନ୍‌ଙ୍କୁ ଏମ୍‌ଏଲ୍‌ଏ ପଦ ପାଇଁ ଅଯୋଗ୍ୟ ବୋଲି ଘୋଷଣା କରିବାକୁ ସୁପାରିସ କରିଛନ୍ତି, ରାଜ୍ୟପାଳ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ଧାରା ୧୦୨(୧) କହେ ଯେ, ବିଧାୟକ ମନ୍ତ୍ରୀ ହେଲେ ତାହା 'ଲାଭପ୍ରଦ ପଦବୀ' ବୋଲି ଧରାଯିବ ନାହିଁ ; କିନ୍ତୁ ସରକାରଙ୍କ ଅଧୀନରେ ଅନ୍ୟ କୌଣସି ପ୍ରକାରର ବୃତ୍ତି ବା ପଦବୀ ଗ୍ରହଣ କଲେ ତାହା ଏମ୍‌ଏଲ୍‌ଏ ପଦ ପାଇଁ ଅଯୋଗ୍ୟତା ବୋଲି ଧରାଯିବ। ରାଜ୍ୟପାଳ ତାଙ୍କୁ ଏମ୍‌ଏଲ୍‌ଏ ହେବାକୁ ଅଯୋଗ୍ୟ ଘୋଷଣା କଲେ ସେ ମୁଖ୍ୟମନ୍ତ୍ରୀ ପଦ ହରାଇବେ। ସମ୍ବିଧାନ ଓ ଲୋକପ୍ରତିନିଧି ଆଇନ କହେ, ଏମ୍‌ଏଲ୍‌ଏ ନ ହୋଇ ମଧ୍ୟ ଜଣେ ଛ' ମାସ ପାଇଁ ମନ୍ତ୍ରୀ ହୋଇ ରହିପାରିବ, ଅବଶ୍ୟ ହୋଇଥିବା ବ୍ୟକ୍ତି ଆଗେ ଇସ୍ତଫା ଦେବ। ସେ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁଲେ ମିଳିତ ସରକାର ଚଳାଉଥିବା ଦଳଗୁଡ଼ିକ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କଲେ ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। ଥରେ ଏମ୍‌ଏଲ୍‌ଏ ଆସନରୁ ତଡ଼ା ଖାଇ ଆଉ ଥରେ ମୁଖ୍ୟମନ୍ତ୍ରୀ ଭଳି ପଦକୁ ଫେରିବା ଯେଉଁ ଲଜ୍ଜା ଆଣିପାରେ, ତାହାକୁ ଭୁଲିବା ରାଜନୈତିକ ଦଳ ପାଇଁ ବଡ଼ କଥା ନୁହେଁ। ଗାଦି ପାଇଁ ବୁଦ୍ଧିଜୀବୀମାନେ ଚାହୁଁଥିବା ନୈତିକତା ଆମ ସମାଜରେ ବିରଳ ହେଲାଣି।

ଅଫିସ୍ ଅଫ୍ ପ୍ରଫିଟ୍ କ'ଣ ତାହାର ସଂଜ୍ଞା ଆଇନରେ ନାହିଁ। ୧୯୬୪ରେ ସୁପ୍ରିମ୍ କୋର୍ଟ କହିଲେ ଯେ, ତିନି ଚାରୋଟି ପ୍ରଶ୍ନର ଉତ୍ତର ହଁ ହେଲେ ତାହା ଅଫିସ୍ ଅଫ୍ ପ୍ରଫିଟ୍ ବୋଲି ଧରାଯିବ। (୧) ସରକାର ନିଯୁକ୍ତି ଦେଉଛନ୍ତି କି, (୨) ସରକାରଙ୍କର କ୍ଷମତା ଅଛି କି ସେ ପ୍ରକାରର ନିଯୁକ୍ତିକୁ ବାତିଲ କରିବାର, (୩) ସରକାରରୁ ପାରିଶ୍ରମିକ ମିଳେ କି ଏବଂ (୪) ଏଭଳି ନିଯୁକ୍ତି ଦ୍ୱାରା ବ୍ୟକ୍ତି ସରକାରୀ କାମ ହାସଲ କରିବାରେ କିଛି କ୍ଷମତା ମିଳେ କି। କିନ୍ତୁ ମନ୍ତ୍ରୀ ପଦ ଅଫିସ୍ ଅଫ୍ ପ୍ରଫିଟ୍ ନୁହେଁ ବୋଲି ସମ୍ବିଧାନ କହେ। ସରକାର ସହିତ ବା ସରକାର ଭିତରେ କାମ କରିବାର ଆଉ ଯେକୌଣସି ପଦବୀ ଅଫିସ୍ ଅଫ୍ ପ୍ରଫିଟ୍ ସଂଜ୍ଞା ଭିତରେ ଆସିବ। କିନ୍ତୁ ଦଳର ମୁଖ୍ୟ ଦଳର ପ୍ରଧାନ ଲୋକମାନଙ୍କୁ ଖୁସି କରିବା ପାଇଁ ମନଇଚ୍ଛା ମନ୍ତ୍ରୀ ସଂଖ୍ୟା ବଢ଼ାଇ ଦେଉଥିଲେ। ୨୦୦୩ରେ ସମ୍ବିଧାନର ୯୧ତମ ସଂଶୋଧନ କରାଯାଇ ତା' ଉପରେ ସୀମା ଲଗାଗଲା : ମୁଖ୍ୟମନ୍ତ୍ରୀ ସହ ମନ୍ତ୍ରୀମାନଙ୍କ ସଂଖ୍ୟା ବିଧାନସଭାର ମୋଟ ସଦସ୍ୟ ସଂଖ୍ୟାର ୧୫%ରୁ (ଏକ ୟୁନିଅନ ଟେରିଟୋରି ହୋଇଥିବାରୁ ଆସେମ୍ବ୍ଲି ଥିଲେ ବି ଦିଲ୍ଲୀ କ୍ଷେତ୍ରରେ ୧୦%)ରୁ ବେଶି ହେବ ନାହିଁ। କେନ୍ଦ୍ର ସରକାରଙ୍କ କ୍ଷେତ୍ରରେ ମଧ୍ୟ ୧୫% ଲାଗୁ। ତେଣୁ ସନ୍ତୁଷ୍ଟ କରିବା ପାଇଁ ମନ୍ତ୍ରୀ ପଦ ଅଭାବ ପଡ଼ିଲା: ସରକାରୀ ସଂସ୍ଥାର ଅଧ୍ୟକ୍ଷ ବା ନିର୍ଦ୍ଦେଶକ ବା ବୋର୍ଡର ମେମ୍ବର ପଦ (ଅଫିସ୍ ଅଫ୍ ପ୍ରଫିଟ୍) ଦେବା ଦରକାର ପଡ଼ିଲା, କିନ୍ତୁ ତାହା ଅଫିସ୍ ଅଫ୍ ପ୍ରଫିଟ୍ ବୋଲି ଗଣ୍ୟ ହେବା କଥା ନୁହେଁ, ଏଥିପାଇଁ ସଂସଦକୁ କ୍ଷମତା ଦିଆଯାଇଛି ସଂସଦ (ଅଯୋଗ୍ୟତା ନିରାକରଣ) ଆଇନ ୧୯୫୯ ଜରିଆରେ। ସବୁ ରାଜ୍ୟରେ ଆଇନ ତିଆରି ହୋଇଛି– ସେ ରାଜ୍ୟର ଲେଜିସ୍‌ଲେଚରର ସଦସ୍ୟମାନଙ୍କ ପାଇଁ କେଉଁ କେଉଁ କାମକୁ ଅଫିସ୍ ଅଫ୍ ପ୍ରଫିଟ୍ ନୁହେଁ ବୋଲି ଘୋଷଣା କରିପାରିବେ। ଆମ ରାଜ୍ୟ ପାଇଁ ଆଇନର ନାମ ହେଉଛି ଦି ଓଡ଼ିଶା ଅଫିସେସ୍ ଅଫ୍ ପ୍ରଫିଟ୍ (ରିମୁଭାଲ୍ ଅଫ୍ ଡିସ୍‌କ୍ୱାଲିଫିକେଶନ୍ସ) ଆକ୍ଟ, ୧୯୫୧। ଅନେକ କାମକୁ ପରିସରର ବାହାରକୁ ନିଆଯାଇଛି, କେତେ କାମକୁ 'ଅଯୋଗ୍ୟତା'ରୁ ଛାଡ଼ କରାଯାଇ ପାରିବ ତା'ର ସୀମା ନାହିଁ।



୨୦୦୩ ପରେ ମଧ୍ୟ ଦଳଗୁଡ଼ିକ ସେମାନଙ୍କ ଏମ୍‌ପି ଓ ଏମ୍‌ଏଲ୍‌ଏମାନଙ୍କୁ ସରକାରୀ ପଦ ପଦବୀ ଦେଉଛନ୍ତି। ୨୦୧୫ରେ ନାଗାଲାଣ୍ଡ ତା'ର ୬୦ ଜଣଯାକ ଏମ୍‌ଏଲ୍‌ଏଙ୍କୁ ପ୍ରଶାସନିକ କାମ ଦେଲା, ୨୬କୁ ପାର୍ଲାମେଣ୍ଟାରି ସେକ୍ରେଟାରୀ, ଅବଶିଷ୍ଟଙ୍କୁ ଅନ୍ୟ ପଦବୀ ଦେଲା। ଏକ ଅଧ୍ୟାଦେଶ ବଳରେ ଗୋଆରେ ୨୦୧୭ରେ ୪୦ ଏମ୍‌ଏଲ୍‌ଏଙ୍କୁ ୫୦ଟା ପଦବୀ ଦିଆଗଲା। ୨୦୦୯ରେ ପୁଡୁଚେରି ତା'ର ମୋଟ ୩୩ ଏମ୍‌ଏଲ୍‌ଏଙ୍କୁ ୬୦ଟା କର୍ମପଦ ଦେଲା, ସେସବୁକୁ ଅଫିସ୍ ଅଫ୍ ପ୍ରଫିଟ୍ ସଂଜ୍ଞାରୁ ଛାଡ଼ କରିଦେଲା। ଧର୍ମକୁ ଆଖିମିଟିକା ମାରିବାରେ ରାଜନୈତିକ ଦଳଗୁଡ଼ିକ ପାରଙ୍ଗମ, ଦଳର ପ୍ରତିନିଧିଙ୍କୁ ଲୋକ–ପ୍ରତିନିଧି କହୁଛନ୍ତି, ଯେଉଁ ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚିତ ହେଉଛନ୍ତି ସେ ମଣ୍ଡଳୀର ବାସିନ୍ଦା ନ ହୋଇଥିଲେ କି ଆଗରୁ କେବେ ସେଠାକାର ବାସିନ୍ଦାମାନଙ୍କୁ ଚିହ୍ନି ନ ଥିଲେ ବି ସେଠାକାର ଲୋକ–ପ୍ରତିନିଧି ବୋଲାଇବେ। ଲୋକ ପ୍ରତିନିଧି କହି ଭୋଟରମାନଙ୍କୁ ଲଜ୍ଜା ଦେବା ଉଚିତ ହେଉ ନାହିଁ ବୋଲି କେବେ ରାଜନୈତିକ ଦଳଗୁଡ଼ିକ ଭାବୁନାହାନ୍ତି! ନିଜେ ନିଜର ଲାଭ ପାଇଁ ଆଇନ କରୁଥିବା ଦଳଗୁଡ଼ିକୁ କେବେ କାଠଗଡ଼ାରେ ପକାଇପାରିବା କି? ସରକାରୀ କାମରେ ହାତ ପୂରେଇବା କି ନାକଗେଞ୍ଜିବା ଆମ ପ୍ରତିନିଧିମାନଙ୍କ ଅଭ୍ୟାସରେ ପଡ଼ିଗଲାଣି ଓ ତାକୁ ଶାସକ ଦଳର ମୁଖ୍ୟ ପ୍ରୋତ୍ସାହିତ କରୁଛନ୍ତି। ଗଣ୍ଡଗୋଳିଆ ମେମ୍ବରଙ୍କୁ ତୁଷ୍ଟ କରିବା ପାଇଁ ନୂଆ ନୂଆ ଚାରଣଭୂଇଁ ଦଳପତି ଖୋଜେ। ଯେମିତି ପାର୍ଲାମେଣ୍ଟାରି ସେକ୍ରେଟାରୀ ପଦବୀ, କାରଣ ଉପୁରି ଦରକାର, ମନ୍ତ୍ରୀ ପଦବୀଟା ସବୁଠୁ ବଢ଼ିଆ, କିନ୍ତୁ ତା'ର ସଂଖ୍ୟା ଉପରେ ସୀମା ସମ୍ବିଧାନ ଧାରା ୧୬୪(୧–କ)ରେ ଥିବାରୁ ପାର୍ଲାମେଣ୍ଟାରି ସେକ୍ରେଟାରୀ ଶବ୍ଦ ଲଗାଗଲା, ମନ୍ତ୍ରୀ ଭଳି କାମ କରିବେ, ମନ୍ତ୍ରୀ ନ କହି। ସତେ ଯେପରି ଜୁନିଅର୍ ମିନିଷ୍ଟର! ଏ ଗୋଟିଏ ଗଳାବାଟ ରାଜନୈତିକ ଦଳଗୁଡ଼ିକ କାଢ଼ିଛନ୍ତି। କିନ୍ତୁ ତାହା ମଧ୍ୟ କୋର୍ଟଗୁଡ଼ିକ ଅଫିସ୍ ଅଫ୍ ପ୍ରଫିଟ୍ ବୋଲି ଧରୁଛନ୍ତି। ତେଣୁ ଦିଲ୍ଲୀ ତଥା ଅନ୍ୟ ରାଜ୍ୟରେ ଉଚ୍ଚ ନ୍ୟାୟାଳୟଗୁଡ଼ିକ ପାର୍ଲାମେଣ୍ଟାରି ସେକ୍ରେଟାରୀ ପଦବୀକୁ ଅଫିସ୍ ଅଫ୍ ପ୍ରଫିଟ୍ ବୋଲି ଧରୁଛନ୍ତି।

ଗଣତନ୍ତ୍ରର ମୂଳ ହେଲା ଗଣ ବା ଲୋକେ (ବର୍ତ୍ତମାନ କ୍ଷେତ୍ରରେ ପ୍ରତିନିଧିମାନେ) ସରକାରକୁ ନିୟନ୍ତ୍ରଣ କରିବେ, ଆଇନ ତିଆରି କରିବେ, ଯାହାକୁ ଅନୁସରଣ କରି ସରକାର ବା ପ୍ରଶାସନ ସମାଜକୁ ଶୃଙ୍ଖଳିତ ରଖିବ ଓ ସମାଜ ତଥା ନାଗରିକମାନଙ୍କର ବିକାଶ କରିବ। ଆମେ ମୂଳରୁ ବିଲାତର ଆଦର୍ଶ ଗ୍ରହଣ କରିଛୁ। ଉପନିବେଶ ଥିଲା ବେଳେ ଆମ ଦେଶ ମର୍ଲି–ମିଣ୍ଟୋ ସଂସ୍କାର ପ୍ରସ୍ତାବକୁ ଗ୍ରହଣ କରି ୧୯୦୯ର ଆଇନ ଭିତରେ ଏ ବ୍ୟବସ୍ଥା ଚାଲୁକଲା। ଲେଜିସ୍‌ଲେଚର୍ ତା'ର ପବିତ୍ରତା ଆଉ ଶୁଦ୍ଧତା ରକ୍ଷା କରିବା ପାଇଁ ଏକ୍‌ଜିକ୍ୟୁଟିଭ୍‌ର ପ୍ରଲୋଭନକୁ ଏଡ଼ାଇବା ଦରକାର, ସରକାର ବା ଏକ୍‌ଜିକ୍ୟୁଟିଭ୍ ଯେପରି ଲୋକପ୍ରତିନିଧିମାନଙ୍କୁ ଅର୍ଥାତ୍ ଲେଜିସ୍‌ଲେଚରକୁ ହାତବାରିସି ନ କରେ, ସେଥିଲାଗି 'ଅଫିସ୍ ଅଫ୍ ପ୍ରଫିଟ୍'ର ଧାରଣା। ଅଫିସ୍ ଅଫ୍ ପ୍ରଫିଟ୍ ମାନେ ନୁହେଁ ଯେ ସବୁବେଳେ ପଇସା ନେଉଥିବ, କେତେକ ସୁବିଧା ପାଇବା ବି ଏହି ଅର୍ଥରେ ଯାଏ। ଷ୍ଟେନୋ, ଡ୍ରାଇଭର୍, ପିଅନ, ମାଗଣା ସରକାରୀ ଘର ଆଦି ତ ପଇସାର ରୂପାନ୍ତର! ଟ୍ରାନ୍ସଫର୍ ଓ ନିଯୁକ୍ତି କ୍ଷମତା ଯଥେଷ୍ଟ, ଆପେ ଆପେ ପଇସା ଆସିଯିବ ଲାଞ୍ଚ ଆକାରରେ! ବିନା ଦ୍ୱେଷ, ବିନା ପ୍ରୀତିରେ କାମ କରିବାର ନିରପେକ୍ଷତା ଆଉ ନିର୍ବାଚିତ ଲୋକଙ୍କଠାରେ ମିଳିବ ନାହିଁ, ସେମାନେ ତଦାରଖ କରିବା ବା ତଦନ୍ତ କରିବାରେ ହେଳା କରିବେ!

sahadevas@yahoo.com

# ବେନାମୀ ଚିଠି



ହରିଶଙ୍କର ମିଶ୍ର

ସରକାରୀ ଦପ୍ତରରେ କୌଣସି ବ୍ୟକ୍ତି ବା ସରକାରୀ ଅଧିକାରୀଙ୍କ ନାମରେ ଗୁରୁତର ତ୍ରୁଟିର ସୂଚନା ଥାଇ ପ୍ରେରକଙ୍କ ନାମ ନ ଥାଇ ଯେଉଁ ଚିଠି ପ୍ରାପ୍ତ ହୁଏ ତାହା ବେନାମୀ ଚିଠି ଭାବେ ନାମିତ କରାଯାଏ। ବେନାମୀ ଚିଠିରେ ଅଭିଯୋଗର ସତ୍ୟତା ଥାଏ। କିନ୍ତୁ ଅଭିଯୁକ୍ତ ଯଦି ଧନୀ, ବାହୁବଳୀ, କ୍ଷମତାସମ୍ପନ୍ନ ବା ଉପରିସ୍ଥ ଅଧିକାରୀ ହୋଇଥା'ନ୍ତି ତେବେ ଧନ, ଜୀବନ, ଚାକିରି, ସାମାଜିକ ନିରାପତ୍ତା ପାଇଁ ଅଭିଯୋଗକାରୀ ନିଜର ନାମ ବା ଠିକଣା ଦେଇ ନ ଥାନ୍ତି। ଅଭିଯୋଗର ସତ୍ୟତା ଥାଇ ପ୍ରେରକଙ୍କ ନାମ, ଠିକଣା ଥିଲେ ଓ ବେନାମୀ ଅଭିଯୋଗ ପତ୍ର ମଧ୍ୟରେ କିଭଳି ଫରକ ରହିଛି ତାହା ନିମ୍ନୋକ୍ତ ଦୁଇଟି ଉଦାହରଣରୁ ସ୍ପଷ୍ଟ ହେବ।

ସତ୍ୟେନ୍ଦ୍ର ଦୁବେ, ଆଇଆଇଟି ଖଡ଼ଗପୁରରୁ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହେବାପରେ ଭାରତୀୟ ଯାନ୍ତ୍ରିକ ସେବାପାଇଁ ମନୋନୀତ ହୋଇଥିଲେ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଜ ରାଜ୍ୟ ବିହାରରେ ନିଯୁକ୍ତି ପାଇଲେ। ଜାତୀୟ ରାଜପଥର ମରାମତି ତଦାରଖ ବେଳେ କାର୍ଯ୍ୟରେ ହେଉଥିବା ଗୁରୁତର ତ୍ରୁଟିକୁ ପ୍ରଥମେ ଠିକାଦାର ଓ ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ବି କୌଣସି ସୁଫଳ ମିଳି ନ ଥିଲା। ଯୁବ ସୁଲଭ ଉଦ୍ଦୀପନାରେ ଦୁବେଙ୍କ ଅନ୍ତରାତ୍ମା ଏହାକୁ ହଜମ କରିପାରିଲା ନାହିଁ। ସେ ସମସ୍ତ ଘଟଣା ଲେଖି ୨୦୦୨ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସେହି ପତ୍ର ଉପରେ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦାପ୍ତରିକ ଢାଞ୍ଚାରେ ପତ୍ରଟି ବିହାରର ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ଦପ୍ତରରେ ପହଞ୍ଚିଲା। କାର୍ଯ୍ୟାନୁଷ୍ଠାନ ତ ହେଲାନାହିଁ ବରଂ ସ୍ୱଳ୍ପ ଦିନରେ ଦୁବେ ଅଜଣା ଆତତାୟୀଙ୍କ ଦ୍ୱାରା ନିହତ ହେଲେ। ଏଇ ଘଟଣା ସେତେବେଳେ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ଫଳ ଶୂନ୍ୟରେ ସୀମିତ ରହିଲା। କାରଣ ବାହୁ ଓ ଧନ ବଳରେ ବଳୀୟାନ ସମ୍ପୃକ୍ତ ଠିକାଦାର ବିଭାଗୀୟ ଅଧିକାରୀ ଓ ରାଜନେତାମାନଙ୍କୁ ନିଜ କର୍ତ୍ତୃତ୍ୱରେ ରଖିଥିଲେ।

ସେହି ବର୍ଷ ପ୍ରଧାନମନ୍ତ୍ରୀ ଓ ପଞ୍ଜାବ ହରିୟାଣା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ପାଖରେ ଦୁଇଟି ଲଫାପା ପହଞ୍ଚିଲା। ସେଥିରେ ବଳାତ୍କାରର ଶିକାର ହୋଇଥିବା ଦୁଇଜଣ ଯୁବତୀ ବଳାତ୍କାରୀଙ୍କ ସମ୍ପର୍କରେ ବହୁ ଗୁପ୍ତ ଓ ରୋମାଞ୍ଚିତ ତଥ୍ୟ ଦେଇ ଥିବାରୁ ତାହା ସିବିଆଇ ଦ୍ୱାରା ତଦନ୍ତ ପାଇଁ କଡ଼ା ନିର୍ଦ୍ଦେଶ ମିଳିଲା। ମାତ୍ର ଅଭିଯୋଗକାରିଣୀଙ୍କ ସମ୍ପର୍କରେ କୌଣସି ସୂଚନା ନ ଥିବାରୁ କେବଳ ପତ୍ର ଦ୍ୱୟରେ ଥିବା ମୋହର ଆଧାରରେ ପ୍ରେରିତ ଡାକଘରର ଅବସ୍ଥିତି ଅଞ୍ଚଳରେ ଗୁପ୍ତ ତଦନ୍ତ କରାଗଲା। କିଛି ମାସ ମଧ୍ୟରେ ସିବିଆଇ ଯୁବତୀଦ୍ୱୟଙ୍କୁ ଠାବ କରିବାରେ ସକ୍ଷମ ହେଲା। କିନ୍ତୁ ସେମାନଙ୍କ ପରିଚୟ ପ୍ରକାଶ ପାଇଲେ ଜୀବନହାନି ନିଶ୍ଚିତ ଯୋଗୁ ତଦନ୍ତକୁ ଆହୁରି



ଗୁପ୍ତ ରଖାଗଲା। ୨୦୦୭ରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ ପରେ ଜଣାଗଲା ଯେ ହରିୟାଣାର ଶୀର୍ଷା ସ୍ଥିତ ଡେରା ସଚ୍ଚା ସୌଦାର ମୁଖ୍ୟ ଗୁରମିତ ସିଂ ହିଁ ବଳାତ୍କାରୀ। ବହୁସଂଖ୍ୟକ ଆଗଧାଡ଼ିର ରାଜନେତା ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଥିଲେ। ତାଙ୍କର ଗୋଟିଏ ଫୋନ ବାର୍ତ୍ତାରେ ନିଶାସକ୍ତମାନେ ନିଶାତ୍ୟାଗ କରୁଥିବା ତାଙ୍କ ଅନୁଗାମୀମାନେ ପ୍ରଚାର କରୁଥିବା ବେଳେ ତାଙ୍କ ସ୍ୱହସ୍ତ ପ୍ରେରିତ ଗୋଟିଏ ଲଙ୍କା ବା ମଟର ଛୁଇଁ ପାଇଲେ ଧନାଢ଼୍ୟ ଅନୁଗାମୀ କୃତ୍ୟ କୃତ୍ୟ ହୋଇ ବହୁଲକ୍ଷ ଅର୍ଥ ଦେଇଦେଉଥିଲେ। ୨୦୦୨ରେ ଗୁରମିତଙ୍କ ସମ୍ପର୍କରେ କିଛି ତଥ୍ୟ ସାର୍ବଜନୀନ କରି ହତ୍ୟାର ଶିକାର ହୋଇଥିବା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତି ଓ ଅଭିଯୋଗ ଫର୍ଦ୍ଦ ଦାଖଲ ପରେ ହତ୍ୟାର ଶିକାର ହୋଇଥିବା ବ୍ୟକ୍ତିଗତ ସଚିବ କ୍ରିଷ୍ଣାଲାଲଙ୍କ ମାମଲା ମଧ୍ୟ ସିବିଆଇର ତଦନ୍ତ ପରିସରକୁ ଅଣାଗଲା। କାରଣ ସେ ହତ୍ୟାକାଣ୍ଡର ନାୟକ ଥିଲେ ସ୍ୱୟଂ ଗୁରମିତ ସିଂ। ଦୀର୍ଘଦିନର ବିଚାର ପରେ ସେପ୍ଟେମ୍ବର ୨୦୧୭ ଅଗଷ୍ଟ ୨୫ରେ ବଳାତ୍କାର ମାମଲାରେ ଗୁରମିତଙ୍କୁ ପଞ୍ଚକୁଲା କୋର୍ଟ ଦୋଷୀସାବ୍ୟସ୍ତ କଲେ। ସେଦିନ ଦଙ୍ଗା କରାଯାଇ ଗୁରମିତଙ୍କୁ ଫେରାର କରାଇବାକୁ ଯୋଜନା ଥିବାରୁ ତାଙ୍କୁ ହେଲିକପ୍ଟରରେ ରୋହତକ୍‌ର ସୁନାରିଆ ଜେଲକୁ ପଠାଗଲା। ତଥାପି ଦଙ୍ଗା ହୋଇ ୪୧ ଜଣ ମରିଥିଲେ। ଦୁଇଦିନ ପରେ ଜେଲ ମଧ୍ୟରେ ୨୦ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଗଲା। ଯୁବତୀ ଦ୍ୱୟଙ୍କୁ ମଧ୍ୟ ୧୫ଲକ୍ଷ କ୍ଷତିପୂରଣ ଦେବାକୁ ଅଦାଲତ ଆଦେଶ ଦେଲେ। ପରେ ହତ୍ୟାକାଣ୍ଡ ମାମଲାରେ ଗୁରମିତଙ୍କ ସହ ଯଥାକ୍ରମେ ଚାରି ଓ ପାଞ୍ଚଜଣ ସହଯୋଗୀଙ୍କୁ ଦୁଇଥର ଆଜୀବନ କାରାଦଣ୍ଡ ଓ ଯଥେଷ୍ଟ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି।

ଉପରୋକ୍ତ ଘଟଣା ଦ୍ୱୟରୁ ସ୍ପଷ୍ଟ ଯେ ଅଭିଯୋଗ ପତ୍ରରେ ପରିଚୟ ଯୋଗୁ ଜଣେ ଉଦୀୟମାନ ସଚ୍ଚୋଟ ଯନ୍ତ୍ରୀ ହତ୍ୟାର ଶିକାର ହୋଇଥିବା ବେଳେ ପରିଚୟ ନ ଥିବା ଅଭିଯୋଗର ଠିକ୍ ତଦନ୍ତ ଯୋଗୁ ଜଣେ ଅତ୍ୟୁଚ୍ଚ ବର୍ଗର ବ୍ୟକ୍ତିଙ୍କ ଆପରାଧିକ କାର୍ଯ୍ୟ ସାର୍ବଜନୀନ ହୋଇଗଲା। ସମସ୍ତେ ଜାଣନ୍ତି ଯେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚରମ ସୀମା ଛୁଇଁ ସାରିଛି। ମାତ୍ର ଅନେକ ସଚେତନ ବ୍ୟକ୍ତି ନିଜ ଜୀବନ ଓ ସାମାଜିକ ନିରାପତ୍ତା ଭୟରେ ଏହା ସରକାରଙ୍କ ଦୃଷ୍ଟିକୁ ଆଣି ପାରୁନାହାନ୍ତି। ସରକାର ଯଦି ବାସ୍ତବରେ ଶୂନ୍ୟ ସହନଶୀଳତା ଗ୍ରହଣ କରିବାକୁ ବଦ୍ଧପରିକର ତେବେ ବେନାମୀ ଚିଠିକୁ ଅଭିଯୋଗ ଭାବେ ଗ୍ରହଣ କରି ତା'ର ସତ୍ୟତା ପ୍ରଥମେ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ଦ୍ୱାରା ପ୍ରାଥମିକ ତଦନ୍ତକୁ ଅଗ୍ରାଧିକାର ଦିଆଯିବା ଉଚିତ।

**ଗୁଣ୍ଡିଚା ବିହାର, ପୁରୀ ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ଦିଲ୍ଲୀ ସହରରେ ଏମିତି ଏକ ଘର ଯେଉଁଠି ବିଦ୍ୟୁତ୍ ବିଲ୍ ଶୂନ। ଏହା ସମ୍ଭବ ହୋଇଛି ଆଇଟି କମ୍ପାନୀରେ କାମ କରୁଥିବା ଅମିତ୍ ମେହେଟାଙ୍କ ଦ୍ୱାରା। ଅମିତ୍ ତାଙ୍କ ଦୁଇ ମହଲା ବିଶିଷ୍ଟ ଘରକୁ ସମ୍ପୂର୍ଣ୍ଣ ସୌରଶକ୍ତିରେ ଚଳାଉଛନ୍ତି । ସେ ଛାତ ଉପରେ ସୋଲାର୍ ପ୍ୟାନେଲ ଲଗାଇଛନ୍ତି ଓ ତା' ତଳେ ପନିପରିବା ଚାଷ ମଧ୍ୟ କରୁଛନ୍ତି। ଫଳରେ ଅଧିକ ଖରାରେ ଫସଲ ନଷ୍ଟ ହେଉନାହିଁ ଏବଂ ସବୁ ଋତୁରେ ପରିବା ଚାଷ ସମ୍ଭବ ହେଉଛି। ୨୦୨୧ରୁ ଅମିତ୍ ସୌର ବିଦ୍ୟୁତ୍ ଉତ୍ପାଦନ ସହ ପରିବା ଚାଷ କରୁଛନ୍ତି। ପ୍ରଥମେ ସେ ଏଥିରେ ୨ ଲକ୍ଷ ୨୫ ହଜାର ଟଙ୍କା ନିବେଶ କରିଥିଲେ ଓ ବର୍ଷେ ମଧ୍ୟରେ ୧ ଲକ୍ଷ ୨୫ ହଜାର ଟଙ୍କା ଫେରି ପାଇଛନ୍ତି। ପ୍ରତି ମାସରେ ତାଙ୍କ ଘରର ବିଦ୍ୟୁତ୍ ବିଲ୍ ୫ରୁ ୭ ହଜାର ଆସୁଥିଲା ଓ ସୌରଶକ୍ତି ଉପଯୋଗ ଦ୍ୱାରା ବିଦ୍ୟୁତ୍ ବିଲ୍ ଶୂନ ହୋଇଯାଇଛି। ଏବେ ସୋଲାର ପ୍ୟାନେଲ ଲଗାଇବା ଲାଗି ସେ ଅନ୍ୟମାନଙ୍କୁ ପ୍ରେରିତ କରୁଛନ୍ତି ଓ ସରକାରୀ ଯୋଜନାରେ ଏହା କିଭଳି କରାଯାଇପାରିବ ସେଥିରେ ଲୋକମାନଙ୍କୁ ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୩୧ ଅଗଷ୍ଟ ୧୯୯୭**

- ଇଣ୍ଡୋନେସିଆରେ ୨୬.୫ ନିୟୁତ ସ୍କୁଲ ପିଲାଙ୍କ ପାଇଁ 'ଓସିସ୍' ବ୍ରାଣ୍ଡର ଜୋତା ଯୋଗାଇଦେବା ନେଇ ଦିଆଯାଇଥିବା ସରକାରଙ୍କ ବିବାଦୀୟ ଅନୁମୋଦନ ପ୍ରତ୍ୟାହୃତ।
- ଘରୋଇ ଟେଲିକମ୍ ଅପରେଟରଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରିହାତି ପ୍ୟାକେଜ୍ ଘୋଷଣା।
- ୭୫ କୋଟି ଟଙ୍କା ଜମି ଲିଜିଂ ମାମଲାରେ ତାମିଲନାଡୁର ପୂର୍ବତନ ଶିଳ୍ପମନ୍ତ୍ରୀ ଏମ୍. ଚିନ୍ନାସ୍ୱାମୀ ଗିରଫ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| 1 | 7 | | | | | | | |
| | | 3 | 6 | | | 5 | | |
| 7 | | | | 5 | | 6 | | |
| | 1 | 9 | 4 | | | | | |
| | 8 | | | | | | 7 | 5 |
| | | | | | | | 9 | |
| 3 | | | | 8 | | | | |
| | 5 | | 9 | 3 | 4 | | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

| | | | | | | | | |
|---|---|---|---|---|---|---|---|---|
| 2 | 5 | 3 | 8 | 6 | 9 | 7 | 1 | 4 |
| 4 | 9 | 8 | 1 | 7 | 3 | 5 | 2 | 6 |
| 6 | 1 | 7 | 5 | 2 | 4 | 8 | 3 | 9 |
| 3 | 4 | 5 | 9 | 1 | 6 | 2 | 8 | 7 |
| 9 | 7 | 6 | 2 | 3 | 8 | 4 | 5 | 1 |
| 8 | 2 | 1 | 7 | 4 | 5 | 6 | 9 | 3 |
| 5 | 3 | 2 | 6 | 9 | 7 | 1 | 4 | 8 |
| 7 | 8 | 9 | 4 | 5 | 1 | 3 | 6 | 2 |
| 1 | 6 | 4 | 3 | 8 | 2 | 9 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସୋସିଆଲ ମିଡିଆରେ ଚରିତ୍ର ସଂହାର ନ ହେଉ

ମହାଶୟ,

ସମ୍ପ୍ରତି ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟକ୍ତି ବିଭିନ୍ନ ଅଶ୍ଳୀଳ ଚିତ୍ର ସହିତ ରୁଚିହୀନ ଲେଖାସବୁ ପୋଷ୍ଟ କରୁଥିବା ଦେଖାଯାଉଛି। ଏପରି ଅବାଞ୍ଛିତ ଆବୃତ୍ତି ପାଇଁ ସମାଜ ବହୁ ନକାରାତ୍ମକ ଭାବରେ ପ୍ରଭାବିତ ହେଉଥିଲେ ହେଁ କୌଣସି ନିୟାମକ କଟକଣା ଅବା ସାମାଜିକ ପ୍ରତିବନ୍ଧକ ନ ଥିବାରୁ ଯଥେଚ୍ଛାଚାର ବୃଦ୍ଧି ପାଇବାରେ ଲାଗିଛି। ଏହାଛଡ଼ା ଆଉ ଗୋଟିଏ ଗୁରୁତର ପ୍ରସଙ୍ଗ ସୋସିଆଲ ମିଡିଆରେ ଘୂରି ବୁଲୁଛି । ତାହା ହେଲା ଅନ୍ୟର ଚରିତ୍ର ସଂହାର ।ଅନେକ ବ୍ୟକ୍ତି ନିଜର ବାହାଦୁରିପଣିଆ ଦେଖାଇବାକୁ ଯାଇ ଅନ୍ୟର ଚରିତ୍ର ସଂହାର କରିବାକୁ ପସନ୍ଦ କରୁଛନ୍ତି। ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଚରିତ୍ର ସଂହାର ତଥା ସେମାନଙ୍କ ଉପରେ କିଛି ନ ଜାଣି, ନ ଶୁଣି ଅଶ୍ଳୀଳ ମନ୍ତବ୍ୟ ପୋଷ୍ଟ କରି ନିଜକୁ ଚର୍ଚ୍ଚିତ କରିବାର ଅଭୀପ୍ସା ଅନେକ ସୋସିଆଲ ମିଡିଆ ଉପଯୋଗକାରୀଙ୍କୁ ଘାରିଛି। ଏଣୁ ସୋସିଆଲ ମିଡିଆରେ ଅଶ୍ଳୀଳତା ସ୍ଥାନ ନ ପାଉ କିମ୍ବା କାହାରି ଚରିତ୍ର ସଂହାର ନହେଉ। ଏଥିପାଇଁ ଉପଯୁକ୍ତ ସଚେତନତା ବାର୍ତ୍ତା/ମାର୍ଗଦର୍ଶିକା ଜାରି କରାଯାଉ।

**–ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ !
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅବୁଝା ଅଜଣା,
ଚମକିଲା ଛାତି କେତେ ଯେ ବରଷା ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ ।

–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ଅଗଷ୍ଟ, ୨୦୨୨



# ଶେଷ ପର୍ଯ୍ୟାୟରେ ଶ୍ରୀମନ୍ଦିରରେ ଆଲୋକୀକରଣ କାର୍ଯ୍ୟ

## ଚୂନରା ସେବାୟତଙ୍କ ସହ ଆଲୋଚନା କରିବ ଯୁଗ୍ମ କମିଟି

**ପୁରୀ ଅଫିସ,୩୦।୮:** ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଆଲୋକୀକରଣ ବ୍ୟବସ୍ଥାକୁ ନେଇ ପରିଚାଳନା କମିଟି, ସେବାୟତ ଓ ଏଏସ୍ଆଇର ମିଳିତ ବୈଠକ ହୋଇଛି। ଏ ନେଇ ୫ଜଣିଆ ବୈଷୟିକ ଟିମ୍‌ର ଯାଞ୍ଚ ଶେଷ ହୋଇଥିଲେ ମଧ୍ୟ କେଉଁ କେଉଁ ସ୍ଥାନରେ ଆଲୋକୀକରଣ କରାଯିବ ଓ ବିଦ୍ୟୁତ୍ ତାର କେଉଁ କେଉଁ ସ୍ଥାନରେ ଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ବୈଠକରେ ଚୂନରା ସେବାୟତମାନଙ୍କୁ ସାମିଲ କରାଯାଇ ଏହି ପ୍ରସଙ୍ଗରେ ଆଲୋଚନା କରାଗଲା। ଚୂନରା ସେବାୟତମାନେ ଧ୍ୱଜା ବାନ୍ଧିବା ଓ ମହାଦ୍ୱୀପ ଉଠାଇବା ପାଇଁ ନୀଳଚକ୍ର ଉପରକୁ ଯିବାକୁ ପଡୁଛି। ଏଣୁ ସମ୍ପୃକ୍ତ ଅଞ୍ଚଳରେ ଯେଭଳି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଚୂନରା ସେବାୟତମାନେ ନ ଆସିବେ ସେନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଏଣୁ ଏଏସ୍ଆଇ ଓ ଶ୍ରୀମନ୍ଦିର ପ୍ରଶାସନର ଏକ ମିଳିତ ଟିମ୍ ଶ୍ରୀମନ୍ଦିର ଯାଇ ଆଲୋକୀକରଣ ବ୍ୟବସ୍ଥାର ଭିତ୍ତିଭୂମି ଯାଞ୍ଚ କରିବେ। କେଉଁ ସ୍ଥାନରେ କେଉଁ କେଉଁ ବ୍ୟବସ୍ଥା ହେବ ସେନେଇ ନିଷ୍ପତ୍ତି ନିଆଯିବା ପରେ କାର୍ଯ୍ୟ ଆରମ୍ଭ ହେବ। ପୁରୀ ସର୍କଲ ଏଏସ୍ଆଇ ଜ୍ୟୋତି ପ୍ରଧାନ କହିଛନ୍ତି, ଆଲୋକୀକରଣ ବା ଇଲୁମିନେଶନ୍ କାର୍ଯ୍ୟକ୍ରମ ପୁରୀ ଓ କୋଣାର୍କରେ ଏକକାଳୀନ ଭାବେ ଆରମ୍ଭ ହୋଇଥିବା ବେଳେ କୋଣାର୍କରେ କାର୍ଯ୍ୟ ଶେଷ ହୋଇଛି। ସେହିଭଳି ଶ୍ରୀମନ୍ଦିରରେ ଭୋଗମଣ୍ଡପ, ଜଗମୋହନ, ମନ୍ଦିରର ବେଢ଼ି ଓ ଖପୁରୀ ଇତ୍ୟାଦିରେ ଆଲୋକୀକରଣ କାର୍ଯ୍ୟ ଶେଷ ହୋଇଛି। ତେବେ ଚୂନରା ସେବାୟତଙ୍କ ଯାତାୟାତ ହେତୁ କିଛି ସ୍ଥାନରେ ବିଦ୍ୟୁତ ତାର ନେବାରେ ସମସ୍ୟା ହେଉଛି। ଏଣୁ ମହାପ୍ରଭୁଙ୍କ ନୀତିକାନ୍ତିକୁ ପ୍ରାଥମିକତା ଦେଇ ଆମେ ଚୂନରା ସେବାୟତଙ୍କ ସହ ଆଲୋଚନା କରିଛୁ। ଶ୍ରୀମନ୍ଦିର ଚାରିଦ୍ୱାରରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ବଳକା କାର୍ଯ୍ୟ ପାଇଁ ଏକ ଯୁଗ୍ମ କମିଟି ଗଠନ କରାଯାଇଛି। କମିଟି ଚୂନରା ସେବାୟତଙ୍କ ସହ ଆଲୋଚନା କରି ବଳକା ଆଲୋକୀକରଣ ବ୍ୟବସ୍ଥାକୁ ଶେଷ କରିବେ। ଶ୍ରୀମନ୍ଦିର ଆଲୋକୀକରଣ ଖର୍ଚ୍ଚ ଏଏସ୍ଆଇ ବହନ କରିଛି।

# ନିରଞ୍ଜନ, ରାମହରି ପାଇବେ ଗୁରୁ କେଳୁଚରଣ ସମ୍ମାନ

## ସେପ୍ଟେମ୍ବର ୫ରୁ ଗୁରୁ କେଳୁ ଚରଣ ସମ୍ମାନ ଉତ୍ସବ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ପାରମ୍ପରିକ ନୃତ୍ୟ ଓ ସଙ୍ଗୀତକୁ ଉଜ୍ଜୀବିତ ରଖିବା ସହ ଏହାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରି ଦୀର୍ଘ ୨୭ବର୍ଷର ଯାତ୍ରା ଜାରି ରଖିଛି ସୃଜନ ଅନୁଷ୍ଠାନ। ଆସନ୍ତା ସେପ୍ଟେମ୍ବର ୫ରୁ ୯ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ 'ସୃଜନ' ପକ୍ଷରୁ ଓଏମ୍‌ସି ଗୁରୁ କେଳୁ ଚରଣ ସମ୍ମାନ ଉତ୍ସବ-୨୦୨୨ ଆୟୋଜନ ହେବ। ଏହି ଉତ୍ସବରେ କଟକସ୍ଥିତ ଶ୍ରୀ ବିଶ୍ୱବିଦ୍ୟାଳୟ ସହଭାଗିତା ରହିଛି। ଚଳିତବର୍ଷ ଜୀବନବ୍ୟାପି ସାଧନା ଲାଗି ଓଡ଼ିଶୀ ନୃତ୍ୟ ଗୁରୁ ନିରଞ୍ଜନ ରାଉତ ଏବଂ ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସଙ୍କୁ ୨୮ତମ ଓଏମ୍‌ସି ଗୁରୁ କେଳୁଚରଣ ସମ୍ମାନ ୨୦୨୨ ପ୍ରଦାନ କରାଯିବ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ଲକ୍ଷ ଟଙ୍କା, ଉତ୍ତରୀୟ ଓ ସ୍ମୃତିଫଳକ ଦିଆଯିବ। ସେହିପରି ଓଡ଼ିଶୀ ନୃତ୍ୟଶିଳ୍ପୀ ଗୀତାଞ୍ଜଳି ଆଚାର୍ଯ୍ୟ ଏବଂ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ମାତୃପ୍ରସାଦ ଦାସଙ୍କୁ ଗୁରୁ କେଳୁଚରଣ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଉଭୟଙ୍କୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ ଏହି ଉତ୍ସବ କଥକ ଜଗତର ଗୁରୁ ତଥା ମାର୍ଗଦର୍ଶକ ପଣ୍ଡିତ ବିର୍‌ଜୁ ମହାରାଜଜୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ ହୋଇଛି। ୨୭ବର୍ଷ ଧରି ନୃତ୍ୟ, ସଙ୍ଗୀତ, ସିନେମା ଭଳି ୬୨ କ୍ଷେତ୍ରରେ ଏହି ପୁରସ୍କାର ଦିଆଯାଉଛି। ଏଥର ୫ଦିନ ହେବାକୁ ଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ ହିନ୍ଦୁସ୍ଥାନୀ ଯୁଗଳବନ୍ଦୀରେ ବଂଶୀବାଦକ ପଣ୍ଡିତ ରୋନୁ ମଜୁମ୍‌ଦାରଙ୍କ ସହ ଡିଜେମ୍ବି ବାଦକ ଟଫିକ୍ କ୍ୟୁରେସିଙ୍କୁ ଦେଖିବାକୁ ମିଳିବ। ତାଙ୍କୁ ତବଲାରେ ସହଯୋଗ କରିବେ ଈଶାନ ଘୋଷ। ଦ୍ୱିତୀୟ ସନ୍ଧ୍ୟାରେ ସୁଶ୍ରୀ ସୃଷ୍ଟି ସ୍ୱରୂପା ମିଶ୍ର ଓଡ଼ିଶୀ ସଙ୍ଗୀତ ପରିବେଷଣ କରିବେ। ତାଙ୍କୁ ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ବେହେଲାରେ ସୁରମଣି ରମେଶ ଚନ୍ଦ୍ର ଦାସ ସହାୟତା କରିବେ। ଏଥିସହ ଭାରତନାଟ୍ୟମ୍‌ରେ ବିଦୂଷୀ ଗୀତା ଚନ୍ଦ୍ରନ ଓ ନାଟ୍ୟ ବିକାଶ ଡ୍ୟାନ୍ସ କଲେକ୍ଟିଭ୍ ଦେଖିବାକୁ ମିଳିବ। ତୃତୀୟ ସନ୍ଧ୍ୟାରେ ଭୁବନେଶ୍ୱରର ଶିବାଙ୍ଗୀ ଗ୍ରୁପ୍ ଦ୍ୱାରା ମ୍ୟୁଜିକାଲ ଫ୍ୟୁଜନ ଅନୁଷ୍ଠିତ ହେବ। ଏଥିରେ ବେହେଲାରେ ଭି. ସଞ୍ଜୀବ ଏବଂ ମୃଦଙ୍ଗରେ ଏନ୍.ସି. ଭରଦ୍ୱାଜ ସହଯୋଗ କରିବେ। ପରେ ପାରମିତା ମୈତ୍ରୀ ଏବଂ ନୃତ୍ୟାଙ୍ଗନ କଥକ କେନ୍ଦ୍ର କଥକ ସମନ୍ୱୟ ପରିବେଷଣ କରିବେ। ଉଦ୍‌ଯାପନୀ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ସହ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ନୃତ୍ୟନାଟିକା 'ରାବଣ' ପରିବେଷଣ କରାଯିବ। ଉତ୍ସବକୁ ନିର୍ଦ୍ଦେଶକ ମହାପାତ୍ର ପରିଚାଳନା ଓ ଦେବୀପ୍ରସାଦ ମିଶ୍ର ସହଯୋଗ କରିବେ। ଏହି ଉତ୍ସବ ଆୟୋଜନରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମିଡିଆ ପାର୍ଟନର ରହିଛନ୍ତି।



ସମ୍ମାନ ପ୍ରଦାନ ଉତ୍ସବ ସମ୍ପର୍କରେ ସୃଜନ ଅନୁଷ୍ଠାନ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ଦୁର୍ଘଟଣାରେ ମହିଳା ମୃତ

ନିଶ୍ଚିନ୍ତକୋଇଲି,୩୦।୮(ସ୍ୱ.ପ୍ର.)

କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲିସ୍ଥିତ ବଉଳ ବଜାରରେ ମଙ୍ଗଳବାର ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା ନିକିରାଇ ଥାନା ଢୋଲ ପଞ୍ଚାୟତ ଅନ୍ତର୍ଗତ ନଳପାରି ଗ୍ରାମର ପୁରୁଷୋତ୍ତମ ପରିଡାଙ୍କ ସ୍ତ୍ରୀ ଶାନ୍ତିଲତା ପରିଡା(୫୫)। ଉଭୟ ସ୍ୱାମୀ ଓ ସ୍ତ୍ରୀ ବାଇକ୍‌ରେ କଟକ ବଡ ଡାକ୍ତରଖାନା ଅଭିମୁଖେ ଯାଉଥିବାବେଳେ ଗାଡ଼ି ଚକରେ କୁକୁର ପଶିଯିବାରୁ ଶାନ୍ତିଲତା ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।







# ଡିସେମ୍ବର ସୁଦ୍ଧା ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ସିଟିଜେନ୍ ପୋର୍ଟାଲରେ ଏତଲା କପି ମିଳିବା ପ୍ରସଙ୍ଗ

କଟକ ଅଫିସ,୩୦।୮

ଅନ୍‌ଲାଇନ୍‌ରେ ଏତଲା କପି ଉପଲବ୍ଧ କରାଇବା ନେଇ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ନିଷ୍ପତ୍ତି ନେବାକୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ବାବାଜୀ ସାହୁଙ୍କ ଦ୍ୱାରା ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେବା ସହିତ ନିଷ୍ପତ୍ତି ନେବାର ଏକ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଅବଗତ କରାଇବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି।

ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୋମା ପଟ୍ଟନାୟକ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି କହିଥିଲେ। ଏଥିରେ ରାଜ୍ୟର ନିରୀହ ଗରିବ ଜନସାଧାରଣଙ୍କ ସ୍ୱାର୍ଥ ଜଡ଼ିତ ଅଛି। ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତି ଦୀପକ ମିଶ୍ର ଓ ବିଚାରପତି ସି. ନାଗାପାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୟୁଥ୍ ବାର୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଆଗତ ମାମଲାର ୨୦୧୬ ସେପ୍ଟେମ୍ବର ୭ରେ ଶୁଣାଣି କରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସେହିବର୍ଷ ନଭେମ୍ବର ୧୫ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଏତଲା କପି ଅପଲୋଡ୍ କରିବାକୁ ରାୟ ପ୍ରଦାନ କରିଥିଲେ। ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ସରକାର ସର୍ବୋଚ୍ଚ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକ୍ଷମ କରିସାରିଥିବାବେଳେ ଅଦ୍ୟାବଧି ଓଡ଼ିଶା ସରକାରଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ସିଟିଜେନ ପୋର୍ଟାଲ ଖୋଲାଯାଇଛି, ହେଲେ ଏତଲା କପି ଅପଲୋଡ୍ କରାଯାଉ ନାହିଁ। ଏହା ସମ୍ବିଧାନର ଧାରା ୨୧କୁ ଉଲ୍ଲଂଘନ କରୁଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ସିଟିଜେନ ପୋର୍ଟାଲର ସୁବିଧା ଜନସାଧାରଣ ପାଇବା ପାଇଁ ରାଜ୍ୟର ପ୍ରତ୍ୟେକ ପୋଲିସ ଷ୍ଟେସନରେ ଉଚ୍ଚ କ୍ଷମତାସମ୍ପନ୍ନ ନେଟ୍‌ୱର୍କ ଲିଙ୍କେଜ୍ ଜରୁରୀ ହୋଇପଡ଼ିଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡିଜିଟାଲ୍ ଭିତ୍ତିଭୂମିର ଘୋର ଅଭାବ ରହିଛି। ସମଗ୍ର ରାଜ୍ୟକୁ ଏନେଇ କାର୍ଯ୍ୟକ୍ଷମ କରିବା ଲାଗି ବିପୁଳ ପାଣ୍ଠିର ଆବଶ୍ୟକ ରହିଛି। କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ଆଇଟି ମନ୍ତ୍ରଣାଳୟ ଏଥିପାଇଁ ପାଣ୍ଠି ଯୋଗାଇଦେବାକୁ ଅଦାଲତଙ୍କୁ ପ୍ରାର୍ଥନା କରାଯାଇଥିଲା। ଏହାଦ୍ୱାରା ରାଜ୍ୟରେ ଡିଜିଟାଲ୍ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ। ଅନ୍‌ଲାଇନ୍‌ରେ ଏତଲା କପି ଦାଖଲ ହେଲେ ଉକ୍ତ ଡକ୍ୟୁମେଣ୍ଟଗୁଡ଼ିକ ଡିଜିଟାଲ ଟ୍ରାନ୍ସଫର ହୋଇପାରିବ ଏବଂ କ୍ରାଇମ୍ ଆଣ୍ଡ୍ କ୍ରିମିନାଲ ଟ୍ରାକିଂ ନେଟ୍‌ୱର୍କ ଆଣ୍ଡ୍ ସିଷ୍ଟମ୍‌ସ(ସିସିଟିଏନ୍‌ଏସ୍)ରେ ସୁରକ୍ଷିତ ରହିପାରିବ। ଅପରପକ୍ଷରେ ପ୍ରତ୍ୟେକ ପୋଲିସ ଷ୍ଟେସନରେ ଏଫ୍‌ଆଇଆର୍ ରେଜିଷ୍ଟ୍ରେଶନର ୨୪ ଘଣ୍ଟା ମଧ୍ୟରେ ଯେପରି ଏତଲା କପି ଅପଲୋଡ୍ ହୋଇପାରିବ ଏଥିପାଇଁ ଜିଲାସ୍ତରରେ ଏସ୍‌ପି ଏବଂ କମିଶନରେଟ୍ ଅଞ୍ଚଳରେ ଡିସିପିଙ୍କ ମନିଟରିଂ ଉପରେ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।









ଭୁବନେଶ୍ୱର ସୂଚନା ଭବନରେ ମଙ୍ଗଳବାର ଜମିଆତ ଉଲ୍‌ମା ଓଡ଼ିଶା ସହଯୋଗରେ ଜମିଆତ ସଦ୍‌ଭାବନା ମଞ୍ଚ ପକ୍ଷରୁ ଆୟୋଜିତ ସଦ୍‌ଭାବନା ସଂସଦରେ ମଞ୍ଚାସୀନ ଅତିଥିମାନେ।







# ମତାମତ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ■ସିବିଏସ୍‌ଇ ରେଜଲ୍ଟ ମୂଲ୍ୟାୟନ ବିବାଦ
## ■ଅଭିଭାବକ ମହାସଂଘ ଜାରି କଲା ଟୋଲ୍ ଫ୍ରି ନମ୍ବର, ୱେବସାଇଟ

ଭୁବନେଶ୍ୱର, ୩୦।୮(ବ୍ୟୁରୋ)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପରେ ଅନେକ ଅଭିଭାବକ ଏବଂ ଛାତ୍ରୀଛାତ୍ର ବୋର୍ଡର ମୂଲ୍ୟାୟନକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିବା ସହିତ ମୂଲ୍ୟାୟନ ପଦ୍ଧତି ପରିବର୍ତ୍ତନ ଉପରେ ପ୍ରଶ୍ନ ଉଠାଇଛନ୍ତି। କରୋନା ପାଇଁ ଏବର୍ଷ ଦୁଇଟି ପର୍ଯ୍ୟାୟ ଟର୍ମ-୧ ଓ ଟର୍ମ-୨ ପରୀକ୍ଷା ହୋଇଥିଲା। ଉଭୟ ପରୀକ୍ଷାର ବିଷୟ ଓ ପ୍ରାକ୍ଟିକାଲର ୫୦ %-୫୦ % ମାର୍କକୁ ନେଇ ଫାଇନାଲ ଫଳାଫଳ ପ୍ରକାଶ କରାଯିବ ବୋଲି ଗତବର୍ଷ ଜୁଲାଇ ୫ରେ ଘୋଷଣା କରିଥିଲେ। ସେହି ଅନୁସାରେ ପିଲାମାନେ ୮ ମାସ ପରିଶ୍ରମ କରି ଟର୍ମ-୧ ପରୀକ୍ଷା ଦେଇଥିଲେ। ପରୀକ୍ଷାଫଳ ପ୍ରକାଶ ପରେ ଏପ୍ରିଲ ପ୍ରଥମ ସପ୍ତାହରେ କିଛି ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଟର୍ମ-୧ର ୩୦% ଓ ଟର୍ମ-୨ର ୭୦% ମାର୍କକୁ ନେଇ ଚୂଡ଼ାନ୍ତ ଫଳ ବାହାରିବ ବୋଲି ପ୍ରକାଶିତ ହେବା ପରେ ବୋର୍ଡ କର୍ତ୍ତୃପକ୍ଷ ଏପ୍ରିଲ ୫ରେ ନିଜ ଟୁଇଟର ବକ୍ସରେ ଏହା ଫେକ ନ୍ୟୁଜ କହିଲେ ଓ ପୂର୍ବ ନିଷ୍ପତ୍ତି ଆଧାରରେ ମାର୍କିଂ କରାଯିବ ବୋଲି ସଫେଇ ଦେଇଥିଲେ। ଟର୍ମ-୧ ପରୀକ୍ଷାର ୩ମାସ ପରେ ପିଲାମାନେ ଟର୍ମ-୨ ପରୀକ୍ଷା ଦେଲେ। ରେଜଲ୍ଟ ବାହାରିଲା ପରେ ଗତ ଜୁଲାଇ ୨୨ରେ ବୋର୍ଡ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି କି, ସେମାନେ ପରୀକ୍ଷା ମୂଲ୍ୟାୟନ ନେଇ ପୂର୍ବରୁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲେ। କମିଟି ବହୁ ତର୍କ ଆଲୋଚନା ପରେ ତାଙ୍କ ପରାମର୍ଶ ଅନୁଯାୟୀ ଟର୍ମ-୧ ଥିଓରୀର ୩୦% ଓ ଟର୍ମ-୨ ଥିଓରୀର ୭୦% ମାର୍କକୁ ନେଇ ତତସହିତ ଉଭୟ ଟର୍ମ-୧ ଓ ଟର୍ମ-୨ର ପ୍ରାକ୍ଟିକାଲ ପରୀକ୍ଷା ୫୦%-୫୦% ଆଧାରରେ ମୂଲ୍ୟାୟନ କରାଯାଇଛି। ଏହା ଜାଣିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କର ସିବିଏସଇ ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଅନେକ ପିଲା ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି। ଅନେକ ପିଲା ଏବଂ ଅଭିଭାବକ ଏହି ମୂଲ୍ୟାୟନରେ ଅସନ୍ତୁଷ୍ଟ ହୋଇ ନାନା ପ୍ରଶ୍ନ ଉଠାଇଛନ୍ତି। କ୍ଷତିଗ୍ରସ୍ତ ପିଲାଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ତରଫରୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ମହାସଂଘର ଆଡ଼ଭୋକେଟ ଆଦିଶା ମହାନ୍ତି ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏ ସଂକ୍ରାନ୍ତରେ କହିଛନ୍ତି, ଯେଉଁ ପିଲାମାନେ ପୂର୍ବ ଘୋଷଣା ମୁତାବକ ୫୦-୫୦ ଆଧାରରେ ମୂଲ୍ୟାୟନ ପାଇଁ ଚାହାନ୍ତି ସେମାନେ ତାଙ୍କର ମତାମତ ଏକ ଫର୍ମାଟ ମାଧ୍ୟମରେ କୋର୍ଟରେ ଦାଖଲ କରିବେ। ଛାତ୍ରୀଛାତ୍ରଙ୍କ ମତାମତ ଆଧାରରେ ନିଷ୍ପତ୍ତି ନିଆଯିବ। ସେପଟେ ଏହି ସମସ୍ୟାକୁ ନେଇ ଦିଲ୍ଲୀ ହାଇକୋର୍ଟ ଜଣେ କ୍ଷତିଗ୍ରସ୍ତ ଛାତ୍ରଙ୍କ ଆବେଦନ ଉପରେ ତାଙ୍କୁ ୫୦:୫୦ ଆଧାରରେ ମାର୍କ ଦେବା ପାଇଁ ସିବିଏସଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମଙ୍ଗଳବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି, ଛାତ୍ରୀଛାତ୍ରମାନେ ମହାସଂଘର ଟୋଲ ଫ୍ରି ନମ୍ବର ୭୦୭୭୦୧୮୮୮ ଏବଂ ୱେବସାଇଟ-www.oamodisha.orgରେ ଫର୍ମ ଭରି ମତାମତ ଦେଇପାରିବେ। ଏହି ସମ୍ମିଳନୀରେ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଆଡ଼ଭୋକେଟ ଆଦିଶା ମହାନ୍ତି, ଭୂମୋହନ ପଟ୍ଟନାୟକ ଏବଂ ସତ୍ୟବ୍ରତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।









## ସଂକ୍ଷେପରେ

### ୩ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ଉତ୍ସବ

କଟକ ଅଫିସ,୩୦।୮: ଆସନ୍ତା ୩ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶହେ ବର୍ଷ ପୂରଣ ହେବାକୁ ଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ଯଶୋଧାରା ମିଶ୍ର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଙ୍ଗଳବାର ବିଶ୍ୱବିଦ୍ୟାଳୟର କମର୍ସ ବ୍ଲକଠାରେ ଇଂଲିଶ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଶତବାର୍ଷିକୀ ସମାରୋହ ଆୟୋଜକ କମିଟିର ପରାମର୍ଶଦାତା ପ୍ରଫେସର ଯତୀନ୍ଦ୍ର ନାୟକ, କମିଟି ସଭାପତି ପ୍ରଦୋଷ ମହାନ୍ତି, ସମ୍ପାଦକ ଡ. ଅଂଶୁମାନ ମହାନ୍ତି, ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ସନ୍ମିତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶତବାର୍ଷିକୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଟି-ଶାର୍ଟ ଉନ୍ମୋଚିତ ହୋଇଥିବାବେଳେ ଏକ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସୂଚନାଯୋଗ୍ୟ, ୧୯୨୨ ମସିହାରେ ପ୍ରଫେସର ପି.ଓ. ବ୍ରିଟଲକଙ୍କ ନେତୃତ୍ୱରେ ରେଭେନ୍ସାରେ ଇଂଲିଶ ବିଭାଗ ଖୋଲାଯାଇଥିଲା।

### ମହାନଦୀରୁ ମୃତଦେହ ଜବତ

ମଙ୍ଗୁଳି,୩୦।୮ (ଡି.ଏନ୍.ଏ.)- ମହାନଦୀର ଯୋବ୍ରା ଆନିକଟଠାରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଜଗତ୍‌ପୁର ପୋଲିସ ଜବତ କରିଛି। ସେ କଳାରଙ୍ଗର ପ୍ୟାଣ୍ଟ ଓ ମାଟିଆ ରଙ୍ଗର ଶାର୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ଯୋବ୍ରା ଆନିକଟ୍‌କୁ ବୁଲିବାକୁ ଆସିଥିବାବେଳେ ମୃତଦେହ ମହାନଦୀରେ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୪/୨୨) ରୁଜୁ ହୋଇଛି।

# ଦାବି ପୂରଣ ପାଇଁ ୯ମାସ ନେଲା ବିଏମ୍‌ସି

- ପ୍ରତିଶ୍ରୁତି ମିଳିବା ପରେ ଆଜିଠୁ ପଡ଼ିବ ଆବର୍ଜନା
- ଦାରୁଠେଙ୍ଗ ଡମ୍ପିଂୟାର୍ଡ ସମସ୍ୟା

ଭୁବନେଶ୍ୱର, ୩୦।୮ (ବ୍ୟୁରୋ): ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଆବର୍ଜନା ପକାଇବା ନେଇ ଲାଗିରହିଥିବା ବିବାଦର ସମାଧାନ ହୋଇଛି। ଦୀର୍ଘଦିନ ହେବ ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଅଳିଆ ଆବର୍ଜନା ପଡ଼ିପାରୁ ନ ଥିବାରୁ ରାଜଧାନୀରେ ଗତ ୧୫ଦିନ ହେବ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ନେଇ ରାଜଧାନୀବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ମଙ୍ଗଳବାର ଲୋକସେବା ଭବନରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ସମସ୍ୟାର ସମାଧାନ ବାଟ ଫିଟିଛି। ଦାରୁଠେଙ୍ଗ ବାସିନ୍ଦାଙ୍କ ଦାବିକୁ ସରକାର ଗ୍ରହଣ କରିଛନ୍ତି। ଆଗାମୀ ୯ମାସ ମଧ୍ୟରେ ସମସ୍ତ ସମସ୍ୟାର ପୂର୍ଣ୍ଣକାଳୀନ ସମାଧାନ କରାଯିବ ଏବଂ ସେପର୍ଯ୍ୟନ୍ତ ସେହି ଡମ୍ପିଂୟାର୍ଡରେ ଆବର୍ଜନା ପଡ଼ିବ ବୋଲି ଜଣାପଡ଼ିଛି। ବୈଠକ ପରେ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ଦାରୁଠେଙ୍ଗ ଗ୍ରାମବାସୀଙ୍କ ସମସ୍ତ ଦାବି ସରକାର ଶୁଣିଛନ୍ତି ଓ ସେସବୁ ଖୁବ୍‌ଶୀଘ୍ର ସମାଧାନ କରାଯିବ। ତେବେ ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ବିଏମ୍‌ସି ୯ମାସ ସମୟ ନେଇଛି। ଅର୍ଥାତ୍ ୨୦୨୩ ମେ' ମାସ ସୁଦ୍ଧା ଏହାର ସମାଧାନ କରାଯିବ। ଏହି ଅବଧି ପୂର୍ବରୁ ସେମାନଙ୍କ ଦାବିକୁ ପୂରଣ କରିବାକୁ ଆମେ ପଦକ୍ଷେପ ନେଉଛୁ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ବୈଠକରେ ଉପସ୍ଥିତ ଥିବା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସମାଧାନର ବାଟ ବାହାରିଛି। ବିଏମ୍‌ସି ଏବେ ଏକ ଡ୍ରାଫ୍ଟ ପ୍ରସ୍ତାବ କରୁଛି, ଯାହାକି ଦାରୁଠେଙ୍ଗ ଗ୍ରାମବାସୀଙ୍କ ଦାବିକୁ ସମାଧାନ କରିବ। ପରେ ଲୋକଙ୍କ ସହ ସେସବୁ ପ୍ରସ୍ତାବ ଉପରେ ଆଲୋଚନା ହେବ। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ ବୈଠକ ସଫଳ ହୋଇଥିବା କହିଛନ୍ତି। ବୈଠକରେ ଉପସ୍ଥିତ ଦାରୁଠେଙ୍ଗ ପଞ୍ଚାୟତର ସରପଞ୍ଚ ତପନ ଚକ୍ରବର୍ତ୍ତୀ କହିଛନ୍ତି, ଆମ ଦାବି ପୂରଣ କରିବେ ବୋଲି ବିଏମ୍‌ସି ଏବଂ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ବାୟୋ ମାଇନିଂ ପ୍ରୋସେସ୍‌ରେ ଆବର୍ଜନା ମୁକ୍ତ କରାଯିବ ଏବଂ ଭୁଆଶୁଣି ତା'ର ପୂର୍ବ ସ୍ଥିତିକୁ ଫେରିବ ବୋଲି ଚକ୍ରବର୍ତ୍ତୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୨ତାରିଖରେ ଦାରୁଠେଙ୍ଗ ଡମ୍ପିଂୟାର୍ଡ ନିକଟରେ ବିଏମ୍‌ସି ଅଳିଆ ବୋଝେଇ ଗାଡ଼ି ଧକ୍କାରେ ଜଣେ ସ୍ଥାନୀୟ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଡମ୍ପିଂୟାର୍ଡ ଭିତରକୁ ଅଳିଆ ଟ୍ରକ ଯିବାକୁ ଦେଇ ନ ଥିଲେ। ସେବେଠାରୁ ବିଏମ୍‌ସି ଓ ଦାରୁଠେଙ୍ଗ ବାସିନ୍ଦାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏବେ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଅଳିଆ ପକାଇବାକୁ ଦାରୁଠେଙ୍ଗ ପଞ୍ଚାୟତବାସୀ ଅନୁମତି ଦେଇଛନ୍ତି।


ରସୁଲଗଡ଼ କୋଟିଲେଇ ହାଟ ରାସ୍ତା ପାର୍ଶ୍ୱରେ ଗଦାହୋଇଥିବା ଆବର୍ଜନା।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ
### ହତ୍ୟା ଅଭିଯୋଗ ଆଣିଲେ ସ୍ୱାମୀ

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ଜଣେ ମହିଳାଙ୍କର ମଙ୍ଗଳବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଶୁଭଶ୍ରୀ ମହାପାତ୍ର(୨୫)। ମୃତା ଶୁଭଶ୍ରୀଙ୍କ ବେକରେ ଏକ କଳାଦାଗ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲର ସଂରକ୍ଷଣ ଗୃହରେ ରଖିଛି। ତେବେ ଶୁଭଶ୍ରୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ପ୍ରକଟ କରି ସ୍ୱାମୀ ଅନନ୍ତ ନାରାୟଣ ନାଥ ଖାରବେଳନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି, ଏନେଇ ମାମଲା ରୁଜୁ କରାଯାଇନାହିଁ। ତଦନ୍ତ କରାଗଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶୁଭଶ୍ରୀଙ୍କର ଏକ ଛୋଟ ପୁଅ ଥିବାବେଳେ ସ୍ୱାମୀ ସନ୍ଧ୍ୟାରେ ଘରେ ଅନୁପସ୍ଥିତ ଥିଲେ। ରାତି ପ୍ରାୟ ୯ଟା ୩୦ରୁ ୧୦ ମଧ୍ୟରେ ସ୍ୱାମୀ ଘରକୁ ଆସିଥିଲେ। ଖଟରେ ଶୁଭଶ୍ରୀ ଅଚେତ ହୋଇ ପଡ଼ିଥିବା ଦେଖିବାକୁ ପାଇ ସେ ତାଙ୍କୁ ସଙ୍ଗେସଙ୍ଗେ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଶୁଭଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ପୋଲିସ ସେଠାରେ ପହଞ୍ଚିଥିଲା।

## ଶାନ୍ତିଶୃଙ୍ଖଳାରେ ପୂଜା ଆୟୋଜନ ପାଇଁ ପରାମର୍ଶ



ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମେୟର ସୁଲୋଚନା ଦାସ ଏବଂ ଅନ୍ୟମାନେ।

**ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଆଗକୁ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀପୂଜା ପ୍ରଭୃତି ଆସୁଛି। ଏସବୁ ପୂଜା ପାର୍ବଣକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ମଙ୍ଗଳବାର ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ ଓ ବିଭିନ୍ନ ପୂଜା କମିଟିର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁର୍ଗାପୂଜା ପୂର୍ବରୁ ସମସ୍ୟାଗୁଡ଼ିକର ସମାଧାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସହରରେ ଶାନ୍ତିଶୃଙ୍ଖଳାର ସହିତ ପୂଜା କାର୍ଯ୍ୟକ୍ରମକୁ ପରିଚାଳିତ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଭୁବନେଶ୍ୱର ବିଧାୟକ (ଉତ୍ତର) ସୁଶାନ୍ତ କୁମାର ରାଉତ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଡିସିପି ପ୍ରତୀକ ସିଂହଙ୍କ ସମେତ ରାଜଧାନୀର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିସହ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଥାନାଧିକାରୀ ଏବଂ ଅଗ୍ନିଶମ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

### ପାଣି ପାଇପ୍ ଚୋରି, ୬ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୩୦।୮ (ଡି.ଏନ୍.ଏ.): ଟାଙ୍ଗୀ ବଡ଼ପାରୀ ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ପାଣି ପାଇପକୁ ହାଇଡ୍ରା ମାଧ୍ୟମରେ ଟ୍ରକରେ ଚୋରି କରିନେଉଥିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଜରିଆ ଗ୍ରାମର ମହେଶ୍ୱର ପଲାଇ, ସୁନ୍ଦରପୁର ଗ୍ରାମର କାହ୍ନୁ ସାହୁ, ଉଦୟଗିରିର ବିକ୍ରମ ବେହେରା, ଚାନ୍ଦପୁର ଥାନା ଅଞ୍ଚଳର ଦୀପକ ଛୋଟରାୟ, ପିପିଲି ମଠସାହିର ଆନନ୍ଦ ବେହେରା, ଭୁବନେଶ୍ୱରର ଅମୂଲ୍ୟ କୁମାର ଦାସ। ଏମାନଙ୍କଠାରୁ ୭୩ଟି ପାଇପ୍ ଭର୍ତ୍ତି ୩ଟି ମିନିଟ୍ରକ୍, ଗୋଟିଏ ହାଇଡ୍ରା ଗାଡ଼ି ଜବତ ହୋଇଛି। ଜବତ ପାଇପର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ। ଟାଙ୍ଗୀ, ଚିଲିକା ଓ ବାଣପୁର ବ୍ଲକରେ ପାନୀୟଜଳ ପ୍ରକଳ୍ପ ପାଇଁ ଏକ କମ୍ପାନୀକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟେଣ୍ଡର ଦିଆଯାଇଛି। କାର୍ଯ୍ୟ ସରି ନ ଥିବା ବେଳେ ପାଇପକୁ ରାସ୍ତା କଡ଼ରେ ଉକ୍ତ କମ୍ପାନୀ ରଖିଥିଲା।

## 'କାଳଜୟୀ ସଙ୍ଗୀତଜ୍ଞ' କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ରମଣ୍ଡପରେ ଚାଲିଥିବା 'କାଳଜୟୀ ସଙ୍ଗୀତଜ୍ଞ' କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସଙ୍ଗୀତଜ୍ଞଙ୍କ କୃତୀ ଓ କରଣି ଉପରେ ଆଧାରିତ ଏହି କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟା ଥିଲା ଚିତ୍ତାକର୍ଷକ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ, ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତ, ମ୍ୟୁଜିକ ସର୍କଲର ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅକ୍ଷୟ କୁମାର ମହାନ୍ତି, ପ୍ରଫୁଲ୍ଲ କର, ଫକୀର ପଟ୍ଟନାୟକ, ଶାନ୍ତନୁ କୁମାର ମହାପାତ୍ର ଓ ରାଧାକୃଷ୍ଣ ଭଞ୍ଜଙ୍କୁ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କଣ୍ଠଶିଳ୍ପୀ ମିତ୍ରଭାନୁ ମହାନ୍ତି, ମହାପ୍ରସାଦ କର, ପଙ୍କଜ ଜାଲ, ଦେବାଶିଷ ମହାପାତ୍ର ଏବଂ ଲକ୍ଷ୍ମୀକାନ୍ତ ପାଲିତ୍ ଓ ସେମାନଙ୍କ ସାଥୀଙ୍କ କଣ୍ଠରୁ ନିସୃତ ଗୀତରେ ଶ୍ରୋତା ଝୁମି ଉଠିଥିଲେ।


କଣ୍ଠଶିଳ୍ପୀଦ୍ୱୟ ସଙ୍ଗୀତ ପରିବେଷଣ କରୁଛନ୍ତି।

# କ୍ଷୟକ୍ଷତି ଆକଳନ ରିପୋର୍ଟ ପଇଠ କର

**ଜିଲାପାଳଙ୍କ ବନ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା**

ଖୋର୍ଦ୍ଧା ଅଫିସ,୩୦।୮: ଚଳିତ ବନ୍ୟାରେ ଖୋର୍ଦ୍ଧା ଜିଲାର ବ୍ୟାପକ କ୍ଷତିଘଟିଛି। ଜନଜୀବନ ପ୍ରଭାବିତ ହେବା ସହ ଏକର ଏକର ଚାଷ ଜମିରେ ପାଣି ପଶି ନଷ୍ଟ ହୋଇଛି। ଜିଲାର ୫ ବ୍ଲକର ୨୨ଟି ପଞ୍ଚାୟତର ୭୩ ଗ୍ରାମ ଜଳମଗ୍ନ ହୋଇଥିବା ବେଳେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ୩ଦିନ ଧରି ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଛନ୍ତି। ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା କରିଛନ୍ତି। ଓସୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫେରନ୍ସ ମାଧ୍ୟମରେ ବନ୍ୟା ପରବର୍ତ୍ତି ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଜିଲାପାଳ। ବନ୍ୟା ବିପନ୍ନ ଅଞ୍ଚଳରେ ପରବର୍ତ୍ତି ସମୟରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଥିଲେ। ବିଶେଷକରି ପାନୀୟଜଳ, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଆଦି ପୁନଃ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳରେ ଆକଳନ କରାଯାଇଥିବା କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷୟକ୍ଷତି ଆକଳନ ନିମନ୍ତେ ପ୍ରତି ବ୍ଲକ ସ୍ତରରେ କମିଟି ଗଠନ ହୋଇଥିଲା। ଏଥିରେ ପଞ୍ଚାୟତିରାଜ, ରାଜସ୍ୱ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ରହିଛନ୍ତି। ଆକଳନ ସମୟରେ କୌଣସି ପରିସ୍ଥିତିରେ ମଧ୍ୟ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ତାହା ନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ଜିଓଟ୍ୟାଗିଂକୁ ଗୁରୁତ୍ୱ ଦେଇଥିଲେ। ରିପୋର୍ଟରେ କୌଣସି ତ୍ରୁଟି ବିଚ୍ୟୁତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ତାଗିଦ୍ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ବିଭାଗୀୟ ଅଧିକାରୀଙ୍କ ସମେତ ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

# କିନ୍ନର ଘେରିଲେ ବିଏମ୍‌ସି କାର୍ଯ୍ୟାଳୟ

ଭୁବନେଶ୍ୱର,୩୦।୮ (ବ୍ୟୁରୋ): ଗାଡ଼ି ପାର୍କିଂ ଦାୟିତ୍ୱ ପ୍ରସଙ୍ଗ ନେଇ ଅଲ୍‌ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ପକ୍ଷରୁ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ ଯେ, କିନ୍ନରଙ୍କ ମଧ୍ୟରୁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ କାହିଁକି ଏହି ଦାୟିତ୍ୱ ଦିଆଯାଇଛି ତାହା ବୁଝାପଡୁନାହିଁ। ପାର୍କିଂ ଦାୟିତ୍ୱ ଦିଆଯାଇଥିବା କିନ୍ନର ଓ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ କରାଯାଉ। ଏଥିସହ ଷ୍ଟାଣ୍ଡରେ ବିନା କାରଣରେ ଲୋକଙ୍କୁ ମାଡ଼ ମାରିବା, ଗଣମାଧ୍ୟମ ପ୍ରତିନିଧିମାନେ ଖବର ପରିବେଷଣ କଲେ ସେମାନଙ୍କୁ ଧମକ ଦେବା, ବୋଇନ ଭାବେ ଲୋକଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ପ୍ରଭୃତି ବହୁ ଅଭିଯୋଗ ଆଣିଛନ୍ତି। ଏହି ସବୁ ଘଟଣାରେ ଇଡି ତଦନ୍ତ କରାଯାଉ ବୋଲି ସଂଘର ସଭାପତି ସୁଇଟି ସାହୁ କହିଛନ୍ତି। ୭ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ନବୀନ ନିବାସ ଘେରାଉ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ୫ଦଫା ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମେୟର ସୁଲୋଚନା ଦାସ ଏବଂ ବିଏମ୍‌ସି କମିଶନରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଘେରାଉରେ ସୋନମ, ପୂଜା, ପାୟଲ, ସୋନାଲି, ଖୁସି, ରାନି, ପଦ୍ମିନୀ କିନ୍ନର ପ୍ରମୁଖ ସାମିଲ ଥିଲେ।



ବିଏମ୍‌ସି ଗାଡ଼ି ପାର୍କିଂସ୍ଥଳରେ ଏସ୍‌ଏଚ୍‌ଜି କିନ୍ନରମାନଙ୍କ ପରିବର୍ତ୍ତେ ପୁରୁଷ ଓ ମହିଳା କର୍ମଚାରୀଙ୍କୁ ଦାୟିତ୍ୱ ଦେଇଥିବା ପ୍ରତିବାଦରେ ଅଲ୍ ଓଡ଼ିଶା କିନ୍ନର ଏବଂ ତୃତୀୟ ଲିଙ୍ଗୀ ମହାସଂଘ ପକ୍ଷରୁ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଛି।


ଭୁବନେଶ୍ୱରସ୍ଥିତ ୟୁନିଟ୍-୪ ଭୌମନଗର ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ୧୧ ଦିନିଆ ଗଣେଶ ମହୋତ୍ସବର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ଗଜାନନଙ୍କ ଅଙ୍କୁରାଧିବାସ ଏବଂ କଳସ ଯାତ୍ରାରେ ସାମିଲ ହୋଇଥିବା ସଂଘର କର୍ମକର୍ତ୍ତା।


ଗଣେଶ ପୂଜା ଅବସରରେ ଶିଳ୍ପୀ ଏଲ୍. ଈଶ୍ୱର ରାଓଙ୍କ ଦ୍ୱାରା କାଚ ବୋତଲରେ ପ୍ରସ୍ତୁତ କ୍ଷୁଦ୍ର କଳାକୃତି।



ଭୁବନେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ୟୁନିଟ୍-୪ସ୍ଥିତ ଅଟଳ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ମେୟର ସୁଲୋଚନା ଦାସ, ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଅନ୍ୟମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉଇନର ଆସୋସିଏଶନ୍ ପକ୍ଷରୁ ଗଣେଶ ପୂଜା, ଶହୀଦ ନଗର, ଇମ୍‌ଫା ପାର୍କ ପାର୍ଶ୍ୱ, ସକାଳ ୬ଟା।
- ଭୌମନଗର ହାଟ ବ୍ୟବସାୟୀ ସଂଘର ଗଣେଶ ପୂଜା, ହାଟର ଗଣେଶ ମଣ୍ଡପ, ୟୁନିଟ୍-୪, ସକାଳ ୭ଟା।
- ବକୁଲ ଫାଉଣ୍ଡେଶନ ପକ୍ଷରୁ ଗଣେଶ ପୂଜା, ବିଜୁ ପଟ୍ଟନାୟକ ପାର୍କ ଭିତର, ସକାଳ ୮ଟା।
- ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗଣେଶ ପୂଜା, ବିଦ୍ୟାଳୟ ପରିସର, ବଡଗଡ ବ୍ରିଟ୍ କଲୋନୀ, ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗଣେଶ ପୂଜା, ବିଦ୍ୟାଳୟର ନୂତନ ଭବନ ପରିସରରେ, ଖାରବେଳ ନଗର, ସକାଳ ୮ଟା।
- ଗଡ଼େଶ୍ୱର ହାଟ ବଣିକ ସଂଘର ଗଣେଶ ପୂଜା, ବୀର ସୁରେନ୍ଦ୍ରସାଏ ନଗର, ଗାଡ଼କଣ, ସକାଳ ୮ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଶୁଭାରମ୍ଭ, ନିଗମ କାର୍ଯ୍ୟାଳୟ, ସକାଳ ୮ଟା ୩୦।
- ମା' କୋଚିଲେଇ ହାଟ ବ୍ୟବସାୟ ସଂଘ ପକ୍ଷରୁ ଗଣେଶ ପୂଜା, ରସୁଲଗଡ, ପୂର୍ବାହ୍ନ ୯ଟା।
- ସୋମନାଥ ଯୁବ ପରିଷଦର ଗଣେଶ ପୂଜା ଓ ବାର୍ଷିକ ଉତ୍ସବ, ସମେଇଗାଡିଆ, ପୁଷ୍ପାଞ୍ଜଳି ମଧାହ୍ନ ୧୨ଟା।
- ଗଙ୍ଗାଧର ପାଇକରାୟ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଜନପଥ ଗେଟ୍ ଆସୋସିଏଶନ୍ ପକ୍ଷରୁ ଗଣେଶ ପୂଜା, ଜନପଥ, ଶହୀଦ ନଗର, ସନ୍ଧ୍ୟା ୬ଟା।
- ପକ୍ଷୀଘର ପ୍ରକାଶନୀ ଓ ଅଜୟ ଉତ୍ସବ ଟ୍ରଷ୍ଟ ପକ୍ଷରୁ ଅଜୟ ସ୍ୱାଇଁଙ୍କ ପୁସ୍ତକ 'ଅତର' ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୭ଟା।

ବାଲିଅନ୍ତା

- ସରସ୍ୱତୀ ଶିକ୍ଷା ମନ୍ଦିର ଓ ନହରକଣ୍ଟା ଶ୍ରୀ ଜୟଦେବ କଲେଜ ଓ ବାଲିଅନ୍ତା ଜବାହରଲାଲ ନେହେରୁ କଲେଜ ଓ ବେଣ୍ଟପୁର ଶ୍ରୀ ବାଣେଶ୍ୱର କଲେଜ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ବେଣ୍ଟପୁର ଶ୍ରୀ ଆଚାର୍ଯ୍ୟ ହରିହର ବିଦ୍ୟାପୀଠ ଓ ରଙ୍ଗ ବଜାରସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିରରେ ଗଣେଶ ପୂଜା, ପୂର୍ବାହ୍ନ ୧୦ଟା।

କଟକ

- 'ଏନ୍' କ୍ଲବ ପକ୍ଷରୁ ଗଣେଶ ପୂଜା, କ୍ଲବ ପରିସର, ବକ୍ସି ବଜାର, ପୁଷ୍ପାଞ୍ଜଳି ଅପରାହ୍ନ ୪ଟା।
- କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଧାରଣ ସଭା, ଶହୀଦ ଭବନ, ସନ୍ଧ୍ୟା ୬ଟା।

# ଓଡ଼ିଶାରେ ଶିଶୁ ବିରୋଧୀ ଅପରାଧ ୨୫% ବୃଦ୍ଧି

ଭୁବନେଶ୍ୱର,୩୦।୮(ବ୍ୟୁରୋ)

**ଏନ୍‌ସିଆର୍‌ବି ରିପୋର୍ଟ ୨୦୨୧**

- ସର୍ବାଧିକ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ପଞ୍ଚମ
- ଅପହରଣଜନିତ ମାମଲା ଅଧିକ
- ୫୦ % ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇନି



ଦେଶରେ ଶିଶୁଙ୍କ ବିରୋଧରେ ହିଂସା ଏବଂ ଅପରାଧ ଚିନ୍ତାଜନକ କହିଛି। ଦେଶବ୍ୟାପୀ ୨୦୨୦ ତୁଳନାରେ ୨୦୨୧ରେ ଶିଶୁ ବିରୋଧୀ ଅପରାଧ ୧୬.୨% ବୃଦ୍ଧି ପାଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଏପରି ସ୍ଥିତିରେ ଓଡ଼ିଶାରେ ମଧ୍ୟ ୨୦୨୧ ବର୍ଷରେ ଶିଶୁ ବିରୋଧୀ ଅପରାଧ ପ୍ରାୟ ୨୫% ବୃଦ୍ଧି ଘଟିଛି। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ରାଜ୍ୟର ବିଭିନ୍ନ ଥାନାରେ ୨୦୨୧ରେ ଶିଶୁ ବିରୋଧୀ ଅପରାଧ ମାମଲା ୭ ହଜାର ୮୯୯ ରହିଛି। ଏହି ସଂଖ୍ୟା ୨୦୨୦ରେ ୬ ହଜାର ୩୩୦ ରହିଥିଲା। ସବୁଠୁ ବଡ଼ କଥା ହେଉଛି, ଶିଶୁ ବିରୋଧୀ ଅପରାଧ ବୃଦ୍ଧି ପାଇଥିବା ଦେଶର ପ୍ରଥମ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି।

ଏହି ତାଲିକାରେ ପ୍ରଥମରେ ମଧ୍ୟପ୍ରଦେଶ (୧୯୧୭୩) ରହିଥିବା ବେଳେ, ଦ୍ୱିତୀୟରେ ମହାରାଷ୍ଟ୍ର (୧୭୨୬୧), ତୃତୀୟରେ ଉତ୍ତରପ୍ରଦେଶ (୧୬୮୩୮) ଏବଂ ଚତୁର୍ଥରେ ପଶ୍ଚିମବଙ୍ଗ (୯୫୨୩) ରହିଛି। ତେବେ ଓଡ଼ିଶାରେ ଶିଶୁ ବିରୋଧୀ ମାମଲା ମଧ୍ୟରୁ ଅଧିକାଂଶ ମାମଲା ଅପହରଣଜନିତ ବୋଲି ଜଣାପଡ଼ିଛି। ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୨୦୨୧ରେ ମୋଟ ଶିଶୁ ବିରୋଧୀ ମାମଲା ମଧ୍ୟରୁ ୫ ହଜାର ୧୮୭ ଅପହରଣ ମାମଲା ରହିଛି। ଏସବୁ ଅପହରଣ ମାମଲାରେ ୫ ହଜାର ୧୯୨ ଜଣ ପୀଡ଼ିତ ଓ ପୀଡ଼ିତା ରହିଛନ୍ତି। ସେଥିମଧ୍ୟରୁ ବଳାତ୍କାର, ହତ୍ୟା ଦଫା ଜଡ଼ିତ ପୋକ୍‌ସୋ ଆକ୍ଟରେ ୨ ହଜାର ୪୯୮ ମାମଲା ରହିଛି। ସେହିପରି ଶିଶୁ ଚାଲାଣ ମାମଲା ମଧ୍ୟ ୮ଟି ରହିଛି। ମୋଟ ଶିଶୁ ବିରୋଧୀ ଅପରାଧ ମାମଲା ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମାମଲାରେ ପୋଲିସ ତଦନ୍ତରେ ହେଳା କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିପାରିନାହିଁ।

ଏନେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି, ୨୦୨୦ ବେଳେ କରୋନା କାରଣରୁ ଲକ୍‌ଡାଉନ ଥିବାରୁ କମ୍ ରିପୋର୍ଟ ହୋଇଥିଲା। ସେତେବେଳେ ପିଲାମାନେ ପାଠପଢ଼ାଠୁ ଆରମ୍ଭ କରି ଅନ୍ୟ କାର୍ଯ୍ୟରେ ମୋବାଇଲ ଫୋନ୍ ଅଧିକ ବ୍ୟବହାର କରୁଥିଲେ। ତେଣୁ ତାଙ୍କର ଅଧିକ ସଂଖ୍ୟାରେ ସମ୍ପର୍କ ସୃଷ୍ଟି ହୋଇଥିଲା। ୨୦୨୧ରେ ଲକ୍‌ଡାଉନ ଖୋଲିବାରୁ ଜୀବନଶୈଳୀ ସ୍ୱାଭାବିକ ହେବା ପରେ ସେହି ସମ୍ପର୍କ ଦ୍ୱାରା ଅପହରଣ ଜନିତ ମାମଲା ବଢ଼ିଥିବା ଅନୁମାନ କରାଯାଉଛି। ଏହି ମାମଲା କମିବା ପାଇଁ ସଚେତନତାର ଆବଶ୍ୟକତା ରହିଛି। ଅଭିଭାବକ ଏବଂ ଶିଶୁ ସୁରକ୍ଷା ପାଇଁ କାମ କରୁଥିବା ବିଭିନ୍ନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଏଥିସହ ପୋଲିସ ମଧ୍ୟ ତଦନ୍ତକୁ ବଳିଷ୍ଠ କରିବା ଦରକାର ବୋଲି ସେ ମତ ପ୍ରକାଶ କରିଛନ୍ତି।



ଗଣେଶ ପୂଜା ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଓଡ଼ିଶା ମତ୍ସ୍ୟ ସେବା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୩୦।୮(ବ୍ୟୁରୋ)

ଓଡ଼ିଶା ମତ୍ସ୍ୟ ସେବା ସଂଘର ୮ମ ସାଧାରଣ ପରିଷଦ ବୈଠକ ଭୁବନେଶ୍ୱର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଅଫ୍ ଏଗ୍ରିକଲ୍‌ଚରାଲ୍ ଏକ୍ସଟେନ୍‌ସନ୍(ଇମେଜ୍)ର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତା ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଦେବାନନ୍ଦ ଭଞ୍ଜ, ସାଧାରଣ ସମ୍ପାଦକ ମଧୁମୟ ସାମଲ, ଉପସଭାପତି ସୁବ୍ରତ ଦାଶ ନିର୍ବାଚିତ ହୋଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସ୍ପେଶାଲ ସେକ୍ରେଟେରୀ ପୁରନ୍ଦର ଧାରୁଆ ଓ ଅଣ୍ଡର ସେକ୍ରେଟେରୀ ବସନ୍ତ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ମତ୍ସ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ କୁମାର ମହାନ୍ତି ନିର୍ବାଚନ ପରିଚାଳନା କରିଥିଲେ। ମତ୍ସ୍ୟ ସେବା ସଂଘ ସେବାର ଉତ୍ତରାଞ୍ଚଳରେ ବିରଜା ପ୍ରସାଦ ଦ୍ୱିବେଦୀ, କେନ୍ଦ୍ରାଞ୍ଚଳରେ ଅମିତ୍ ପାଢୀ, ଦକ୍ଷିଣାଞ୍ଚଳରେ ଭବାନୀ ଶଙ୍କର ପଣ୍ଡା, ସାଂସ୍କୃତିକ ଓ ପ୍ରକାଶନ ଯୁଗ୍ମ ସେକ୍ରେଟେରୀ ପ୍ରକାଶ କୁମାର ତ୍ରିପାଠୀ, ବିଶ୍ୱ ଭୂଷଣ ଜେନା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କମଳାକାନ୍ତ


@ ପଲ୍ଲୀଶ୍ରୀ


@ ହରିଶ୍


@ ନରେନ୍ଦ୍ର


@ କ୍ରୀଷ୍ଣା

## ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ: ଜେଲଗଲେ ଅଭିଯୁକ୍ତ ବାପା

**ନିଶ୍ଚିନ୍ତକୋଇଲି, ୩୦।୮(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ନିଜ ଶିଶୁକନ୍ୟା(୫)କୁ ବଳାତ୍କାର କରିବା ଅଭିଯୋଗରେ ବାପାଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସମ୍ପୃକ୍ତ ବ୍ୟକ୍ତି ବାହାର ରାଜ୍ୟର ହୋଇଥିବାବେଳେ ଏଠାରେ ଭଡାରେ ରହୁଥିଲେ। ସୋମବାର ରାତିରେ ସେ ଝିଅକୁ ବଳାତ୍କାର କରିଥିବା ନେଇ ମଙ୍ଗଳବାର ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ଏସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବ୍ରିଜ୍‌ରେ ସ୍କୁଟି ଛାଡ଼ି ଅଡୁଆରେ ଯୁବକ

ବାରଙ୍ଗ,୩୦।୮(ଡି.ଏନ.ଏ.)

- ମହାନଦୀକୁ ଡେଇଁ ପଡ଼ିଥିବା ସନ୍ଦେହରେ ଖୋଜାଖୋଜି
- ନାକେଦମ ହେଲେ ଅଗ୍ନିଶମ କର୍ମଚାରୀ
- ଗାଡ଼ି ଖରାପ ହେବାରୁ ରଖି ଭୁବନେଶ୍ୱର ପଳାଇଥିଲେ

ଗତ କିଛିଦିନ ଧରି କଟକ ମୁଣ୍ଡଳୀ ବ୍ରିଜ୍‌ରୁ ଡେଇଁ ଆତ୍ମହତ୍ୟା ଘଟଣା ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି। ଏଭଳି ସମୟରେ ମଙ୍ଗଳବାର ଭୋରୁ ଉକ୍ତ ବ୍ରିଜ୍ ଉପରେ ଏକ ସ୍କୁଟି ଓ ଚପଲ ରହିଥିଲା। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥିବାରୁ ଗାଡ଼ି ରଖିଥିବା ଯୁବକଙ୍କ ପାଇଁ ଅଡୁଆ ସାଜିଥିଲା। ଏହାକୁ ଦେଖି ସ୍ଥାନୀୟ ଲୋକେ ଗାଡ଼ି ରଖି କେହି ମହାନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ବାରଙ୍ଗ ଥାନା ଓ ଗୋଡ଼ିସାହି ଫାଣ୍ଡି ପୋଲିସ ପହଞ୍ଚି ଦିନତମାମ ଖୋଳତାଡ଼ କରିଥିଲେ। ଏପରିକି ସ୍ଥାନୀୟ ଅଗ୍ନିଶମ ବାହିନୀର ଏକ ଟିମ୍ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ମହାନଦୀରେ ଖୋଜି ନାକେଦମ ହୋଇଥିଲେ ସୁଦ୍ଧା କିଛି ପାଇ ନ ଥିଲେ। ପୋଲିସ ତଦନ୍ତ ଚଳାଇଥିବା ବେଳେ ଶେଷରେ କେହି ଆତ୍ମହତ୍ୟା କରି ନ ଥିବା ଜାଣିବା ସହ ଗାଡ଼ି ରଖିଥିବା ଯୁବକଙ୍କୁ ଭୁବନେଶ୍ୱରରୁ ଠାବ କରିଥିଲା। ସେ ହେଲେ ଅନୁଗୋଳ ଜିଲା ସିମିଳିପଡ଼ାର ରଘୁରଞ୍ଜନ ମହାକୁଡ଼। ଏଥିସହ ରଘୁରଞ୍ଜନ ୨ ସାଙ୍ଗ ସହ ଗୋଡ଼ିସାହି ଫାଣ୍ଡିରେ ଅପରାହ୍ନରେ ପହଞ୍ଚିବା ସହ ଗାଡ଼ି ଖରାପ ଯୋଗୁ ବ୍ରିଜ୍‌ରେ ରଖିଦେଇ ଚାଲିଯାଇଥିବା ଜଣାଇବା ପରେ ଏହି ନାଟକୀୟ ଘଟଣାର ଅନ୍ତ ହୋଇଥିଲା। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ମୁଣ୍ଡଳି ବ୍ରିଜ ଉପରେ ଓଡି ୧୯ଟି-୧୦୫୯ନଂ. ବିଶିଷ୍ଟ ସ୍କୁଟି ରଖାଯାଇଥିଲା। ତା'ପାଖରେ ଏକ ଚପଲ ମଧ୍ୟ ଥିବା ଦେଖି କିଛି ଲୋକ ଗୋଡିସାହି ଫାଣ୍ଡିକୁ କହିଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଖୋଜାଖୋଜି ଆରମ୍ଭ କରିଥିଲେ। ହେଲେ କୌଣସି ପତ୍ତା ମିଳି ନ ଥିଲା। ଶେଷରେ ପୋଲିସ ସ୍କୁଟି ନଂ. ଅଧାରରେ ଯୁବକଙ୍କ ପରିଚୟ ଜାଣିବା ପରେ ଅନୁଗୋଳ ଥାନା ସହ ଯୋଗାଯୋଗ କରି ରଘୁରଞ୍ଜନଙ୍କ ପରିବାରକୁ ଖବର ଦେଇଥିଲେ। ଅନ୍ୟପଟେ ଏହି ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପରିବେଷଣ ହେଉଥିବା ବେଳେ ରଘୁରଞ୍ଜନଙ୍କ ଜଣେ ସମ୍ପର୍କୀୟ ଗାଡ଼ି ନଂ. ଦେଖି ପରିବାର ଓ ପୋଲିସକୁ ଫୋନ କରିଥିଲେ। ଏହି ଚର୍ଚ୍ଚା ଭିତରେ ଅପରାହ୍ନରେ ସ୍କୁଟି ଚାଳକ ରଘୁରଞ୍ଜନ ଓ ତାଙ୍କ ଦୁଇ ସାଙ୍ଗକୁ ନେଇ ଗୋଡିସାହି ଫାଣ୍ଡିରେ ପହଞ୍ଚି ଗାଡ଼ି ଖରାପ ଥିବାରୁ ଭୁବନେଶ୍ୱର ଚାଲିଯାଇଥିବା କହିବା ପରେ ଆତ୍ମହତ୍ୟା ସନ୍ଦେହର ପୂର୍ଣ୍ଣଚ୍ଛେଦ ପଡ଼ିଥିଲା।


ରଘୁରଞ୍ଜନ ମହାକୁଡ଼

ଅପରପକ୍ଷେ ରଘୁରଞ୍ଜନଙ୍କ କହିବା ଅନୁଯାୟୀ, ସୋମବାର ସେ ତାଙ୍କ ସ୍ତ୍ରୀଙ୍କ ସହ କୌଣସି କଥାକୁ ନେଇ ଝଗଡ଼ା କରି ସାଢେ ୯ଟାରେ ସ୍କୁଟି ଧରି ଘରୁ ପଳାଇଆସିଥିଲେ। ମହାନଦୀ ମୁଣ୍ଡଳି ବ୍ରିଜ ଉପରେ ବିଳମ୍ବିତ ରାତିରେ ସ୍କୁଟିଟି ଖରାପ ହୋଇଯାଇଥିଲା। ଅନ୍ଧାରରୁ ଗାଡିକୁ ଗଡାଇ ଆଲୋକଥିବା ସ୍ଥାନରେ ରଖି ଗ୍ୟାରେଜ ଖୋଜିଥିଲେ। ଏହି ସମୟରେ ଆସୁଥିବା ଏକ ଟ୍ରକକୁ ଲିଫ୍ଟ ମାଗି ଗ୍ୟାରେଜ ଖୋଜିବା ପାଇଁ ବାହାରି ଆସିଥିଲେ। ଟ୍ରକରେ ବରମୁଣ୍ଡାରେ ଆସି ସାଢେ ୪ଟା ରାତିରେ ଓହ୍ଲାଇ ଶ୍ୱଶୁରଘର ଲୋକଙ୍କୁ ଫୋନ କରିଥିଲି କିନ୍ତୁ ତାଙ୍କ ଫୋନ ସୁଇଚ୍ ଅଫ୍ ହୋଇଯାଇଥିଲା। ଏହାପରେ ସେ ସେଠାରେ ଶୋଇ ପଡ଼ିଥିଲେ। ସକାଳ ୭ଟାରେ ତାଙ୍କ ଶଳା ଟିଭିରୁ ଗାଡିନମ୍ବରକୁ ଜାଣି ରଘୁରଞ୍ଜନଙ୍କୁ ସୁଇସାଇଡ୍ କରିଥିବାର ପ୍ରଚାର ହେଉଥିବା ବିଷୟରେ କହିଥିଲେ। ତାଙ୍କ ଗାଡି ଖରାପ ହୋଇଯାଇଥିବାରୁ ସେ ସେଠାରେ ରଖି କି ଆସିବାର କହିଥିଲେ। ଏହାପରେ ତାଙ୍କର ଦୁଇଜଣ ସାଙ୍ଗଙ୍କୁ ଧରି ଗୋଡିସାହି ଫାଣ୍ଡିରେ ପହଞ୍ଚିଥିଲେ। ସେଠାରେ ସେ ଭୁଲ ସ୍ୱୀକାର କରି ଲିଖିତ ଭାବେ ଜଣାଇବା ପରେ ପୋଲିସ ତାଙ୍କ ଗାଡ଼ିକୁ ଦେଇଥିଲା।

# ଶ୍ରୀମନ୍ଦିରରେ ଅନ୍ଧଲୀଳା ନୀତି ସମ୍ପନ୍ନ

ପୁରୀ ଅଫିସ,୩୦।୮

ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ଭାଦ୍ରବ ଶୁକ୍ଳ ତୃତୀୟା ତିଥି ମଙ୍ଗଳବାର ଅବସରରେ ଅନ୍ଧ ମନ୍ଦିର ହାତୀ ପ୍ରସ୍ତାବ ବା ଅନ୍ଧ ଲୀଳା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀକୃଷ୍ଣ ଦୃଷ୍ଟିହୀନ ଭକ୍ତର ଭକ୍ତିରେ ସନ୍ତୁଷ୍ଟ ହୋଇ ଚକ୍ଷୁଦାନ କରିଥିବାବେଳେ ଏକ ପରାକ୍ରମୀ ଉନ୍ମତ୍ତ ହାତୀକୁ ବିନାଶ କରିଛନ୍ତି। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢ଼ିବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନସିଂହାସନକୁ ବିଜେ କରିଥିଲେ। ପରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହସ୍ତରେ ବଟମୂଳ ନିକଟରେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠକୁ ନେଇଥିଲେ। ସେଠାରେ ପଡିଥିବା ଖଟ ଉପରେ ଠାକୁର ପାଲିଙ୍କି ସହିତ ବିଜେ ହୋଇଥିଲେ। ସେଠାରେ ଅନ୍ଧ ମନ୍ଦିର ହସ୍ତୀ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା ନୀତି ସମ୍ପନ୍ନ ପରେ ଠାକୁରଙ୍କୁ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରେ ଲୀଳା କରୁଥିବାବେଳେ କଂସ ତାଙ୍କୁ ମାରିବା ଲାଗି ଗୋଟିଏ ହସ୍ତୀ ପ୍ରେରଣ କରିଥିଲେ। ତେବେ ନୀତିକୁ ଅନ୍ଧ ମନ୍ଦର ହସ୍ତୀ କହିବାର ତାତ୍ପର୍ଯ୍ୟ ହେଉଛି ସେହି ହାତୀଟି ଅତ୍ୟନ୍ତ ମତାନ୍ଧ ଏବଂ ମନ୍ଦର ପର୍ବତ ଭଳି ବିଶାଳ ରହିଥିଲା। ଭଗବାନ ସେହି ପ୍ରବଳ ପରାକ୍ରମୀ ହସ୍ତୀକୁ ବିନାଶ କରିଥିଲେ। ସେହି ଦ୍ୱାପର ଯୁଗର ସ୍ମୃତିକୁ ନେଇ ଶ୍ରୀମନ୍ଦିରରେ ଅନ୍ଧ ମନ୍ଦର ହସ୍ତୀ ଲୀଳା ଅନୁଷ୍ଠିତ ହୋଇଥାଏ। ସେହିପରି ଶ୍ରୀମନ୍ଦିରରେ ଅନ୍ଧ ଚକ୍ଷୁଲୀଳା ନୀତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ପରେ ଦକ୍ଷିଣା ଘରେ ବିରାଜିତ ମଦନମୋହନ ରତ୍ନସିଂହାସନକୁ ଯାଇ ଆଜ୍ଞାମାଳ ପାଇ ନାଟ ମଣ୍ଡପରେ ପଡ଼ିଥିବା ଖଟ ଉପରେ ବିଜେ କରିଥିଲେ।



ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ୧୧ ଅଭିଯୁକ୍ତଙ୍କୁ ଗୁଜରାଟ ସରକାରଙ୍କ ମୁକ୍ତି ପ୍ରଦାନ ପ୍ରତିବାଦରେ ମଙ୍ଗଳବାର ଏଆଇଏମ୍‌ଏସ୍‌ଏସ୍ ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକଠାରେ ବିକ୍ଷୋଭ ।


ପୁରୀର ନନ୍ଦିନୀ ପଟ୍ଟନାୟକଙ୍କ ଦ୍ୱାରା ଆଇସକ୍ରିମ୍ କାଠିରେ ପ୍ରସ୍ତୁତ ଦେଢ଼ ଇଞ୍ଚର କ୍ଷୁଦ୍ର ଗଣେଶ ପ୍ରତିକୃତି।



ରାଜସ୍ଥାନର ଇନ୍ଦ୍ର ମେଘୱାଲ ମୃତ୍ୟୁ ଘଟଣାର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମଙ୍ଗଳବାର ଭୀମ୍ ଆର୍ମି, ଭାରତ ଏକତା ମିଶନ ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ।

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ସୁନାବେଡ଼ା/ସେମିଳିଗୁଡ଼ା,୩୦।୮ (ସ୍ୱ.ପ୍ର.)**

ସୋମବାର ଅପରାହ୍ନ ୨ଟାରେ ସେମିଳିଗୁଡ଼ା ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥ ଉଇଡ଼ା ଅଫିସ ନିକଟରେ ଏକ ଟିପ୍ପର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକି ରହିଛି। ମୃତକ ହେଲେ ସଞ୍ଜୟ ସାନ୍ତାଙ୍କ ସ୍ତ୍ରୀ ରଶ୍ମି ଖିଲ (୧୯)। ତାଙ୍କ ଘର କୁନ୍ଦୁଲି ଗ୍ରାମରେ ବୋଲି ଜଣାପଡିଛି। ଖବରରୁ ଜଣାପଡିଛି, କଲେଜରେ ପଢୁଥିବା ବେଳେ ଗତ ଦେଢ଼ ବର୍ଷ ତଳେ ରଶ୍ମି ଓ ସଞ୍ଜୟ ବିବାହ କରିଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ଉଭୟେ ସୁନାବେଡ଼ାସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ପଢ଼ାସାରି ଅପରାହ୍ନ ୨ଟାରେ ନିଜ ବାଇକ୍‌ରେ କୁନ୍ଦୁଲି ଫେରୁଥିବାବେଳେ ଏକ ଟିପ୍ପର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ରଶ୍ମିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ ହୋଇଥିବା ସଞ୍ଜୟଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଚାର ହେବା ପରେ ଶତାଧିକ ଗ୍ରାମବାସୀ ୨୬ନଂ ଜାତୀୟ ରାଜପଥ ଉଇଡ଼ା ଅଫିସ ଛକ ନିକଟରେ ମୃତଦେହ ରଖି ରାସ୍ତାରେ ଟାୟାର୍ ଜାଳି ପ୍ରାୟ ୩ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୁନାବେଡ଼ା ଥାନା ଅଧିକାରୀ ସମ୍ବିତ୍ ବେହେରା, ସେମିଳିଗୁଡ଼ା ଥାନା ସେକେଣ୍ଡ ଅଫିସର ଦୀପକ ବାରିକ, ଭାରପ୍ରାପ୍ତ ତହସିଲଦାର ଦେବବ୍ରତ କରାଟେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରେଡ୍‌କ୍ରସ୍‌ରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ପରେ ରାସ୍ତାରୋକୋ ହଟିଥିଲା।

# ବେସରକାରୀ କଲେଜରେ ୨୭୪ ଅଧ୍ୟାପକ ନିଯୁକ୍ତ

**ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

**କେବଳ ପାଠ୍ୟକ୍ରମରେ ସୀମିତ ରୁହ**

**ଭୁବନେଶ୍ୱର, ୩୦।୮ (ବ୍ୟୁରୋ)**

ଉଚ୍ଚଶିକ୍ଷାର ବିକାଶ କରିବା ସହ ଏହାକୁ ଗତିଶୀଳ କରିବା ଦିଗରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧ୍ୟାପକମାନେ ଛାତ୍ରୀଛାତ୍ରମାନଙ୍କୁ କେବଳ ପାଠ୍ୟକ୍ରମ(ସିଲାବସ୍)ରେ ସୀମିତ ନ ରଖି ସେମାନଙ୍କୁ ବର୍ତ୍ତମାନ ସମାଜରୁ ଶିକ୍ଷାଲାଭ କରିବା ସହ ବାସ୍ତବ ସାମାଜିକ-ରାଜନୈତିକ ବିଷୟଗୁଡ଼ିକୁ ବୁଝିବା ଦିଗରେ ସହାୟତା କରିବା ଆବଶ୍ୟକ। ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନୂତନ ଭାବେ ଯୋଗ ଦେଉଥିବା ୨୭୪ ଅଧ୍ୟାପକମାନଙ୍କୁ ମୁଖ୍ୟମନ୍ତ୍ରୀ ଏଭଳି ପରାମର୍ଶ ଦେଇଛନ୍ତି। ଅଧ୍ୟାପକଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ଭର୍ଚୁଆଲ ପ୍ଲାଟଫର୍ମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଇଂଲିଶ ଅଧ୍ୟାପକ ଇଂଲିଶ ଭାଷା ଶିକ୍ଷାରେ ଗୁଣବତ୍ତା ଆଣିବାରେ ସହାୟତା କରିବେ। ବିଶ୍ୱରେ ବିଭିନ୍ନ ସମସ୍ୟା ଓ ଅର୍ଥନୀତି ସମ୍ପର୍କରେ ବୁଝିବା ପାଇଁ ଇଂଲିଶ ଭାଷା ଛାତ୍ରୀଛାତ୍ରମାନଙ୍କୁ ସାହାଯ୍ୟ କରିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବୈଷୟିକ ଓ ବୃତ୍ତିଗତ ଅନୁଷ୍ଠାନ ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶା ଉଚ୍ଚଶିକ୍ଷା ହବ୍‌ରେ ପରିଣତ ହୋଇଛି। ପାରମ୍ପରିକ ଡିଗ୍ରୀ ଶିକ୍ଷା ମଧ୍ୟ ଛାତ୍ରୀଛାତ୍ରମାନଙ୍କୁ ସମାଜ ବିଷୟରେ ବୁଝିବାରେ ସହାୟତା କରିବ। ରାଜ୍ୟ ସରକାର ସର୍ବଦା ଉଚ୍ଚଶିକ୍ଷାର ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସରକାରୀ ଓ ବେସରକାରୀ କଜେଲଗୁଡ଼ିକରେ ଖାଲି ପଦବୀ ପୂରଣ କରିବା ଦିଗରେ ନିଯୁକ୍ତି ପ୍ରକ୍ରିୟାକୁ ବହୁମାତ୍ରାରେ ତ୍ୱରାନ୍ୱିତ କରାଯାଉଛି। ନୂତନ ଭାବେ ନିଯୁକ୍ତି ପାଇଥିବା ୨୭୪ ଜଣ ଅଧ୍ୟାପକମାନଙ୍କ ମଧ୍ୟରେ ୧୫୬ ଜଣ ଇଂଲିଶ, ୧୧୭ ଜଣ ରାଜନୀତି ବିଜ୍ଞାନ ଓ ଜଣେ ଗଣିତ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି।

ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଉନ୍ନୟନ କମିଶନର ପ୍ରଦୀପ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ.ପାଣ୍ଡିଆନ ନବନିଯୁକ୍ତ ଅଧ୍ୟାପକଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସାଧାରଣ ଜୀବନରେ ସର୍ବଦା ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟବାସୀଙ୍କୁ ସେ ନିଜର ପରିବାର ଭାବେ ଚିନ୍ତା କରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ଓ ମେଧାବୀ ଆଧାରରେ ସୁଯୋଗ ପାଇବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ସଚିବ ଧନ୍ୟବାଦ ଦେଇଥିଲେ।

# ଅଜଣା ରୋଗରେ ୨ ଛାତ୍ରଙ୍କ ମୃତ୍ୟୁ

**୮ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

**ମାଲକାନଗିରି, ୩୦।୮ (ଡି.ଏନ୍.ଏ)**

ମାଲକାନଗିରି ଜିଲା ପଡିଆ ବ୍ଲକ କାଲଦାପାଲ୍ଲି ପଞ୍ଚାୟତ ଅନ୍ତର୍ଗତ କଲାଗଣ୍ଡା ମଙ୍ଗଳ ବିଭାଗ ବିଦ୍ୟାଳୟର ଛାତ୍ର ପ୍ରଦୀପ ମୁଚାକିଙ୍କ ସୋମବାର ଅଜଣା ରୋଗରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ପୁଣି ଉକ୍ତ ବିଦ୍ୟାଳୟର ଛାତ୍ର ଚିଣ୍ଟୁ କୁରାମୀଙ୍କ ମୃତ୍ୟୁ ହୋଇଛି। କୁରାମୀଙ୍କୁ ଗୁରୁତର ଅବସ୍ଥାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ଆଣି ପ୍ରାଥମିକ ଚିକିତ୍ସା କରି ତାଙ୍କ ଗ୍ରାମ ପୂଜାରିଗୁଡ଼ାରେ ନେଇ ଛାଡ଼ି ଦେଇଥିଲେ। ଗାଁରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେ ସପ୍ତମ ଶ୍ରେଣୀ ପଢୁଥିଲେ। ସେହି ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଅଜଣା ରୋଗରେ ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକ ଗୁରୁତର ଥିବା ଏମ୍‌ଭି-୧୧୯ ଗ୍ରାମର ଦୀପା ମିସ୍ତ୍ରି, ଚିଣ୍ଟୁପାଲ୍ଲୀ ଗ୍ରାମର ସୁଶୀଳା ମାଡକାମି, କାଲଦାପାଲ୍ଲି ଗ୍ରାମର ନନ୍ଦି ସୋଡିଙ୍କୁ ପଡିଆ ଡାକ୍ତରଖାନାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ପଡିଆ ଡାକ୍ତରଖାନାରେ ଛାତ୍ର ୫ଜଣ ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟକୁ ଯାଇ ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ଯୋଗାଯୋଗ କରିବା ସତ୍ତ୍ୱେ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଯୁବକଙ୍କ ତଣ୍ଟି ଚିପି ହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୩୦।୮:** ଅନୁଗୋଳ ଜିଲା କୋଲିୟରୀ ଥାନା ଚାଳଗଡ଼ ଅଞ୍ଚଳର ଯୁବକ ଦିଲୀପ କୁମାର ସାମଲଙ୍କୁ ସୋମବାର ରାତିରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଦିଲୀପଙ୍କ ସ୍ତ୍ରୀ ଓ ପଡ଼ୋଶୀ ବିଜୟ ଦାସ ଏହି ଘଟଣା ଘଟାଇଥିବା ଦିଲୀପଙ୍କ ମା' ରୋଦନା ସାମଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୩୧/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ତଦନ୍ତ ଚାଲିଥିବାରୁ ସେ ଅଧିକ କିଛି କହିବାକୁ ମନା କରିଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଦିଲୀପଙ୍କୁ ଗତ ୨୮ ତାରିଖରେ ବିଜୟ ସେଣ୍ଟ୍ରାଲ ହସ୍ପିଟାଲ ପାଖରେ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଥାନାର ଜଣେ ଏଏସ୍‌ଆଇ ଆସି ତଦନ୍ତ କରିଥିଲେ। ଏହି ସମୟରେ ଦିଲୀପଙ୍କୁ ବିଜୟ ଗାଳି ଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ତେଣୁ ବିଜୟ ସୋମବାର ରାତିରେ ଦିଲୀପଙ୍କ ସ୍ତ୍ରୀଙ୍କ ସହ ମିଶି ଦିଲୀପଙ୍କୁ ହତ୍ୟା କରିଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖିଛି।

# ୩ ଗୁଟ୍‌ଖା କାରଖାନାରେ ଚଢ଼ାଉ

**ବ୍ରହ୍ମପୁର ଅଫିସ,୩୦।୮**

ସଦର ଥାନା ପୋଲିସ ମଙ୍ଗଳବାର ବାଉଁସିଆପଲ୍ଲୀ ଓ ଆଖପାଖ ଅଞ୍ଚଳରେ ବେଆଇନ ଭାବେ ଗୁଟ୍‌ଖା ପ୍ରସ୍ତୁତ ହେଉଥିବା ୩ କାରଖାନାରେ ଚଢ଼ାଉ କରିଛି। ବିପୁଳ ପରିମାଣର ଗୁଟ୍‌ଖା, କଞ୍ଚାମାଲ ଓ ବିଭିନ୍ନ ପ୍ରକାର ମେଶିନ ଜବତ କରିଛି। ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ ଏମ, ଏଏସ୍‌ପି ରମେଶ ଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ କାମ କରୁଥିବା କେତେକ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଜବତ ଗୁଟ୍‌ଖାର ଆନୁମାନିକ ମୂଲ୍ୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଏଏସ୍‌ପି ସେଠୀ କହିଛନ୍ତି। ବୁଧବାର ଏ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ବ୍ରହ୍ମପୁର ସହରତଳି ଅଞ୍ଚଳ ବାଉଁସିଆପଲ୍ଲୀରେ ଗୁଟ୍‌ଖା କାରଖାନା ଚାଲିଥିବା ସଦର ଥାନା ପୋଲିସ ଖବର ପାଇଥିଲା। ତିନୋଟି ଟିମ୍ ତିନୋଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଉକ୍ତ କାରଖାନାଗୁଡ଼ିକରେ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ କାମ କରୁଥିବା ପୋଲିସ ଦେଖିବାକୁ ପାଇଥିଲା। ଉକ୍ତ କାରଖାନାଗୁଡ଼ିକରେ ନରେନ୍ଦ୍ର କୁମାର ସାହୁ ନାମକ ଜଣେ ବ୍ୟକ୍ତି ବେଆଇନ ଭାବେ ନକଲି ଗୁଟ୍‌ଖା ପ୍ରସ୍ତୁତ କରୁଥିବା ପୋଲିସ ଜାଣିବାକୁ ପାଇଛି। ଗୁଟ୍‌ଖା ପ୍ରସ୍ତୁତ ପରେ ଜିଲାର ବିଭିନ୍ନ ଅଞ୍ଚଳରେ ଏହା ବିକ୍ରିବଟା କରାଯାଉଥିଲା ବୋଲି କହିଛି। ମାଲିକ ନରେନ୍ଦ୍ର ଫେରାର ହୋଇଯାଇଛନ୍ତି। ପୋଲିସ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଉକ୍ତ କାରଖାନାରୁ ପ୍ରସ୍ତୁତ ହୋଇ ରହିଥିବା ଗୁଟ୍‌ଖା, କଞ୍ଚାମାଲ, ଜରି ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାରେ ଲାଗିଛି।



ଜବତ ଗୁଟୁଖା।

**ବିପୁଳ ଗୁଟ୍‌ଖା, କଞ୍ଚାମାଲ ଜବତ**


## ଜଟଣୀ ପୌର ପରିଷଦ, ଜଟଣୀ

**ପୌର ସେବାରେ ୫୦ ବର୍ଷ**

- ୫୦ତମ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୨ ପାଳନ ଉପଲକ୍ଷେ ଜଟଣୀ ପୌର ପରିଷଦ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହ ପବିତ୍ର ଶ୍ରୀଗଣେଶ ପୂଜା ଉତ୍ସବକୁ ସରସ ସୁନ୍ଦର ଓ ଆନନ୍ଦମୟ କରିବା ପାଇଁ ଆପଣମାନଙ୍କ ସହଯୋଗ କାମନା କରୁଅଛି।
- ଜଟଣୀ ସହରର ଟିକସଦାତାମାନେ ନିଜ ନିଜର ଗୃହ ଟିକସ, ଟ୍ରେଡ୍ ଲାଇସେନ୍ସ, ୟୁଜର ଫି ଯଥା ସମୟରେ ପୈଠ କରନ୍ତୁ ଓ ଜଟଣୀ ସହରକୁ ସରସ ସୁନ୍ଦର କରିବାରେ ପରିଷଦକୁ ସହଯୋଗ କରନ୍ତୁ।
- ଜଟଣୀ ସହରରେ ଥିବା ମୁଖ୍ୟ ରାସ୍ତା ଓ ଗଳି ରାସ୍ତାକଡ଼ରେ ବର୍ଜ୍ୟବସ୍ତୁ ପକାନ୍ତୁ ନାହିଁ ଓ ରାସ୍ତା ଅବରୋଧ କରନ୍ତୁ ନାହିଁ। ବର୍ଜ୍ୟବସ୍ତୁ ସଂଗ୍ରହ ଓ ତା'ର ପରିଚାଳନାରେ ଟ୍ରାନ୍ସଜେଣ୍ଡର/ସ୍ୱଚ୍ଛକର୍ମୀ/ସ୍ୱଚ୍ଛସାଥୀମାନଙ୍କୁ ସହଯୋଗ କରନ୍ତୁ।
- ଜଟଣୀ ପରିଷଦଙ୍କ ନବନିର୍ମିତ ସମ୍ପଦ କେନ୍ଦ୍ର, ଗୋଶାଳା, ମୋ ଖତ, ମୋ ଜଟଣୀ, ଧୂସର ଜଳ ପ୍ରକଳ୍ପ, ବର୍ଷାଜଳ ସଂରକ୍ଷଣ ସରଞ୍ଜାମ ଓ ବିଜୁ ଆଦର୍ଶ କଲୋନୀ ପ୍ରଭୃତି ପୌରବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ।

ଆସନ୍ତୁ ସମସ୍ତଙ୍କ ସହଯୋଗରେ ସବୁଜ, ସାକ୍ଷର, ସ୍ୱଚ୍ଛ ଓ ସୁସ୍ଥ ଜଟଣୀ ସହର ଗଢ଼ିତୋଳିବା।

ନିର୍ବାହୀ ଅଧିକାରୀ, ଜଟଣୀ ପୌର ପରିଷଦ | ଉପାଧ୍ୟକ୍ଷା, ଜଟଣୀ ପୌର ପରିଷଦ | ଅଧ୍ୟକ୍ଷ, ଜଟଣୀ ପୌର ପରିଷଦ

## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର, ଜି- ଖୋର୍ଦ୍ଧା

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୨" ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ପରିଷଦକୁ ପ୍ରଗତି ପଥରେ ଆଗେଇନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ।

**ନିବେଦନ:** ୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା। ୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗୃହୀତ ଗାଡ଼ିରେ ଦିଅନ୍ତୁ। ୩. ବ୍ୟବସାୟୀମାନେ Single Use Plasticର ବ୍ୟବହାର ବର୍ଜନ କରନ୍ତୁ। ୪. ସର୍ବସାଧାରଣ ରାସ୍ତାରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ। ୫. ସହରର ପରିଷ୍କାର ଓ ପରିଚ୍ଛନ୍ନତାକୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ।



ଶ୍ରୀ ଅବିନାଶ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀମତୀ ପ୍ରାଚୀ ପ୍ରଭା ସ୍ୱାଇଁ, ଉପାଧ୍ୟକ୍ଷା ଓ ପରିଷଦର ସମସ୍ତ ସଭ୍ୟ/ସଭ୍ୟା



ଶ୍ରୀଯୁକ୍ତ ମିଟୁ ନାୟକ, ଅଧ୍ୟକ୍ଷ, ବାଣପୁର ବିଜ୍ଞାପିତ ପରିଷଦ

## ରାଜଗାଙ୍ଗପୁର ପୌର ପରିଷଦ, ରାଜଗାଙ୍ଗପୁର

ପବିତ୍ର ସ୍ୱାୟତ୍ତ ଶାସନ ଦିବସ, ୨୦୨୨ ଉପଲକ୍ଷେ ରାଜଗାଙ୍ଗପୁର ପୌର ପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହରକୁ ସର୍ବାଙ୍ଗୀନ ସୁନ୍ଦର, ପ୍ରଦୂଷଣ ମୁକ୍ତ କରିବାକୁ ଆପଣମାନଙ୍କର ସହଯୋଗ କାମନା କରୁଛି।

୧. ପୌର ପରିଷଦର ଦେୟ ଠିକ୍ ସମୟରେ ପଇଠ କରନ୍ତୁ ଏବଂ ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହର ନବୀକରଣ କରନ୍ତୁ।
୨. ଜଳ ହିଁ ଜୀବନ, ପାନୀୟ ଜଳର ଅପଚୟ କରନ୍ତୁ ନାହିଁ।
୩. ଓଦା ଓ ଶୁଖିଲା ଅଳିଆକୁ ଏଣେ ତେଣେ ନ ପକାଇ ଘରକୁ ଘର ବୁଲୁଥିବା ଆବର୍ଜନା ସଂଗ୍ରହ କରୁଥିବା ପୌର ପରିଷଦର ଅଳିଆ ବୁହା ଗାଡ଼ିରେ ପକାନ୍ତୁ।
୪. ପୌରପାଳିକା ସମ୍ପତ୍ତି ଆପଣଙ୍କର, ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା କରନ୍ତୁ।
୫. ଗୃହ ନିର୍ମାଣ ଉପାଦାନ ଯଥା ଇଟା, ବାଲି, ଗେଟି ଇତ୍ୟାଦି ରାସ୍ତା କଡ଼ରେ ଜମା କରନ୍ତୁ ନାହିଁ।
୬. ପରିବେଶର ସୁରକ୍ଷା ନିମନ୍ତେ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ।
୭. ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରନ୍ତୁ।

ଏମ୍‌ଡି ଇରଫାନ୍, ଉପାଧ୍ୟକ୍ଷ | ଶ୍ରୀମତୀ ମାଧୁରୀ ଲୁଗୁନ୍, ପୌରାଧ୍ୟକ୍ଷା ଏବଂ ସମସ୍ତ କାଉନ୍‌ସିଲରବୃନ୍ଦ | ଶ୍ରୀ ମେଥେଦିୟୁସ ଲାକଡ଼ା, ଓ.ପ୍ରେ.ସେ(୧), ନିର୍ବାହୀ ଅଧିକାରୀ

## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ ୨୦୨୨ ଉପଲକ୍ଷେ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ନିବେଦନ**

-ଏନ୍.ଏ.ସି.ର ଦେୟ ଯଥା ସମୟରେ ପୈଠ କରି ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇବାରେ ପରିଷଦକୁ ସହଯୋଗ କରନ୍ତୁ।
-ସରକାରଙ୍କ ଦ୍ୱାରା ପ୍ରଣୟନ କୋଭିଡ୍ ନିୟମ ପାଳନ କରନ୍ତୁ ଏବଂ ନିଜେ ଓ ନିଜ ପରିବାରକୁ କରୋନାମୁକ୍ତ ରଖନ୍ତୁ।
-ରାସ୍ତା ଉପରେ ବର୍ଜ୍ୟବସ୍ତୁ ଇତସ୍ତତଃ ପକାନ୍ତୁ ନାହିଁ। ପରିଷଦ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ନିୟମିତ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପୃଥକ୍ କରି ପକାନ୍ତୁ।
-ସୁଲଭ ଶୌଚାଳୟ ବ୍ୟବହାର କରନ୍ତୁ, ବାହାରେ ମଳତ୍ୟାଗ କରନ୍ତୁ ନାହିଁ।

ସୁଶ୍ରୀ କିରଣ ବେହେରା, ନିର୍ବାହୀ ଅଧିକାରୀ | ଶ୍ରୀମତୀ ସରସ୍ୱତୀ ସାହା, ଉପାଧ୍ୟକ୍ଷା | ଶ୍ରୀଯୁକ୍ତ ନୃପରାଜ ଯାଦବ, ଅଧ୍ୟକ୍ଷ

ପାରିଷଦବୃନ୍ଦ

ଶ୍ରୀମତୀ ମଞ୍ଜୁଳା ସାହୁ, ୱା.ନଂ.୧ | ଶ୍ରୀଯୁକ୍ତ ଭୂପିନ୍ଦ୍ର ଘିଭେଲା, ୱା.ନଂ. ୨
ଶ୍ରୀଯୁକ୍ତ ରୋହିତ କୁମାର ଜୈନ,ୱା.ନଂ. ୩ | ଶ୍ରୀଯୁକ୍ତ ଧରଣୀ ନାୟକ, ୱା.ନଂ. ୪
ଶ୍ରୀମତୀ ମଞ୍ଜୁ ମାଝୀ, ୱା.ନଂ. ୫ | ଶ୍ରୀଯୁକ୍ତ ଶମ୍ଭୁ ବଗର୍ତ୍ତୀ ୱା.ନଂ. ୬
ଶ୍ରୀଯୁକ୍ତ ପ୍ରକାଶ ବନଛୋର, ୱା.ନଂ. ୭ | ଶ୍ରୀମତୀ କବିତା ମାଝି, ୱା.ନଂ. ୯
ଶ୍ରୀମତୀ ପ୍ରେଣା ନାଏକ, ୱା.ନଂ. ୧୦ | ଶ୍ରୀଯୁକ୍ତ ରମାକାନ୍ତ ଜେନା, ୱା.ନଂ.୧୧
ଶ୍ରୀମତୀ ହେମ ସୁନା, ୱା.ନଂ.୧୨

ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, କୋଟପାଡ

ଆସନ୍ତା ତା.୩୧.୦୮.୨୦୨୨ରିଖ(ବୁଧବାର) ଦିନ କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ, ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହରକୁ ସୁନ୍ଦର କରିବା ପାଇଁ ଆନ୍ତରିକ କାମନା କରୁଛୁ।

**ନିବେଦନ:**

୧. ଆପଣଙ୍କ ଗୃହ ଟିକସ, ଘର ଭଡ଼ା ଓ ଲାଇସେନ୍ସ ଫି ଯଥା ସମୟରେ ପୈଠ କରନ୍ତୁ।
୨. ଗୃହ ନିର୍ମାଣ ଉପାଦାନ ଯଥା ଇଟା, ବାଲି, ଗୋଡ଼ି ଇତ୍ୟାଦି ରାସ୍ତାକଡ଼ରେ ଜମା କରନ୍ତୁ ନାହିଁ।
୩. ଆପଣଙ୍କ ଘରର ଅଳିଆ ଆବର୍ଜନାକୁ ପରିଷଦର କଚରା ଗାଡ଼ିରେ ପକାନ୍ତୁ।
୪. ପଲିଥିନ୍ ବ୍ୟବହାର କରିବା ବର୍ଜନ କରନ୍ତୁ।
୫. ବ୍ୟକ୍ତିଗତ ଓ ସାଧାରଣ ଶୌଚାଳୟ ବ୍ୟବହାର କରନ୍ତୁ।
୬. ରାସ୍ତା ଉପରେ ଦୋକାନ ବଜାର ଖୋଲି ରାସ୍ତା ଅବରୋଧ କରନ୍ତୁ ନାହିଁ।

ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଖୋରା, ଓ.ରା.ସେ., ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ | ଶ୍ରୀମତୀ ଏମ୍. ସନ୍ତୋଷୀ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ | ଶ୍ରୀଯୁକ୍ତ ଏମ୍. ଶଙ୍କର ରାଓ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଟପାଡ

## ପୌର ପରିଷଦ, ବେଲପାହାଡ଼

ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ-୨୦୨୨ ଏବଂ ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ "ନୂଆଁଖାଇ" ପାଳନ ଅବସରରେ ବେଲପାହାଡ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ।

**ପୌର ପରିଷଦର ପରିକଳ୍ପିତ ଯୋଜନାର କାର୍ଯ୍ୟକାରିତା:**

୧. ପୌରବାସୀଙ୍କୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଗତି ପଥେ।
୨. ନୂତନ ଶ୍ମଶାନଘାଟର ନିର୍ମାଣ ପ୍ରଗତି ପଥେ।
୩. ବର୍ଜ୍ୟବସ୍ତୁ ସୁପରିଚାଳନା ଘରକୁ ଘର ପୃଥକୀକରଣ ଆବର୍ଜନା ସଂଗ୍ରହ କରାଯାଇ ସଂପଦ କେନ୍ଦ୍ର କାଢ଼ୁପଡ଼ା, ୱା. ନଂ.୧୧୦ରେ ଜୈବିକ ଖତ ଉତ୍ପାଦନ ଓ ବିକ୍ରୟ।
୪. ସ୍ମାର୍ଟ ପାର୍କର ନିର୍ମାଣ କାର୍ଯ୍ୟ ପ୍ରଗତି ପଥେ।
୫. ସମଡ଼ା କଁଟା ଓ ବଡ଼ କଁଟାର ସୌନ୍ଦର୍ଯ୍ୟକରଣ ଓ ନୌକା ବିହାର ପ୍ରକଳ୍ପ ପ୍ରସ୍ତାବିତ।

**ପୌରବାସୀଙ୍କୁ ନିବେଦନ:**

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ନାମଫଳକଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌର ପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣ ରାସ୍ତା ଏବଂ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା: ଇଟା, ବାଲି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେ ତେଣେ ବୁଲିବାକୁ ଛାଡନ୍ତୁ ନାହିଁ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌର ପରିଷଦକୁ ସହଯୋଗ କରନ୍ତୁ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନର ବ୍ୟବହାର ବର୍ଜନ କରନ୍ତୁ।
- ପୌର ପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

ଶ୍ରୀ ବିକାଶ କୁମାର ଭୋଇ (ଓ.ଆର୍.ଏସ୍), ନିର୍ବାହୀ ଅଧିକାରୀ, ପୌର ପରିଷଦ, ବେଲପାହାଡ଼ ଏବଂ ସମସ୍ତ ପୌର କର୍ମଚାରୀ ବୃନ୍ଦ | ଶ୍ରୀମତୀ ରୀନା ସୁନା, ଉପାଧ୍ୟକ୍ଷା ଏବଂ ପରିଷଦର ସମସ୍ତ ସଭ୍ୟାସଭ୍ୟ ବୃନ୍ଦ | ଶ୍ରୀ ନିମାଇଁ ଚରଣ ପଣ୍ଡା(ବୁଲୁ), ଅଧ୍ୟକ୍ଷ, ପୌର ପରିଷଦ, ବେଲପାହାଡ

## ଭୁବନେଶ୍ୱର ମହାନଗର ନିଗମ

BHUBANESWAR MUNICIPAL CORPORATION BMC

ତା.୩୧.୦୮.୨୦୨୨

**ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଭୁବନେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଅଛୁ**

**"ଆସନ୍ତୁ ପରସ୍ପର ସହଯୋଗରେ ଆମ ଭୁବନେଶ୍ୱରର ପ୍ରଗତିକୁ ଆଗେଇ ନେବା"**

**ଭୁବନେଶ୍ୱର ମହାନଗର ନିଗମର ମୂଳମନ୍ତ୍ର :- ସହଭାଗୀତା ମାଧ୍ୟମରେ ପ୍ରଗତି**

DSPL-160:-

**-:କାର୍ଯ୍ୟସୂଚୀ:-**

**ସକାଳ ଘ.୮.୩୦ ମି. ଠାରୁ....**

(୦୧) ନିଗମ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ପତାକା ଉତ୍ତୋଳନ
(୦୨) ନିଗମ ଅଧିନରେ ଥିବା SUH ଏବଂ Beggar's Home ଅନ୍ତେବାସୀଙ୍କ ମଧ୍ୟରେ ଫଳ ବଣ୍ଟନ

**ସନ୍ଧ୍ୟା ଘ.୬.୩୦ ମି. ଠାରୁ...**

**ଶ୍ରୀମତୀ ଉଷା ଦେବୀ**, ମାନ୍ୟବର ମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ, ଓଡ଼ିଶା
**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ
ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଓଡ଼ିଶା
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର) ଙ୍କ ଦ୍ୱାରା
(୦୧) ଜୟଦେବ ଭବନ ଠାରେ ସାଧାରଣ ସଭା
(୦୨) ପୁରସ୍କାର ବିତରଣ

**ସକାଳ ଘ.୯.୦୦ ମି. ଠାରୁ....**

**ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ
ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ, ଓଡ଼ିଶା
**ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା**, ମାନ୍ୟବର ରାଷ୍ଟ୍ରମନ୍ତ୍ରୀ, ଇଲେକଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବସେବା, ରାଷ୍ଟ୍ରମନ୍ତ୍ରୀ, ସ୍ୱରାଷ୍ଟ୍ର, ଓଡ଼ିଶା
**ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର) ଙ୍କ ଦ୍ୱାରା

| ତାରିଖ: ୦୧ ସେପ୍ଟେମ୍ବର ୨୦୨୨ | | |
|---|---|---|
| ୦୧) | ୱାର୍ଡ଼ ନଂ-୬୫ | ପାତ୍ରପଡ଼ା ନାମରକଣୀ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟର ଶୁଭ ଉଦ୍ଘାଟନ। |
| ୦୨) | ୱାର୍ଡ଼ ନଂ-୬୪ | ଡୁମୁଡୁମା ଡି.ଏନ୍. ଆକ୍ସି ପାର୍କ ପାଖରେ କଂକ୍ରିଟ ଡ୍ରେନ୍ ର (ଡ୍ରେନ୍ ୯) ରଶୁଭ ଉଦ୍ଘାଟନ। |
| ୦୩) | ୱାର୍ଡ଼ ନଂ-୬୩ | ଜାଗମରା ବରବାରି ପୋଖରୀ ପୁନଃଉଦ୍ଧାର କାର୍ଯ୍ୟର ଶୁଭ ଉଦ୍ଘାଟନ। |
| ୦୪) | ୱାର୍ଡ଼ ନଂ-୫୦ | ଜାତୀୟ ରାଜପଥ ଠାରୁ ମହିମା ମିଶ୍ର ଗଳିରାସ୍ତା (ବରମୁଣ୍ଡାଗ୍ରାମ) ଓ ଡ୍ରେନ୍ ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୦୫) | ୱାର୍ଡ଼ ନଂ-୪୮ | ପ୍ରିୟଦର୍ଶନୀ ମାର୍କେଟ୍ ପିଣ୍ଡି ଠାରେ ପଭେର ବ୍ଲକ ରାସ୍ତା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୦୬) | ୱାର୍ଡ଼ ନଂ-୫୩ | ଭୀମପୁର ଭୋଇସାହି ଠାରେ ରାସ୍ତା ନିର୍ମାଣର ଶୁଭ ଉଦ୍ଘାଟନ। |
| ୦୭) | | ନିଉ ଫରେଷ୍ଟ ପାର୍କ ଜଗନ୍ନାଥ ମନ୍ଦିର ରାସ୍ତା ଆରସିସି ବକ୍ସ ସେଲ ଡ୍ରେନର ଭିତିପ୍ରସ୍ତର ସ୍ଥାପନ। |
| ୦୮) | ୱାର୍ଡ଼ ନଂ-୬୨ | ବିଡ଼ିଏ କଲୋନୀ ଫେଜ୍-୧ ଠାରୁ ଇନ୍ଦ୍ରପ୍ରସ୍ଥ, ପୋଖରୀପୁଟ ରାସ୍ତା ଉନ୍ନତି କରଣର ଶୁଭ ଉଦ୍ଘାଟନ। |
| ୦୯) | ୱାର୍ଡ଼ ନଂ-୬୦ | ମାଇକ୍ରୋଆକ୍ଟିଭିଟି ସେଂଟରର (ୱାର୍ଡ ୬୦) ର ଶୁଭ ଉଦ୍ଘାଟନ। |
| ୧୦) | ୱାର୍ଡ଼ ନଂ-୫୯ | ଗଙ୍ଗୁଆ ନଦୀ ତଟବନ୍ଧ ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୧) | ୱାର୍ଡ଼ ନଂ-୫୫ | ଲୁଇସ ରୋଡରୁ ରଶ୍ମୀ ହୋମ୍ ପର୍ଯ୍ୟନ୍ତ ପେଭର ବ୍ଲକ ରାସ୍ତା (ନାଗେଶ୍ୱରଟାଙ୍ଗୀ) ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୨) | ୱାର୍ଡ଼ ନଂ-୪୫ | ଚିନ୍ତାମଣିଶ୍ୱର ମନ୍ଦିରା ରାସ୍ତା ଶେଷ ଠାରୁ ଦୟା କେନାଲ ପର୍ଯ୍ୟନ୍ତ କଂକ୍ରିଟ ଡ୍ରେନର ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୧୩) | ୱାର୍ଡ଼ ନଂ-୪୫ | ଚିନ୍ତାମଣିଶ୍ୱର ବିଶ୍ୱନାଥ ନଗର ଠାରେ କମ୍ୟୁନିଟି ସେଣ୍ଟର ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୧୪) | ୱାର୍ଡ଼ ନଂ-୩୨ | ଲକ୍ଷ୍ମୀସାଗର ଝାରପଡ଼ାର ୫ ଟିପି ଠାରେ ଏମ୍ ଆର୍‌ଏଫ୍ ର ଶୁଭ ଉଦ୍ଘାଟନ। |
| ୧୫) | | ଝାରପଡ଼ା ଅର୍ଚ୍ଚି ରେସିଡେନ୍ସି ନିକଟରେ ଡ୍ରେନ୍ ନଂ-୧୦ ନିକଟରେ ବକ୍ସ କଲଭର୍ଟ ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୬) | ୱାର୍ଡ଼ ନଂ-୩୧ | ଦେବରାଜ ବିଦ୍ୟାଳୟ ନିକଟ ଡ୍ରେନ୍ ନଂ-୧୦ ଉପରେ କଂକ୍ରିଟ ଡ୍ରେନ ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୭) | ୱାର୍ଡ଼ ନଂ-୩୦ | ସହିଦନଗର (ବିଡିଏ, ଓଏମ୍‌ସି ପାର୍କ ନିକଟ ଓ ଡିସ୍ପେନ୍ସାରୀ ସମ୍ମୁଖ) ରାସ୍ତାର ଉନ୍ନତିକରଣର ଭିତିପ୍ରସ୍ତର ସ୍ଥାପନ। |
| ୧୮) | ୱାର୍ଡ଼ ନଂ-୩୪ | ସତ୍ୟନଗର ରାସ୍ତା ଉନ୍ନତିକରଣ ର ଭିତିପ୍ରସ୍ତର ସ୍ଥାପନ। |
| ୧୯) | ୱାର୍ଡ଼ ନଂ-୩୭ | କସ୍ତୁରବା ବିଦ୍ୟାଳୟ ଖେଳ ପଡ଼ିଆ ଏବଂ ଶିକ୍ଷାକେନ୍ଦ୍ର ଠାରେ ଚଲାପଥ ଓ ୧୮ ଗୋଟି ବର୍ଷାଜଳ ଅମଳ ପକଳ୍ପ ନିର୍ମାଣର ଶୁଭ ଉଦ୍ଘାଟନ। |
| ୨୦) | ୱାର୍ଡ଼ ନଂ-୩୮ | ନୟାପଲ୍ଲୀ ଇନ୍ଦିରା ମଇଦାନ ଠାରେ ରାସ୍ତାକଡ ମୁକ୍ତବାୟୁ ବ୍ୟାୟାମ ଶାଳାର ଶୁଭ ଉଦ୍ଘାଟନ। |
| **ତାରିଖ: ୦୨ ସେପ୍ଟେମ୍ବର ୨୦୨୨** | | |
| ୦୧) | ୱାର୍ଡ଼ ନଂ-୧୮ | ଇଶାଣେଶ୍ୱର ମନ୍ଦିର(ପ୍ରାଚିବିହାର) ଠାରୁ ଜାତୀୟ ରାଜପଥ-୩୧୬ ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୦୨) | ୱାର୍ଡ଼ ନଂ-୦୪ | ଫଟମୁଖି ବିହାର ଠାରେ ରାସ୍ତା ଓ ନାଳ ନିର୍ମାଣ ର ଭିତିପ୍ରସ୍ତର ସ୍ଥାପନ। |
| ୦୩) | ୱାର୍ଡ଼ ନଂ-୦୫ | ସମେଇଗାଡ଼ିଆ ସାଇମନ୍ଦିର ଠାରୁ ଶ୍ରୀରାମ ନଗର ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣର ଶୁଭ ଉଦ୍ଘାଟନ। |
| ୦୪) | | ସମେଇଗାଡ଼ିଆ ସାଇମନ୍ଦିର ମଂଚେଶ୍ୱର ଗ୍ରାମ, କିଷାନ ନଗର, ଗଙ୍ଗୁଆପୋଲ, ସୋମନାଥମନ୍ଦିର ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣର ଶୁଭ ଉଦ୍ଘାଟନ। |
| ୦୫) | ୱାର୍ଡ଼ ନଂ-୦୯ | ଗାଡ଼କଣ ରେଲୱେ ଅଫିସରୁ ବାପୁଜୀନୋଡ଼ାଲ ସ୍କୁଲ ରାସ୍ତା ଉନ୍ନତି କରଣର ଭିତିପ୍ରସ୍ତର ସ୍ଥାପନ। |
| ୦୬) | ୱାର୍ଡ଼ ନଂ-୧୨ | ସୈନିକ ସ୍କୁଲ ୫ ଟିପିଡି ରେ ୩ ଗୋଟି ଏମ୍ସିସି (୫ ଟିପିଡି କ୍ଷମତା ବିଶିଷ୍ଟ) ଏବଂ ମେଗା ଏମ୍ ଆର୍‌ଏଫ୍ ର ନିର୍ମାଣର ଶୁଭ ଉଦ୍ଘାଟନ। |
| ୦୭) | ୱାର୍ଡ଼ ନଂ-୦୩ | ପଟିଆଗଡ଼ ମଶାଣି ପଡ଼ିଆ ଠାରେ ନୂତନ ପୋଖରୀ ଖନନର ଶୁଭ ଉଦ୍ଘାଟନ। |
| ୦୮) | | ପଟିଆ କଲେଜ କ୍ୟାଂଟିନ ଠାରୁ ଶନିଶ୍ଚର ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣର ଶୁଭ ଉଦ୍ଘାଟନ। |
| ୦୯) | ୱାର୍ଡ଼ ନଂ-୦୬ | ପଦ୍ମାବତୀ ବିହାର ମୁଖ୍ୟ ନାଳ ନଂ-୦୧ ଉପରେ କଂକ୍ରିଟ କଲଭର୍ଟ ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୦) | ୱାର୍ଡ଼ ନଂ-୦୭ | ଶୈଳଶ୍ରୀବିହାର ଏମ୍‌ସିସି ନିମନ୍ତେ ରାସ୍ତା ଓ ଡ୍ରେନ ଉନ୍ନତି କରଣର ଭିତିପ୍ରସ୍ତର ସ୍ଥାପନ। |
| ୧୧) | ୱାର୍ଡ଼ ନଂ-୦୮ | ଚନ୍ଦ୍ରଶେଖରପୁର ଆର୍ଯ୍ୟବିହାର ଠାରେ ରାସ୍ତା ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୨) | ୱାର୍ଡ଼ ନଂ-୦୮ | ନିଳାଦ୍ରି ବିହାର ସରସ୍ୱତୀ ଶିଶୁମନ୍ଦିର ପଛ ପାଖରେ ମଡ଼େଲ ଭେଣ୍ଡିଂ ଜୋନ୍ ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୧୩) | ୱାର୍ଡ଼ ନଂ-୦୮ | କେୟାର ହସ୍ପିଟାଲଠାରୁ ଚେତନ-ଇନ ରେଷ୍ଟୋରାଣ୍ଟ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣର ଶୁଭ ଉଦ୍ଘାଟନ। |
| ୧୪) | ୱାର୍ଡ଼ ନଂ-୨୧ | ହାତିଆଶୁଣୀ ନିକଟରେ ୮୦୦ ମେଗାୱାଟ ମୋଖତ ଗୋଦାମ ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |
| ୧୫) | ୱାର୍ଡ଼ ନଂ-୨୧ | ହାତିଆଶୁଣୀଠାରେ ୫ଟିପିଡି କ୍ଷମତା ବିଶିଷ୍ଟ ଏମ୍‌ସିସି ନିର୍ମାଣର ଶୁଭ ଉଦ୍ଘାଟନ। |
| ୧୬) | ୱାର୍ଡ଼ ନଂ-୨୦ | ଲୟଲା ସ୍କୁଲ୍ ସମ୍ମୁଖରେ ରାସ୍ତା ଉନ୍ନତିକରଣ / ପ୍ରଶସ୍ତିକରଣ ର ଭିତିପ୍ରସ୍ତର ସ୍ଥାପନ। |
| ୧୭) | ୱାର୍ଡ଼ ନଂ-୨୭ | ଇନ୍ଦ୍ରଧନୁ ମାର୍କେଟ ମଧ୍ୟରେ ରାସ୍ତା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ। |

OIPR-13002/13/0079/2223

**ମେୟର, ଡେପୁଟି ମେୟର, କମିଶନର, କର୍ପୋରେଟର ଓ ନିଗମ କର୍ମଚାରୀ ବୃନ୍ଦ**
**ଭୁବନେଶ୍ୱର ମହାନଗର ନିଗମ**

## ୬୩ କମ୍ପାନୀକୁ ସରକାରଙ୍କ ନୋଟିସ

ନୂଆଦିଲ୍ଲୀ: ନିୟମ ପାଳନ ନ କରି ବେଆଇନ ଭାବେ ଓଜନ ମାପିବା ମେଶିନ୍ ବିକ୍ରି କରିଥିବା ୬୩ ନିର୍ମାଣକାରୀ କମ୍ପାନୀ ଓ ଆମଦାନୀ ସଂସ୍ଥାକୁ କେନ୍ଦ୍ର ସରକାର ନିକଟରେ ନୋଟିସ୍ କରିଛନ୍ତି। ଉକ୍ତ କମ୍ପାନୀଗୁଡ଼ିକ ଲିଗାଲ ମେଟ୍ରୋଲୋଜି ଆକ୍ଟ୨୦୦୯ ଅନୁସାରେ ଆବଶ୍ୟକ ସମସ୍ତ ନିୟମ ପାଳନ କରିଛନ୍ତି କି ନାହିଁ ଉକ୍ତ ନୋଟିସରେ ସମ୍ପୃକ୍ତ କମ୍ପାନୀଗୁଡ଼ିକୁ ପଚରାଯାଇଛି। ଏହି ପରିପ୍ରେକ୍ଷୀରେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ କମ୍ପାନୀଗୁଡ଼ିକୁ ନୋଟିସ୍ କରାଯାଇଛି। ଏ ନେଇ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗ୍ରାହକଙ୍କ ଅଭିଯୋଗ ପରେ ୨୦୨୨ ଜୁନରୁ ୨୯ ଅଗଷ୍ଟ ମଧ୍ୟରେ ୬୩ କମ୍ପାନୀକୁ ନୋଟିସ୍ କରାଯାଇଛି। ଉକ୍ତ ରିପୋର୍ଟରେ ସବିଶେଷ ତଥ୍ୟ ଦେବାକୁ କମ୍ପାନୀଗୁଡ଼ିକୁ କୁହାଯାଇଛି।

### ସଂକ୍ଷେପରେ

## ଡିସିବି ବ୍ୟାଙ୍କ ନୂଆ ଅନ୍‌ଲାଇନ୍ ପ୍ଲାଟଫର୍ମ 'ଡିସିବି ଇଜିବି'

ନୂଆଦିଲ୍ଲୀ,୩୦।୮: ଡିସିବି ବ୍ୟାଙ୍କର ନୂଆ ଅନଲାଇନ୍ ମ୍ୟୁଚୁଆଲ୍ ଫଣ୍ଡ୍ ପ୍ଲାଟଫର୍ମ 'ଡିସିବି ଇଜିବି' ନିବେଶକମାନଙ୍କୁ ଯେ କୌଣସି ସମୟରେ ଏବଂ ଯେ କୌଣସିଠାରେ ନିଜ ମ୍ୟୁଚୁଆଲ୍ ଫଣ୍ଡ୍‌କୁ ନିରୀକ୍ଷଣ କରିବା ଓ ନିୟନ୍ତ୍ରଣ କରିବାରେ ସହାୟକ ହେଉଛି। ଏହା ନିବେଶକମାନଙ୍କୁ ଶାଖା ପରିଦର୍ଶନ ବିନା ବିବିଧ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ଶୀଘ୍ର ଓ ନିରବଚ୍ଛିନ୍ନ ଭାବେ ନିବେଶ କରିବା, ସ୍ୱୟଂକ୍ରିୟ ପେମେଣ୍ଟ ସୁବିଧା ଏବଂ ନିବେଶ, ରିଡିମ୍ ଓ ତତ୍କାଳ ସ୍ୱିଚ୍ କରିବାର ସୁବିଧା ପ୍ରଦାନ କରୁଛି। ସେଥିରେ ସାମିଲ ରହିଛି କୌଣସି ପଞ୍ଜୀକରଣ ଫି ଓ କାରବାର ଚାର୍ଜ ନାହିଁ, ପରିଚିତ ଏଏମ୍‌ସିରେ ନିବେଶ କରିବା ଲାଗି ସହଜରେ ମ୍ୟୁଚୁଆଲ ଫଣ୍ଡ୍ ଚୟନ ବିକଳ୍ପ, ସବୁ ଫଣ୍ଡ୍‌ର ରିସ୍କ ରେଟିଂ ଓ ଫ୍ୟାକ୍ଟ ସିଟ୍ ହାସଲ କରିବା, କେୱାଇସିକୁ ଅନଲାଇନ୍‌ରେ ଅପ୍‌ଲୋଡ୍ କରିବା ଏବଂ ଏନଏସଡିଏଲ୍‌ରୁ କନସୋଲିଡେଟେଡ୍ ଆକାଉଣ୍ଟ୍ ଷ୍ଟେଟମେଣ୍ଟ୍ ଡାଉନ୍‌ଲୋଡ୍ କରିବା ଇତ୍ୟାଦି।

## ୟୁନିୟନ ରିଟାୟାରମେଣ୍ଟ ଫଣ୍ଡର ପ୍ରଚଳନ

ନୂଆଦିଲ୍ଲୀ,୩୦।୮: ୟୁନିୟନ ଏଏମସି ପକ୍ଷରୁ ୟୁନିୟନ ରିଟାୟାରମେଣ୍ଟ ଫଣ୍ଡର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ-ଏଣ୍ଡେଡ ଅବସରକାଳୀନ ସମାଧାନ ଭିତ୍ତିକ ଯୋଜନା, ଯେଉଁଥିରେ ୫ବର୍ଷର ଲକ୍-ଇନ୍ ଅଥବା ଅବସର ବୟସ ପର୍ଯ୍ୟନ୍ତ (ଯେଉଁଟି ଶୀଘ୍ର ହେବ) ପାଣ୍ଠି ନିବେଶ ବ୍ୟବସ୍ଥା ରହିଛି। ୟୁନିୟନ ରିଟାୟାରମେଣ୍ଟ ଫଣ୍ଡର ନ୍ୟୁ ଫଣ୍ଡ ଅଫର (ଏନ୍‌ଏଫଓ) ୨୦୨୨ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୧୫ରେ ବନ୍ଦ ହେବ। ଏଥିପାଇଁ ଆବଶ୍ୟକ ସର୍ବନିମ୍ନ ପୁଞ୍ଜିନିବେଶ ପରିମାଣ ୧୦୦୦ ଟଙ୍କା ରହିଛି। ଏ ସମ୍ପର୍କରେ ୟୁନିୟନ ଏଏମସିର ସିଇଓ ଜି. ପ୍ରଦୀପ କୁମାର କହିଛନ୍ତି, ୟୁନିୟନ ରିଟାୟାରମେଣ୍ଟ ଫଣ୍ଡ କେବଳ ଏକ ଏନ୍‌ଏଫଓ ନୁହେଁ। ଏହି ଯୋଜନାର ଆଲଟମେଣ୍ଟ ୨୦୨୨ ସେପ୍ଟେମ୍ବର ୨୨ରେ ହେବ ଏବଂ ଯୋଜନା ଚାଲିଥିବା ବିକ୍ରି ଓ କ୍ରୟ ନିମନ୍ତେ ସେପ୍ଟେମ୍ବର ୨୯ରେ ପୁନଃ ଉନ୍ମୁକ୍ତ ହେବ।

# ଶେୟାର ବଜାରରେ ଉତ୍ସାହ

- ସେନ୍‌ସେକ୍ସ ୧୫୬୪, ନିଫ୍ଟି ୪୪୬ ପଏଣ୍ଟ ବୃଦ୍ଧି
- ମେ ୨୦ ପରେ ବଡ଼ କାରବାର

ମୁମ୍ବାଇ,୩୦।୮




ଗତ କିଛି ମାସ ପରେ ଦଲାଲ ଷ୍ଟ୍ରିଟରେ ଏକ ବଡଧରଣର କାରବାର ହୋଇଥିବା ଜଣାପଡିଛି। ଫଳରେ ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ବର୍ଷ ମେ ୨୦ ପରେ ଏହା ସର୍ବବୃହତ ବଜାର ଲାଭ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୧,୫୬୪ ପଏଣ୍ଟ (୨.୭%) ବଢି ୫୯,୫୩୭ ଅଙ୍କରେ ବନ୍ଦ ହୋଇଛି। ସେହିପରି ନ୍ୟାଶନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ନିଫ୍ଟି ୫୦ରେ ମଧ୍ୟ ୪୪୬ ପଏଣ୍ଟ (୨.୫୮%) ବୃଦ୍ଧି ପାଇ ୧୭,୭୫୯ ଅଙ୍କରେ ବନ୍ଦ ହୋଇଛି।

ଅପରପକ୍ଷରେ ବେଞ୍ଚମାର୍କ ଇଣ୍ଡେକ୍ସଗୁଡିକର କାରବାର ସୂଚୀ ଅନୁଯାୟୀ ନିବେଶକଙ୍କ ସମ୍ପତ୍ତି ୫.୬୮ ଟ୍ରିଲିୟନ (୨.୫%) ଟଙ୍କା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ବିଏସଇ ସେନସେକ୍ସ ୧,୫୬୪.୪୫ ପଏଣ୍ଟ (୨.୭୦%) ବୃଦ୍ଧି ପାଇ ୫୯,୫୩୭.୦୭ ଅଙ୍କରେ ସ୍ଥିର ରହିଛି। ଏପରିକି କାର୍ଯ୍ୟ ଦିବସର ସମସ୍ତ ମାନଦଣ୍ଡ ଅନୁସାରେ ୧,୬୨୭.୧୬ ପଏଣ୍ଟ (୨.୮୦%) ବୃଦ୍ଧି ପାଇ ୫୯,୫୯୯.୭୮ରେ ପହଞ୍ଚିଛି। ଫଳରେ ବିଏସଇ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକର ବଜାର ପୁଞ୍ଜୀକରଣ ୫,୬୮,୩୦୫.୫୬ କୋଟି ଟଙ୍କାକୁ ବୃଦ୍ଧି ପାଇ ୨,୮୦,୨୪,୬୨୧.୮୩ କୋଟିରେ ପହଞ୍ଚିଛି। ଏଭଳି ସ୍ଥିତିରେ ଏହାର ସମସ୍ତ ବିଏସଇ ବିଭାଗୀୟ ସୂଚକାଙ୍କ ସବୁଜ ରଙ୍ଗରେ କାରବାର ଶେଷ କରିଛନ୍ତି। ଯେଉଁଥିରେ ବାସ୍ତବତା ୩.୫୧%, ବ୍ୟାଙ୍କେକ୍ସ ଆଡଭାନ୍ସ ୩.୩୩%, ଆର୍ଥିକ ୩.୧୮%, ୟୁଟିଲିଟି ୨.୮୨%, ଶକ୍ତି ୨.୮୨% ଏବଂ ତୈଳ ଏବଂ ଗ୍ୟାସ ୨.୬୫%କୁ ବୃଦ୍ଧି ପାଇଛି। ଅନ୍ୟପଟେ ନିଫ୍ଟି୫୦ ସୂଚୀର ସମସ୍ତ ୫୦ଟି ଉପାଦାନ ଯଥା ବଜାଜ ଟୁଇନ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଟେକ୍ ଏମ, ଟାଟା ମୋଟର୍ସ, କୋଟାକ୍ ବ୍ୟାଙ୍କ, ଏଚଡିଏଫସି, ଏଚୟୁଏଲ, ଟାଟା ଷ୍ଟିଲ, ଆକ୍ସିସ୍ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ ଏବଂ ଏସବିଆଇର ନିବେଶ ୩% ରୁ ୫.୪% ମଧ୍ୟରେ ବୃଦ୍ଧି ପାଇଛି। ସେହିଭଳି ବିଭାଗୀୟ ଦୃଷ୍ଟିରୁ ନିଫ୍ଟି ଆର୍ଥିକ ସେବା ସୂଚକାଙ୍କ (୩.୫%), ନିଫ୍ଟି ରିଅଲିଟି ସୂଚକାଙ୍କ (୩.୪%), ନିଫ୍ଟି ବ୍ୟାଙ୍କ ସୂଚକାଙ୍କ (୩.୩%) ଏବଂ ନିଫ୍ଟି ଆଇଟି ଏବଂ ଇଣ୍ଡେକ୍ସ (ପ୍ରତ୍ୟେକ ୨.୬% ) ରେ ରହିଥିଲା। ବିଗତ କିଛି ମାସ ହେବ ବିଭିନ୍ନ କାରଣ ଓ ଅନ୍ତଃରାଷ୍ଟ୍ରୀୟ ଘଟଣାଗୁଡିକ ପାଇଁ ଭାରତୀୟ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଥିଲା। ଏପରିକି କିଛି ଦିନ ବଜାର କାରବାର ଭଲ ରହିଥିବା ବେଳେ କିଛି ଦିନ ମଧ୍ୟ କାରବାର ଖରାପ କାରଣରୁ ନିବେଶକମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି।

## ବାଣିଜ୍ୟ କର ତଥା ଜିଏସ୍‌ଟି କମିଶନର ଭାବେ ସଞ୍ଜୟ ସିଂହଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର,୩୦।୮



ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସକ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ମଙ୍ଗଳବାର ଅପରାହ୍ନରେ କଟକସ୍ଥିତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସିଂହ ବାଣିଜ୍ୟ କର ଭବନ କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ବିଭାଗର ସ୍ୱତନ୍ତ୍ର ଆୟୁକ୍ତ ମାନଭଞ୍ଜନ ଆଚାର୍ଯ୍ୟ ଏବଂ କୁଞ୍ଜ ବିହାରୀ ପଣ୍ଡାଙ୍କ ସମେତ ଅତିରିକ୍ତ ଆୟୁକ୍ତ ବନିତା ଦାସ, ସଦାଶିବ ପଣ୍ଡା, ଦୀପଙ୍କର ସାହୁ ଏବଂ ନିହାର ରଞ୍ଜନ ନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ ସ୍ୱରୂପ ସ୍ୱାଗତ ଜଣାଇଥିଲେ। ସେହିଭଳି ସଞ୍ଜୟ ବିଭାଗୀୟ କାର୍ଯ୍ୟ ପଦ୍ଧତି ସମ୍ବନ୍ଧରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ପରବର୍ତ୍ତୀ ସମୟରେ ସିଂହ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ମିଳିତ ବୈଠକରେ ଯୋଗ ଦେଇଥିଲେ। ସେହିପରି ବାଣିଜ୍ୟକର ତଥା ସାମଗ୍ରୀ ଓ ସେବା ଟିକସ (ଜିଏସଟି)ର ବିଭାଗୀୟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ଏହାର ସୁଫଳ ଯେପରି ଉପଭୋକ୍ତାମାନେ ପାଇପାରିବେ ସେ ଦିଗରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସାମଗ୍ରୀ ଓ ସେବା ଟିକସ ଆଦାୟ କ୍ଷେତ୍ରରେ ପ୍ରବର୍ତ୍ତିତ (ପ୍ରଚଳିତ) ହେଉଥିବା ସଂସ୍କାର ପ୍ରକ୍ରିୟାକୁ ଦୃଷ୍ଟିରେ ରଖି କାର୍ଯ୍ୟାନ୍ୱୟନ କଲେ ସୁଫଳ ମିଳିବା ସହ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ସିଂହ ଗୁରୁତ୍ୱାରୋପ କରିଥିଲେ।

## ଜେଏସ୍‌ଏଲ୍‌କୁ 'ଏମର୍ଜିଂ ଷ୍ଟିଲ୍ କମ୍ପାନୀ ଅଫ୍ ଦି ଇୟର' ପୁରସ୍କାର

ନୂଆଦିଲ୍ଲୀ,୩୦।୮




ଷ୍ଟିଲ ୟୁଜର୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ୟୁଏଫଆଇ) ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସହଯୋଗରେ ମୁମ୍ବାଇରେ ଆୟୋଜିତ 'ଇଣ୍ଡିଆ ଷ୍ଟିଲ କନ୍‌ଫରେନ୍ସ-୨୦୨୨ ଏବଂ ଏସୟୁଏଫଆଇ ଷ୍ଟିଲ୍ ଆୱାର୍ଡସ୍ ୨୦୨୧' ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନଲେସ୍‌କୁ 'ଏମର୍ଜିଂ ଷ୍ଟିଲ୍ କମ୍ପାନୀ ଅଫ୍ ଦି ଇୟର'ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ମହାରାଷ୍ଟ୍ର ସରକାରଙ୍କ ଜଙ୍ଗଲ ଓ ସଂସ୍କୃତି ମନ୍ତ୍ରୀ ସୁଧୀର ମୁଙ୍ଗଣ୍ଟିୱାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ମୁଖ୍ୟ କମିଶନର, କଷ୍ଟମ୍ସ ମୁମ୍ବାଇ-୨, ପି.କେ. ଅଗ୍ରୱାଲ ଏବଂ ମୁମ୍ବାଇ ବନ୍ଦର ପ୍ରାଧିକରଣ ତଥା ଭାରତୀୟ ବନ୍ଦର ସଂଘର ଅଧ୍ୟକ୍ଷ ରାଜୀବ ଜାଲୋଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜେଏସଏଲ୍‌କୁ ଉପରୋକ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବିଏସଇ ପରିସରରେ ଭାରତୀୟ ଉଦ୍ୟୋଗରେ ପ୍ରତିଷ୍ଠିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତି ଏବଂ ଏକ ସମ୍ମାନଜନକ ସମାବେଶରେ ଏହି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଆମେ ବେଶ୍ ଗର୍ବିତ।

## ୮୬୧କୋଟି ଟଙ୍କାର ବୋନସ୍ ଘୋଷଣା

ନୂଆଦିଲ୍ଲୀ,୩୦।୮

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଟାଟା ଏଆଇଏ ଲାଇଫ୍ ପକ୍ଷରୁ ସମସ୍ତ ଯୋଗ୍ୟ ପଲିସିଧାରକଙ୍କ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ଲାଗି ୮୬୧ କୋଟି ଟଙ୍କାର ବୋନସ୍ ଘୋଷଣା କରାଯାଇଛି। ଏପରିକି କ୍ରମାଗତ ୫ମ ବର୍ଷ ପାଇଁ କମ୍ପାନୀ ବୋନସ୍ ପ୍ରଦାନ କରିଛି ଓ ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ୨୦% ଅଧିକ ବୋନସ ଘୋଷଣା ହୋଇଥିବା କୁହାଯାଇଛି। ସେହିଭଳି ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସକ୍ରିୟ ଥିବା ସମସ୍ତ ଅଂଶଗ୍ରହଣକାରୀ ପଲିସିଧାରକମାନେ ଏହି ବାର୍ଷିକ ବୋନସ ପାଇବାକୁ ଯୋଗ୍ୟ, ଯାହା ସେମାନଙ୍କ ଲାଭକୁ ବଢ଼ାଇବ।

## ଓସିଆର୍ ଜରିଆରେ ସ୍ମାର୍ଟ୍ ବିଲିଂ ବିକଳ୍ପ ଚୟନ

ଭୁବନେଶ୍ୱର,୩୦।୮



ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରମୁଖ ଘରୋଇ ସଂସ୍ଥା ଏନିଲାଇନ୍ ସହ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ସହଯୋଗିତା ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି କମ୍ପାନୀର ମିଟର ରିଡିଂ ପାଇଁ ଅପ୍ଟିକାଲ୍ କ୍ୟାରେକ୍ଟର ରେକଗ୍ନିସନ୍ (ଓସିଆର୍)କୁ ପ୍ରଥମ ଥର ବ୍ୟବହାର କରାଯାଇଛି, ଯାହା ଶିଳ୍ପର ନବସୃଜନକୁ ଦର୍ଶାଉଛି। ଉଭୟ କମ୍ପାନୀ ମଧ୍ୟରେ ସ୍ଥାପନ ହୋଇଥିବା ସହଯୋଗିତା ଯୋଗୁ ଏହା ସମ୍ଭବ ହୋଇପାରିଛି। ଟିପିସିଓଡିଏଲ୍‌ର ପରିଚାଳନା କ୍ଷେତ୍ର ୨୯,୦୦୦ବର୍ଗ କିମିରୁ ଅଧିକ ଅଞ୍ଚଳରେ ବ୍ୟାପିଛି ଓ ଏହାର ଗ୍ରାହକ ସଂଖ୍ୟା ୨୭.୫ ଲକ୍ଷ ରହିଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍.ସେନବାଗମ କହିଛନ୍ତି, ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ଶ୍ରେଷ୍ଠ ଗ୍ରାହକ ଅନୁଭୂତି ପ୍ରଦାନ କରିବା ପାଇଁ ଉନ୍ନତ ପ୍ରଯୁକ୍ତିକୁ ଗ୍ରହଣ ଓ ସମନ୍ୱିତ କରିବା ଉପରେ ଆମର ଦୃଢ଼ ବିଶ୍ୱାସ ରହିଛି। ଏନିଲାଇନ ଜିଏନ୍‌ବିଏଟ୍ ସହଯୋଗିତାରେ ଆମର ଏହି ନୂଆ ଅଭିଯାନ ମିଟର ରିଡିଂ ଓ ବିଲିଂରେ ଉଚ୍ଚତର ସଠିକତା ଓ ସ୍ୱଚ୍ଛତା ପ୍ରଦାନ କରି ଗ୍ରାହକଙ୍କୁ ଶ୍ରେଷ୍ଠ ମୂଲ୍ୟ ଉପସ୍ଥାପନ କରିବ।

### ଫୁର୍‌ସତ୍

## ତରଳୁଛି ବରଫ: ବିପର୍ଯ୍ୟୟ ଆଶଙ୍କା



ନୁକ୍: ଜଳବାୟୁ ପରିବର୍ତ୍ତନ କାରଣରୁ ସମଗ୍ର ବିଶ୍ୱରେ ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ଗ୍ରୀନ୍‌ଲାଣ୍ଡ ଉପରେ ମଧ୍ୟ ପଡ଼ିଛି। ଏଠାରେ ବରଫ ଚାଦର ତରଳିବା କାରଣରୁ ସମୁଦ୍ର ଜଳସ୍ତର ବୃଦ୍ଧି ଆଶଙ୍କା କରାଯାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଦ୍ଧି ପାଇଥିବା ତାପମାତ୍ରା ଏହାର ମୁଖ୍ୟ କାରଣ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ତେବେ ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିବା ସହ ସମୁଦ୍ର ଜଳସ୍ତର ୨୭ ସେଣ୍ଟିମିଟରରୁ ୧୦.୬ ଇଞ୍ଚ ବୃଦ୍ଧି ପାଇବା ଆଶଙ୍କା ରହିଛି। ଗ୍ରୀନ୍‌ଲାଣ୍ଡର ବରଫ ଚାଦର ଉପରେ ଜମାହୋଇଥିବା ଡେଡ୍ ଆଇସ୍‌କୁ ଜୋମ୍ବି ଆଇସ୍ କୁହାଯାଏ। ଦିନକୁଦିନ ଗ୍ରୀନ୍‌ଲାଣ୍ଡରେ ।ମ୍ବୋ ଆଇସ୍‌ର ପରିମାଣ କମିବା ଆରମ୍ଭ ହୋଇଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଜୋମ୍ବି ଆଇସ୍ ତରଳୁଥିବା ଡେନମାର୍କ ଏବଂ ଗ୍ରୀନ୍‌ଲାଣ୍ଡ ବିଶେଷଜ୍ଞଙ୍କ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ଏହା ଦାବି କରାଯାଇଛି। ବିଶ୍ୱରେ ଜୀବାଶ୍ମ ଇନ୍ଧନ ବ୍ୟବହାର ବନ୍ଦ ହୋଇଯାଇଥିବାବେଳେ ଗ୍ରୀନ୍‌ଲାଣ୍ଡ ରେ ୧୧୦ କ୍ୱାଡ୍ରିଲିଓନ୍ ଟନ୍‌ର ବରଫ ଚାଦର ତରଳିଛି। ଆଗାମୀ ଦିନରେ ଏହାର ପରିମାଣ ବୃଦ୍ଧି ପାଇବା ଆଶଙ୍କା କରାଯାଉଥିବାବେଳେ ତାପମାତ୍ରାରେ ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲି ପ୍ରଫେଶର ଜାସୋନ ବକ୍ସ କହିଛନ୍ତି।

ଏକ ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ପକ୍ଷରୁ ୨୦୧୨ରେ ଗ୍ରୀନ୍‌ଲାଣ୍ଡର ବରଫ ଚାଦର ତରଳିବା ଉପରେ ଅଧ୍ୟୟନ ଆରମ୍ଭ ହୋଇଥିଲା, ଯାହା ତୁଳନାରେ ବରଫ ତରଳିବାର ମାତ୍ରା ଏବେ ଦ୍ୱିଗୁଣା (୬୮ ସେଣ୍ଟିମିଟର) ହୋଇଛି। ଅନ୍ୟପଟେ ବରଫ ପରିମାଣ କମିବା ସହ ବରଫ ତରଳିବା ପ୍ରକ୍ରିୟାରେ ବୃଦ୍ଧି ଘଟିଛି। ଏଠାରେ ଥିବା ମୋଟ ବରଫ ପରିମାଣର ୩.୩ ପ୍ରତିଶତ ବରଫ ଚାଦର ତରଳି ସାରିଛି। ଗ୍ରୀନ୍‌ଲାଣ୍ଡ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ସ୍ଥାନ, ଯେଉଁଠାରେ ପ୍ରଚୁର ପରିମାଣର ବରଫ ରହିଛି। କୋଇଲା, ତେଲ, ପ୍ରାକୃତିକ ଗ୍ୟାସ ଜଳିବା ଏବଂ ଜଳବାୟୁ ପରିବର୍ତ୍ତନ ସକାଶେ ଗ୍ରୀନ୍‌ଲାଣ୍ଡର ବରଫ ତରଳୁଥିବା ଦେଖିବାକୁ ମିଳିଛି।

## ଅମିଷାଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ



ବଲିଉଡ୍ ଅଭିନେତ୍ରୀ ଅମିଶା ପଟେଲଙ୍କୁ ସୁପ୍ରିମକୋର୍ଟ ପକ୍ଷରୁ ବଡ଼ ଆଶ୍ୱସ୍ତି ମିଳିଛି। ନାୟିକାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବା ଉପରେ ସୁପ୍ରିମ କୋର୍ଟ ରୋକ ଲଗାଇଛନ୍ତି। ଅମିଷାଙ୍କ ବିରୋଧରେ ଠକେଇ ଅଭିଯୋଗ ଦାଏର କରାଯିବା ପରେ ଝାଡ଼ଖଣ୍ଡର ଏକ କୋର୍ଟ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଏ ସମ୍ପର୍କରେ ଜଷ୍ଟିସ୍ ବି.ଆର୍. ଗାଭାଇ ଏବଂ ପି.ଏସ୍. ନରସିଂହ୍ମା ଝାଡ଼ଖଣ୍ଡ ସରକାରଙ୍କୁ ନୋଟିସ୍ ପଠାଇଥିଲେ। ଭାରତୀୟ ଦଣ୍ଡ ସଂହିତା ଧାରା ୧୩୮ (ଚେକ୍ ବାଉନ୍ସ) ଅଧୀନରେ ମାମଲାର ଯାଞ୍ଚ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଧାରା ୪୦୬ ଏବଂ ୪୨୦ ଅଧିନରେ ଯାଞ୍ଚ କରାଯିବା ଉପରେ କୋର୍ଟ ବର୍ତ୍ତମାନ ପାଇଁ ରହିତାଦେଶ ଲଗାଇଛନ୍ତି। 'ଦେଶୀ ମ୍ୟାଜିକ୍' ନାମରେ ଏକ ଫିଲ୍ମରେ ଅଭିନୟ କରିବା ପାଇଁ ଝାଡ଼ଖଣ୍ଡର ଅଜୟ କୁମାର ସିଂ ଅମିଷାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୨.୫ କୋଟି ଟଙ୍କା ଜମା କରିଥିଲେ। ଟଙ୍କା ନେବା ପରେ ଅମିଷା ଫିଲ୍ମରେ କାମ କରି ନ ଥିଲେ କି ଟଙ୍କା ଫେରାଇ ନ ଥିଲେ।

## ଦୋଳିରେ ଜୀବନର ମଜା



ଥିରୁଭାନନ୍ତପୁରମ୍

ପରିଣତ ବୟସରେ ଅଧିକାଂଶ ଲୋକ ବାହାରେ ବୁଲାବୁଲି କରିବା ଅପେକ୍ଷା ଘରେ ରହି ବିଶ୍ରାମ କରିବା ଉଚିତ୍ ବୋଲି ମନେ କରନ୍ତି। କିନ୍ତୁ କେରଳରୁ ଏମିତି ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ଅନେକଙ୍କ ମନରୁ ଏହି ଧାରଣା ଦୂରେଇ ଦେବ। କେତେଜଣ ବୟସ୍କ ଲୋକ ମନଖୋଲି ପାର୍କରେ ଦୋଳି ଖେଳୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ୟୁଜର ଏହାକୁ ଦେଖି ଖୁବ୍ ପ୍ରଶଂସା ମଧ୍ୟ କରିଛନ୍ତି। ତେବେ ଏହି ଭିଡିଓଟିକୁ ଇନ୍‌ଷ୍ଟାଗ୍ରାମର ଜଣେ ୟୁଜର ଶେୟାର କରିଥିବା ଜଣା ପଡ଼ିଛି। ବୟସ ଆଳରେ ନିଜ ମନପସନ୍ଦ ଜିନିଷଠୁ ନିଜକୁ ଦୂର କରିବା ଠିକ୍ ନୁହେଁ ବୋଲି ଅନେକେ ମତ ରଖିଛନ୍ତି। ଚଳିତ ବର୍ଷ ଫେବୃୟାରୀରେ କର୍ଣ୍ଣାଟକର ୬୨ ବର୍ଷୀୟା ନାଗାରତ୍ନମା କେରଳର ଦ୍ୱିତୀୟ ବୃହତ୍ତମ ପର୍ବତ ଚଢ଼ି ରେକର୍ଡ କରିଥିଲେ। ଏହାପୂର୍ବରୁ କେରଳର ୭୨ ବର୍ଷୀୟା ମହିଳା ଜିପ୍‌ଲାଇନିଙ୍ଗ୍ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହାକୁ ୟୁଜରଙ୍କ ଖୁବ୍ ପ୍ରଶଂସା ମଧ୍ୟ ମିଳିଥିଲା।

## ୨୧ ବର୍ଷରୁ କମ୍ ବୟସ୍କଙ୍କୁ ହ୍ୱିପ୍ଡ କ୍ରିମ୍ ଡବା ବିକ୍ରି ମନା

ଲଣ୍ଡନ

ବ୍ରିଟେନ୍ ଓ ଆମେରିକାରେ ହ୍ୱିପ୍ଡ କ୍ରିମ୍ (ମିଠା ଜାତୀୟ ଖାଦ୍ୟ, ଯାହାକୁ ବିଶେଷ ଭାବେ କେକ୍ ଖାଇବା ସମୟରେ ବ୍ୟବହାର କରାଯାଏ) ଡବା ବିକ୍ରି ନେଇ ନୂଆ ଆଇନ ଲାଗୁ କରାଯାଇଛି। ୨୧ ବର୍ଷରୁ କମ୍ ବୟସ ବର୍ଗଙ୍କୁ କୌଣସି ଦୋକାନୀ ଏହି ପଦାର୍ଥ ବିକ୍ରି କରିପାରିବେ ନାହିଁ। ଏହି ସ୍ୱତନ୍ତ୍ର ନିୟମ ଗତବର୍ଷ ନଭେମ୍ବର ମାସରେ ଲାଗୁ କରାଯିବାକୁ ଥିଲା। କିଶୋରମାନେ ହ୍ୱିପ୍ଡ କ୍ରିମ୍‌ର ଡବାକୁ ବ୍ୟବହାର କରି ଲାଫିଙ୍ଗ ଗ୍ୟାସ୍ (ନାଇଟ୍ରସ ଅକ୍ସାଇଡ୍) ଇନ୍‌ହେଲ୍ କରୁଥିବାବେଳେ ଏଥିରୁ ସେମାନଙ୍କୁ ନିବୃତ୍ତ କରିବା ପାଇଁ ନୂଆ ନିୟମ ଲାଗୁ କରାଯାଇଥିବା ଖବର ପ୍ରକାଶ ପାଇଛି। କିଛି ବିଶେଷ ମହତ୍ତ୍ୱ ପାଇଁ ଏହି ଗ୍ୟାସ୍‌କୁ ବ୍ୟବହାର କରାଯାଇଥାଏ। କିନ୍ତୁ ବିଦେଶରେ କିଶୋରୀ, କିଶୋରମାନେ ନିୟମିତ ଏହାକୁ ବ୍ୟବହାର କରିବା ଦ୍ୱାରା ଏହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥିବା ଆମେରିକା ସିନେଟର ଜୋଶେଫ ଆଡ୍ଡାବୋ କହିଛନ୍ତି। କୌଣସି ଦୋକାନୀ ୨୧ ବର୍ଷ ବୟସରୁ କମ୍ ବ୍ୟକ୍ତି ବିଶେଷଙ୍କୁ ହ୍ୱିପ୍ଡ କ୍ରିମ୍ ବିକ୍ରି କରନ୍ତି ତେବେ, ତାଙ୍କୁ ୨୦ ହଜାର ଜରିମାନା ଦେବାକୁ ପଡ଼ିବ। ଏହି ଆଇନ୍ ଉଲ୍ଲଂଘନ କଲେ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଫାଇନ୍ ଆଦାୟ କରାଯିବ। ନାଇଟ୍ରସ୍ ଅକ୍ସାଇଡ୍ କିଛି ସମୟ ପାଇଁ ଶରୀରକୁ ଆରାମ ଦେଇଥାଏ। କିନ୍ତୁ ଏହା ଶରୀର ପ୍ରତି କ୍ଷତିକାରକ ଅଟେ। ବହୁଳ ବ୍ୟବହାର ଦ୍ୱାରା ରକ୍ତ ଚାପ କମିବା, ହୃଦ୍‌ଘାତ, ସ୍ମରଣଶକ୍ତି ହ୍ରାସ ଘଟିବା ଭଳି ସମସ୍ୟା ଦେଖାଯାଏ।



# ଭାରତ ଆଜି ହଂକଂକୁ ଭେଟିବ

ଦୁବାଇ,୩୦।୮(ପି.ଟି)

ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚରେ ବିଜୟ ହାସଲ କରିବା ପରେ ଆତ୍ମବିଶ୍ୱାସରେ ରହିଛି ରୋହିତ ଶର୍ମାଙ୍କ ଭାରତୀୟ ଦଳ। ବୁଧବାର ଯୋଗ୍ୟତାପର୍ଯ୍ୟାୟରୁ ମୁଖ୍ୟ ଡ୍ରରେ ସାମିଲ ହୋଇଥିବା ହଂକଂ ସହିତ

**ଏସିଆ କପ୍**
**ମ୍ୟାଚ୍ ସ୍ଥାନ : ଦୁବାଇ**
**ସମୟ: ସନ୍ଧ୍ୟା ୭.୩୦**

ଭାରତ ଏହାର ଦ୍ୱିତୀୟ ମୁକାବିଲା ଖେଳିବ। ଏହି ମ୍ୟାଚରେ ମଧ୍ୟ ଭାରତ ଏହାର ପରୀକ୍ଷା ନୀରିକ୍ଷା ଜାରି ରଖିବ। ଭାରତୀୟ ଓପନର ଲୋକେଶ ରାହୁଲ ଅପେକ୍ଷାକୃତ ଦୁର୍ବଳ ହଂକଂ ବିପକ୍ଷରେ ଫର୍ମକୁ ଫେରିବା ନେଇ ଆଶା। ଭାରତ ପାଇଁ ଏହି ମୁକାବିଲାଟି ଏକ ନେଟ୍ ସେସନ ପରି ହିଁ ରହିବ। ପାକିସ୍ତାନ ବିପକ୍ଷ ଅନ୍ତିମ ଓଭର ଥ୍ରିଲର ଜିତିବା ପରେ ଏହି ମ୍ୟାଚରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରଭାବ ଦେଖିବାକୁ ମିଳିବ। ଚଳିତ ବର୍ଷରେ ନିଜର ଦ୍ୱିତୀୟ ଟି୨୦ ଖେଳିବାକୁ ଯାଉଥିବା ରାହୁଲ ନିଶ୍ଚୟ ଆକ୍ରମଣାତ୍ମକ


ଅଭ୍ୟାସ ଅବସରରେ ଲୋକେଶ ରାହୁଲ।

ଭୂମିକା ଆପଣେଇବାକୁ ପ୍ରୟାସ କରିବେ। ଟି୨୦ରେ ୨୦ ବଲ୍ ୪୫ ରନ୍ ୬୫ ବଲ୍ ୯୦ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏପରି ଇନିଂସ ଖେଳିବାରେ ରାହୁଲ ନିଜର ସ୍ୱତନ୍ତ୍ର ପରିଚୟ ମଧ୍ୟ ତିଆରି କରିଛନ୍ତି। ଆଇପିଏଲ୍‌ରେ ରାହୁଲ ଯେଉଁ ଫର୍ମରେ ବ୍ୟାଟିଂ କରୁଥିଲେ ଏହି ମ୍ୟାଚରେ ମଧ୍ୟ ସମାନ ଢଙ୍ଗରେ ଖେଳିବେ ବୋଲି ଆଶା କରିବ ମ୍ୟାନେଜମେଣ୍ଟ।

ପାକିସ୍ତାନ ବୋଲିଂ ତୁଳନାରେ ହଂକଂ ବୋଲିଂ ବେଶ ଦୁର୍ବଳ। ଏହି ସୁଯୋଗର ଫାଇଦା ଉଠାଇବା ସହିତ ଏକ ବଡ ସ୍କୋର କରି ଫର୍ମକୁ ଫେରିବାକୁ ସେ ଚେଷ୍ଟା କରିପାରନ୍ତି। ଉଭୟ ଦଳ ପରସ୍ପର ସହିତ ମ୍ୟାଚ୍ ଖେଳୁ ନଥିବାରୁ ଅଜଣା ବୋଲରଙ୍କ ବିପକ୍ଷରେ ଆଉଟ ହେବାର ଏକ ଅଲଗା ଭୟ ମଧ୍ୟ ରହିଥାଏ। ଏହା ସହିତ ରିଷଭ ପନ୍ତଙ୍କୁ ଏହି ମ୍ୟାଚରେ ଏକ ସୁଯୋଗ ମିଳିପାରେ। ତେବେ ଦୀନେଶ କାର୍ତ୍ତିକଙ୍କୁ ବି ଏହି ଟିମରେ ରଖାଯିବ। ପନ୍ତଙ୍କ ପ୍ରତ୍ୟାବର୍ତ୍ତନରେ ମିଡିଲ ଅର୍ଡରରେ ବାମ ଡାହାଣ କମ୍ବିନେଶନର ଏକ ଭଲ ସମନ୍ୱୟ ରହିପାରିବ। ପ୍ରଥମ ମ୍ୟାଚରେ ସାମାନ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିବା ଆଭେଶ ଖାନଙ୍କୁ ବାଦ ଦେଇପାରେ ମ୍ୟାନେଜମେଣ୍ଟ। ଭାରତୀୟ ଦଳ ପୂର୍ବଭଳି ପରୀକ୍ଷାନୀରିକ୍ଷା ଜାରି ରଖିବ ବୋଲି ଅଧିନାୟକ ରୋହିତ ଶର୍ମା ସ୍ପଷ୍ଟ କରିଛନ୍ତି।ଏହା ସହିତ ବିରାଟ କୋହଲିଙ୍କ ଫର୍ମ ଭାରତ ପାଇଁ ଆଉ ଏକ ପ୍ରମୁଖ ଚିନ୍ତାର କାରଣ। କୋହଲିଙ୍କ ବ୍ୟାଟରୁ ରନ୍ ଆସୁଥିଲେ ହେଁ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହେଉଛି। ଦୁର୍ବଳ ପ୍ରତିପକ୍ଷ ବିପକ୍ଷରେ ଏକ ବଡ ଇନିଂକସ ଖେଳି ପାରନ୍ତି ବିରାଟ। ସେହିପରି ଭାରତ ସ୍ପିନର ରବୀନ୍ଦ୍ର ଜାଡେଜା ଓ ଯୁଜବେନ୍ଦ୍ର ଚହଲଙ୍କ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନ୍ ଓ ରବି ବିଷ୍ଣୋଇଙ୍କୁ ଏକ ସୁଯୋଗ ଦେଇ ପାରେ।

## ପ୍ରଥମ ଥର ବ୍ୟବହାର ହେବ ଭିଏଆର୍ ଟେକ୍ନୋଲୋଜି

ନୂଆଦିଲ୍ଲୀ, ୩୦।୮ (ପି.ଟି.)

ଆସନ୍ତା ଅକ୍ଟୋବର ୧୧ରୁ ୩୦ ପର୍ଯ୍ୟନ୍ତ ଭାରତରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ ଖେଳାଯିବ। ଏଥିରେ ପ୍ରଥମ ଥର ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭିଏଆର୍) ବ୍ୟବହାର କରାଯିବ। ବିଶ୍ୱ ଫୁଟ୍‌ବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ଏହା ଘୋଷଣା କରାଯାଇଛି। ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡ଼ିକ ଦେଶର ତିନୋଟି ଭେନ୍ୟୁ ଭୁବନେଶ୍ୱର (କଳିଙ୍ଗ ଷ୍ଟାଡିୟମ), ମାର୍ଗାଓ (ଜେଏନ୍‌ଏଲ୍ ଷ୍ଟାଡିୟମ) ଓ ନଭି ମୁମ୍ବାଇ (ଡିୱାଇ ପାଟିଲ ଷ୍ଟାଡିୟମ)ରେ ଖେଳାଯିବ। ଫିଫା ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ପ୍ରଥମ ଥର ଭିଏଆର ଟେକ୍ନୋଲୋଜି ବ୍ୟବହାର କରାଯାଉଥିବାରୁ ଆମେ ବହୁ ଖୁସି ବୋଲି ଫିଫା ମହିଳା ରେଫରି ମୁଖ୍ୟ କାରି ସିଜ୍ କହିଛନ୍ତି। ମ୍ୟାଚର ସୁପରିଚାଳନା କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ। କୌଣସି ମ୍ୟାଚ୍‌ରେ ୪ଟି ଗେମ୍ ଚେଞ୍ଜିଂ ପରିସ୍ଥିତିରେ ଭିଏଆର୍‌ର ସହାୟତା ନେଇ ହେବ। ଯଥା ଗୋଲ ହେବାକୁ ଯାଉଥିବା ବେଳେ କୌଣସି ଭୁଲ କାର୍ଯ୍ୟ, ପେନାଲ୍ଟି ନିଷ୍ପତ୍ତି, ସିଧାସଳଖ ରେଡ୍‌କାର୍ଡ ବେଳେ ଏବଂ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଇତ୍ୟାଦି।

# ଜୁନିୟର ଉସୁ ଚାମ୍ପିୟନଶିପ ପାଇଁ ୨୮ ଜଣିଆ ଓଡ଼ିଶା ଦଳ



ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର,୩୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

କେରଳର କାଲିକଟରେ ଆୟୋଜିତ ହେବ ୨୧ତମ ଜାତୀୟ ଜୁନିୟର ଉସୁ ଚାମ୍ପିୟନଶିପ୍। ୧ରୁ ୬ ସେପ୍ଟେମ୍ବର ଯାଏ ନାଡାକ୍କାଭୁ ଭୋକେସନାଲ ହାୟର ସେକେଣ୍ଡାରୀ ସ୍କୁଲରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟ ପାଇଁ ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହା ମଧ୍ୟରେ ୨୨ ଜଣ ଖେଳାଳି ଏବଂ ୬ ଜଣ ଅଫିସିଆଲ ରହିଛନ୍ତି। ଓଡ଼ିଶା ଦଳ ୩୧ ଅଗଷ୍ଟରେ ଯାତ୍ରା କରିବା ସହିତ ୭ ସେପ୍ଟେମ୍ବରରେ ପ୍ରତ୍ୟାବର୍ତ୍ତନ କରିବ। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ କରାଯାଇଛି। ଅନୁରାଧା ଡୋରା ନ୍ୟାସନାଲ ଜଜ୍ ରହିଛନ୍ତି। ସୁଜନ ରଥ ଓ କ୍ରିଷ୍ଣା ସାହୁ ମ୍ୟାନେଜର ରହିଥିବା ବେଳେ ପଙ୍କଜ ମହାନ୍ତ ଓ ତାନିୟା ଶ୍ରୀବାସ୍ତବ କୋଚ ଅଛନ୍ତି। **ସାଣ୍ଡା ଦଳ (ପୁରୁଷ):** ପ୍ରେମ ମୁଣ୍ଡା, ବବୁଲୁ ମୁଣ୍ଡା, ଅଭିଷେକ ମହାରଣା, ପାର୍ଥ ସାରଥୀ ରାଉତ, ଦେବ ଦାସ, ଆଶୁତୋଷ ଖଡଙ୍ଗା, ରାଜେଶ ମୁଣ୍ଡା, ଚନ୍ଦ୍ର ଶେଖର ଦତ୍ତ, ଦତ୍ତାତ୍ରେୟ ପ୍ରଧାନ, ସୋମନାଥ ଦତ୍ତ, ଦେବବ୍ରତ ଯାଦବ। **ସାଣ୍ଡା ଦଳ(ମହିଳା):** ରିୟା ଠାକୁର, ସୁମିତ୍ରା ମୁଣ୍ଡା, ପ୍ରଗତି ବଂଶଲ, ସୋନାଲିଶା ଦେହୁରୀ, ଅନ୍ୱେଶା ପଲାଇ, ପରି ମିଥଲ। **ଟାଓଲୁ (ପୁରୁଷ):** ଆଶୁତୋଷ ମହାରଣା, ରାଜକୁମାର ମୁଣ୍ଡା, ସୌଭାଗ୍ୟ ଶରଣ **ଟାଓଲୁ (ମହିଳା):** ପାୟଲ ପଟ୍ଟନାୟକ, ନୁପୂର ପଟ୍ଟନାୟକ। କେରଳ ଗସ୍ତ କରୁଥିବା ଓଡ଼ିଶା ଦଳକୁ ଓଡ଼ିଶା ଉସୁ ସଂଘ ସଭାପତି ଏସ. ଏସ୍. ହରିଚନ୍ଦନ ଓ ଉପ ସଭାପତି ଶିବାନନ୍ଦ ରାୟ ଓ ବିକାଶ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ସୁପର-୪ରେ ଆଫଗାନିସ୍ତାନ

ଦୁବାଇ,୩୦।୮(ପି.ଟି)

ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ସୁପର୍-୪ରେ ପ୍ରବେଶ କରିଛି ଆଫଗାନିସ୍ତାନ। ଗ୍ରୁପ୍ ବିରେ କ୍ରମାଗତ ଦ୍ୱିତୀୟ ବିଜୟ ସହିତ ସୁପର-୪ ବର୍ଥ ପକ୍କା କରିଛି ଦଳ। ସ୍ପିନର ଓ ନଜିବୁଲ୍ଲା ଜାର୍ଦାନଙ୍କ ଧୂଆଁଧାର ୪୩ ରନ ବଳରେ ଦଳ ବାଂଲାଦେଶ ବିପକ୍ଷରେ ୭ ଉଇକେଟରେ ବିଜୟୀ ହୋଇଛି। ୧୨୮ ରନର ପିଛା କରୁଥିବା ଆଫଗାନିସ୍ତାନ ପକ୍ଷରୁ ନଜିବୁଲ୍ଲା ୧ ଚୌକା ଓ ୬ ଛକା ମାରିଥିଲେ। ମୋସାଡେକ ହୋସେନ୍, ମହମ୍ମଦ ସଫିଉଦ୍ଦିନ୍ ଓ ସାକିବ୍ ଉଲ ହସନ ଗୋଟିଏ ଲେଖାଏ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମୁଜିବ୍ ଉର ରେହମାନ।

ଉଇକେଟ ନେଇଥିଲେ।

ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମୁଜିବ୍ ଉର ରେହମାନଙ୍କ ଘାତକ ବୋଲିଂ କାରଣରୁ ଦଳ ୨୮ ରନରେ ୪ ଉଇକେଟ ହରାଇଥିଲା। ଶେଷ ଆଡକୁ ମୋସାଡେକ୍ ହୋସେନ୍‌ଙ୍କ ଅପରାଜିତ ୪୮ ଓ ମହମ୍ମଦୁଲ୍ଲାଙ୍କ ୨୭ ରନ ବଳରେ ଦଳ ୧୨୭ ରନ କରିଥିଲା। ୩୧ ବଲ ଖେଳିଥିବା ମୋସାଡେକ୍ ୪ ଚୌକା ଓ ୧ ଛକା ମାରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ ଉର୍ ରେହମାନ ଓ ରାଶିଦ ଖାନ୍ ୩ ଉଇକେଟ ନେଇଥିଲେ। ମୁଜିବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଭାରତୀୟ ରାକେଟ୍ଲନ ଟିମ୍ ଜିତିଲା ନେଶନ୍ସ କପ୍


ନେଶନ୍ସ କପ୍ ଟାଇଟଲ ଜିତିଥିବା ଭାରତୀୟ ରାକେଟ୍ଲନ ଟିମ୍।

ନୂଆଦିଲ୍ଲୀ, ୩୦।୮ (ପି.ଟି.)

ଅଷ୍ଟ୍ରେଲିଆର ଗ୍ରାଜ୍‌ଠାରେ ଭାରତୀୟ ରାକେଟ୍ଲନ ଟିମ୍ ଏହାର ପ୍ରଥମ ନେଶନ୍ସ କପ୍ ଟାଇଟଲ ଜିତିଛି। ଏହି ଦଳ ବ୍ରିଟେନକୁ ୧୩୭-୧୦୧ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛି। ରାକେଟ୍ଲନ ହେଉଛି ଏକ ମିଳିତ କ୍ରୀଡ଼ା। ଏଥିରେ ପ୍ରତିଯୋଗୀମାନଙ୍କୁ ୪ଟି ରାକେଟ ସ୍ପୋର୍ଟ୍ସ ଯଥା ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଟେନିସ ଓ ସ୍କ୍ୱାଶରେ ଭାଗ ନେବାକୁ ପଡ଼ିଥାଏ। ଦଳର ବିଜୟରେ ଅଧିନାୟକ ତଥା ଇଣ୍ଡିଆନ ନାଭିର ଆଶୁତୋଷ ପେଡ୍‌ନେକରଙ୍କ ବିଶେଷ ଭୂମିକା ରହିଥିଲା। ଦଳର ଅନ୍ୟ ସଦସ୍ୟମାନେ ହେଲେ ବିକ୍ରମାଦିତ୍ୟ ଚୌଫ୍‌ଲା, ଆଦର୍ଶ ବିକ୍ରମ, ସିଦ୍ଧାର୍ଥ ନାନ୍ଦାଲ, ଭାରିନ୍ଦର ସିଂ ଓ କରନ ତନେଜା। ଚୌଫ୍‌ଲା ୱାର୍ଲ୍ଡ ୟୁନିଭର୍ସିଟି ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ୨୦୧୨ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସିଙ୍ଗଲ୍ସ ସି' କାଟେଗୋରିରେ ସେ ଏକ ରୌପ୍ୟ ଜିତିଥିଲେ। ପରେ ସେ କରଣ ତନେଜାଙ୍କୁ ସାଥୀ କରି ପୁରୁଷ ଡବଲ୍ସରେ ମଧ୍ୟ ରୌପ୍ୟ ଜିତିଥିଲେ।

# ସ୍ୱର୍ଣ୍ଣ ପଦକ ବିଜୟିନୀଙ୍କୁ ସମ୍ବର୍ଦ୍ଧନା

**ପୁରୁଣା ଭୁବନେଶ୍ୱର, ୩୦।୮ (ଡ଼ି.ଏନ୍.ଏ.):** ଅଗଷ୍ଟ ୨୬ରୁ୨୮ ୩ଦିନ ଧରି ପଞ୍ଜାବ ଅମୃତସରର ଗୁରୁନାନକ ଦେବ ୟୁନିଭର୍ସିଟିଠାରେ ୧୩ତମ ଥାଇବକ୍ସିଂ ଚମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା ଏଥିରେ ଓଡ଼ିଶାରୁ ଉଭୟ ବାଳକ ବାଳିକା ବର୍ଗରୁ ୪୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ୪୪ଟି ପଦକ ପାଇ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦେବଶ୍ରୀ ଦେବସ୍ମିତା


ଦେବଶ୍ରୀ ଦେବସ୍ମିତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

ଅନ୍ୟତମ ପ୍ରତିଯୋଗୀ ଭାବେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ। ମଙ୍ଗଳବାର ଅପରାହ୍ନରେ ଦେବସ୍ମିତା ଅମୃତସରରୁ ଫେରିବାପରେ ତାଙ୍କୁ ଭୀମଟାଙ୍ଗି ଫେଜ-୨ ସ୍ଥିତ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଅନ୍ୟମାନଙ୍କମାନରେ ସ୍ଥାନୀୟ କର୍ପୋରେଟର ଶିବ ନାରାୟଣ ରାୟ, ପୂର୍ବତନ କର୍ପୋରେଟର ସୁଭାସିନୀ ପୃଷ୍ଟି, ଛବିନ୍ଦ୍ର ଜେନା, କମିଟିର ସଭାପତି,ପ୍ରତାପ ପଣ୍ଡା, ସଂପାଦକ ଜ୍ଞାନ ରଞ୍ଜନ ଚୌଧୁରୀ କୋଷାଧକ୍ଷ କାଳନ୍ଦୀ ଚରଣ ସେଠୀ, ସାମାଜିକ କର୍ମୀ ଲିଙ୍ଗରାଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ-ଆଦର୍ଶ ଯୋଡ଼ିକୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୩୦।୮ (ସ୍ପୋର୍ଟ୍ସ ବ୍ୟୁରୋ

ଆଇ.ଏସ୍.ଟି ଏବଂ ୱାର୍ଲ୍ଡ ଟୁର୍ ଅନ୍ତର୍ଜାତୀୟ ସଫ୍ଟ ଟେନିସ ପ୍ରତିଯୋଗିତା ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ତରଫରୁ ୪୦+ ଡବଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରି ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ

**ଅନ୍ତର୍ଜାତୀୟ ସଫ୍ଟ ଟେନିସ ପ୍ରତିଯୋଗିତା**

ଓ ତାଙ୍କ ପାର୍ଟନର ଆଦର୍ଶ ଜୋଶି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିକାଶ ମଙ୍ଗଳବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଓହ୍ଲାଇବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ସାଧାରଣ ସମ୍ପାଦକ ମହମ୍ମଦ ଆଲାମ, କୁନାଲ ବିଶ୍ୱାଳ, ଆଶିଷ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଚିଫ୍ ପାଟ୍ରନ ମନୋରଞ୍ଜନ ମହାନ୍ତି, ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ଉପସଭାପତି ଦିଲୀପ କୁମାର ମହାନ୍ତି, କିସ୍ ଓ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡକ୍ଟର ଗଗନେନ୍ଦୁ ଦାଶ ଓ ଶକ୍ତିରଞ୍ଜନ ମହାନ୍ତି, ଭୁବନେଶ୍ୱର ଅଥଲେଟିକ୍ ଆସୋସିଏଶନର ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ଟିଟନ ସାହୁ ପ୍ରମୁଖ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।


ଭୁବନେଶ୍ୱରରେ ପହଞ୍ଚିବା ପରେ ବ୍ରୋଞ୍ଜ ପଦକ ବିଜେତା ବିକାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏସିଆନ୍ ଭଲିବଲ: ଭାରତ ରନର୍ସ ଅପ୍

ଭୁବନେଶ୍ୱର,୩୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

ବାହାରିନର ରିଫାରେ ଚାଲିଥିବା ୨୦ ବର୍ଷରୁ କମ୍ ଏସିଆନ୍ ଭଲିବଲ ଚାମ୍ପିୟନଶିପରେ ଭାରତ ରୌପ୍ୟ ପଦକ ଜିତିଛି। ୫ଥର ଚାମ୍ପିୟନ ଇରାନ ନିକଟରୁ ଦଳ ଫାଇନାଲରେ ୩-୧(୨୫-୧୨, ୨୫-୧୯, ୨୨-୨୫ ଓ ୨୫-୧୫) ରେ ପରାଜିତ ହୋଇଥିଲା।

**୨୦ ବର୍ଷରୁ କମ୍**

ଆଟାକର ହର୍ଷିତ, ଅମନ, ସନ୍ଦୀପ, ବ୍ଲକର ଦୁଷ୍ୟନ୍ତ ଓ ଲିବେରୋ କାର୍ତ୍ତିକେୟନଙ୍କ ସହିତ ସେଟର ସମୀରଙ୍କ ପ୍ରଦର୍ଶନ ବେଶ ଚମତ୍କାର ରହିଥିଲା। ଏହା ସହିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତ ଯୋଗ୍ୟତା ଅର୍ଜନ କରିଥିବା ବେଳେ ୨୦ ବର୍ଷ ପରେ ଭାରତ ରୌପ୍ୟ ପଦକ ହାସଲ କରିଛି। ଅଧିନାୟକ ଦୁଷ୍ୟନ୍ତଙ୍କୁ ଏସିଆର ଶ୍ରେଷ୍ଠ ବ୍ଲକର୍ ଓ କାର୍ତ୍ତିକେୟନଙ୍କୁ ଶ୍ରେଷ୍ଠ ଲିବେରୋ ଘୋଷଣା କରାଯାଇଥିଲା। ଭାରତୀୟ ଦଳର ଏହି ସଫଳତା ପାଇଁ ଭାରତୀୟ ଭଲିବଲ ସଂଘ(ଭିଏଫଆଇ)ର ସଭାପତି ତଥା ସାଂସଦ ଅଚ୍ୟୁତ ସାମନ୍ତ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଏସିଆନ ଭଲିବଲର ରନର୍ସ ଅପ୍ ଭାରତୀୟ ଦଳ।

## କଟକ ଏ, କଟକ ବି, ଖୋର୍ଦ୍ଧାର ବୃହତ୍ ବିଜୟ

**ଭୁବନେଶ୍ୱର, ୩୦।୮ (ସ୍ପୋର୍ଟ୍ସ ବ୍ୟୁରୋ):** ମଙ୍ଗଳବାରଠାରୁ କଟକରେ ଆରମ୍ଭ ହୋଇଛି ୧୯ ବର୍ଷରୁ କମ ଆନ୍ତଃଜିଲା ଦିନିକିଆ ଟୁର୍ନାମେଣ୍ଟ। ଲିଗ୍ ପର୍ଯ୍ୟାୟର ପ୍ରଥମ ଚରଣରେ ୯ଟି ମ୍ୟାଚ ଖେଳାଯାଇଥିବା ବେଳେ କଟକ ଏ, କଟକ ବି ଓ ଖୋର୍ଦ୍ଧା ଦଳ ବୃହତ୍ ବିଜୟ ହାସଲ କରିଛନ୍ତି। ଅନୁଗୋଳ ବିପକ୍ଷ ମ୍ୟାଚ ଭୁବନେଶ୍ୱର ଏ' ୧ ଉଇକେଟରେ ଜିତି ନେଇଛି। କନ୍ଧମାଳ ବିପକ୍ଷ ମ୍ୟାଚକୁ ୧୮୯ ରନରେ ଜିତି ନେଇଛି କଟକ ବି'। ଗଞ୍ଜାମ ବିପକ୍ଷ ମ୍ୟାଚକୁ ୨୫୫ ରନରେ ଜିତି ନେଇଛି ଖୋର୍ଦ୍ଧା। କଟକ ଏ' ୨୬୦ ରନ୍‌ରେ ଗଜପତିକୁ ପରାସ୍ତ କରିଛି। ଭଦ୍ରକ ବିପକ୍ଷ ମ୍ୟାଚକୁ ୩ ଉଇକେଟରେ ଜିତି ନେଇଛି ନୟାଗଡ଼। ନୂଆପଡା ବିପକ୍ଷରେ ଯାଜପୁର ବିଜୟୀ ହୋଇଛି। ଢେଙ୍କାନାଳ ବିପକ୍ଷରେ ଭୁବନେଶ୍ୱର, ନବରଙ୍ଗପୁର ବିପକ୍ଷରେ କିଟ୍ ଓ ପାରାଦୀପ ବିପକ୍ଷରେ ପୁରୀ ବିଜୟୀ ହୋଇଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ଂଭ୍ରମରବର ସ୍ୱାଇଁ
ଆବିର୍ଭାବ: ୦୩।୦୧।୧୯୩୭
ତିରୋଧାନ: ୨୧।୦୮।୨୦୨୨
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ: ହତଭାଗ୍ୟ: ବାସନ୍ତୀ ସ୍ୱାଇଁ, ନାରାୟଣ ସ୍ୱାଇଁ, ରଣଜିତ୍, ସ୍ୱାଇଁ, ସଂଗୀତା ସ୍ୱାଇଁ, ପ୍ରତ୍ୟୁଷ, ସମୀକ୍ଷା ।
ଧ-୧୩୮୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ଶ୍ରୀମତୀ ବିଳାସ କୁମାରୀ ଦେବୀ
ପୂର୍ବାଶାସନ
ପ୍ରାକ୍ତନ ଶିକ୍ଷୟିତ୍ରୀ, ସରଦେଇପୁର ଉ.ପ୍ରା. ସ୍କୁଲ
ଆବିର୍ଭାବ: ୦୬।୦୭।୧୯୪୯
ତିରୋଧାନ: ୦୫।୦୯।୨୦୧୬
(ଗଣେଶ ପୂଜା ଓ ଗୁରୁଦିବସ)
"ସବୁ ଦୁଃଖ ଯାତନାକୁ ନୀରବରେ ସହି ଚାଲିଗଲ ଆରପାରେ କିଛି ହିଁ ନ କହି"
-:ଶୋକସନ୍ତପ୍ତ:-
ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।
ଧ-୧୨୬୯

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ଂଶ୍ରୀ ସହଦେବ ରାଉତ
ଅବସରପ୍ରାପ୍ତ ଶିକ୍ଷାବିତ୍
ଆବିର୍ଭାବ-୧୪।୧୧।୧୯୪୧ (ଦାଣ୍ଡିସାହି, କେନ୍ଦ୍ରାପଡ଼ା)
ତିରୋଧାନ- ୨୧।୦୮।୨୦୨୨ (ବଳଦେବଜୀଉ କଲୋନୀ, କେନ୍ଦୁଝର)
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସରଳତା, ନିଷ୍କପଟତା, ସମୟାନୁବର୍ତ୍ତିତା, ତ୍ୟାଗ, ଆଶୀର୍ବାଦ ସର୍ବଦା ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ, ଆତ୍ମୀୟସ୍ୱଜନ ।
ଧ-୧୩୮୩

## ଶଜନାଗଛ ଲଗାଇବା ସମୟରେ...

ଆମ ରାଜ୍ୟର ଜଳବାୟୁରେ ଡିସେମ୍ବର ମାସ ପର୍ଯ୍ୟନ୍ତ ଶଜନା ଗଛ ଲଗାଯାଇପାରିବ। ପି.କେ. ଏମ୍ -୧ କିସମ ଲଗାନ୍ତୁ। ଏକରକୁ ଅଢ଼େଇ ଶହ ଗ୍ରାମ୍ ବିହନ ଦରକାର। ମଞ୍ଜିକୁ ସିଧା ଗାତରେ ଲଗାନ୍ତୁ ବା ଜରି ମୁଣାରେ ଚାରା ତିଆରି କରନ୍ତୁ। ୨.୫ x ୨.୫ ମିଟର ଦୂରତାରେ ୦.୪୫ x ୦.୪୫ x ୦.୪୫ ମିଟର ଗାତ କରନ୍ତୁ। ଗାତ ପ୍ରତି ୧୦ କେଜି ଖତ ଓ ୧୦୦ ଗ୍ରାମ୍ ନିମ୍ବ ପିଡ଼ିଆ ଦେଇ ମଞ୍ଜି ଲଗାନ୍ତୁ କିମ୍ବା ୧୦ x ୫ ସେମି ଜରି ମୁଣାରେ ତିଆରି ୪୦ ଦିନର ତଳି ପୋତନ୍ତୁ।



## କପାଚାଷ

କପାରେ ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ଚାରି ଲିଟର ପାଣିରେ ୧ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।



## ମୁଗବୁଣାର ୩ ସପ୍ତାହ ପରେ...

ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।



## ବନ୍ୟା ପରବର୍ତ୍ତୀ ପ୍ରାଣୀଙ୍କ ଯତ୍ନ



(ଶେଷ ଭାଗ)

**ଗୁହାଳ :** ଗୁହାଳର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ଗୁହାଳ ଓ ମୂତ୍ରସ୍ଥାନ ଆଦି ବିଶୋଧନ କରିବା ପାଇଁ ଫିନାଇଲ, ଲାଇଜଲ, ବ୍ଲିଚିଂ ପାଉଡର, ପୋଟାସିୟମ ପରମାଙ୍ଗାନେଟ, ଚୂନ ଓ ଫର୍ମାଲଡିହାଇଡ୍ ଇତ୍ୟାଦି ବ୍ୟବହାର କରାଯାଇଥାଏ । ଗୁହାଳର ଚଟାଣ ଯେପରି ଓଦା ଓ ସନ୍ତସନ୍ତିଆ ନ ରୁହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ତେଣୁ ପ୍ରତ୍ୟେକ ଗୁହାଳର ଚଟାଣ ସିମେଣ୍ଟର ଢଳେଇରେ ସ୍ଲୋପ୍ ରହି ରଫ୍ ହେବା ଦରକାର । ସନ୍ଧ୍ୟା ସମୟରେ ଗୋରୁଙ୍କୁ ମଶା, ଡାଆଁଶଙ୍କ ଦାଉରୁ ରକ୍ଷାକରିବା ପାଇଁ ମଶା ନିରୋଧକ ଧୂଆଁ କିମ୍ବା ଅଲଆଉଟ୍ ବ୍ୟବହାର କରନ୍ତୁ । ଗୁହାଳ ଭିତର ଓ ବାହାର କାନ୍ଥରେ ଡିଡିଟି ସ୍ପ୍ରେର ମଧ ବ୍ୟବସ୍ଥା କରନ୍ତୁ । ଗୁହାଳର ଖୋଲା ସ୍ଥାନରେ ମଶାରି କପଡ଼ା ବ୍ୟବହାର କରନ୍ତୁ। ଖତଗଦା ଗୁହାଳଠାରୁ ଦୂରରେ ରଖନ୍ତୁ । ଗୁହାଳ ଭିତରେ ମୁକ୍ତ ବାୟୁ ଓ ଆଲୋକ ଚଳାଚଳର ବ୍ୟବସ୍ଥା କରନ୍ତୁ । ଗୁହାଳର ଚତୁଃପାର୍ଶ୍ୱରେ ଯେପରି କେଉଁଠାରେ ଖାଲ ରହି ପାଣି ଜମି ନ ରୁହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ ଅନାବନା ଗଛ କାଟି ଗୁହାଳର ପରିବେଶକୁ ସଫା ରଖନ୍ତୁ।

**ଚାରଣଭୂମି :** ଓଦା ସନ୍ତସନ୍ତିଆ ଅଞ୍ଚଳ, ଗଡ଼ିଆ ପୋଖରୀ ପାଖକୁ ଗୋରୁଙ୍କୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଗୁଗୁଚିଆ ବହୁଳ ଚାରଣଭୂମିକୁ ଗୋରୁଙ୍କୁ ଚରିବାକୁ ନିବୃତ୍ତ ରଖନ୍ତୁ । ନଚେତ୍ ଆଖିଧରା ରୋଗ ଗୋରୁଙ୍କୁ ସହଜରେ ହୁଏ । ରୋଗାକ୍ରାନ୍ତ ଅଞ୍ଚଳ ବା ମହାମାରୀ ଅଞ୍ଚଳକୁ ଗୋରୁ ଚରିବାକୁ ଛାଡ଼ନ୍ତୁ ନାହିଁ

**ପ୍ରତିଷେଧକ ବ୍ୟବସ୍ଥା :** ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଗୋରୁଙ୍କୁ ଯଥା ସମ୍ଭବ ସାହାଣା, ଆନ୍ଥ୍ରାକ୍ସ, ବଜବଜିଆ ଓ ଫାଟୁଆ ଟିକା ଯୁଦ୍ଧକାଳୀନ ଭିତ୍ତିରେ ଦିଆଇବା ବ୍ୟବସ୍ଥା କରନ୍ତୁ । ମୃତ ପ୍ରାଣୀଙ୍କୁ ଏଣେତେଣେ ନ ଫିଙ୍ଗି ବା ବ୍ୟବଚ୍ଛେଦ ନ କରି ପୋଡ଼ିଦେବା ବା ଗଭୀର ଗର୍ତ୍ତକରି ପୋତିଦେବା ଦରକାର । ଅସୁସ୍ଥ ପ୍ରାଣୀକୁ ସୁସ୍ଥ ପ୍ରାଣୀଠାରୁ ଦୂରେଇ ରଖନ୍ତୁ ଏବଂ ଏହାର ଆଶୁ ଚିକିତ୍ସା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକଙ୍କ ସାହାଯ୍ୟ ନିଅନ୍ତୁ । ଦୁର୍ବଳ ଅବସ୍ଥାରେ ଗୋରୁଙ୍କୁ ଅତ୍ୟଧିକ ପରିଶ୍ରମ କରାଇବାକୁ ଦିଅନ୍ତୁ ନାହିଁ । ବନ୍ୟାଞ୍ଚଳ ଗୋରୁଙ୍କର ଖାଦ୍ୟାଭାବ ଯୋଗୁ ପେଟ ପ୍ରାୟ ଖାଲିଥାଏ । ତେଣୁ ଏହି ସମୟରେ କୃମିଜନିତ ଚିକିତ୍ସା ଅଧିକ ଫଳପ୍ରଦ । ଗୋରୁଙ୍କୁ ସାପ କାମୁଡ଼ାରୁ ନିବୃତ୍ତ ରଖିବା ପାଇଁ ଗୁହାଳ ଭିତର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସମସ୍ତ ଗର୍ତ୍ତ ନିବୁଜ ରଖନ୍ତୁ ଏବଂ ରାତିରେ ଗୁହାଳର ସମସ୍ତ ଦ୍ୱାରା ଭଲଭାବେ ବନ୍ଦ ରଖନ୍ତୁ । ଗୁହାଳର ଉଇହୁଙ୍କା ଭାଙ୍ଗି ସଫା ରଖନ୍ତୁ । ଗୁହାଳ ଚତୁଃପାର୍ଶ୍ୱରେ କାର୍ବୋଲିକ୍ ଏସିଡ୍ ଟାଙ୍ଗିଲେ ମଧ ସାପମାନେ ପାଖରେ ପଶନ୍ତି ନାହିଁ।

**-ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଆଖୁ କିଆରିରେ ପାଣି ପରିଚାଳନା

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡ଼ନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲ୍ୟୁପି କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ। ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଢିପଜମିରେ ଧାନ ଅମଳ

### ସେପ୍ଟେମ୍ବର ମାସ କୃଷି ସୂଚନା



ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚିଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ ।



ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାଛଡ଼ା ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ କୀଟନାଶକ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ । ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ଫଳଚାଷ :**

**ଅମୃତଭଣ୍ଡା :** ଅମୃତଭଣ୍ଡା ଗଛର ମୂଳଶଢ଼ା ରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ । ରୋଗଣା ଗଛକୁ ବାହାର କରିଦିଅନ୍ତୁ । ମେଟାଲାକ୍ସିଲ୍ + ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟି ଭିଜା କରନ୍ତୁ।

**ଲେମ୍ବୁ :** ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟିଦିଅନ୍ତୁ । ବୋର୍ଡୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇପାରିବ । ପିଜୁଳି ଓ ଲେମ୍ବୁର ପାଣି କୁଆଁ ସବୁ କାଟି ଦିଅନ୍ତୁ।

**ଫୁଲଚାଷ :** ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ । ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଂ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

**ଗୋପାଳନ :** ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବା ପାଇଁ ଗୋରୁଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ। ବର୍ଷାଦିନେ ଗୋରୁଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହିଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା ସମୟରେ ଦିଅନ୍ତୁ । ଗୁହାଳ ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ମାଛଚାଷ ପାଇଁ କୃତ୍ରିମ ଖାଦ୍ୟ



ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କି.ଗ୍ରା. ହିସାବରେ ମାଛମାନଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କି.ଗ୍ରା. କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କି.ଗ୍ରା. ବାଦାମ/ସୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।

## ପନିପରିବା ତଳିଘରା ଯତ୍ନ





ପନିପରିବା ତଳିଘରାର ଯତ୍ନ ଠିକ୍ ଭାବରେ ନିଅନ୍ତୁ। ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ି ଦିଅନ୍ତୁ। ଏପରି କରିବା ଦ୍ୱାରା ସୂର୍ଯ୍ୟାଲୋକରେ ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼ାଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳୀର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ। ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋ ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ। ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷାକରିବା ପାଇଁ ପଟାଳିକୁ ଜରି ଘର ମଧରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡଚାଷ କରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ। ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ ପ୍ରୟୋଗ କରନ୍ତୁ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୧/୨୦୨୨ | Bhubaneswar, Wednesday, August 31/ 2022

# ସ୍ୱଦେଶୀ ଖେଳ ଯୋଡ଼ିଲା ନୂଆ ଅଧ୍ୟାୟ



ଅଲ୍‌ଟିମେଟ ଖୋ ଖୋ ଲିଗ୍ ଖେଳାଯାଉଥିବା ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସ।

ତପନ ସ୍ୱାଇଁ

**ପୁଣେ, ୩୦।୮**

ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍ ଭାରତୀୟ କ୍ରୀଡ଼ା ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିଛି। ରଙ୍ଗ ବେରଙ୍ଗର ଆଲୋକମାଳା, ମ୍ୟୁଜିକ୍‌ରେ ଝଙ୍କାର ସହ ଢୋଲ ଏବଂ ଆତସବାଜୀର ରୋଷଣୀରେ ମ୍ୟାଚ ପୂର୍ବରୁ ଖେଳାଳିଙ୍କୁ ସ୍ୱାଗତ ଭିନ୍ନ ପରିବେଶ ସୃଷ୍ଟି କରିଛି ଏବଂ ଦର୍ଶକଙ୍କ ଉପସ୍ଥିତି ଟୁର୍ନାମେଣ୍ଟକୁ ରୋଚକ ଏବଂ ରୋମାଞ୍ଚକ କରିଛି। ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସର ପରିସର ବହୁତ ବଡ଼ ନ ଥିଲେ ହେଁ ସ୍ୱଦେଶୀ ଖେଳ ଖୋ ଖୋ ପ୍ରତି ଆଗ୍ରହ ମନୋଜ୍ଞ ପରିବେଶ ଏବ କ୍ୱାଲିଟି ଖେଳାଳିଙ୍କ ଉପସ୍ଥିତି ପ୍ରତିଯୋଗିତାକୁ ଭିନ୍ନ ଏକ ସୋପାନରେ ପହଞ୍ଚାଇଛି। ପ୍ରଥମଥରପାଇଁ ହେଉଥିବା ଏହି ଫ୍ରାଞ୍ଚାଇଜ୍ ଭିତ୍ତିକ ପ୍ରତିଯୋଗିତାରେ ୬ଟି ଦଳ ଭାଗ ନେଉଥିବାବେଳେ ଖୋ ଖୋ ଖେଳର କ୍ଷୀପ୍ରତା ପ୍ରତ୍ୟକ୍ଷଦର୍ଶୀଙ୍କୁ ବିମୋହିତ କରିଛି। ମୋଟାମୋଟିଭାବେ କହିବାକୁ ଗଲେ ଏହା ଲିଗ୍‌ର ପ୍ରଥମ ସଂସ୍କରଣ ହୋଇଥିଲେ ମଧ୍ୟ ବେଶ୍

## ଅଲ୍‌ଟିମେଟ ଖୋ ଖୋ

ଲୋକପ୍ରିୟତା ଅର୍ଜନ କରିଛି।

ଓଡ଼ିଶା ସରକାର ଏବେ ବିଭିନ୍ନ କ୍ରୀଡ଼ାକୁ ଅଗ୍ରାଧିକାର ଦେଇ କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ହକିରେ କଳିଙ୍ଗ ଲାନ୍ସର୍ସ ଏବଂ ଫୁଟବଲରେ ଓଡ଼ିଶା ଏଫ୍‌ସି ପରି ଏହି ପ୍ରତିଯୋଗିତାରେ ଅର୍ଥାତ୍ ଖୋ ଖୋ ଲିଗ୍‌ରେ ଓଡ଼ିଶାର ଏକ ନିଜସ୍ୱ ଦଳ ଖେଳୁଛି। ଏହାର ନାମ ରଖାଯାଇଛି ଓଡ଼ିଶା ଜଗରନଟ୍ସ। ଓଡ଼ିଶା ଦଳ ଯେ କେବଳ ଏହି ପ୍ରତିଯୋଗିତାରେ ଭାଗ ନେଇଛି ତା ନୁହେଁ ନିଜର ଦମ୍ ଦେଖାଇବାରେ ସକ୍ଷମ ହୋଇଛି। ଲିଗ୍ ପର୍ଯ୍ୟାୟ ଅନ୍ତିମ ଚରଣରେ ପହଞ୍ଚିଥିବାବେଳେ ଏହି ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଚମତ୍କାର ପ୍ରଦର୍ଶନ କରି ଅନ୍ୟ ୫ ଦଳକୁ ପଛରେ ପକାଇ ଦେଇଛି। ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି ଓଡ଼ିଶା ଜଗରନଟ୍ସ। ଆଟାକ ହେଉ କି ଡିଫେନ୍ସ କିମ୍ବା ଡାଇଭ୍ ଅବା ସ୍କାଏ ଡାଇଭ୍ ଏବେ ଓଡ଼ିଶା ଦଳର ଖେଳାଳିମାନେ ସବୁଠୁ ଆଗରେ। କ୍ରିକେଟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଢାଞ୍ଚାରେ ଏହି ପ୍ରତିଯୋଗିତାର ଶୀର୍ଷ ୪ ଦଳ ମଧ୍ୟ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ଏହି ୪ ଦଳ ମଧ୍ୟରେ ସବୁଠୁ ଆଗରେ ରହିଛି ଓଡ଼ିଶା। ଫଳରେ ଏହି ଦଳ କ୍ୱାଲିଫାୟର-୧ ଖେଳିବା ନିଶ୍ଚିତ ହୋଇଛି। ଏହାର ଫାଇଦା ମଧ୍ୟ ଜଗରନଟ୍ସକୁ ମିଳିବ। କାରଣ କ୍ୱାଲିଫାୟର-୧ର ପରାଜିତ ଦଳ ମଧ୍ୟ ଆଗକୁ ବଢ଼ିବା ପାଇଁ ଆଉ ଏକ ସୁଯୋଗ ପାଇବ। ଲିଗ୍‌ର ୩ ଓ ୪ ନମ୍ବର ଦଳ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହାର ବିଜେତାକୁ କ୍ୱାଲିଫାୟର-୧ର ବିଜେତା କ୍ୱାଲିଫାୟର-୨ରେ ଭେଟିବ। କ୍ୱାଲିଫାୟର-୧ ଓ ୨ ମଧ୍ୟରେ ଫାଇନାଲ ଖେଳାଯିବ। ତେଣୁ ଓଡ଼ିଶା ଦଳପାଇଁ ଫାଇନାଲ ପ୍ରବେଶର ପଥ ସୁଗମ ରହିଛି।

ଓଡ଼ିଶା ଜଗରନଟ୍ସ ଦଳରେ ରାଜ୍ୟର ମୋଟ ୬ ଖେଳାଳି ସ୍ଥାନ ପାଇଛନ୍ତି। ଅନ୍ୟ ଫ୍ରାଞ୍ଚାଇଜ୍‌ରେ ୪ ଜଣ ଖେଳାଳି ଖେଳୁଛନ୍ତି। ଏହିପରି ଓଡ଼ିଶାର ମୋଟ ୧୦ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଖେଳାଳିମାନେ ପ୍ରଦର୍ଶନର ଛାପ ମଧ୍ୟ ଛାଡ଼ିଛନ୍ତି। ସିନିୟର ଖେଳାଳି ଜଗନ୍ନାଥ ମୁର୍ମୁ ଦଳ ପାଇଁ ଅନେକ ମ୍ୟାଚ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

# ଓଡ଼ିଶା-ଗୁଜରାଟ କ୍ୱାଲିଫାୟର-୧

**ପୁଣେ, ୩୦।୮ (କ୍ରୀଡ଼ା ପ୍ରତିନିଧି)**

ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ମୁମ୍ବାଇ ଖିଲାଡିଜ୍ ନିକଟରୁ୪୮ ପଏଣ୍ଟରେ ହାରି ଯାଇଛି। କ୍ରମାଗତ ୬ଷ୍ଠ ବିଜୟ ପରେ ଓଡ଼ିଶା ଦଳର ଏହା ପ୍ରଥମ ପରାଜୟ। ମାତ୍ର ପୂର୍ବରୁ ପ୍ଲେ-ଅଫ୍‌ରେ ପ୍ରବେଶ କରି ସାରିଥିବା ଏହି ଦଳ ଏବେ ମଧ୍ୟ ପଏଣ୍ଟ ଟେବୁଲର ଶୀର୍ଷସ୍ଥାନରେ ରହିଛି। ଶୀର୍ଷ ୨ ଦଳଭାବେ ପ୍ଲେ-ଅଫ୍‌କୁ ଯାଇଥିବାରୁ ଓଡ଼ିଶା ଜଗରନଟ୍ସ ସେପ୍ଟେମ୍ବର ୨ ତାରିଖରେ କ୍ୱାଲିଫାୟର-୧ରେ ଗୁଜରାଟ ଜାଏଣ୍ଟ୍ସକୁ ଭେଟିବ। ଜଗରନଟ୍ସ ୯ ମ୍ୟାଚରୁ ୭ ବିଜୟ ଓ ୨ ପରାଜୟ ସହ ୨୧ ପଏଣ୍ଟ ପାଇ ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ଗୁଜରାଟ ୯ ମ୍ୟାଚରୁ ୬ ବିଜୟ ଓ ୩ ପରାଜୟ ସହ ୨୦ ପଏଣ୍ଟ ପାଇଛି।

## ବୃହତ୍ ପରାଜୟ

ଚଳିତ ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍‌ରେ ଓଡ଼ିଶା ଜଗରନଟ୍ସର ଏହାଥିଲା ସବୁଠାରୁ ବଡ଼ ପରାଜୟ। ମ୍ୟାଚରେ ମୁମ୍ବାଇ ଖିଲାଡିଜ୍ ୭୯ ପଏଣ୍ଟ ହାସଲ କରିଥିବାବେଳେ ଓଡ଼ିଶା ଦଳ ୩୧ ପଏଣ୍ଟରେ ସୀମିତ ରହିଥିଲା। ତେବେ ଏହି ପରାଜୟ ଦଳର ଅଗ୍ରଗତିରେ ବାଧା ସୃଷ୍ଟି କରିପାରି ନାହିଁ। ପୂର୍ବ ମ୍ୟାଚ ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ ଦଳକୁ ପ୍ଲେ-ଅଫ୍‌କୁ ନେଇ ସାରିଛି। ଅନ୍ୟ ପକ୍ଷରେ ମୁମ୍ବାଇ ଦଳ ୧୦ଟି ଯାକ ମ୍ୟାଚ ଖେଳି ସାରିଥିବାବେଳେ ମାତ୍ର ୧୨ ପଏଣ୍ଟ ପାଇ ଅଭିଯାନ ଶେଷ କରିଛି। ବୁଧବାର ଓଡ଼ିଶା ଦଳ ଏହାର ଶେଷ ଲିଗ୍ ମ୍ୟାଚରେ ତେଲଗୁ ଯୋଦ୍ଧାସକୁ ଭେଟିବ।



ଓଡ଼ିଶା ଜଗରନଟ୍ସ ବନାମ ମୁମ୍ବାଇ ଖିଲାଡିଜ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପ୍ରଣୟ ପ୍ରି-କ୍ୱାର୍ଟରରେ

**ଓସାକା, ୩୦।୮ (ପି.ଟି.):** ଜାପାନ ଓପନ୍‌ରେ ପ୍ରତିପକ୍ଷ ଖେଳାଳି ଏନ୍‌ଜି କା ଲଙ୍ଗ୍ ଆଙ୍ଗସ ମାଚ୍ ମିଝିରେ ରିଟାୟର୍ଡ ହଟ ହୋଇଯିବାପରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍ ପ୍ରଣୟ ଜାପାନ ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ବିଶ୍ୱ ଚାମ୍ପିୟନଶିପ୍‌ରୁ ଓହରିଲେ ସରଥ

**ନୂଆଦିଲ୍ଲୀ, ୩୦।୮ (ପି.ଟି.):** ନିକଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ୩ ସ୍ୱର୍ଣ୍ଣ ପଦକ ବିଜେତା ଶରଥ କମଲ ଆସନ୍ତା ମାସରେ ଚାଇନାରେ ହେବାକୁଥିବା ବିଶ୍ୱ ଟେବୁଲ ଟେନିସ୍‌ରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି। ଏହି ଇଭେଣ୍ଟ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଚେଙ୍ଗଡୁଠାରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ୪୦ବର୍ଷୀୟ ଶରଥ ବର୍ମିଂହାମ୍‌ରେ ପୁରୁଷ ସିଙ୍ଗଲ୍ସ, ମିକ୍ସଡ ଡବଲ୍ସ ଓ ଟିମ୍ ଟାଇଟଲ ଜିତିଥିଲେ। ତାଙ୍କ ଅନୁପସ୍ଥିତିରେ ବିଶ୍ୱର ୩୭ ନମ୍ବର ତଥା ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଜି. ସାଥିୟାଁ ପୁରୁଷ ବିଭାଗରେ ଦେଶର ଚ୍ୟାଲେଞ୍ଜ ସମ୍ଭାଳିବେ। ଅନ୍ୟପକ୍ଷରେ ମହିଳା ବିଭାଗର ନେତୃତ୍ୱ ନେବେ ବିଶ୍ୱର ୪୪ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ମନିକା ବାତ୍ରା। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ମନିକା ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି ଚେଷ୍ଟା କରିବେ। ଦଳ ସହିତ ଜାତୀୟ ପୁରୁଷ ଓ ମହିଳା କୋଚ୍ ଏସ. ରମଣ ଓ ଆନନ୍ଦିତା ଚକ୍ରବର୍ତ୍ତୀ, ଖ୍ରିସ୍ ଆଡ୍ରିଆନ୍ ପିଫିଫର୍ (ମନିକାଙ୍କ ବ୍ୟକ୍ତିଗତ କୋଚ୍) ଏବଂ ମେସର ହରମିତ୍ କୌର ଯିବେ। ଭାରତୀୟ ଦଳ ସେପ୍ଟେମ୍ବର ୨୫ରେ ଚେଙ୍ଗଡୁ ଗସ୍ତ କରିବ।

**ଭାରତୀୟ ଦଳ**- ପୁରୁଷ: ଜି. ସାଥିୟାଁ, ସାନିଲ ଶେଟ୍ଟି, ହରମିତ ଦେଶାଇ, ମନୁଷ ଶାହା ଓ ମାନବ ଠକ୍କର। ମହିଳା: ମନିକା ବାତ୍ରା, ଶ୍ରୀଜା ଆକୁଲା, ରୀଥ୍ ରିଶ୍ୟା, ଦିୟା ଚିଟାଲେ ଓ ସ୍ୱସ୍ତିକା ଘୋଷ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଦୁଇ ଦୋକାନରୁ ଚୋରି

ବାଣପୁର,୩୦।୮ (ଡି.ଏନ୍.ଏ.): ବାଣପୁରରେ ଦିନକୁ ଦିନ ଚୋରି, ଲୁଟ୍ ବଢ଼ିଚାଲିଛି। ମଙ୍ଗଳବାର ଏକ ବ୍ୟାଙ୍କ ନିକଟରେ ଥିବା ଅର୍ଣ୍ଣପୂର୍ଣ୍ଣା ଫଟୋ ଷ୍ଟୁଡିଓ ଏବଂ ଦକ୍ଷେଶ୍ୱର ମନ୍ଦିର ନିକଟ ମହାଲକ୍ଷ୍ମୀ ଫଟୋ ଷ୍ଟୁଡିଓରୁ ଦୁଇଟି କ୍ୟାମେରା ଲୁଟ ନେଇଛନ୍ତି ଦୁର୍ବୃତ୍ତ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ ରିପୋର୍ଟ ଲେଖା ହେବା ବେଳକୁ ଲୁଟ୍ ସାମଗ୍ରୀର ସନ୍ଧାନ ମିଳିପାରି ନାହିଁ। ପାଟ୍ରୋଲିଂ ସହ ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଲୁଟେରାଙ୍କୁ ଧରିବା ପାଇଁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହେଉଛି।

### ଗଣେଶପୂଜା ପାଇଁ ବଜାରରେ ଭିଡ଼

ନିରାକାରପୁର,୩୦।୮ (ଡି.ଏନ୍.ଏ.): କରୋନା କଟକଣା ହଟିବା ପରେ ଚଳିତ ବର୍ଷ ଧୂମଧାମରେ ପାଳନ ହେବ ଗଣେଶ ପୂଜା। ଏଥିପାଇଁ ଗାଁ ଠୁ ସହର ଉତ୍ସବ ମୁଖର। ବୁଧବାର ଗଣେଶ ପୂଜା ଥିବାରୁ ଏହାର ପୂର୍ବଦିନ ତଥା ମଙ୍ଗଳବାର ନିରାକାରପୁର ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଡ୍ରେସ ଓ ଫଳ ଦୋକାନରେ ବିଶେଷକରି ଭିଡ଼ ଜମିଥିଲା। ଅନ୍ୟପଟେ ମୂର୍ତ୍ତି କିଣିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍କଣ୍ଠା ରହିଥିଲା।

### ମୃତା ଏସ୍‌ଆଇଙ୍କ ପରିବାରକୁ ଭେଟିଲେ ବିଜେଡି ନେତ୍ରୀ

ନିରାକାରପୁର,୩୦।୮ (ଡି.ଏନ୍.ଏ.): କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଏସ୍‌ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ରାଜ୍ୟ ବିଜେଡି ଉପସଭାପତି ବାସନ୍ତି ମହାପାତ୍ର ବେହେରାଙ୍କ ଜନ୍ମମାଟି ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପାଣ୍ଡବପାଟଣାରେ ପହଞ୍ଚି ମୃତାଙ୍କ ପରିବାର ଲୋକଙ୍କୁ ଭେଟିବା ସହ ସମବେଦନା ଜଣାଇଥିଲେ। ଅନ୍ୟପଟେ ଉକ୍ତ ଥାନା ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣାରେ ଏସ୍‌ପି ଭିନୀତ ଅଗ୍ରୱାଲ ଆଇଆଇସି ଶବରଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଥିଲେ।

### ରେଳ ସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଜଟଣୀ,୩୦।୮ (ଡି.ଏନ୍.ଏ.): ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ମଙ୍ଗଳବାର ରେତଙ୍ଗ କଲୋନୀ ରେଲୱେ କଲ୍ୟାଣ ମଣ୍ଡପ ପରିସରରେ ୬୭ତମ ରେଳ ସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳର ମହିଳା କଲ୍ୟାଣ ସଙ୍ଗଠନ ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଅପରେସନ୍) କଲ୍ୟାଣ ପଟ୍ଟନାୟକ ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଅଶୋକ କୁମାର ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାୟ ସମସ୍ତ ପୁରସ୍କାର ବିଜେତାଙ୍କୁ ସେମାନଙ୍କର ପ୍ରଗତିଶୀଳ ମନୋଭାବ ସହିତ କର୍ତ୍ତବ୍ୟ ପ୍ରତି ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପୂର୍ବତଟ ରେଳ ଜୋନରେ ପାଳିତ ୬୭ ତମ ରେଳ ସପ୍ତାହ ଉତ୍ସବରେ ୮ଟି ଦକ୍ଷତା ସିଲ୍ଡ ହାସଲ କରିଛି। ବାର୍ଷିକ ପୁରସ୍କାର ବିତରଣ ସମାରୋହରେ ୯୫ ଗ୍ରୁପ୍-ସି କର୍ମଚାରୀ, ୪୦ ଗ୍ରୁପ୍-ଡି କର୍ମଚାରୀ ଏବଂ ୧୪ ଗ୍ରୁପ ପୁରସ୍କାର ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ପୁରୀ ରେଳ ଷ୍ଟେଶନକୁ ବୃହତ ରେଳ ୟାର୍ଡ ପାଇଁ ସୁରକ୍ଷା ସିଲଡ୍ ଏବଂ ବୁଢାପଙ୍କ ରେଳ ଷ୍ଟେଶନ କ୍ଷୁଦ୍ର ରେଳ ୟାର୍ଡ ପାଇଁ ସୁରକ୍ଷା ସିଲ୍ଡ ପ୍ରଦାନ କରାଯାଇଛି। ଯାଜପୁର କେନ୍ଦୁଝର ରୋଡର ସହକାରୀ ମଣ୍ଡଳ ଇଞ୍ଜିନିୟର ଇଞ୍ଜିନିୟରିଂ ଦକ୍ଷତା ସିଲ୍ଡ ହାସଲ କରିଛନ୍ତ। ଶ୍ରେଷ୍ଠ ରେଲୱେ ଇନଷ୍ଟିଚ୍ୟୁଟ୍ ଭାବେ କଟକ ରେଲୱେ ଇନଷ୍ଟିଚ୍ୟୁଟ ସିଲ୍ଡ ହାସଲ କରିଛି। ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସମସ୍ୟାକୁ ଅଣଦେଖା କରୁଛି ପୌର ପ୍ରଶାସନ

ଖୋର୍ଦ୍ଧା ଅଫିସ,୩୦।୮



■ ରାସ୍ତା ସାରା ଖାଲଖମା, ଡ୍ରେନେଜ ବିପର୍ଯ୍ୟସ୍ତ
■ କ୍ୟାବିନ ସମସ୍ୟା, ଅଳିଆ ହଟୁନି

ବୁଧବାର ଖୋର୍ଦ୍ଧା ପୌର ପ୍ରଶାସନ ପାଳିବ ୬୩ତମ ସ୍ୱାୟତ୍ତ ଶାସନ ଦିବସ। ଦୀପ ତଳ ଅନ୍ଧାର ଭଳି ରାଜଧାନୀ ଜିଲା ଖୋର୍ଦ୍ଧା ସହରର ବିକାଶ ସ୍ଥାଣୁ ପାଲଟିଛି। ପରିମଳ, ବିପର୍ଯ୍ୟସ୍ତ ଡ୍ରେନେଜ ଓ ରାସ୍ତାକଡ଼ କ୍ୟାବିନ ସହରର ମୁଖ୍ୟ ସମସ୍ୟା ପାଲଟିଛି। ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି କିନ୍ତୁ କାର୍ଯ୍ୟକାରୀ ହେଉନାହିଁ। ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ପୌର ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

୪୬ ହଜାର ଜନସଂଖ୍ୟା ବିଶିଷ୍ଟ ଖୋର୍ଦ୍ଧା ସହରରେ ୨୨ଟି ୱାର୍ଡ ରହିଛି। ସେଥିରୁ ୨୦ଟି ୱାର୍ଡ ଘରୋଇକରଣ କରାଯାଇଛି। ଏଥିଲାଗି ଲକ୍ଷାଧିକ ଟଙ୍କା ପୌର ପ୍ରଶାସନ ପକ୍ଷରୁ ପଇଠ କରାଯାଉଛି। ତେବେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ସହରରେ ଅଳିଆ ହଟୁନି। ସହର ମୁଖ୍ୟରାସ୍ତାକୁ ବାଦ୍ ଦେଲେ ଗଳିକନ୍ଦିରେ ଅଳିଆ ଆବର୍ଜନା ପଡି ପାହାଡ ସଦୃଶ ଗଦା ହେଲାଣି। ସ୍ୱଚ୍ଛତା ଆଳରେ ଘରୋଇ ଠିକା ସଂସ୍ଥାକୁ ପୋଷା ଚାଲିଛି ବୋଲି କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ଡ୍ରେନେଜ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷ ବର୍ଷ ଧରି ଡ୍ରେନ ସଫା ନ ହେବା ଫଳରେ ପୋତି ହୋଇଗଲାଣି। ଡ୍ରେନ ଗୁଡିକ ମଧ ରାସ୍ତା ଠାରୁ ଉପରେ ରହିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ଡ୍ରେନ ଉପରେ ବେଆଇନ ଭାବେ କୋଠା, ବ୍ୟବସାୟିକ ପ୍ରତିଷ୍ଠାନ ଗଢି ଉଠିଛି। ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆ ବସଷ୍ଟାଣ୍ଡରେ ଥିବା ଶୌଚାଳୟ ୨ବର୍ଷ ହେବ ବନ୍ଦ ପଡିଛି। ଫଳରେ ଯାତ୍ରୀ ଏବଂ ସ୍ଥାନୀୟ ବ୍ୟବସାୟୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ନୂଆବସଷ୍ଟାଣ୍ଡ ପରିସରରେ ରହିଥିବା ମାର୍କେଟ କମ୍ପ୍ଲେକ୍ସ କୋଠା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଛାତରେ ବର ଅସ୍ୱତ୍ଥ ଗଛ ଉଠିଲାଣି। ବସଷ୍ଟାଣ୍ଡ ପରିସର ମୁକ୍ତ ଡମ୍ପିୟାର୍ଡ ପାଲଟିଛି। ସନ୍ଧ୍ୟା ହେଲେ ଏଠାରେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ମଶା ଔଷଧ ସ୍ପ୍ରେ କରାଯାଉନାହିଁ। ଫଳରେ ସହରରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କ ଦୌରାତ୍ମ୍ୟ ଯୋଗୁ ଲୋକେ ରାତି ହେଲେ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ଦୁର୍ଘଟଣା ମଧ ଘଟୁଛି। କୁକୁର ବନ୍ଧ୍ୟାକରଣ ପ୍ରହସନରେ ପରିଣତ ହୋଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ ଅର୍ଥ ଶ୍ରାଦ୍ଧ ହେଉଛି, ତେବେ ଅର୍ଥ କୁଆଡେ ଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ଅନ୍ୟତମ ସମସ୍ୟା ହେଉଛି ରାସ୍ତାକଡ ଉଠାଦୋକାନ। ମାରୱାଡି ପଟି ଠାରୁ ସମବାୟ ଛକ, ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ୫୪୦ରୁ ଊର୍ଦ୍ଧ୍ୱ କ୍ୟାବିନ ରହିଛି। ସମସ୍ତ ଦୋକାନ ରାସ୍ତା ଉପରେ ରହିଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତା ଉପରେ ବାଇକ୍ ପାର୍କିଂ ହେଉଛି। ଉଠାଦୋକାନୀ, ପୁଣି ପାର୍କିଂ ଯୋଗୁ ରାସ୍ତା ସଙ୍କୁଚିତ ହୋଇ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। କ୍ୟାବିନ ଥଇଥାନ ଲାଗି ଦୀର୍ଘ ୨୨ବର୍ଷ ଧରି ବିବାଦ ଲାଗି ରହିଥିବା ବେଳେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନର ଆନ୍ତରିକତା ବାଧକ ସାଜିଛି। ସହରର ଅନେକ ସ୍ଥାନ ଖାଲଖମାରେ ପରିଣତ ହୋଇଛି। ମରାମତି ନ ହେବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଡାକ୍ତର୍ସ ଲେନଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତାରେ ବଡ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତା ଦୁରାବସ୍ଥା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ସେହିପରି ପୋଷ୍ଟ ଅଫିସ ଛକରେ ବଡ ବଡ ଗାତ ସୃଷ୍ଟି ହୋଇଛି। ନୟାଗଡ ରୋଡ, ପୁରୁଣା ବସଷ୍ଟାଣ୍ଡ ପୁଣି ଗୁରୁଜଙ୍ଗ ଆଡକୁ ଯିବା ଲାଗି ମୁଖ୍ୟ ସଂଯୋଗ ଏହି ଛକ ହୋଇଥିବା ବେଳେ ଯାନବାହନ ଚଳାଚଳରେ ହଇରାଣ ହେଉଛନ୍ତି। ଚଣ୍ଡିଚୁଆ ଛକଠାରୁ ନୂଆ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ପ୍ରାୟ ୨କିମି ରାସ୍ତାର ଉଭୟ ପାର୍ଶ୍ୱରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି କୁହନ୍ତି, ଖୋର୍ଦ୍ଧାକୁ ଏକ ସୌନ୍ଦର୍ଯ୍ୟମୟ ସହରରେ ପରିଣତ ଲାଗି ଚେଷ୍ଟା ଜାରି ରହିଛି। ସହରର ବିକାଶକୁ ତ୍ୱରାନ୍ୱିତ କରାଯିବ। ପରିମଳ, ଡ୍ରେନେଜରେ ସୁଧାର ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିରେ ସହରବାସୀଙ୍କ ସହଯୋଗର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଥିଲେ, ଖୋର୍ଦ୍ଧା ସହରର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରହିଛି।

### ଆଧାର କାର୍ଡ ସହ ଭୋଟର ପରିଚୟ ପତ୍ରର ସଂଯୋଗ ଜରୁରୀ



ବୋଲଗଡ଼,୩୦।୮ (ଡି.ଏନ୍.ଏ.)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭୋଟର ପରିଚୟ ପତ୍ର ସହ ଆଧାର କାର୍ଡ ସଂଯୋଗ ସମ୍ବନ୍ଧୀୟ ବୈଷୟିକ ସୂତ୍ର ଓ କୌଶଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧ୍ୟାପକ ସରୋଜ କୁମାର ଦାଶ ସଂଯୋଜନା କରିଥିଲେ। ଏବଡିଓ ଡ.ରତିକାନ୍ତ ମିଶ୍ର, ବିଷୟ ବିଶେଷଜ୍ଞ ଶିକ୍ଷକ ସୂର୍ଯ୍ୟକାନ୍ତ ସିଂହ ଅତିଥିଭାବେ ଯୋଗଦେଇ ନିର୍ବାଚନ ପରିଚାଳନା ଜନିତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ଆଧାର କାର୍ଡ ସହ ଭୋଟର ପରିଚୟ ପତ୍ରର ସଂଯୋଗ ଜରୁରୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଗାନ୍ଧୀ କୁମାର ସାହୁ ଧନ୍ୟବାଦ ଦେଇଥିଲେ।




**ଖୋର୍ଦ୍ଧା:** ଗଣେଶ ପୂଜା ପାଳନ ପୂର୍ବରୁ ମଙ୍ଗଳବାର ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିଘ୍ନରାଜଙ୍କ ଛବି ଆଙ୍କି ପରିବେଶ ସୁରକ୍ଷା ବାର୍ତ୍ତା ଦେଉଛନ୍ତି।

## ଦୁଲୁକିବ ମେଲୋଡି ମଞ୍ଚ

ଖୋର୍ଦ୍ଧା ଅଫିସ,୩୦।୮

**ଆଜି ବିଘ୍ନରାଜଙ୍କ ପୂଜା**

ବୁଧବାର ଗଣେଶ ପୂଜା। ଏଥିପାଇଁ ଉତ୍ସବ ମୁଖର ଗାଁ ଠୁ ସହର। କରୋନା କଟକଣା ହଟିବା ପରେ ଏଥର ବିଘ୍ନ ବିନାଶକଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଛି ଖୋର୍ଦ୍ଧା। ଛକ, ବଜାର, ଗଳିକନ୍ଦିରେ ବିଭିନ୍ନ ବେଶ, ଭିନ୍ନ ଆକୃତିର ଗଜାନନଙ୍କୁ ପୂଜା କରିବାକୁ ପ୍ରସ୍ତୁତ ରହିଛନ୍ତି ଶ୍ରଦ୍ଧାଳୁ। ପୂଜାମଣ୍ଡପ ଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ ହୋଇଥିବା ବେଳେ ସୁଉଚ୍ଚ ମୂର୍ତ୍ତି ଏବଂ ତୋରଣ ଏଥର ମୁଖ୍ୟ ଆକର୍ଷଣ ସାଜିବ। କେତେକ ସ୍ଥାନରେ ଭଜନ ସମାରୋହ ସାଙ୍ଗକୁ ମେଲୋଡ଼ି ସନ୍ଧ୍ୟା ପୂଜାର ମାହୋଲକୁ ଆହୁରି ଦ୍ୱିଗୁଣିତ କରିବ। ଅନ୍ୟପକ୍ଷରେ ପୂଜା ଠାରୁ ଭସାଣି ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ସହରର ୮ଟି ସ୍ଥାନରେ ଗଣେଶ ପୂଜା ଆଡ଼ମ୍ବରରେ ପାଳିତ ହୋଇଥାଏ। ନବୀନାବାଗ ସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ ଗଣପତି ମହୋତ୍ସବ ଆୟୋଜନ କରାଯିବ। ଗୋଟିପୁଅ, ଓଡିଶୀ, ସମ୍ବଲପୁରୀ, ଭାଙ୍ଗେଡା, ଲୋକନୃତ୍ୟ ପରିବେଷଣ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ପ୍ରିୟବ୍ରତ ବାରିକ କହିଛନ୍ତି।

## ପାଣି ପାଇପ୍ ଚୋରି, ୬ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୩୦।୮ (ଡି.ଏନ୍.ଏ.)

**ପାଇପ ଭର୍ତ୍ତି ୩ ଟ୍ରକ୍, ହାଇଡ୍ରା ଜବତ**

ଟାଙ୍ଗୀ ବଡ଼ପାରି ରାସ୍ତା ପାର୍ଶ୍ୱରେ ରଖାଯାଇଥିବା ପାଣି ପାଇପକୁ ହାଇଡ୍ରା ମାଧ୍ୟମରେ ଟ୍ରକରେ ଚୋରି କରିନେଉଥିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ୬ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଜରିଆ ଗ୍ରାମର ମହେଶ୍ୱର ପଲାଇ, ସୁନ୍ଦରପୁର ଗ୍ରାମର କାହ୍ନୁ ସାହୁ, ଉଦୟଗିରିର ବିକ୍ରମ ବେହେରା, ଚାନ୍ଦପୁର ଥାନା ଅନ୍ତର୍ଗତ କଟକ ସହର ଗ୍ରାମର ଦୀପକ କୁମାର ଛୋଟରାୟ, ପିପିଲି ମଠସାହିର ଆନନ୍ଦ ବେହେରା, ଭୁବନେଶ୍ୱରର ଅମୂଲ୍ୟ କୁମାର ଦାସ। ଏମାନଙ୍କ ନିକଟରୁ ୭୩ଟି ପାଇପ୍ ଭର୍ତ୍ତି ୩ଟି ମିନିଟ୍ରକ୍, ଗୋଟିଏ ହାଇଡ୍ରା ଗାଡ଼ି ଜବତ ହୋଇଛି। ଜବତ ପାଇପର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ସୂଚନାଥାଉ କି, ଟାଙ୍ଗୀ, ଚିଲିକା ଓ ବାଣପୁର ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ କମ୍ପାନୀକୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟେଣ୍ଡର ଦିଆଯାଇଛି। ସମସ୍ତ ଅଞ୍ଚଳରେ କାର୍ଯ୍ୟ ସରି ନ ଥିବା ବେଳେ ପାଇପକୁ ରାସ୍ତା କଡ଼ରେ ରଖି ଉକ୍ତ କମ୍ପାନୀ ଚୁପ୍ ବସିପଡ଼ିଛି। ଫଳରେ ଲୋକେ ପାନୀୟ ଜଳ ପାଇବା ପାଇଁ ଅନାଇ ରହିଛନ୍ତି। ଗତ ୨୮ ତାରିଖରେ ପାଇପ୍ ଚୋରି ହୋଇଥିବା ନେଇ ସମ୍ପୃକ୍ତ କମ୍ପାନୀର ପ୍ରଶାସନିକ ଅଧିକାରୀ ପିନାକୀ ଧର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୬୭/୨୨) ରୁଜୁକରି ତଦନ୍ତ ଚଳାଇବା ସହ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ପାୱାର କ୍ଲବ, ଉତ୍କଳ କେଶରୀ କ୍ଲବ ବିଜୟୀ

ଝାଁଳା,୩୦।୮ (ଡି.ଏନ୍.ଏ.)

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟବଲ ଲିଗ ଟୁର୍ନାମେଣ୍ଟରେ ମଙ୍ଗଳବାର ତୃତୀୟ ଦିନ ମ୍ୟାଚରେ ମା'ଭୋଳେଶ୍ୱରୀ ମଦନପୁର ଏବଂ ପାୱାର କ୍ଲବ କରଡାପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପାୱାର କ୍ଲବର ରଞ୍ଜନ ନାୟକ ୫୧ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରାଇବା ସହ ଦଳ ଦୁଇ ପଏଣ୍ଟ ହାସଲ କରିଥିଲା। ସେହିପରି ମା'ଚଣ୍ଡୀ କ୍ଲବ କାଶୀପୁର ଓ ଉତ୍କଳ କେଶରୀ କ୍ଲବ ଗ୍ରାମଡିହ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳର ୩୮ ମିନିଟରେ ଉତ୍କଳ କେଶରୀ କ୍ଲବ ପକ୍ଷରୁ ଶାନ୍ତନୁ ପ୍ରଧାନ ଗୋଟିଏ ଗୋଲ ଦେଇ ବିଜୟୀ କରିବା କରାଇବା ସହ ଦଳ ଦୁଇ ପଏଣ୍ଟ ହାସଲ କରିଥିଲା। ମନୋରଞ୍ଜନ ଖୁଣ୍ଟିଆ, ଅବିନାଶ ପଟ୍ଟନାୟକ, ଅଶୋକ ସ୍ୱାଇଁ, ଲଳିତ ମୋହନ ବଳିୟାର ସିଂ ମ୍ୟାଚ୍ ପରିଚାଳନା କରିଥିଲେ।



**ଜଟଣୀ:** ପୌର ପରିଷଦ ଗଠନର ୫୦ ବର୍ଷ ପୂର୍ତ୍ତି ଅବସରରେ ମଙ୍ଗଳବାର ସ୍ଥାନୀୟ ରେଲ୍‌ୱେ ଷ୍ଟାଡ଼ିୟମରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ରେ ପୌର ପରିଷଦ ଏକାଦଶ ଓ ମିଡ଼ିଆ ଏକାଦଶର ଖେଳାଳିମାନେ।

### ସଚେତନତା ରଥକୁ ସ୍ୱାଗତ

ବୋଲଗଡ଼,୩୦।୮ (ଡି.ଏନ୍.ଏ.)

ବାଲ୍ୟ ବିବାହ ନିଷେଧ ଓ ଶିଶୁ ଅପରାଧ ବନ୍ଦ କରିବା ଲାଗି ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଭ୍ରାମ୍ୟମାଣ ସଚେତନତା ରଥ ମଙ୍ଗଳବାର ବୋଲଗଡ଼ ବ୍ଲକ ପରିକ୍ରମା କରିଛି। ଫାସିଓଡା ଓ ପିତୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସଚେତନତା ରଥ ପହଞ୍ଚିବା ପରେ ସିଡିପିଓ କ୍ରିଷ୍ଣପ୍ରିୟା ପ୍ରଧାନଙ୍କ ସମେତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀଗୁଡିକର ମହିଳା ଏବଂ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ସ୍ୱାଗତ କରିଥିଲେ। ବାଲ୍ୟ ବିବାହ ହେଉଥିବା ନଜରକୁ ଆସିଲେ ସେମାନଙ୍କୁ ବିବାହ ନ କରାଇବା ପାଇଁ ବୁଝାଇବା, ଆବଶ୍ୟକ ପଡ଼ିଲେ ଚାଇଲ୍ଡ ଲାଇନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ପୋଲିସ, ଅଙ୍ଗନୱାଡି କର୍ମୀ, ଅଙ୍ଗନୱାଡି ସୁପରଭାଇଜର ଏବଂ ସିଡିପିଓଙ୍କୁ ଜଣାଇବା ଦ୍ୱାରା ଏହାକୁ ରୋକିବା ଦିଗରେ ସହାୟକ ହେବ ବୋଲି ଉପସ୍ଥିତ ଲୋକଙ୍କୁ ଶପଥପାଠ କରାଯାଇଥିଲା।

# 'ସଚେତନତା ବାଲ୍ୟବିବାହ ରୋକିବ'

ଖୋର୍ଦ୍ଧା ଅଫିସ,୩୦।୮



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ବାଲ୍ୟ ବିବାହ ନିଷେଧ, ଶିଶୁ ଓ ମହିଳା ବିରୋଧୀ ସଂକ୍ରାନ୍ତରେ ଲୋକଙ୍କୁ ସଚେତନ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ସଚେତନତା ରଥ ୫ଦିନ ଧରି ଜିଲାର ୧୦ଟି ବ୍ଲକ ସହିତ ସହରାଞ୍ଚଳ ପରିକ୍ରମା କରିବ। ବାଲ୍ୟ ବିବାହକୁ ନା, ସ୍କୁଲ ଯିବାକୁ ହଁ କହିବା' ବାଲ୍ୟ ବିବାହ ବନ୍ଦ, ଲିଙ୍ଗଗତ ବିଭେଦ ଭେଦଭାବ, ଶିଶୁ ଅଧିକାର ସୁରକ୍ଷା, ଶିଶୁ ଶିକ୍ଷା, ଶିଶୁ ଚାଲାଣ ରୋକିବା, ମହିଳା ହିଂସା ରୋକିବା ଆଦି ବିଭିନ୍ନ ପ୍ରସଙ୍ଗରେ ଲୋକଙ୍କୁ ସଚେତନ କରାଯିବ। ସଚେତନତା ଅଭାବରୁ ସମାଜରେ ବାଲ୍ୟ ବିବାହ ଭଳି ଏକ କଳଙ୍କିତ ପ୍ରଥା ସମାଜରେ ରହିଛି। ଏହା ଦ୍ୱାରା ଶିଶୁମାନେ ନିଜ ମୌଳିକତା ହରାଉଛନ୍ତି। ସେମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ପିତାମାତା ମାନେ ଅଭାବଅନାଟନ ଯୋଗୁ ନାବାଳିକାଙ୍କୁ କମ୍ ବୟସରେ ବିବାହ ବନ୍ଧନରେ ଛନ୍ଦି ଦେଉଛନ୍ତି। ପାଠପଢିବା ବୟସରେ ଘର ସଂସାରରେ ଛନ୍ଦି ହୋଇ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ବିବାହ ଯୋଗ୍ୟ ବୟସ ପୂର୍ବରୁ ମାତୃତ୍ୱ ଲାଭ କରୁଛନ୍ତି। ସମାଜରେ ବଢି ଚାଲିଥିବା ମହିଳା ହିଂସାକୁ ରୋକିବା ଏବଂ ଶିଶୁଙ୍କ ସୁରକ୍ଷା, ଅଧିକାର ଏବଂ ଶିକ୍ଷା ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ପ୍ରକଳ୍ପ ଅଧିକାରୀ ଶିଖା ରାୟ ପୋଦ୍ଦାର, ପରାମର୍ଶଦାତା ସ୍ୱାତୀ ତନ୍ମୟା ମିଶ୍ରଙ୍କ ସମେତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# କ୍ଷୟକ୍ଷତି ଆକଳନ ରିପୋର୍ଟ ପଇଠ କର

ଖୋର୍ଦ୍ଧା ଅଫିସ,୩୦।୮

**ଜିଲାପାଳଙ୍କ ବନ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା**



ଚଳିତ ବନ୍ୟାରେ ଖୋର୍ଦ୍ଧା ଜିଲାର ବ୍ୟାପକ କ୍ଷତିଘଟିଛି। ଜନଜୀବନ ପ୍ରଭାବିତ ହେବା ସହ ଏକର ଏକର ଚାଷ ଜମିରେ ପାଣି ପଶି ନଷ୍ଟ ହୋଇଛି। ଜିଲାର ୫ ବ୍ଲକର ୨୨ଟି ପଞ୍ଚାୟତର ୭୩ ଗ୍ରାମ ଜଳମଗ୍ନ ହୋଇଥିବା ବେଳେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରଭାବିତ ହୋଇଥିଲେ। ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ୩ଦିନ ଧରି ଜିଲାର ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଛନ୍ତି। ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବନ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା କରିଛନ୍ତି। ଓସୱାନ ସମ୍ମିଳନୀ କକ୍ଷରେ ଭିଡିଓ କନଫେରନ୍ସ ମାଧ୍ୟମରେ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ଜିଲାପାଳ। ବନ୍ୟା ବିପନ୍ନ ଅଞ୍ଚଳରେ ପରବର୍ତ୍ତି ସମୟରେ ସର୍ବନିମ୍ନ ସୁବିଧା ଉପଲବ୍ଧ କରାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ଲାଗି ପରାମର୍ଶ ଦେଇଥିଲେ।

ବିଶେଷକରି ପାନୀୟଜଳ, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତ ସଂଯୋଗ ଆଦି ପୁନଃ କାର୍ଯ୍ୟକ୍ଷମ ଉପରେ ଗୁରୁତ୍ୱ ଦେଇଥିଲେ। କ୍ଷତିଗ୍ରସ୍ତ ଅଞ୍ଚଳରେ ଆକଳନ କରାଯାଇଥିବା କ୍ଷୟକ୍ଷତି ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷୟକ୍ଷତି ଆକଳନ ନିମନ୍ତେ ପ୍ରତି ବ୍ଲକ ସ୍ତରରେ କମିଟି ଗଠନ ହୋଇଥିଲା। ଏଥିରେ ପଞ୍ଚାୟତିରାଜ, ରାଜସ୍ୱ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ରହିଛନ୍ତି। ଆକଳନ ସମୟରେ କୌଣସି ପରିସ୍ଥିତିରେ ମଧ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ତାହା ନିଶ୍ଚିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେବା ସହ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ଜିଓଟ୍ୟାଗିଂକୁ ଗୁରୁତ୍ୱ ଦେଇଥିଲେ। ରିପୋର୍ଟରେ କୌଣସି ତ୍ରୁଟି ବିଚ୍ୟୁତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ ତାଗିଦ୍ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଆପତ୍‌କାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା, ବିଭାଗୀୟ ଅଧିକାରୀଙ୍କ ସମେତ ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ମହାନଦୀରୁ ଅଚିହ୍ନା ମୃତଦେହ ଜବତ

ମଙ୍ଗୁଳି,(ଡି.ଏନ୍.ଏ.): ମହାନଦୀର ଯୋବ୍ରା ଆନିକଟଠାରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ଜଗତ୍‌ପୁର ପୋଲିସ ଜବତ କରିଛି। ସେ କଳାରଙ୍ଗର ପ୍ୟାଣ୍ଟ ଓ ମାଟିଆ ରଙ୍ଗର ଶାର୍ଟ ପିନ୍ଧିଥିବାବେଳେ ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ଯୋବ୍ରା ଆନିକଟ୍‌କୁ ବୁଲିବାକୁ ଆସିଥିବାବେଳେ ମୃତଦେହ ମହାନଦୀରେ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୪/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

**କଟକ ସଦର,୩୦।୮(ଡି.ଏନ୍.ଏ.):** କିଶନ ନଗର ଥାନା ଅନ୍ତର୍ଗତ ପାଣି ମାଣ୍ଡୁଆ ଅଞ୍ଚଳର ସ୍କୁଲ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସାଇଲୋ ଅଞ୍ଚଳର କିଶୋର ହେମ୍ବ୍ରମ। ସୋମବାର ସକାଳେ ଛାତ୍ରୀମାନେ ସ୍କୁଲ ଯାଉଥିବାବେଳେ କିଶୋର ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୫୬/୨୨) ରୁଜୁ ହୋଇଛି।

### ଚୋରି ସାମଗ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**କଟକ ଅଫିସ,୩୦।୮:** ରେଲୱେ ସାମଗ୍ରୀ ଚୋରି ମାମଲାରେ ଆର୍‌ପିଏଫ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଟାଙ୍ଗୀ ଅଞ୍ଚଳର ଗଣେଶ କୁମାର ସାହୁ। ତାଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ମେ' ୧୨ ତାରିଖ ରାତିରେ ମାଲ୍‌ବାହୀ ଟ୍ରେନ୍ ଅଟକିଥିବାବେଳେ ଆଲୁମିନିୟମ ଚୋରି ହୋଇଥିଲା। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଚୋରି ଆଲୁମିନିୟମକୁ କିଣିଥିବା ଗଣେଶ ଫେରାର ହୋଇଯାଇଥିଲେ। ସୋମବାର ରାତିରେ ଆରପିଏଫ୍ ପକ୍ଷରୁ ଚଢ଼ାଉ କରାଯାଇ ଭଟିମୁଣ୍ଡାଠାରୁ ତାଙ୍କୁ ଗିରଫ କରାଯାଇଥିଲା।

### ଆମ ପୋଲିସ କାର୍ଯ୍ୟକ୍ରମ

**କଟକ ସଦର,୩୦।୮(ଡି.ଏନ୍.ଏ.):** ୪୨ ମୌଜା ଥାନା ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ବେଣ୍ଟକାରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏସିପି ଚନ୍ଦନ ଘଡାଇ, ଏସ୍‌ଆଇ ଜୟକୃଷ୍ଣ ବେହେରା ଓ ସୁନିଲ କୁମାର ଦଳେଇ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ରାୟ, ବାବାଜୀ ଭୋଇ, ରମେଶ ଚନ୍ଦ୍ର ଭୋଇ, ସନ୍ତୋଷ ପତି, ସୁରେନ୍ଦ୍ର ନାଥ ବେହେରା ଓ କୃଷ୍ଣଚନ୍ଦ୍ର ଦାଶଙ୍କ ସମେତ ସ୍ଥାନୀୟ ଅଞ୍ଚଳର ୧୮ ଜଣ ଜନସାଧାରଣ ଯୋଗ ଦେଇଥିଲେ।

### ଚୋରି, ୨ କୋର୍ଟ ଚାଲାଣ

**କଟକ ଅଫିସ,୩୦।୮:** ଚୋରି ଘଟଣାରେ ମଙ୍ଗଳାବାଗ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସତୀଚୌରା ଇମାମପଡ଼ାର ରାଜୁ ଜେନା ଓ ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାର ଦକ୍ଷୀଣସାହିର ଦୀନେଶ ସାହା। ସେମାନଙ୍କଠାରୁ ଚୋରି ଅଳଙ୍କାର ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୦ ତାରିଖ ରାତିରେ ମଙ୍ଗଳାବାଗ ଥାନା ଅଧୀନ ବେପାରୀସାହି ଅଞ୍ଚଳର ଅଭିଜିତ୍ ଭଗତ୍‌ଙ୍କ ଘରୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ୩ଟି ମୋବାଇଲ, ଗୋଟିଏ ଟାବ୍‌ଲେଟ୍ ସହ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ୧୧ ତାରିଖରେ ଅଭିଜିତ୍ ଥନାରେ ଅଭିଯୋଗ କରିଥିଲେ। ସେହିପରି ପଡ଼ୋଶୀ କଳ୍ପନା ସାହୁ ଓ ବିଶ୍ୱଜିତ୍ ନାୟକଙ୍କ ଘରୁ ମଧ ଉକ୍ତଦିନ ରାତିରେ ଚୋରି ହୋଇଥିଲା। ପୋଲିସ ସନ୍ଧାନୀକୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏନେଇ ମଙ୍ଗଳାବାଗ ଥାନାରେ ଏକ ମାମଲା(ନଂ.୧୯୩/୨୨) ରୁଜୁ ହୋଇଥିଲା।

# ବଢୁଛି ଚୋରି, ମାମଲା ରୁଜୁକରି ପୋଲିସ ଚୁପ୍

**ଖୁଣ୍ଟୁଣୀ,୩୦।୮(ଡି.ଏନ୍.ଏ.)**

■ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ
■ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଦାବି

ଖୁଣ୍ଟୁଣୀ ଥାନା ଅଞ୍ଚଳରେ କିଛି ମାସ ହେବ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଅଭିଯୋଗକାରୀମାନେ ଥାନାରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନ ଥିବାବେଳେ ଚୋରି ସାମଗ୍ରୀ ଉଦ୍ଧାର କରିପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ରାତ୍ରି ପାଟ୍ରୋଲିଂ କଡାକଡି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଖୁଣ୍ଟୁଣୀ ଥାନା ଅଧୀନ ଗଣେଶ ବଜାର ନିକଟରେ ଥିବା ଦୁଷ୍ମନ୍ତ ସାହୁଙ୍କ ଘର ସମ୍ମୁଖରୁ ସୋମବାର ବିଳମ୍ବିତ ରାତିରେ ଏକ ଅଟୋ ଚୋରି ହୋଇଛି। ଏ ନେଇ ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ତଦନ୍ତ କରିଛି। ସେହିପରି ଗତ ୨୧ ତାରିଖ ରାତିରେ ଖୁଣ୍ଟୁଣୀ କଲେଜ ରୋଡ୍‌ରେ ଥିବା ବିଜୟ ସ୍ୱାଇଁଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କ ଘରର ତାଲା ଭାଙ୍ଗି ଅଳଙ୍କାର, ୫୦ ହଜାର ଟଙ୍କା ଓ ଏକ ବାଇକ୍ ଚୋରିକରି ନେଇଥିଲେ। ଏ ନେଇ ବିଜୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୬୨/୨୨) ରୁଜୁ କରିଥିଲା। ହେଲେ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ କି ଚୋରି ସାମଗ୍ରୀ ଉଦ୍ଧାର କରିପାରିନାହିଁ। ଗତବର୍ଷ ନଭେମ୍ବର ୩୦ ତାରିଖରେ ଖୁଣ୍ଟୁଣୀ ଅଞ୍ଚଳର ମନୋଜ ମିଶ୍ରଙ୍କର ଏକ ଟ୍ରକ୍ ଚୋରି ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୧୫୪/୨୧) ରୁଜୁ କରିଥିଲା। ସେହିପରି ଡିସେମ୍ବର ୧ରେ ଖୁଣ୍ଟୁଣୀ ଥାନା ନିକଟରୁ ଏକ ତୈଳବାହି ଟ୍ୟାଙ୍କର ଓ ଡିସେମ୍ବର ୧୭ ତାରିଖରେ କୃଷ୍ଣଶ୍ୟାମପୁରର ସୁକାନ୍ତ ରାଉତଙ୍କର ଏକ ଟ୍ରକ୍ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ହେଲେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଖୁଣ୍ଟୁଣୀରେ ଏକାଧିକ କବାଡିଆ ଦୋକାନ ଖୋଲିଛି। ଦୁର୍ବୃତ୍ତମାନେ ଟ୍ରକ୍‌ର ଯନ୍ତ୍ରାଂଶ ଓ ଲୁହା ସାମଗ୍ରୀ ଚୋରିକରି କବାଡିଆ ଦୋକାନରେ ବିକ୍ରି କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଅଭିଯୋଗ ପରେ ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏଥିସହ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବ ବୋଲି ସେ କହିଛନ୍ତି।



**ଆଜି ଗଣେଶ ପୂଜା:** କଟକ ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରୁ ଗଣେଶଙ୍କ ମୃଣ୍ମୟ ପ୍ରତିମାକୁ ଯୁବକମାନେ ପୂଜାସ୍ଥଳକୁ ନେଉଛନ୍ତି।

## କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଗିରଫ

**ଚୌଦ୍ୱାର,୩୦।୮(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ଧୂମାବତୀ ଛକରୁ ସୋମବାର ବିଳମ୍ବିତ ରାତିରେ ପୋଲିସ ଏକ ଚୋରା କୋଇଲା ବୋଝେଇ ଟ୍ରକ(ନଂ. ଓଡ଼ି୦୫ଏଆର-୯୩୦୬) ଜବତ କରିଛି। ଏହି ଘଟଣାରେ ଟ୍ରକ୍ ଚାଳକ କଟକ ଜିଲା ତିଗିରିଆ ଥାନା ଅଧୀନ ବନମାଳିପୁରର ଉମେଶ ସ୍ୱାଇଁ, ନୂଆପାଟଣା ପଙ୍କଲା ଗ୍ରାମର ମନିରୁଦ୍ଦିନ୍ ଖାନ୍ ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଜଷ୍ଟିସ୍ ଛକ ଅଞ୍ଚଳର ଜଗନ୍ନାଥ ଜେନାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ସୂଚନା ଅନୁଯାୟୀ, ତାଳଚେର ଅଞ୍ଚଳରୁ ଉକ୍ତ ଟ୍ରକରେ ୧୮ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ବୋଝେଇ ହୋଇ ମଙ୍ଗୁଳି ଛକସ୍ଥିତ ଏକ ଡିପୋକୁ ଆସୁଥିଲା। ଖବରପାଇ ଏସ୍‌ଆଇ ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପୋଲିସ ଟିମ୍ ସହ ସୋମବାର ବିଳମ୍ବିତ ରାତିରେ ଧୂମାବତୀ ଛକରେ ଜଗି ରହିଥିଲେ। ଟ୍ରକ୍‌ଟି ସେଠାରେ ପହଞ୍ଚିବା ପରେ ପୋଲିସ ଟିମ୍ ଯାଞ୍ଚ କରିଥିଲା। ସେଥିରେ ଚୋରା କୋଇଲା ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୪୦୭/୨୨) ରୁଜୁ ହୋଇଛି।

## ବସୁଧୈବ କୁଟୁମ୍ବକମ୍ ମିଶନର ମହାମିଳନ ଉତ୍ସବ

**କଟକ ଅଫିସ,୩୦।୮**

ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ଷଷ୍ଠବାର୍ଷିକ ମହାମିଳନ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମିଶନର ପ୍ରତିଷ୍ଠାତା ସଭାପତି ଭାଗୀରଥି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଡ. ଆଶୁତୋଷ ଦେବତା, ମୁଖ୍ୟବକ୍ତା ଡ. ପ୍ରତିଭା ମହାରଥୀ ଓ ସମ୍ମାନିତ ଅତିଥି ଭାବେ ଡ. ନଟବର ଶତପଥୀ, ସାମାଜିକ କର୍ମୀ ସ୍ୱପ୍ନାରାଣୀ ପାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମିଶନକୁ ଦାନସୂତ୍ରରେ ମିଳିଥିବା ଜମିରେ ବୃଦ୍ଧାଶ୍ରମ, ଗୋଶାଳା, ଛୋଟପିଲାଙ୍କୁ ଶିକ୍ଷାଦାନ ଓ ସପ୍ତାହରେ ଥରେ ସାଧାରଣ ଲୋକଙ୍କୁ ଔଷଧ ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ, ଲୋପାମୁଦ୍ରା ମେକାପ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, କୁନ୍ତଳତା ତ୍ରିପାଠୀ ମନ୍ତ୍ରପାଠ ଓ ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ସୁବାସିନୀ ଲେଙ୍କା, ହେମେନ୍ଦ୍ର ନାରାୟଣ ଦାସ, ଡା. ଅକ୍ଷୟ ମିଶ୍ର, ଡ. ଆଦିତ୍ୟ ପ୍ରତାପ ଧଳ, ଡ. ବସନ୍ତ କୁମାରୀ ନନ୍ଦ, ଅଧ୍ୟାପକ ସୁବାସ ଚନ୍ଦ୍ର ଦ୍ୱିବେଦୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ୪ ସ୍ଥାନରେ ଅବକାରୀ ଚଢ଼ାଉ: ୬ ଗିରଫ

**କଟକ ଅଫିସ,୩୦।୮**

ଅବକାରୀ ବିଭାଗ ପକ୍ଷରୁ କଟକ ଲିଙ୍କ୍‌ରୋଡ, ବାଦାମବାଡ଼ି, ବାଲିକୁଦା, ତ୍ରିଶୁଳିଆ ଅଞ୍ଚଳରେ ମଙ୍ଗଳବାର ଚଢ଼ାଉ କରାଯାଇ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ସୀମା ଦିଗଲ, ସଇତ୍ରା ମଲ୍ଲିକ, ଯୁଧିଷ୍ଠିର ଦିଗଲ, ପିପଲପଡ଼ାର ମହେଶ୍ୱର ବେହେରା, ଖଜୁରୀପଡ଼ାର କୁନ୍ଦନ ମଲ୍ଲିକ ଓ କଳିଙ୍ଗାଘାଟି ଅଞ୍ଚଳର ମଳୟ ଦିଗଲ। ସେମାନଙ୍କଠାରୁ ୭୦ କେଜି ଗଞ୍ଜେଇ, ୫୦ କେଜି ଭାଙ୍ଗ ସହ ଏକ ବୋଲେରୋ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୫୦ ହଜାର ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି।

## ହୋଟେଲ, ଔଷଧ ଦୋକାନରେ ଚଢ଼ାଉ

**ସାଲେପୁର,୩୦।୮(ଡି.ଏନ୍.ଏ.)**

କଟକ ଜିଲା ଡ୍ରଗ୍ସ ବିଭାଗ ଓ ଫୁଡ୍ ବିଭାଗ ପକ୍ଷରୁ ସାଲେପୁର ବ୍ଲକର ବିଭିନ୍ନ ହୋଟେଲ ଏବଂ ଔଷଧ ଦୋକାନରେ ଚଢ଼ାଉ କରାଯାଇଥିଲା। ଏଥିରେ ସାଲେପୁର ପୋଲିସ ସହାୟତା କରିଥିଲା। କଟକ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଓ ଫୁଡ୍ ଇନ୍ସପେକ୍ଟର ଶିଶୁଆ, ସାଲେପୁର ବଜାର, ବୋଦାମୁଣ୍ଡାଇ, କୁଳିଆ, ସାଲେପୁର କଲେଜରୋଡ ନିକଟରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ପରେ ଔଷଧ ବ୍ୟବସାୟୀ ଓ ହୋଟେଲ ମାଲିକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ରକ୍ତଦାନ ଶିବିର

**କଟକ ଅଫିସ,୩୦।୮**

କାଠଯୋଡ଼ି ବିହାର ଉନ୍ନୟନ କମିଟି ପକ୍ଷରୁ କାଠଯୋଡ଼ି ବିହାରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଶ୍ରେଣୀଗୃହ ନିର୍ମାଣ ପାଣ୍ଠି ଉପରେ ଗୁରୁତ୍ୱ



ସମୀକ୍ଷା ବୈଠକରେ ମଞ୍ଚାସିନ ଅତିଥି ବୃନ୍ଦ।

**ତିଗିରିଆ, ୩୦।୮(ଡି.ଏନ୍.ଏ.)**

**ବିଦ୍ୟାଳୟ ରୂପାନ୍ତରଣ ସମୀକ୍ଷା ବୈଠକ**

କଟକ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମ୍ବର କର ମଙ୍ଗଳବାର ତିଗିରିଆ ବ୍ଲକ ଗସ୍ତରେ ଆସି ତୃତୀୟ ପର୍ଯ୍ୟାୟରେ ୫-ଟି ଯୋଜନାରେ ରୂପାନ୍ତରଣ ହେବାକୁ ଥିବା ବିଦ୍ୟାଳୟ ସଂକ୍ରାନ୍ତରେ ସମୀକ୍ଷା କରିଛନ୍ତି। ଏହି ପର୍ଯ୍ୟାୟରେ ତିଗିରିଆ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପାଞ୍ଚଗାଁ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ୫-ଟି ଯୋଜନାରେ ରୂପାନ୍ତରଣ ହେବ। ଏନେଇ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ପାଣ୍ଠିର ଆବଶ୍ୟକତା ରହିଛି। ଏଥିଯୋଗୁ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଓ ଜିଲା ପରିଷଦ ସଭ୍ୟମାନେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଭେଟି ଅର୍ଥ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏତଦ୍‌ବ୍ୟତୀତ ଜିଲାପରିଷଦ ପାଣ୍ଠିରୁ ଅର୍ଥ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କର ପ୍ରକାଶ କରିଛନ୍ତି। ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଣବ କୁମାର ବେହେରା,ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ,ଉପାଧ୍ୟକ୍ଷ ମାନସ ସାହୁ, ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର ରଞ୍ଜନ ରଥ, ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ମଣ୍ଡପରେ ଆଧୁନିକ ଗୀତ, ଭସାଣିରେ ଡିଜେ ମନା

**ସାଲେପୁର,୩୦।୮(ଡି.ଏନ୍.ଏ.)**

**ଗଣେଶ ପୂଜା ପ୍ରସ୍ତୁତି ବୈଠକ**

ସାଲେପୁରରେ ଗଣେଶ ପୂଜା ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳିବା ପାଇଁ ଏକ ପ୍ରସ୍ତୁତି ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଥାନା ଆଇଆଇସି ଗିରିଜାନନ୍ଦନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସାଲେପୁରର ୧୦ରୁ ଊର୍ଦ୍ଧ୍ୱ ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ କରୋନା କଟକଣା ଗାଇଡ୍‌ଲାଇନ୍ ମାନି ମଣ୍ଡପ ସାଜସଜ୍ଜା, ପୂଜାର୍ଚ୍ଚନା ଓ ବିସର୍ଜନ କରିବାକୁ ସହମତି ପ୍ରକାଶ କରିଥିଲେ। ଭସାଣି ଉତ୍ସବରେ ଡିଜେ ଉପରେ ରୋକ୍ ଲଗାଯାଇଥିବାବେଳେ ଶଙ୍ଖ ଓ ଚାଙ୍ଗୁ, ଘଣ୍ଟ ଓ ବାଜା ଆଦି ବଜାଇବାକୁ ଅନୁମତି ଦିଆଯାଇଛି।

ଏଥିସହ ପୂଜାମଣ୍ଡପରେ ଭଜନ ଓ ଜଣାଣ ଗୀତକୁ ଛାଡିଦେଲେ କୌଣସି ଆଧୁନିକ ଓ ଅଶ୍ଳୀଳ ଗୀତ ପରିବେଷଣ ନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ କଣ୍ଟାସାହି ଗଣେଶ ପୂଜା କମିଟି, ମା'ସାହେଶ୍ୱରୀ କ୍ଲବ, ମା'ଶାରଳା ପୂଜା କମିଟି, ଇଲେଭେନ୍ ଷ୍ଟାର ରୋଧପୁର, ତାରିଣୀ କ୍ଲବ ମାଛୁଆତି, ଭାନେଶ୍ୱରୀ ପୂଜା କମିଟି ଲୁଣାହାର, ସତ୍ୟନାରାୟଣ କ୍ଲବ ମାଛୁଆତି ସମେତ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗଣେଶ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୩୦।୮(ସ୍ୱ.ପ୍ର.)**

ନେମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ପୀଡିତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରୋହିତ କୁମାର ସେଠୀ(୨୯)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ଜେଲ୍‌କୁ ପଠାଇ ଦିଆଯାଇଛି। ରୋହିତ ସୋମବାର ସନ୍ଧ୍ୟାରେ ସମ୍ପୃକ୍ତା ଯୁବତୀଙ୍କ ଘରେ ପଶି ଟଣାଓଟରା କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ ମାମଲା (ନଂ. ୧୫୨/୨୨) ରୁଜୁ ହୋଇଛି।

## 'ନାରୀ ଭିତରେ ସମ୍ଭାବନା ଭରି ରହିଛି'

**ବାଙ୍କୀ,୩୦।୮(ସ୍ୱ.ପ୍ର./ବି.ପ୍ର.)**

ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବାଙ୍କୀ ବ୍ଲକର ମିଶନ ଶକ୍ତି ବିଭାଗ ପକ୍ଷରୁ ୧୧ ପଞ୍ଚାୟତର ୧୦୪ ସିଆର୍‌ପି (କମ୍ୟୁନିଟି ରିସୋର୍ସ ପର୍ସନ), ୧୧ଏମ୍‌ବିକେ(ମାଷ୍ଟର ବୁକ୍ କିପର) ଓ ୭ ଜଣ ବ୍ୟାଙ୍କ ମିତ୍ରଙ୍କୁ ମୋବାଇଲ୍ ଓ ପୋଷାକ ବଣ୍ଟନ ନିମନ୍ତେ ୮ଲକ୍ଷ ୪୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂଶାସିତ ଗୋଷ୍ଠୀର ମା'ମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ନାରୀ ଭିତରେ ସମ୍ଭାବନା ଭରି ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ବାଙ୍କୀ ବିଡିଓ ଶ୍ୟାମଳ ରାୟ, ଏବିଡିଓ ସୁଚିସ୍ମିତା ନାୟକ, ଡମପଡ଼ା ବ୍ଲକ ସହକାରୀ ନିର୍ବାହୀ ଅଧିକାରୀ ସ୍ମୃତିମୟୀ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୀବିକା ମିଶନର ବ୍ଲକ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ପରିଚାଳନା କରିଥିଲେ।

## 'ନେତାଜୀ ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିଲେ'

**କଟକ ଅଫିସ, ୩୦।୮**

ଫୋରମ୍ ଫର୍ ଆୱାରନେସ୍ ଅଫ୍ ନ୍ୟାଶନାଲ ସିକ୍ୟୁରିଟି (ଫ୍ୟାନ୍ସ)କଟକ ଚାପ୍ଟର ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ନେତାଜୀ ସୁଭାଷ ବୋଷଙ୍କ ସାମାଜିକ ରାଜନୈତିକ ଓ ଆର୍ଥିକ ଚିନ୍ତନ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲ୍ୟୁଟନାଣ୍ଟ ଜେନେରାଲ କମଲଜିତ୍‌ସିଂ ଯୋଗଦେଇ ନେତାଜୀ ସମସ୍ତ ବର୍ଗର ଲୋକଙ୍କୁ ନେଇ ଅଖଣ୍ଡ ଭାରତର ସ୍ୱପ୍ନ ଦେଖୁଥିଲେ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ସଙ୍ଗଠନର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଗୋଲକ ବିହାରୀ ରାୟ କହିଥିଲେ, ନେତାଜୀଙ୍କ କଳ୍ପିତ ସ୍ୱପ୍ନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକାର କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଶାନ୍ତି ମହାନ୍ତି ସଭାପତିତ୍ୱ କରିଥିବାବେଳେ ସଂଘମିତ୍ରା ରାଜଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫ୍ୟାନ୍ସର କଟକ ଚାପ୍ଟର ସଭାପତି ଡା. ମାନଭଞ୍ଜନ କହଁର ଅତିଥି ପରିଚୟ ଓ ଉପସଭାପତି ଦୀପକ କୁମାର ମହାନ୍ତ ମଞ୍ଚ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତ୍ରିଲୋଚନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବଳଦେବ ପତି, ସୌଭାଗ୍ୟ ସ୍ୱାଇଁ, ସଞ୍ଜୟ ନାୟକ, ଦେବାଶିଷ ନାୟକ, ସାହାନୱାଜ ଅଲ୍ଲୀ ପ୍ରମୁଖ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।




ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ୩ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ଉତ୍ସବ

**କଟକ ଅଫିସ,୩୦।୮**



**ବର୍ଷେ ବ୍ୟାପୀ ହେବ ବିଭିନ୍ନ କାର୍ଯ୍ୟକ୍ରମ**

ଆସନ୍ତା ୩ ତାରିଖରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶହେ ବର୍ଷ ପୂରଣ ହେବାକୁ ଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକା ଯଶୋଧାରା ମିଶ୍ର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଙ୍ଗଳବାର ବିଶ୍ୱବିଦ୍ୟାଳୟର କମର୍ସ ବ୍ଲକଠାରେ ଇଂଲିଶ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଶତବାର୍ଷିକୀ ସମାରୋହ ଆୟୋଜକ କମିଟିର ପରାମର୍ଶଦାତା ପ୍ରଫେସର ଯତୀନ୍ଦ୍ର ନାୟକ, କମିଟି ସଭାପତି ପ୍ରଦୋଷ ମହାନ୍ତି, ସମ୍ପାଦକ ଡ. ଅଂଶୁମାନ ମହାନ୍ତି, ଇଂଲିଶ ବିଭାଗର ମୁଖ୍ୟ ପ୍ରଫେସର ସସ୍ମିତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶତବାର୍ଷିକୀ ଉତ୍ସବ ପାଇଁ ସ୍ୱତନ୍ତ୍ର ଟି-ଶାର୍ଟ ଉନ୍ମୋଚିତ ହୋଇଥିବାବେଳେ ଏକ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

ସୂଚନାଯୋଗ୍ୟ, ୧୯୨୨ ମସିହାରେ ପ୍ରଫେସର ପି.ଓ. ବ୍ରିଟଲଙ୍କ ନେତୃତ୍ୱରେ ରେଭେନ୍‌ଶାରେ ଇଂଲିଶ ବିଭାଗ ଖୋଲାଯାଇଥିଲା। ଇଂଲିଶ ଭାଷା ଓ ସାହିତ୍ୟ ଅଧ୍ୟୟନ ପାଇଁ ରେଭେନ୍‌ଶା ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଭାରତରେ ପରିଚିତ। ଇଂଲିଶ ବିଭାଗର ପ୍ରଫେସର ଚେୟାର ପାଇଁ ତତ୍କାଳୀନ ସୋନପୁର ମହାରାଣୀ ଆର୍ଥିକ ସହାୟତା ପ୍ରଦାନ କରି ଯେଉଁ ପ୍ରେରଣା ଦେଇଥିଲେ ତାହା ଏହି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ବିଷୟ। ବିଶିଷ୍ଟ ସାହିତ୍ୟ ସାଧକ ଓ ଗବେଷକ ଏସ୍.ସି ଗାଙ୍ଗୁଲି, ପି.ଏସ୍. ସୁନ୍ଦରମ୍, ପ୍ରଫେସର ବିଦ୍ୟୁଭୂଷଣ ଦାସ, ଓପି ଓବ୍ରାଏନ, ପ୍ରଫେସର ପ୍ରଫୁଲ୍ଲ କୁମାର ପତି ଓ ପ୍ରଫେସର ସର୍ବେଶ୍ୱର ଦାସ ପ୍ରମୁଖ ଉକ୍ତ ବିଭାଗର ମୁଖ୍ୟ ଭାବେ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାଶିଳ୍ପୀ ଗୋପୀନାଥ ମହାନ୍ତି, ପଦ୍ମଶ୍ରୀ ମନୋଜ ଦାସ, କବି ଗୁରୁ ପ୍ରସାଦ ମହାନ୍ତି, ମାୟାଧର ମହାନ୍ତି ପ୍ରମୁଖ ଏହି ବିଭାଗରେ ଅଧ୍ୟୟନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୧ ଅଗଷ୍ଟ, ୨୦୨୨



**ଫେରାର ୨ ଅଭିଯୁକ୍ତ ଗିରଫ**

ବଳଙ୍ଗା,(ଡି.ଏନ୍.ଏ.)- ବଳଙ୍ଗା ଥାନା ଅଞ୍ଚଳରେ ଏକ ଦୋକାନରୁ ଚୋରି କରି ଫେରାର ଥିବା ୨ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମର ପୀତାମ୍ବର ବରାଳ ଓ ଗୁଡୁ ବରାଳ। ସୂଚନାଥାଉକି, ଡାଙ୍ଗୁରା ଗ୍ରାମର ସୁରଥ ବରାଳ ଗ୍ରାମରେ ଏକ ସଉଦା ଦୋକାନ କରିଥିଲେ। ୨୦୨୦ ଜୁନ ୬ତାରିଖରେ ପୀତାମ୍ବର, ଗୁଡୁ ବରାଳ ଓ ପିଣ୍ଟୁ ବରାଳ ମିଶି ରାତିରେ ଉକ୍ତ ଦୋକାନର ତାଲା ଭାଙ୍ଗି ଟଙ୍କା ଓ ସାମଗ୍ରୀ ଚୋରି କରିଥିଲେ। ପରଦିନ ସୁରଥ ଦୋକାନ ଆସିବା ବେଳେ ଦୋକାନ ତାଲା ଭଙ୍ଗାଯାଇଥିବା ଓ ସାମଗ୍ରୀ ନ ଥିବା ଦେଖି ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ବଳଙ୍ଗା ଥାନା ଅଧିକାରୀ ଏକ ମାମଲା(ନଂ.୫୧/୨୦) ରୁଜୁ କରି ତଦନ୍ତ ଚଳାଇଥିଲେ। ଚୋରି ଘଟଣାରେ ପିତାମ୍ବର ଓ ଗୁଡୁ ସମ୍ପୃକ୍ତ ଥିବାବେଳେ ସୋମବାର ରାତିରେ ସେମାନଙ୍କ ଘରେ ଚଢ଼ାଉ କରିଥିଲେ ।

# ମୌଳିକ ସମସ୍ୟାକୁ ପ୍ରାଧାନ୍ୟ ଦେବା ଜରୁରୀ

**ପୁରୀ ଅଫିସ,୩୦।୮:**

ପୁରୀ ସହର ଓଡ଼ିଶାର ଅନ୍ୟତମ ପୁରାତନ ପୌରସଂସ୍ଥା । ୧୮୮୧ ଏପ୍ରିଲ ୧ରେ ବେଙ୍ଗଲ ମ୍ୟୁନିସିପାଲଟି ନିୟମ ଅଧୀନରେ ପୁରୀକୁ ଏକ ସହରର ମାନ୍ୟତା ମିଳିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମହୋଦଧି ପୁରୀକୁ ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁରେ ରଖିବାରେ ସକ୍ଷମ ହୋଇଛନ୍ତି। ତେବେ ସମୟକ୍ରମେ ଇତି ମଧ୍ୟରେ ୨ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ମଧ୍ୟ ପୁରୀ ସହର ଏଯାବତ୍ ଏକ ଆଦର୍ଶ ମ୍ୟୁନିସିପାଲଟିରେ ପରିଣତ ହୋଇପାରି ନାହିଁ। ତେଣୁ ପ୍ରଥମେ ସହରର ମୌଳିକ ସମସ୍ୟା ଉପରେ ପ୍ରାଧାନ୍ୟ ଦିଆଯାଇ ସମାଧାନ କରାଯାଉ ବୋଲି ଦାବି ହେଉଛି। ଭୌଗୋଳିକ ଦୃଷ୍ଟିକୋଣରୁ ପୁରୀ ଏକ ଛୋଟ ସହର। ମାତ୍ର ବିଶ୍ୱବିଖ୍ୟାତ ପୁରୀ ସହରକୁ ବ୍ୟବସ୍ଥିତ ଢଙ୍ଗରେ ଗଢ଼ିବା ପାଇଁ ପ୍ରଶାସନିକ ଉଦ୍ୟମ ସବୁବେଳେ ସମୀକ୍ଷା ପରିସରଭୁକ୍ତ ହୋଇଛି। ତେବେ ରାଜ୍ୟରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥିତ ହେବା ପରେ ରାଜ୍ୟର ସବୁ ସହର ଭଳି ପୁରୀବାସୀ ମଧ୍ୟ ଏକ ସ୍ଥାନୀୟ ସରକାର ଗଠନର କ୍ଷମତା ପାଇଲେ। କ୍ଷମତାର ବିକେନ୍ଦ୍ରୀକରଣ ପୁରୀ ସହରକୁ ଅଧିକ ମଜଭୁତ କରିବା ଆଶାରେ ଗଠନ ଉଦ୍ଦେଶ୍ୟରେ ମ୍ୟୁନିସିପାଲଟି ନିର୍ବାଚନ ହେଲା ଓ ନୂଆ ଆଇନ ପ୍ରଣେତାମାନେ ଦାୟିତ୍ୱ ନେଲେ। ଏହି ପ୍ରଣେତାଙ୍କ କାର୍ଯ୍ୟଦକ୍ଷତା ଓ ସହରରେ ମ୍ୟୁନିସିପାଲଟିର କାର୍ଯ୍ୟକୁ ନେଇ ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀବାସୀଙ୍କ ପ୍ରତିକ୍ରିୟା....



## ପୌର ନିର୍ବାଚନ ନ ହେବା ବିକାଶରେ ବାଧକ

ଶେଷଥର ପାଇଁ ୨୦୧୩ ସେପ୍ଟେମ୍ବରରେ ପୌର ନିର୍ବାଚନ ହୋଇଥିଲା। ପୌର ନିର୍ବାଚନ କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବର ୩୦ରେ ଶେଷ ହେଲା। ଏହାପରଠାରୁ ପୁରୀ ଜିଲାପାଳ ପୌର ସଂସ୍ଥାର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ପୁରୀ ସହରର ମୌଳିକ ସମସ୍ୟା ଦିଗରେ ଅମଲାତନ୍ତ୍ରଠାରୁ ଅଧିକ ଧ୍ୟାନ ଲୋକ ପ୍ରତିନିଧିମାନେ ଦେଇପାରିବେ। ମାତ୍ର ନିର୍ବାଚନ ହୋଇ ନ ପାରିବା ହେତୁ ସବୁ କାର୍ଯ୍ୟ ପାଇଁ ଜିଲାପାଳଙ୍କ ଉପରେ ନିର୍ଭରଶୀଳ। ଫେବୃୟାରୀରେ ପୁରୀରେ ପୌର ନିର୍ବାଚନ ହେବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ୱାର୍ଡସ୍ତରରେ ଲୋକ ସଂଖ୍ୟା ବଣ୍ଟନରେ ସମାନତା ନ ରହିବାରୁ ମାମଲା ହାଇକୋର୍ଟରେ ବିଚାରଧୀନ ରହିଛି। ନିର୍ବାଚନ ହୋଇ ନ ଥିବାରୁ ବିକାଶ କାର୍ଯ୍ୟରେ ବାଧା ହେଉଛି। ତେଣୁ ହାଇକୋର୍ଟରେ ତୁରନ୍ତ ଶୁଣାଣି ହୋଇ ନିର୍ବାଚନ କରାଯିବା ଦରକାର।

**-ପ୍ରୀତମ୍ ଜଗଦେବ, ପୂର୍ବତନ କାଉନସିଲର**



## ପଲିଥିନ ମୁକ୍ତ ହେଉନି ସହର

ସହରକୁ ପର୍ଯ୍ୟଟକଙ୍କ ସଂଖ୍ୟା କ୍ରମାଗତ ବଢିଚାଲିଛି। ଫଳରେ ପଲିଥିନ ବର୍ଜ୍ୟବସ୍ତୁର ମଧ୍ୟ ବଢୁଛି। ଏହାକୁ ନିୟନ୍ତ୍ରଣକୁ ଆଣିବା ରାଜ୍ୟ ସରକାର ବାରମ୍ବାର ପଲିଥିନମୁକ୍ତର ନାରା ଦେଇଥିଲେ ମଧ୍ୟ ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଶ୍ରୀମନ୍ଦିରରେ ଅବଢ଼ା ହେଉ କି ଦୋକାନରୁ ସଉଦା ସବୁ ସ୍ଥାନରେ ପଲିଥିନ ଦିଆଯାଉଛି। ପୌରସଂସ୍ଥା ଏଥିପ୍ରତି ଆଦୌ ସଚେତନ ନୁହନ୍ତି। ବର୍ଷକରେ କାଁ ଭାଁ ଯାଞ୍ଚ ହେଉଛି, ତାହା ପୁଣି ଲୋକଦେଖାଣିଆ। ଏନଫୋର୍ସମେଣ୍ଟ ଟିମ୍ ଯାଞ୍ଚ ଦିଗରେ ଧ୍ୟାନ ଦେଉନାହିଁ। ପୁରୀ ମ୍ୟୁନିସିପାଲଟି ଏନେଇ ସଚେତନ ହେବା ଦରକାର।

**– ଦେବାଶିଷ ପାଲ, ସ୍ଥାନୀୟ ବାସିନ୍ଦା**



## ଟିକସ ଆଦାୟରେ ହାଲୁକା ହେଉଛି ପୌରସଂସ୍ଥା

ପୁରୀ ସହରର ଉଠାଦୋକାନୀ ଓ ପକ୍କା ଦୋକାନୀଙ୍କଠାରୁ ପ୍ରଶାସନ ଟିକସ ଆଦାୟ କରୁଥିଲେ ମଧ୍ୟ ଏହାକୁ କଡ଼ାକଡ଼ି କରାଯାଉ ନାହିଁ। ପ୍ରତିବର୍ଷ ପୁରୀ ସହରରେ ୪୦ ପ୍ରତିଶତ ଦୋକାନୀଙ୍କଠାରୁ ଟିକସ ଆଦାୟ ହେଉଥିବା ବେଳେ ୬୦ ପ୍ରତିଶତ ଲୋକଙ୍କଠାରୁ ପ୍ରଶାସନ ଟଙ୍କା ଆଦାୟ କରିବାରେ ଅସମର୍ଥ ହେଉଛି। ସେହିଭଳି ଅନେକ ଉଠାଦୋକାନୀ ଟିକସ ଦେଉନାହାନ୍ତି। ଫଳରେ ପୌରସଂସ୍ଥାର ରାଜକୋଷ ଉପରେ ପ୍ରଭାବ ପଡୁଛି। ଏଣୁ ପୌରସଂସ୍ଥା ଏନେଇ ଅଧିକ ଦୃଢ଼ତାର ସହ ଯାଞ୍ଚ କରିବା ଦରକାର। ଟ୍ରେଡ୍ ଲାଇସେନ୍ସ ଦିଗରେ ମଧ୍ୟ ପୌରସଂସ୍ଥା ସ୍ୱତନ୍ତ୍ର ଧ୍ୟାନ ଦେଉ।

**–ଭଗବାନ ପଡ଼ିହାରୀ, ସରକାରୀ ଓକିଲ, ପୁରୀ କୋର୍ଟ**



## ଜବରଦଖଲ ଉଚ୍ଛେଦ କରୁ

ପୌରସଂସ୍ଥା ଅଧୀନରେ ଥିବା ଅନେକ ଜମି ଏବେ ଜବରଦଖଲ ହୋଇରହିଛି। ଏହାକୁ ପ୍ରଶାସନିକ ନିଜ ଅଧୀନକୁ ଆଣିବାକୁ ଚେଷ୍ଟା କରୁନାହିଁ। ସେହିଭଳି ଉଠାଦୋକାନୀଙ୍କ ପାଇଁ ମଧ୍ୟ ସ୍ଥାୟୀ ଆଇନକାନୁନ୍ କରାଯାଇପାରୁନାହିଁ। ବଡ଼ଦାଣ୍ଡରେ ଉଠାଦୋକାନ ପକାଇବା ବେଆଇନ ହୋଇଥିଲେ ମଧ୍ୟ କେହି ନିୟମ ମାନୁନାହାନ୍ତି। ବଡ଼ଦାଣ୍ଡରେ ମାତ୍ରାଧିକ ଉଠାଦୋକାନ ବସିବା ଫଳରେ ରାସ୍ତା ସଙ୍କୁଚିତ ହେଉଛି। ସେହିଭଳି ଅଧିକାଂଶ ବ୍ୟବସାୟିକ ଅନୁଷ୍ଠାନ ମଧ୍ୟ ପାର୍କିଂ ଅନୁମତି ନାହିଁ। ପୌରସଂସ୍ଥା କେବଳ ପିକେଡିଏ ଉପରେ ଦୋଷ ଦେଇ ଖସିଯାଉଛି। ପୁରୀ ଭଳି ସହରର ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ ହେଉଥିବା ହେତୁ ଏଠାରେ ଜବରଦଖଲ ଉଚ୍ଛେଦ କରାଯିବା ଦରକାର।

**–ସ୍ୱାଧୀନ ପଣ୍ଡା, ସାମାଜିକ କର୍ମୀ**



## ଜଳ ନିଷ୍କାସନ ବଡ଼ ସମସ୍ୟା

ପୁରୀ ସହରରେ ଜଳ ନିଷ୍କାସନ ସବୁବେଳେ ଏକ ସ୍ଥାୟୀ ସମସ୍ୟା ହୋଇରହିଛି। ବିଗତ ୩୦ବର୍ଷ ମଧ୍ୟରେ ସହରରେ ଅନେକ ପ୍ରସଙ୍ଗ ବଦଳିଥିଲେ ମଧ୍ୟ ଡ୍ରେନେଜ୍ ଅବ୍ୟବସ୍ଥା ବଦଳୁନାହିଁ। ଅସରାଏ ବର୍ଷାରେ ପୁରୀ ସହରରେ ପାଣି ଜମୁଛି। ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାକୁ ଚଉଡ଼ା କରାଯିବା ସହ ପ୍ରତି ତିନି ମାସରେ ଥରେ ସଫା କରାଯିବା ଦରକାର। ମାତ୍ର ବର୍ଷକୁ ଥରେ ସଫା ହେଉଥିବାରୁ ମଇଳା ଜମା ରହୁଛି। ସେହିଭଳି ମୁହାଣ ଉଚ୍ଚା ହୋଇଯିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏହି ସମସ୍ତ ଦିଗ ଉପରେ ପୌରସଂସ୍ଥା ଧ୍ୟାନ ଦେଉ।

**–ଦିଲୀପ କୁମାର ବରାଳ, ସୂଚନା ଅଧିକାର କର୍ମୀ**



## ପୂର୍ବାପେକ୍ଷା ଅଧିକ ପରିଷ୍କାର ହୋଇଛି

ପୁରୀ ସହର ରାଜ୍ୟ ସରକାରଙ୍କର ସ୍ୱତନ୍ତ୍ର ଫୋକସ୍‌ରେ ରହିଛି। ପବିତ୍ର ପୁରୀ, ଗର୍ବ ଆମରି ନାରା ଦେଇ ପୁରୀ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ନେଇ ପୌରସଂସ୍ଥା ପ୍ରଚେଷ୍ଟା ଜାରି ରଖିଛି। ପୁରୀ ସହରର ପୂର୍ବାପେକ୍ଷା ଅଧିକ ପରିଷ୍କାର ହୋଇଛି। ସେହିଭଳି ଜାତୀୟ ସ୍ତରରେ ସ୍ୱଚ୍ଛ ସର୍ବେକ୍ଷଣ ତାଲିକାରେ ପୁରୀ କ୍ରମାଗତ ଭଲ ପ୍ରଦର୍ଶନ କରିଆସୁଛି। ପୌରାଞ୍ଚଳର ସମସ୍ୟାର ସମାଧାନ ପାଇଁ ଆମେ ସର୍ବଦା ଚେଷ୍ଟିତ ରହିଛୁ।

**–ସରୋଜ ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରସଂସ୍ଥା**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୮।୨୦୨୨

| | |
|---|---|
| ୧,୯୮,୯୫୯ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୮.୦୭୦ ଗ୍ରାମ |

## ସଂକ୍ଷେପରେ

### ହୃଦଘାତରେ ଚାଷୀଙ୍କ ମୃତ୍ୟୁ

ଗୋପ,୩୦।୮(ଡି.ଏନ୍.ଏ.)- ଗୋପ ବ୍ଲକର ଗଣେଶ୍ୱରପୁର ପଞ୍ଚାୟତ ଗଳଦରୀ ଗ୍ରାମର ମୋହନ ନାୟକ (୪୫) ମଙ୍ଗଳବାର ଜମିରେ ତଳି ଓପାଡୁ ଥିବାବେଳେ ହଠାତ୍ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର ସ୍ଥାନୀୟ ମେଡିକାଲ ନେଇଥିବା ବେଳେ ଡାକ୍ତର ଗୋପକୃଷ୍ଣ ପଟ୍ଟନାୟକ ମୋହନଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବା କହିଥିବା ବେଳେ ପରିବାର ସଦସ୍ୟ କିନ୍ତୁ ଏହା ଅଂଶୁଘାତ ଦ୍ୱାରା ମୃତ୍ୟ ହୋଇଛି ବୋଲି କହିଛନ୍ତି। ପ୍ରକାଶ ଯେ, ଗୋପ ବ୍ଲକର ୯ ପଞ୍ଚାୟତରେ କୁଶଭଦ୍ରା ନଦୀର ବନ୍ୟା ଜଳ ସହିତ ଧନୁଆ ନଦୀର ବନ୍ୟାଜଳ ଘେରରେ ୨୯ ହଜାର ଲୋକ ଜଳବନ୍ଦୀ ଭାବେ ଥିବାବେଳେ ୪ ହଜାର ହେକ୍ଟର ଚାଷଜମି ବନ୍ୟା ଜଳରେ ବୁଡ଼ି ଫସଲ ନଷ୍ଟ ହୋଇଛି। ବନ୍ୟା ପ୍ଲାବିତ ଏହି ସବୁ ପଞ୍ଚାୟତରେ ତଳିର ଅଭାବ ଥିବାରୁ ଚାଷୀ ଚଢ଼ା ଦରରେ କିଣୁଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଗଳଦରୀ ଗ୍ରାମର ଚାଷୀ ମୋହନ ଓ ପୁଅ ଚିନ୍ମୟ ପ୍ରବଳ ଖରାରେ ତଳି ଓପାଡୁ ଥିଲେ। ଏହି ସମୟରେ ମୋହନ ହଠାତ୍ ଚାଷ ଜମିରେ ପଡ଼ିଯାଇଥିଲେ। ଏ ନେଇ କୌଣସି ଅଭିଯୋଗ ହୋଇ ନାହିଁ।

### ୱାର୍ଡ ସଭ୍ୟଙ୍କୁ ସରପଞ୍ଚଙ୍କ ସ୍ୱାମୀଙ୍କ ଆକ୍ରମଣ

ବ୍ରହ୍ମଗିରି,୩୦।୮(ଡି.ଏନ୍.ଏ): ବ୍ରହ୍ମଗିରି ଥାନା ପଲଙ୍କ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ହେବା ସମୟରେ ଜଣେ ୱାର୍ଡ ସଭ୍ୟଙ୍କୁ ସରପଞ୍ଚଙ୍କ ସ୍ୱାମୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ସେହିପରି ସରପଞ୍ଚ ସ୍ୱାମୀଙ୍କ ପକ୍ଷରୁ ମଧ ପାଲଟା ଅଭିଯୋଗ ହୋଇଛି। ଏନେଇ ପୋଲିସ ଉଭୟଙ୍କ ପକ୍ଷରୁ ୨ଟି ପୃଥକ ମାମଲା (ନଂ. ୨୦୩/୨୨ ଓ ନଂ. ୨୦୪/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପଲଙ୍କ ଗ୍ରାମର ୱାର୍ଡ ସଭ୍ୟ କାର୍ତ୍ତିକ ଜେନା ପଞ୍ଚାୟତରେ ହୋଇଥିବା ବ୍ୟତିକ୍ରମ କାର୍ଯ୍ୟକଳାପକୁ ବିରୋଧ କରିଥିଲେ। ଏଥିରୁ ସରପଞ୍ଚଙ୍କ ସ୍ୱାମୀ ସୁମନ୍ତ ସ୍ୱାଇଁ ଓ ତାଙ୍କ ସମର୍ଥକ କାର୍ତ୍ତିକଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏଥିରେ କାର୍ତ୍ତିକ ଗୁରୁତର ଆହତ ହୋଇଛନ୍ତି। ଏନେଇ କାର୍ତ୍ତିକଙ୍କ ସ୍ତ୍ରୀ ଦିଲାରାଣୀ ପଲାଇ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଛନ୍ତି। ସୁମନ୍ତ ସ୍ୱାଇଁ ଏହି ଗଣ୍ଡଗୋଳକୁ କେନ୍ଦ୍ରକରି କାର୍ତ୍ତିକଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁମନ୍ତ ସ୍ୱାଇଁଙ୍କୁ ୯୮୭୦୫୪୫୬୨୨ରେ ଯୋଗାଯୋଗ କରିଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା।

### ଅବକାରୀ ଚଢ଼ାଉ, ୩୬୦୦ ଜରିମାନା

ନିମାପଡ଼ା,୩୦।୮(ଡି.ଏନ୍.ଏ.): ପୁରୀ ଜିଲା ପ୍ରଶାସନ, ଖାଦ୍ୟ ସୁରକ୍ଷା ବିଭାଗ ଓ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ନିମାପଡ଼ାର ବିଭିନ୍ନ ଛକଗୁଡିକରେ ଥିବା ପାନ ଦୋକାନ ଉପରେ ଚଢ଼ାଉ କରାଯାଇଛି। ଚଢାଉବେଳେ ତମାଖୁ ବିକ୍ରି କରୁଥିବା ଅଭିଯୋଗରେ ୨୨ ଜଣ ଦୋକାନୀଙ୍କଠାରୁ ୩, ୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷ ରଞ୍ଜନ ତରେନିଆ, ନିମାପଡ଼ା ଅବକାରୀ ନିରୀକ୍ଷକ ମମତା ଦାସ ପ୍ରମୁଖ ନିମାପଡ଼ା ପୋଲିସ ସହାୟତାରେ ଚଢାଉ କରିଥିଲେ।

### ୫୫ଗ୍ରାମ ବ୍ରାଉନସୁଗାର ଜବତ, ବୃଦ୍ଧା ଗିରଫ

**ପିପିଲି,୩୦।୮(ଡି.ଏନ୍.ଏ.):**

ବ୍ରାଉନସୁଗାର କାରବାର ଅଭିଯୋଗରେ ପୁରୀ ଜିଲା ଅବକାରୀ ବିଭାଗ ପିପିଲି ଥାନା ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ନସରା ଛକର ସୁଲୋଚନା ପଲେଇ(୬୫)। ତାଙ୍କଠାରୁ ୫୫ ଗ୍ରାମ ବ୍ରାଉନ ସୁଗାର ପୋଲିସ ଜବତ କରିଛି। ଯାହାର ମୂଲ୍ୟ ପ୍ରାୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଅବକାରୀ ଥାନା ଉପ-ନିରୀକ୍ଷକ ରଙ୍କନିଧି ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରିଥିଲା। ଏଥିରେ ସନ୍ତୋଷ ନାଏକ, ତପନ ପ୍ରଧାନ, ଦୀନବନ୍ଧୁ ବାରିକ, ସବିତା ସାହୁ, ଦୀପ୍ତିରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

### ରେଳ ଷ୍ଟେଶନରୁ ମୃତଦେହ ଜବତ

**ପୁରୀ ଅଫିସ,୩୦।୮**

ପୁରୀ ଜିଆର୍‌ପିଏସ୍ ଥାନା ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ମଙ୍ଗଳବାର ପୁରୀ ରେଳ ଷ୍ଟେଶନ ପରିସରରୁ ଉଦ୍ଧାର କରିଛି। ତେବେ ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ଜିଆରପିଏସ୍ ପୋଲିସ ପକ୍ଷରୁ ନଂ. ୨୨/୨୨ରେ ଏକ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଜିଆରପିଏସ୍‌ର ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୧୫ରେ ରେଳ ଷ୍ଟେଶନର ପ୍ଲାଟଫର୍ମ ୪ରେ ଜଣେ ବୃଦ୍ଧ ପଡିଥିବା ଦେଖିବାକୁ ମିଳିଥିଲା। ପାଖକୁ ଯାଇ ଦେଖିବାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା।

### ଜାତୀୟ କ୍ରୀଡ଼ା ଦିବସରେ ଗଣଦୌଡ଼

**କଣାସ,୩୦।୮(ସ୍ୱ.ପ୍ର):**

ଆଞ୍ଚଳିକ କ୍ରୀଡ଼ା ପରିଷଦ ଓ ନେହେରୁ ଯୁବକେନ୍ଦ୍ର ପୁରୀ ପକ୍ଷରୁ ସୋମବାର ଏକ ଗଣଦୌଡ କଣାସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଭାଗ ନେଇଥିଲେ। ଏହି ଗଣଦୌଡ଼ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରି ଗୋଲାବଜାର, ବସ୍‌ଷ୍ଟାଣ୍ଡ, କୁଶ୍ୱେରୀ ଛକ, ବାଲିଘାଇ ଛକ, କଲେଜ ଛକ, ଚାନ୍ଦପଡା ଛକ ଦେଇ ଦୀର୍ଘ ୫କି.ମି. ଅତିକ୍ରମ କରି ନୂଆପଡ଼ା ଗ୍ରାମଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ହୋଇଥିଲା। ଏହି ଗଣଦୌଡ଼ରେ ଅନୁଷ୍ଠାନ ପି.ଏସ୍.କ୍ୟାରିୟର ରାଜେଶ ପ୍ରଧାନ, ପ୍ରଭାତ ସାହୁ, ତାରେଣୀ ଏକାଡେମୀର ଦିନେଶ ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ କ୍ରୀଡ଼ା ପରିଷଦ ସଭାପତି ସଞ୍ଜୟ ଛୁଆଳସିଂ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ ଏବଂ ସୁକାନ୍ତ କିଶୋର ସାମନ୍ତରାୟ, କଣ୍ଟ୍ରାକ୍ଟର ଧନେଶ୍ୱର ରାଉତ, ଡା. ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବଟକୃଷ୍ଣ ଜେନା, ଶିକ୍ଷାବିତ୍ ପରିକ୍ଷିତ ବଡଜେନା, ସନ୍ତୋଷ ଚୌଧରୀ ଓ ଆଶିଷ ବଳିୟାରିସଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଗଣେଶ ପୂଜା ଅବ୍ୟବହିତ ପୂର୍ବରୁ ଶିଳ୍ପୀ ମାନସ ସାହୁ ବାଲୁକା କଳା ମାଧ୍ୟମରେ ବିଶ୍ୱକୁ ଶାନ୍ତି ବାର୍ତ୍ତା ଦେଉଛନ୍ତି ।

## ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର କର୍ମକର୍ତ୍ତା ନିର୍ବାଚିତ

**ପୁରୀ ଅଫିସ,୩୦।୮**

ସାମାଜିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର (ଗ୍ଲୋରି ଫେଷ୍ଟ)ର ଏକ ସାଧାରଣ ବୈଠକ ସ୍ଥାନୀୟ ଭିଆଇପି ରୋଡ୍‌ସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଚଳିତବର୍ଷ ପାଇଁ ଚୟନ ହୋଇଥିବା ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ଅନୁଷ୍ଠାନ ଅଧ୍ୟକ୍ଷ ଭାବେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ଚୟନ କରାଯାଇଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ରାଜେଶ କୁମାର ମହାନ୍ତି ଚୟନ ହୋଇଛନ୍ତି। ସେହିପରି ଯୁଗ୍ମ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ହରପ୍ରସାଦ ବିଶ୍ୱାଳ, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂହ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନଗୋ, ଯୁଗ୍ମ ସମ୍ପାଦକ (ସଂଗଠନ) ଦେବେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ (ସାଂସ୍କୃତିକ) ଜିତେନ୍ଦ୍ର ନାଥ କର୍ସିସ, ଅନୁଷ୍ଠାନର ମୁଖପାତ୍ର ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନଙ୍କୁ ଚୟନ କରାଯାଇଛି। ସେହିପରି ଯୁଗ୍ମ ସମ୍ପାଦକ (ସମାଜ ସେବା) ସୌମ୍ୟରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ଶତପଥୀ ପ୍ରମୁଖଙ୍କୁ ଚୟନ କରାଯାଇଛି। ସୂଚନାଯୋଗ୍ୟ, ଡିସେମ୍ବର ୯ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ୨୬ ତମ ଗ୍ଲୋରି ଫେଷ୍ଟ-୨୦୨୨ ମହାସମାରୋହରେ ପାଳନ କରାଯିବ। ୨୬ତମ ଗ୍ଲୋରି ଫେଷ୍ଟ-୨୦୨୨ର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କୁ ଚୟନ କରାଯାଇଥିବା ବେଳେ ସଂଗଠନ କମିଟିର ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କୁ ଚୟନ କରାଯାଇଛି। ସେହିପରି ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ଭାବେ ଯୁବ ସଂଗଠକ ସୁବାଶିଷ ଖୁଣ୍ଟିଆ ଓ ସଂଗଠନ କମିଟିର ଉପାଧ୍ୟକ୍ଷ ଭାବେ ପୁରୀ ପୌରସଂସ୍ଥାର ପୂର୍ବତନ ନଗରପାଳ ଗୌରହରି ପ୍ରଧାନଙ୍କୁ ନେବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏ ନେଇ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ ସୂଚନା ଦେଇଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁର ମୁଣ୍ଡ ଫାଟିଲା

**ନିମାପଡ଼ା,୩୦।୮(ଡି.ଏନ୍.ଏ.):**

ନିମାପଡ଼ା ଅନ୍ତର୍ଗତ ଡେଣୁଆଁ ପଞ୍ଚାୟତ ୪ ନଂ. ୱାର୍ଡ ଛେନୁଅ ଦଳିତ ସାହି ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ଜଣେ ଶିଶୁର ମୁଣ୍ଡ ଫାଟିଛି । ଏହି ଘଟଣା ମଙ୍ଗଳବାର ଲୋକଲୋଚନକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ସୋମବାର ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ଠେଲାପେଲା ସମୟରେ ଜଣେ ସାଢେ ୩ ବର୍ଷର ଶିଶୁ ପୁତ୍ର ତଳେ ପଡି ତା' ମୁଣ୍ଡରେ ଆଘାତ ଲାଗିଥିଲା। ଶିଶୁ ପୁତ୍ର ସୌମ୍ୟସୌଭାଗ୍ୟ ଭୋଇଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ପରିବାର ଲୋକେ ଖବରପାଇ ଆସି ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) କୁମୁଦିନୀ ମିଶ୍ରଙ୍କୁ ପଚାରିବାରେ, ଏ ଘଟଣା ବିଷୟରେ ତାଙ୍କୁ କେହି ଅବଗତ କରି ନାହାନ୍ତି। ସେ ବାହାରୁ ଏହି ଘଟଣା ବାବଦରେ ଜାଣି ଅଙ୍ଗନୱାଡି କର୍ମୀଙ୍କୁ ଏ ବାବଦରେ ପଚାରି କାରଣ ଦର୍ଶାଅ ଓ କୈଫିୟତ ତଲବ କରିଛନ୍ତି। ତୁରନ୍ତ ଏ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ଏ ଦିଗରେ ପଦକ୍ଷେପ ନେବେ ବୋଲି ସିଡିପିଓ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ କୁନାମଣି ଦେଇଙ୍କୁ ପଚାରିବାରେ, ସହାୟିକା ଏବଂ ତାଙ୍କ ଭିତରେ ସୋମବାର କୌଣସି ଗଣ୍ଡଗୋଳ ହୋଇନାହିଁ। ଦୁଇ ପିଲାଙ୍କ ମଧ୍ୟରେ ଠେଲାପେଲା ହେବାରୁ ସୌମ୍ୟ ତଳେ ପଡିଯାଇ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସେ ସୌମ୍ୟଙ୍କ ଅଭିଭାବକଙ୍କୁ ଡାକି ସୌମ୍ୟଙ୍କୁ ମେଡିକାଲ ନେବା ସହ ତା'ର ଚିକିତ୍ସା ବ୍ୟବସ୍ଥା କରି ଚିକିତ୍ସା ଖର୍ଚ୍ଚ ଉଠାଇଥିବା କର୍ମୀ ଦେଇ କହିଥିଲେ।

## ଉତ୍କଳ ବିଦ୍ୱତ ପରିଷଦର ଏସ୍‌ପିଙ୍କୁ ଦାବିପତ୍ର

**ପୁରୀ ଅଫିସ,୩୦।୮**

ରାତି ପାହିଲେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ଏହି ଅବସରରେ ପୁରୀ ସହରରେ ଧାର୍ମିକ ଭାବନାକୁ ଦୃଷ୍ଟିରେ ରଖି କେତେକ କଟକଣା ଲାଗୁ କରିବାକୁ ଅନୁରୋଧ କରି ମଙ୍ଗଳବାର ଉତ୍କଳ ବିଦ୍ୱତ ପରିଷଦ ପକ୍ଷରୁ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଡ.କନୱର ବିଶାଲ ସିଂଙ୍କୁ ସାକ୍ଷାତ କରି ୫ ଦଫା ସମ୍ବଳିତ ଅନୁରୋଧପତ୍ର ପ୍ରଦାନ କରାଯାଇଛି। ପରିଷଦ ପକ୍ଷରୁ ଜଣାଯାଇଛି ଯେ, ଗଣେଶଙ୍କ ପୂଜା ଦେଶର ବିଭିନ୍ନ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଥାଏ। ତେଣୁ ଚଳିତବର୍ଷ ଗଜାନନଙ୍କ ପୂଜନ ଉତ୍ସବ ଅବସରରେ ଧର୍ମୀୟ ଭାବନାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରଶାସନ ପକ୍ଷରୁ କିଛିଟା କଟକଣା ଜାରି କରାଯାଉ। ଯେପରି ଗଣେଶ ଚତୁର୍ଥୀ ଦିନ ଶ୍ରୀକ୍ଷେତ୍ରରେ ଆମିଷ ବିକ୍ରି ବନ୍ଦ କରିବା। ପ୍ରତ୍ୟେକ ପୂଜା ମଣ୍ଡପ ନିକଟରେ ଉଚ୍ଚସ୍ୱର ସମ୍ପନ୍ନ ଲାଉଡ୍ ସ୍ପିକରକୁ ଅନୁମତି ପ୍ରଦାନ କରା ନ ଯାଉ। କୌଣସି ପୂଜା ମଣ୍ଡପରେ ଆୟୋଜକମାନେ ଆଧୁନିକ ସଂଗୀତକୁ ପ୍ରୋତ୍ସାହନ ନ ଦେବା। ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ, ସମୟ, ନିୟମାବଳୀକୁ କଡ଼ାକଡ଼ି ଭାବେ ଲାଗୁ କରିବା ଏବଂ ବିସର୍ଜନ ଶୋଭାଯାତ୍ରାରେ ଡିଜେ ବ୍ୟବହାରକୁ ଅନୁମତି ନ ଦେବା ପାଇଁ ପରିଷଦ ଦାବି କରିଛି। ପରିଷଦର ଅଧ୍ୟକ୍ଷ ମନୋଜ ରଥଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି।



ପୁରୀର ଶିଳ୍ପୀ ବିଶ୍ୱରୂପା ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ୭ ସେଣ୍ଟିମିଟର ଉଚ୍ଚତାର କ୍ଷୁଦ୍ର ଗଣେଶ ।

## ଶ୍ରୀକ୍ଷେତ୍ରରେ ବାଲି ତୃତୀୟା ପାଳିତ

**ପୁରୀ ଅଫିସ,୩୦।୮**

ଭାଦ୍ରବ ଶୁକ୍ଳ ତୃତୀୟା ତିଥିରେ ମଙ୍ଗଳବାର ଅବସରରେ ଶ୍ରୀକ୍ଷେତ୍ରରେ ବାଲି ତୃତୀୟା (ଗୌରୀ ବ୍ରତ) ପାଳିତ ହୋଇଯାଇଛି। ଗଣେଶ ପୂଜାର ପୂର୍ବ ଦିନ ଏହି ବ୍ରତ ପାଳନ କରାଯାଇଥାଏ। ବିଭିନ୍ନ ନଦୀ ଓ ପୁଷ୍କରିଣୀ କୂଳରେ ମହିଳା ଏବଂ ଯୁବତୀମାନେ ବାଲୁକାରେ ଶକ୍ତି ସହିତ ଶିବଲିଙ୍ଗ ପ୍ରତିଷ୍ଠା କରି ଉମା ମହେଶ୍ୱରଙ୍କୁ ପୂଜା କରିଛନ୍ତି। ଏହି ବ୍ରତ ସଂକ୍ରାନ୍ତରେ ଯୁବ ଗବେଷକ ସୌମ୍ୟ ପଣ୍ଡା କୁହନ୍ତି, ଶ୍ରୀକ୍ଷେତ୍ର ଓ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ବିବାହିତା ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିବା ସହ ସନ୍ତାନଙ୍କ ଦୁଃଖ ସମୃଦ୍ଧି ପାଇଁ ଏହି ବ୍ରତ ପାଳନ କରିଥାନ୍ତି। ବ୍ରତଧାରୀ ସମ୍ପୂର୍ଣ୍ଣ ଉପବାସ କରିଥାନ୍ତି। ଅନେକ ଅବିବାହିତ ଝିଅ ଭଲ ସ୍ୱାମୀ ପାଇବା ଲାଗି ଏହି ବ୍ରତ ପାଳନ କରିଥାନ୍ତି।

## କୁଶଭଦ୍ରା ନଦୀ ଘାଇ ମରାମତି କାର୍ଯ୍ୟ ଶେଷ

**ଗୋପ,୩୦।୮(ଡି.ଏନ୍.ଏ.):**

ଚଳିତବନ୍ୟାରେ ଗୋପ ଜଳସମ୍ପଦ ବିଭାଗ ଅଧୀନ କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଏକ ୪୦ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇକୁ ଯୁଦ୍ଧକାଳୀନ ଭିତ୍ତିରେ ନିମାପଡ଼ା, ଗୋପ ଜଳ ସମ୍ପଦ ବିଭାଗ ମିଳିତ ଉଦ୍ୟମରେ ଘାଇ ମରାମତି କରାଯାଇଛି। ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଶଶୀଭୂଷଣ ମିଶ୍ର, ଗୋପ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଓ ଗୋପ ଜଳ ସମ୍ପଦ ସହକାରୀ ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଶେଷ ହୋଇଛି। ପ୍ରକାଶ ଯେ, ଚଳିତବନ୍ୟାରେ ଗତ ୧୬ ତାରିଖ ଭୋର ସମୟରେ କୁଶଭଦ୍ରା ନଦୀର ଖଣ୍ଡିଆକୁଦ ନିକଟରେ ଏକ ଘାଇ ଫଳରେ ବ୍ଲକର ୯ ପଞ୍ଚାୟତରେ ୨୯ ହଜାର ଲୋକ ଜଳବନ୍ଦୀ ହେଇଥିବାବେଳେ ୪ ହଜାର ଚାଷଜମି ଜଳମଗ୍ନ ହୋଇଥିଲା। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲାପାଳ ସମର୍ଥ ବର୍ମା, ଜିଲା ଏସ୍‌ପି କନୱର ବିଶାଳ ସିଂଙ୍କ ସହ ଜଳ ସମ୍ପଦ ବିଭାଗର ବରିଷ୍ଠ ଯନ୍ତ୍ରୀ ଘାଇ ପରିଦର୍ଶନ କରି ତୁରନ୍ତ ଘାଇ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଘାଇକୁ ଯୁଦ୍ଧକାଳୀନ ଭିତ୍ତିରେ ପର୍ଯ୍ୟାପ୍ତ ପରିମାଣର ବାଲି ବସ୍ତା, ବଲ୍ଲା, ବାଉଁଶ ସହିତ ପଲିଥିନ ଦିଆଯାଇ ଘାଇ ମରାମତି କାର୍ଯ୍ୟ ଶେଷ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଘାଇ ମରାମତି କାର୍ଯ୍ୟ କରାଯାଇ କେନାଲ ବନ୍ଧକୁ ସୁରକ୍ଷିତ କରାଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତି ସୂଚନା ଦେଇଛନ୍ତି।



ଗୋପ କୁଶଭଦ୍ରା ନଦୀରେ ସୃଷ୍ଟି ହୋଇଥିବା ଘାଇକୁ ମରାମତି କରାଯାଇଛି ।

## ବନ୍ୟା ଛାଡ଼ିଲାଣି, ପହଞ୍ଚୁପାରୁନି ସ୍ୱାସ୍ଥ୍ୟସେବା

**କଣାସ,୩୦।୮(ସ୍ୱ.ପ୍ର):**

**କ୍ଷତିପୂରଣ ସହ ମାଗଣାରେ ଧାନ ବିହନ ଯୋଗାଇ ଦେବାକୁ ଦାବି**

କଣାସ ଅଞ୍ଚଳରେ ପ୍ରବାହିତ ଦୟା, ରାଜୁଆ, ମକରା, କାଣିଆ ଓ ଲୁଣାନଦୀରେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଫଳରେ ବ୍ଲକର ମୋଟ ୨୮ ପଞ୍ଚାୟତର ୧୩୯ ରାଜସ୍ୱ ଗ୍ରାମ ଓ ୧୦୮ ପଡା ଗ୍ରାମ ବନ୍ୟା ଘେରରେ ରହିଥିଲା। ଦୀର୍ଘ ୧୫ଦିନ ଧରି ବନ୍ୟାଜଳ ଘେରରେ ରହିବା ପରେ ଏବେ ଧୀରେ ଧୀରେ ଜଳ ଛାଡିବାରେ ଲାଗିଛି। ଏଥିରେ ଗୃହପାଳିତ ପ୍ରାଣୀ ଖାଇବାକୁ ନ ପାଇ ରୋଗାକ୍ରାନ୍ତ ହୋଇ କେତେକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ଅନିୟମିତତା ବର୍ଷା ଯୋଗୁ ଚାଷୀ ବିଳମ୍ବରେ ଧାନ ବିହନ ବୁଣିବା ଓ ତଳି ପକାଇବା କାର୍ଯ୍ୟ କରିଥିଲେ। ସେସବୁ ତଳି ବନ୍ୟାଜଳରେ ନଷ୍ଟ ହୋଇଯାଇଛି। ପରେ ଚାଷୀ ପୁନଶ୍ଚ ଧାନ ରୋଇବା ପାଇଁ ବିଭିନ୍ନ ବ୍ଲକର ଚାଷୀମାନଙ୍କ ପାଖକୁ ଦୌଡୁଥିବା ଦେଖିବାକୁ ମିଳିଛି। ହେଲେ ସେମାନଙ୍କୁ ତଳି ମିଳୁ ନ ଥିବାରୁ ଏବେ ଚାଷୀ ଚିନ୍ତାରେ। ସରକାରଙ୍କ ପକ୍ଷରୁ କୌଣସି କର୍ମଯୋଗାଣ ବ୍ୟବସ୍ଥା ନ ଥିବାରୁ ଅନେକ ଚାଷୀ ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ ରାଜ୍ୟକୁ ବାହାରିଥିବା ଜଣାପଡିଛି। ବନ୍ୟାଜଳ ଛାଡିବା ପରେ ଅନେକ ଲୋକ ଜ୍ୱର, ଛାଡା, ପାଣିଖିଆ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁ ନ ଥିବା ଜଣାପଡିଛି। ରାଜ୍ୟ ସରକାର ତୁରନ୍ତ ବନ୍ୟାକ୍ଲିଷ୍ଟ ସମସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ମାଗଣାରେ ଧାନ ବିହନ ଯୋଗାଇ ଦେଇ କୃଷିଋଣ ଛାଡ କରିବା ପାଇଁ କଣାସ ବ୍ଲକର ଚାଷୀ ଦାବି କରିଛନ୍ତି। ଏଥିସହ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟାକ୍ଲିଷ୍ଟ ଅଞ୍ଚଳ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବା ସହିତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବନ୍ୟାକ୍ଲିଷ୍ଟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।